ବର୍ଷ-୫୬ : ସଂଖ୍ୟା-୬ ଜୁନ୍, ୨୦୨୫ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜୁନ୍, ୨୦୨୫


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ପୃଥିବୀ ଏକ ସନ୍ଧିକ୍ଷଣରେ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ନିଜକୁ ପରିବର୍ତ୍ତନ କର | ··· | ଶ୍ରୀମା | ··· | ୬ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ତ୍ରୟୋବିଂଶ ପରିଚ୍ଛେଦ) ଆଧ୍ୟାତ୍ମିକ ଯୁଗାବିର୍ଭାବର ପରିବେଶ - (୧) | ··· | ଶେଖ ଅବଦୁଲ କାଶମ | ··· | ୭ |
| ପାଷାଣୀ ଦେବୀ (କବିତା) | ··· | ଶ୍ରୀଅରବିନ୍ଦ | ··· | ୧୧ |
| ଚାରି ଐତିହାସିକ ସଂଘଟନ | ··· | ମନୋଜ ଦାସ | ··· | ୧୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୪୩) | ··· | ··· | ··· | ୧୫ |
| ଦେଶର ଭବିଷ୍ୟତ୍ : ଛାତ୍ର | ··· | ରାମକୃଷ୍ଣ ଦାସ | ··· | ୧୯ |
| ବିକ୍ଷୋଭ ଓ ବିଶୃଙ୍ଖଳା : ଭାରତୀୟମାନଙ୍କ ଭୂମିକା | ··· | ପ୍ରପତ୍ତି | ··· | ୨୨ |
| ଅଲିଭା ସଳିତା (କବିତା) | ··· | ଦୀପ୍ତି ମିଶ୍ର | ··· | ୨୪ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୯୮) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୫ |
| ଅତିମାନବ ଶିକ୍ଷାନବିସ | ··· | ଆର୍ତ୍ତତ୍ରାଣ ମିଶ୍ର | ··· | ୨୯ |
| କାରା-ଜୀବନୀ (୩) | ··· | ଉଲ୍ଲାସକର ଦତ୍ତ | ··· | ୩୧ |
| ନୂତନ ଶିକ୍ଷାର ଆହ୍ୱାନ (୨୧) | ··· | ଗୟାଧର ଦାଶ | ··· | ୩୪ |
| ଦଶକର୍ମଧାରା (୬) | ··· | ପ୍ରସାଦ ତ୍ରିପାଠୀ | ··· | ୩୮ |
| ଈଶ୍ୱର ବନାମ ଦ୍ୱିତୀୟ ଈଶ୍ୱର | ··· | ସଂଯୁକ୍ତା ଦାସ | ··· | ୪୧ |
| ଯାଚନା (କବିତା) | ··· | ନିମାଁଇ ପଟ୍ଟନାୟକ | ··· | ୪୪ |
| ଆଗକୁ ବଢୁଥାଅ | ··· | ମନୋଜ ଦାସ | ··· | ୪୫ |
| ଅରଣ୍ୟରେ ଜୀବନ | ··· | ବନମାଳୀ ଆଚାର୍ଯ୍ୟ | ··· | ୪୭ |
| ବ୍ୟକ୍ତିକୈନ୍ଦ୍ରିକତା | ··· | ବାସୁଦେବ | ··· | ୫୦ |
| ଆଶ୍ରମ ପ୍ଲେ-ଗ୍ରାଉଣ୍ଡରେ ଭାରତର ମାନଚିତ୍ର | ··· | ଗଙ୍ଗାରାମ ମାଲୱାଡ଼େ | ··· | ୫୧ |
| ପୋଖରୀ ଆକାର ବଢ଼ିଲା | ··· | ଧର୍ମକୁମାର ଶତପଥି | ··· | ୫୩ |
| ଅସହିଷ୍ଣୁତା ଓ ଅଳୀକ ଆତଙ୍କ | ··· | ମନୋଜ ଦାସ | ··· | ୫୬ |


❖

# ପ୍ରାର୍ଥନା

ହେ ଭଗବାନ୍, ସମସ୍ତ ପ୍ରକୃତି ତୁମକୁ ପ୍ରଣାମ କରୁଛି, ଦୁଇ ବାହୁ ଉତ୍ତୋଳିତ କରି, ଦୁଇ ହାତ ପ୍ରସାରିତ କରି ତୁମକୁ ମିନତି ଜଣାଉଛି । ତୁମର ଅସୀମ ଉଦାରତା ଉପରେ ଯେ ସେ ସନ୍ଦେହ କରୁଛି ତାହା ନୁହେଁ ଏବଂ ଲାଭ କରିବାକୁ ହେଲେ ଯେ ଭିକ୍ଷା କରିବାକୁ ହେବ ବୋଲି ସେ ମନେକରୁ ନାହିଁ; କିନ୍ତୁ ଏହାହିଁ ହେଲା ତା'ର ତୁମକୁ ଆତ୍ମସମର୍ପଣ କରିବା ଓ ପ୍ରଣାମ କରିବାର ଉପାୟ – କାରଣ ଏହି ଆତ୍ମଦାନ ପ୍ରତିଗ୍ରହଣ ସକାଶେ ପ୍ରସ୍ତୁତ ହେବା ଛଡ଼ା ଆଉ କ'ଣ ହୋଇପାରେ ? ଏହିପରି ପ୍ରାର୍ଥନା କରିବା ତାହା ପକ୍ଷରେ ଆନନ୍ଦପ୍ରଦ, ଯଦିଓ ସେ ଜାଣେ ଯେ ଏହି ପ୍ରାର୍ଥନା ନିଷ୍ପ୍ରୟୋଜନ । କିନ୍ତୁ ଏହି ଆରାଧନା ଯେପରି ତୀବ୍ର ସେହିପରି ସୁଖକର । ଏଥିରେ ତାହାର ଭକ୍ତହୃଦୟ ତୃପ୍ତ ହୁଏ ଏବଂ ସେହି ସଙ୍ଗେ ଏହି ବୁଦ୍ଧିଗତ ଜ୍ଞାନର ବି କୌଣସି କ୍ଷୁଣ୍ଣତା ହୁଏ ନାହିଁ – ତାହା ଜାଣେ ଯେ ତୁମେ ସକଳଙ୍କ ସଙ୍ଗେ ଏକ ଏବଂ ସକଳ ବସ୍ତୁ ମଧ୍ୟରେ ବିଦ୍ୟମାନ ।

ସକଳ ପର୍ଦା ଅବଶ୍ୟ ଦୂର ହେବ ଏବଂ ସକଳ ହୃଦୟରେ ଜ୍ୟୋତିଃ ପରିପୂର୍ଣ୍ଣ ହୋଇଉଠିବ ।

ହେ ଭଗବାନ୍, ସକଳ କର୍ମ ସତ୍ତ୍ୱେ, ସକଳ କର୍ମ ମଧ୍ୟରେ ଆମ୍ଭମାନଙ୍କୁ ଆତ୍ମରତ ପୂର୍ଣ୍ଣ ଶାନ୍ତି ପ୍ରଦାନ କର, ଯାହାକୁ ଅବଲମ୍ବନ କରି ଦିବ୍ୟ ଐକ୍ୟ ଓ ଅଖଣ୍ଡ ଜ୍ଞାନର ପ୍ରକାଶ ସମ୍ଭବ ହୁଏ ।

ହେ ଭଗବାନ୍, ତୁମ ପ୍ରତି ମୋର ପ୍ରେମହିଁ ହେଉଛି ସ୍ୱୟଂ ତୁମେ, ତଥାପି ମୋ ପ୍ରେମ ତୁମ ଚରଣରେ ନିବିଡ଼ ଭକ୍ତିରେ ପ୍ରଣତ ହେଉଛି ।

ଜୁନ୍ ୨୮, ୧୯୧୪ — ଶ୍ରୀମା



# ପୃଥିବୀ ଏକ ସନ୍ଧିକ୍ଷଣରେ

There are, in the history of the earth, moments of transition when things that have existed for thousands of years must give way to those that are about to manifest. ... We are at precisely such a turning-point in the world's history. Just as Nature has already created upon earth a mental being, man, so too there is now a concentrated activity in this mentality to bring forth a supramental consciousness and individuality.

(MCW - Vol. 12, - p. 72) – The Mother

ପୃଥିବୀ ଇତିହାସରେ ଏପରି ସନ୍ଧିକ୍ଷଣସବୁ ଆସେ ଯେତେବେଳେ ହଜାର ହଜାର ବର୍ଷ ଧରି ରହି ଆସିଥିବା ବସ୍ତୁସକଳକୁ ଅଭିବ୍ୟକ୍ତି ଲାଭ କରିବାକୁ ଯାଉଥିବା ବସ୍ତୁସକଳଙ୍କ ଲାଗି ବାଟ ଛାଡ଼ି ଦେବାକୁ ହୋଇଥାଏ । ... ଆମେ ପୃଥିବୀ ଇତିହାସର ଠିକ୍ ସେଇ ସନ୍ଧିକ୍ଷଣରେ ଆସି ପହଞ୍ଚିଛୁ । ଠିକ୍ ଯେପରି ବିଶ୍ୱ ପ୍ରକୃତି ପୃଥିବୀପୃଷ୍ଠରେ ଏକ ମନୋମୟ ଜୀବ, ମଣିଷ ସୃଷ୍ଟି କରି ସାରିଛି, ସେହିପରି ମଧ୍ୟ ଏହି ମାନସିକତା ମଧ୍ୟରେ ଏକ ଅତିମାନସ ଚେତନା ଓ ବ୍ୟକ୍ତିତ୍ୱ ଜନ୍ମଦେବା ଲାଗି ଏକ କେନ୍ଦ୍ରୀଭୂତ କ୍ରିୟା ଚାଲିଛି ।

— ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

## (The Kingdoms and Godheads of the Greater Mind)

(୧୮)

**ଶ୍ରୀଅରବିନ୍ଦ**

All was coerced by number, name and form;
Nothing was left untold, incalculable.
ସବୁକିଛିହିଁ ସଂଖ୍ୟା, ନାମ ଓ ରୂପ ଦ୍ୱାରା ଦୃଢ଼ବଦ୍ଧ ହୋଇ ରହିଥିଲା; କିଛି ବି ଅବ୍ୟକ୍ତ, ଗଣନାତୀତ ନଥିଲା ।

Yet was their wisdom circled with a nought:
Truths they could find and
hold but not the one Truth:
The Highest was to them unknowable.
ତଥାପି ସେମାନଙ୍କର ପ୍ରଜ୍ଞା ଏକ ଶୂନ୍ୟତା ଦ୍ୱାରା ବଳୟବଦ୍ଧ ହୋଇଥିଲା : ବହୁ ସତ୍ୟକୁ ସେମାନେ ଆବିଷ୍କାର ଓ ଧାରଣ କରିଥିଲେ, ପରନ୍ତୁ ଏକମାତ୍ର ପରମ ସତ୍ୟ ରହିଥିଲା ଅନାବିଷ୍କୃତ ଓ ଅବିଧୃତ : ସେମାନଙ୍କ ପାଇଁ ସର୍ବୋଚ୍ଚ ଥିଲା ଅବିଜ୍ଞେୟ ।

By knowing too much they missed the whole
to be known:
The fathomless heart of the world was left
unguessed
And the Transcendent kept its secrecy.
ଅତ୍ୟଧିକ ଜାଣିବା ଦ୍ୱାରା ସେମାନେ ଜାଣିବାକୁ ଥିବା ସମଗ୍ରତାକୁ ହରାଇ ବସିଥିଲେ : ଜଗତର ଅତଳ ହୃଦୟ (ତଥାପି) ଅକଳନ ହୋଇ ପଡ଼ିରହିଥିଲା ଏବଂ ବିଶ୍ୱାତୀତ ଆପଣାର ରହସ୍ୟକୁ ଅପ୍ରକଟିତ ରଖିଥିଲେ ।

In a sublimer and more daring soar
To the wide summit of the triple stairs
Bare steps climbed up like flaming rocks of gold
Burning their way to a pure absolute sky.
ଏକ ମହତ୍ତର ଓ ଦୁଃସାହସିକ ଊର୍ଦ୍ଧ୍ୱାୟିତ ଗତିରେ ତ୍ରିଧା ସୋପାନର ପ୍ରଶସ୍ତ ଶିଖରକୁ ବିଶୁଦ୍ଧ ପରମ ଆକାଶ ଅଭିମୁଖେ ଜ୍ୱଳନ୍ତ ପଥ ପ୍ରସ୍ତୁତ କରିଚାଲିଥିବା ସ୍ୱର୍ଣ୍ଣଶିଖାଯୁକ୍ତ ଶିଳାରାଶି ପରି ଆରୋହଣ କରିଥିଲା ଅନାବୃତ ପାହାଚସକଳ ।

August and few the sovereign
Kings of Thought
Have made of Space their
wide all-seeing gaze
Surveying the enormous work of Time:
A breadth of all-containing Consciousness
Supported Being in a still embrace.
ଭାବନାର ମହିମମୟ ଏବଂ ମୁଷ୍ଟିମେୟ ସାର୍ବଭୌମ ରାଜନ୍ୟବର୍ଗ ମହାବ୍ୟୋମକୁ ବନାଇଛନ୍ତି ଆପଣାର ବ୍ୟାପକ ସର୍ବାବଲୋକନକାରୀ ଦୃଷ୍ଟି ଯାହା କାଳର ବିପୁଳ କର୍ମର ନିରୀକ୍ଷଣରେ ରହିଥାଏ ବ୍ୟାପୃତ : ସର୍ବାଧାର ଚେତନାର ଏକ ପ୍ରସାର ସତ୍‌ପୁରୁଷଙ୍କୁ ତାହାର ସ୍ଥିର ଆଲିଙ୍ଗନ ମଧ୍ୟରେ ଧାରଣ କରିଥିଲା ।

Intercessors with a luminous Unseen,
They capt in the long passage to the world
The imperatives of the creator Self
Obeyed by unknowing earth, by
conscious heaven;
Their thoughts are partners in its vast control.
ଏକ ଜ୍ୟୋତିର୍ମୟ ଅଦୃଶ୍ୟଙ୍କ ସହ ସଂଯୋଗସ୍ଥାପନକାରୀଗଣ, ବିଶ୍ୱାଭିମୁଖୀ ସୁଦୀର୍ଘ ଯାତ୍ରାପଥରେ ସେମାନେ ଶିରୋଧାର୍ଯ୍ୟ କରିଥିଲେ ସ୍ରଷ୍ଟାପୁରୁଷଙ୍କର ସେହି ଅନୁଜ୍ଞାସକଳ ଯାହାକୁ

*(ଅବଶିଷ୍ଟାଂଶ ପୃଷ୍ଠା ୧୪ରେ ଦେଖନ୍ତୁ)*

# ନିଜକୁ ପରିବର୍ତ୍ତନ କର

## ଶ୍ରୀମା

### ତୁମର ଛୋଟ ଛୋଟ ବିଜୟଗୁଡ଼ିକୁ ହାସଲ କର

ଯଦି ତୁମ ଭିତରର ଚେତନା ଓ ଜ୍ଞାନ ଦ୍ୱାରା ସତକୁ ସତ ତୁମେ ଗୋଟିଏ କାମନାକୁ ଅତିକ୍ରମ କରିପାର, ତା' ଅର୍ଥ, କାମନାଟିକୁ ବିନଷ୍ଟ କରି ଦେଇପାର, ଦୂର କରି ଦେଇପାର ଏବଂ ଯଦି ତୁମ ଭିତରର ସଦିଚ୍ଛା ଦ୍ୱାରା, ଚେତନା ଦ୍ୱାରା, ଆଲୋକ ଦ୍ୱାରା ଏବଂ ପ୍ରଜ୍ଞା ଦ୍ୱାରା ସତକୁ ସତ ତୁମେ ଗୋଟିଏ କାମନାକୁ ବିନଷ୍ଟ କରି ଦେଇପାରିଛ, ତାହାହେଲେ ପ୍ରଥମେ ତୁମେ ବ୍ୟକ୍ତିଗତ ଭାବରେ ଏତେ ଆନନ୍ଦ ପାଇବ ଯେ ତାହା ତୁମେ ସେହି କାମନାଟିର ପରିପୂରଣରେ ଯେଉଁ ଆନନ୍ଦ ପାଇଥା'ନ୍ତ ତା' ଠାରୁ ଶହ ଶହ ଗୁଣ ଅଧିକ । ଏହା ଫଳରେ ତୁମର ଖୁବ୍ ଚମତ୍କାର ଲାଭ ହେବ । ଯେଉଁ ବିଶ୍ୱ ସମ୍ବନ୍ଧେ ତୁମର କିଛି ଧାରଣା ନାହିଁ, ତା'ଉପରେ ବି ତୁମେ କିଛି ପ୍ରଭାବ ପକାଇ ପାରିବ । ତୁମର ଏହି କ୍ଷୁଦ୍ର ବିଜୟଟି ଆସ୍ତେ ଆସ୍ତେ ବ୍ୟାପୀ ଯିବ । କାରଣ ତଦ୍ୱାରା ତୁମେ ଯେଉଁ ସ୍ପନ୍ଦନଟିଏ ସୃଷ୍ଟି କରିଛ, ସେଇ ସ୍ପନ୍ଦନଟି ନିଶ୍ଚୟ ବିସ୍ତାରିତ ହୋଇ ଚାଲିବ । ବରଫର ପେଣ୍ଡୁ ପରି ତାହା କ୍ରମେ କ୍ରମେ ବଡ଼ ହୋଇ ହୋଇ ଯିବ । ଯେଉଁ ବିଜୟଟି ତୁମେ ତୁମ ଚରିତ୍ରରେ ହାସଲ କରିଛ, ଏହା ଯେତେ କ୍ଷୁଦ୍ର ହେଲେ ବି ତାହା ସମଗ୍ର ପୃଥିବୀ ଦ୍ୱାରା ଲବ୍ଧ ହୋଇପାରିବ । ...

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ, ତା'ହେଲେ ସବୁଠାରୁ ବଡ଼ କାମ ହେବ ତୁମ ନିଜ ଭିତରେ ନିଷ୍ପାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିଏ ହାସଲ କରିବା, ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା, ଏହାଦ୍ୱାରାହିଁ ତୁମେ ପୃଥିବୀର ସବୁଠାରୁ ବଡ଼ ଉପକାର କରିପାରିବ ।

### ନିଜକୁ ପ୍ରଥମେ ପରିବର୍ତ୍ତନ କର

ନିଜ କ୍ଷେତ୍ରରେ ତୁମେ ଯଦି କିଛି କରିବାକୁ ସମର୍ଥ ନୁହଁ ତେବେ ତୁମେ ଅନ୍ୟ ପାଇଁ କିଛି ବି କରିପାରିବ ନାହିଁ । ଯେପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ, ସେପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ । ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ, ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ । ଯେତେବେଳେ ତୁମେ କୌଣସି ଜାଗାରେ ଅସୁବିଧାଟିଏ ଦେଖ, ସେଇ ଅସୁବିଧାଟିକୁ ଦୂର କରିବାର ପ୍ରଥମ ସର୍ତ୍ତ ହେଲା ଆଗ ତୁମ ନିଜ ଭିତରୁ ସେଇଟିକୁ ଦୂର କରିବା । କାହା ଭିତରେ ଯଦି ଦୋଷଟିଏ ଦେଖିଲ, ତୁମେ ନିଶ୍ଚିତ ଜାଣିଥାଅ ଯେ ସେ ଦୋଷଟି ତୁମ ନିଜ ଭିତରେ ଅଛି । ଏବଂ ତୁମେ ଆଗ ତୁମ ନିଜ ଭିତରୁ ସେ ଦୋଷଟିକୁ ଦୂର କରିବାର ଚେଷ୍ଟା ଆରମ୍ଭ କରିଦିଅ । ଯେତେବେଳେ ତୁମ ଭିତରୁ ସେ ଦୋଷଟି ଦୂର ହୋଇଗଲା ବୋଲି ଜାଣିବ ସେତେବେଳେ ଅନ୍ୟ ଭିତରୁ ସେ ଦୋଷଟିକୁ ଦୂର କରିବା ପାଇଁ ତୁମେ ଅଧିକ ଦୃଢ଼ ଓ ସମର୍ଥ ହୋଇପାରିବ । ଏବଂ ଏହାହିଁ ବଡ଼ ଆଶ୍ଚର୍ଯ୍ୟର କଥା । ଲୋକେ ବୁଝିପାରନ୍ତି ନାହିଁ କେଉଁ ଅସୀମ କୃପା ଫଳରେ ଏହି ବିଶ୍ୱ ଏପରି ଭାବେ ସଜଡ଼ା ହୋଇଛି ଯେ ସତ୍ତାର ସମସ୍ତ ଉପାଦାନକୁ ସଂଗ୍ରହ କରି, ସବୁଠୁ ଜଡ଼ ବସ୍ତୁଠାରୁ ଆରମ୍ଭ କରି ସର୍ବୋଚ୍ଚ ଅଧ୍ୟାତ୍ମ ବସ୍ତୁ ପର୍ଯ୍ୟନ୍ତ ଏକତ୍ର ସଂଗୃହୀତ କରି ଗଠିତ ହୋଇଛି ଏକ କ୍ଷୁଦ୍ର ବ୍ୟକ୍ତିସତ୍ତା, କିନ୍ତୁ ସବୁକିଛି ଚାଲିଛି ଏକ କେନ୍ଦ୍ରୀୟ **ସଂକଳ୍ପ**ର ଅଧୀନରେ । ସେହି ବ୍ୟକ୍ତିସତ୍ତାଟି ତୁମର, ତାହାହିଁ ତୁମର କାର୍ଯ୍ୟକ୍ଷେତ୍ର, କେହି ତାକୁ ତୁମଠାରୁ ଛଡ଼ାଇ ନେଇପାରିବେ ନାହିଁ । ତାହାହିଁ ତୁମର ନିଜସ୍ୱ ସମ୍ପତ୍ତି ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ତ୍ରୟୋବିଂଶ ପରିଚ୍ଛେଦ)

## ଆଧ୍ୟାତ୍ମିକ ଯୁଗାବିର୍ଭାବର ପରିବେଶ - (୧)

ଶେଖ ଅବଦୁଲ କାଶମ

ଯେଉଁ ଆଧ୍ୟାତ୍ମିକ ପରିବର୍ତ୍ତନ ଘଟିବାକୁ ଯାଉଛି ତାହା ପ୍ରଥମେ ବ୍ୟକ୍ତି ମଧ୍ୟରେ ଓ ଅନେକ ସଂଖ୍ୟକ ବ୍ୟକ୍ତିଙ୍କ ମଧ୍ୟରେହିଁ ପ୍ରତିଷ୍ଠିତ ହେବ । ପରବର୍ତ୍ତୀ କାଳରେ ତାହା ଗୋଷ୍ଠୀ ଭିତରେ ପ୍ରତିଷ୍ଠିତ ହେବ । ବ୍ୟକ୍ତି ଯଦି ନିଜ ଭିତରେ ଏକ କ୍ରମବିକାଶ ସମ୍ଭବ କରିପାରେ ତାହାହେଲେ ସମଗ୍ର ଜାତି ନିଜକୁ ନୂତନ ଭାବେ ଗଢ଼ିବାକୁ ସୁଯୋଗ ଲାଭ କରେ । ଏକ ଜାତି କୌଣସି ବିଷୟରେ ସ୍ପଷ୍ଟ ଜ୍ଞାନ ଲାଭ କରିବା ପାଇଁ ବା ତାହାକୁ ସୃଷ୍ଟି କରିବାକୁ ବ୍ୟକ୍ତି ମନରହିଁ ସାହାଯ୍ୟ ନେଇଥାଏ । ବ୍ୟକ୍ତିର ମନହିଁ ପ୍ରଥମେ ଗୋଷ୍ଠୀ ଭିତରେ ଅବଚେତନ ଭାବେ ରହିଥିବା ବିଷୟଟିକୁ ସ୍ପଷ୍ଟ ଭାବେ ଖୋଲି ଦେଇଥାଏ । ପରମ ଚିନ୍ମୟସତ୍ତା ପ୍ରଥମେ ବ୍ୟକ୍ତି ମଧ୍ୟରେ ପ୍ରକାଶିତ ହୁଅନ୍ତି । ସମଗ୍ର ଜାତି ସେଇ ଚିନ୍ମୟ ସତ୍ତାଙ୍କୁ ବ୍ୟକ୍ତିର ଉପଲବ୍ଧି ଜରିଆରେହିଁ ଆବିଷ୍କାର କରିପାରେ । ବ୍ୟକ୍ତିର ବିକାଶ ଉପରେହିଁ ସମାଜର ବିକାଶ ନିର୍ଭର କରେ ।

ଯେଉଁ ବିଚାରକ, ଐତିହାସିକ ଓ ସମାଜ ବିଜ୍ଞାନୀମାନେ ସମୂହ ଭିତରେ ବ୍ୟକ୍ତିର ଭୂମିକାଟିକୁ ଗୌଣ ବା ତୁଚ୍ଛ ବୋଲି ବିଚାର କରନ୍ତି ସେମାନେ ମନୁଷ୍ୟ ସମାଜ ମଧ୍ୟରେ ବିଶ୍ୱ ପ୍ରକୃତିର କ୍ରିୟାକୁ ଠିକ୍ ଭାବରେ ବୁଝି ନାହାନ୍ତି । ମନୁଷ୍ୟ ଏକ ଜଡ଼ ବସ୍ତୁ ବା ପଶୁ ନୁହେଁ । ସେ ନିଜ ଭିତରେ ସଚେତନ ଭାବେ ଏକ କ୍ରମବିକାଶକୁ ସମ୍ଭବ କରିପାରୁଛି, ଅର୍ଥାତ୍ ତା'ର ବ୍ୟକ୍ତିତ୍ୱ ବହୁ ପରିମାଣରେ ବିକଶିତ ହୋଇ ସାରିଛି ଏବଂ ସମାଜ ପାଇଁ ସେହି ବ୍ୟକ୍ତିତ୍ୱର ଏକ ମହତ୍ତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ ଭୂମିକା ରହିଛି ।

ମନୁଷ୍ୟ ଅବଚେତନ ପ୍ରକୃତିର ଏକ ନିମିତ୍ତ ବା ଯନ୍ତ୍ର ନୁହେଁ । ସେ ପରମ ବିଶ୍ୱମନରହିଁ ଏକ ନିମିତ୍ତ । ପରମ ବିଶ୍ୱମନ ଭିତରେ ଯାହାକିଛି ପୂର୍ବରୁ ଅବସ୍ଥିତ ରହିଥାଏ ତାହାହିଁ ପ୍ରଥମେ ବ୍ୟକ୍ତି ଜୀବନରେ ପ୍ରକାଶିତ ହୁଏ ଏବଂ ପରେ ତାହା ସମାଜ ମଧ୍ୟକୁ ସମ୍ପ୍ରସାରିତ ହୋଇଥାଏ । ସମୂହ ଜୀବନ ଭିତରେ ଯେଉଁ ସହଜାତ ପ୍ରବୃତ୍ତିଗତ ଆବେଗଟି କାର୍ଯ୍ୟ କରୁଥାଏ, ମନୁଷ୍ୟ ତା'ର ଏକ ନିମିତ୍ତ ମାତ୍ର ହୋଇ ରହି ନପାରେ । କାରଣ ପରମ ଚେତନା ମନୁଷ୍ୟ ଭିତରେ ସିଧାସଳଖ କାର୍ଯ୍ୟ କରିପାରନ୍ତି । ପ୍ରକୃତି ସ୍ୱୟଂ ମଧ୍ୟ ସେହି ପରମ ଚେତନାରହିଁ ଏକ ନିମିତ୍ତ ।

ପୃଥିବୀରେ ଯେଉଁସବୁ ବିରାଟ ପରିବର୍ତ୍ତନ ସଂଘଟିତ ହେଉଛି ତାହା ପ୍ରଥମେ ଏକ ବ୍ୟକ୍ତି ବା ସୀମିତ ସଂଖ୍ୟକ ବ୍ୟକ୍ତିଙ୍କର ମନ ଓ ଆତ୍ମାରୁହିଁ ପ୍ରେରକ ଶକ୍ତି ଲାଭ କରିଥାଏ । ପରେ ସମାଜ ବ୍ୟକ୍ତିର ଆଦର୍ଶ ବା ସୃଷ୍ଟିକୁ ଅନୁସରଣ କରିବାର ପ୍ରୟାସ କରେ, ମାତ୍ର ଯଥାର୍ଥ ଭାବରେ ଅନୁସରଣ କରି ନପାରି ତାହାକୁ ବିକୃତ କରି ପକାଏ । ସମୂହ ଜୀବନର ଏଇ ଦୁର୍ବଳତା ଯୋଗୁଁ ମାନବ ସମାଜ ଆଶାନୁରୂପ ଅଗ୍ରଗତି ଲାଭ କରିବାରେ ବିଫଳ ହୋଇଛି ।

ଆଧ୍ୟାତ୍ମିକ ପରିବର୍ତ୍ତନକୁ ସମ୍ଭବ କରିବାକୁ ହେଲେ ଦୁଇଟି ସର୍ତ୍ତ ଏକ ସଙ୍ଗେ ପୂରଣ କରିବାକୁ ହେବ । ପ୍ରଥମତଃ ସମାଜରେ ଏପରି ଜଣେ ବ୍ୟକ୍ତି ବା ଅନେକ ସଂଖ୍ୟକ ବ୍ୟକ୍ତି ଆବଶ୍ୟକ ଯେଉଁମାନେ ପରମ ଚେତନାକୁ ନିଜ ଭିତରେ ଆବିଷ୍କାର ଓ ଉପଲବ୍ଧି କରିପାରିବେ ଏବଂ ସେମାନେ ସେମାନଙ୍କ ବିଚାରକୁ ସମାଜର ଜନସାଧାରଣଙ୍କ ପାଖରେ ପହଞ୍ଚାଇ ପାରୁଥିବେ । ଦ୍ୱିତୀୟତଃ ଏପରି ଏକ ସମାଜ ବା ଗୋଷ୍ଠୀ ଆବଶ୍ୟକ ଯାହା ସେହି ବିଚାରକୁ ଗ୍ରହଣ କରିପାରୁଥିବ ଏବଂ ତାହାକୁ ଅନୁସରଣ କରି ନିର୍ଦ୍ଧାରିତ ଲକ୍ଷ୍ୟରେ ପହଞ୍ଚି ପାରୁଥିବ । ତାହା ନିର୍ଣ୍ଣାୟକ ପରିବର୍ତ୍ତନ ସଂଘଟିତ ହେବା ପୂର୍ବରୁହିଁ ଅଧାବାଟରେ ଅଟକି ଯାଉ ନଥିବ । ଏହି ଦୁଇଟି ସର୍ତ୍ତ ଏକ ସଙ୍ଗେ ପୂରଣ ହେବା ଏପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ । ଦିନେ ନା ଦିନେ ଏ ଦୁଇଟି ସର୍ତ୍ତ ଅବଶ୍ୟ ପୂରଣ ହେବ । ମାତ୍ର ଏକଥା ଘଟିବା ପୂର୍ବରୁ ଯେ ଆଉ କେତେ ଥର ଉଦ୍ୟମ କରିବାକୁ ପଡ଼ିବ ବା ଆଉ କେତେ ପ୍ରକାରର ଆଧ୍ୟାତ୍ମିକ ଅନୁଭବ ଏକତ୍ରିତ କରିବାକୁ ହେବ ତାହା ସଠିକ ଭାବେ କହି ହେବ ନାହିଁ ।

ମନୁଷ୍ୟ-ପ୍ରକୃତିର ପରିବର୍ତ୍ତନ ଏକ କଷ୍ଟସାଧ୍ୟ ବ୍ୟାପାର । ଏ କ୍ଷେତ୍ରରେ ସଫଳତା ଅପେକ୍ଷା ବିଫଳତାରହିଁ

ବହୁ ଅଧିକ ସମ୍ଭାବନା ରହିଥାଏ । ଯିଏ ଏ ଦିଗରେ ପ୍ରୟାସ କରିଛି ସିଏ ହୁଏତ ନିଜେ ଅପୂର୍ଣ୍ଣ ହୋଇଥିବ ବା ଯାହା ସେ ଦେଖିଛି ଓ ଅନୁଭବ କରିଛି ତାକୁ ପୂର୍ଣ୍ଣ ରୂପେ ଉପଲବ୍ଧି କରିବା ପାଇଁ ସେ ହୁଏତ ଅପେକ୍ଷା କରି ନାହିଁ । ଯେଉଁ ଅଳ୍ପ କେତେ ଜଣ ଦିବ୍ୟତାର ସନ୍ଦେଶ ବହନ କରି ଆଣିଛନ୍ତି ସେମାନେ ହୁଏତ ପରମ ଚିନ୍ମୟତାର ସାମର୍ଥ୍ୟକୁ ସମ୍ପୂର୍ଣ୍ଣ ଭାବେ ହଜମ କରି ନାହାନ୍ତି ବା ନିଜ ଭିତରେ ତାହାକୁ ପୂର୍ଣ୍ଣ ଭାବେ ରୂପାୟିତ କରି ନାହାନ୍ତି । ସେମାନେ ଆପଣାର ଉପଲବ୍ଧ ସତ୍ୟଟିକୁ ଅନ୍ୟମାନଙ୍କ ପାଖରେ ପହଞ୍ଚାଇବା ବେଳେ ତାହାର ଶକ୍ତି ଆହୁରି କ୍ଷୀଣ ହୋଇ ଯାଉଛି । ବୁଦ୍ଧି, ପ୍ରାଣଗତତା, ନୈତିକତା ଏବଂ ମନୋବୃତ୍ତିର କ୍ଷେତ୍ରରେ ସମାଜ ହୁଏତ ତଥାପି ପ୍ରସ୍ତୁତ ହୋଇ ନାହିଁ । ଫଳରେ ଯଦିଓ ତାହା ଆଧ୍ୟାତ୍ମିକ ବିଚାରଟିକୁ ଗ୍ରହଣ କରି ନେଉଛି ତଥାପି ପରିଶେଷରେ ସେହି ବିଚାରଟି ମଧ୍ୟରେ ରହିଥିବା ମୂଳ ଆଧ୍ୟାତ୍ମିକ ସତ୍ୟଟି ବିକୃତ ହୋଇ ଯାଉଛି ବା ସେଥିରେ କିଛି ହ୍ରାସ ଘଟୁଛି । ଏଭଳି କେତୋଟି ବିଫଳତା ଯୋଗୁଁ ମାନବ ସମାଜ ପ୍ରଗତି ଓ ପରିବର୍ତ୍ତନର ନିର୍ଣ୍ଣାୟକ ସୋପାନରେ ପହଞ୍ଚି ପାରି ନାହିଁ । ଏଥିଯୋଗୁଁ ମାନବ ସମାଜକୁ ଦିବ୍ୟତାର ପ୍ରତି ରୂପରେ ଗଢ଼ିବା ଏପର୍ଯ୍ୟନ୍ତ ସମ୍ଭବପର ହୋଇ ନାହିଁ ।

ଏହି ଦୃଷ୍ଟିରୁ ବିଚାର କଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଲା ସମାଜକୁ ବା ସାଧାରଣ ଜନସମାଜକୁ କିପରି ସେହି ଆଧ୍ୟାତ୍ମିକ ପରିବର୍ତ୍ତନ ଲାଗି ପ୍ରସ୍ତୁତ କରାଯିବ । କାରଣ ସମାଜର ଅପ୍ରସ୍ତୁତି ଓ ଅକ୍ଷମତାହିଁ ଏ ଦିଗରେ ମୁଖ୍ୟ ପ୍ରତିବନ୍ଧକ । ବର୍ତ୍ତମାନ ସମାଜର ଅବସ୍ଥା ଆଧ୍ୟାତ୍ମିକ ପରିବର୍ତ୍ତନ ଲାଗି ପ୍ରତିକୂଳ ହୋଇ ରହିଛି । ମନୁଷ୍ୟମାନେ ପ୍ରାଣିକ, ବାହ୍ୟିକ, ଆର୍ଥନୀତିକ ଓ ଯାନ୍ତ୍ରିକ ବ୍ୟବସ୍ଥା ପ୍ରତି ଅଧିକ ଆସକ୍ତ ହୋଇ ରହିଛନ୍ତି । ଏହା ସତ୍ତ୍ୱେ ଯଦି ସାଧାରଣ ମନୁଷ୍ୟ-ମନ ଭବିଷ୍ୟତରେ ପ୍ରତିଷ୍ଠିତ ହେବାକୁ ଥିବା ଉଚ୍ଚତର ବିଶ୍ୱ ବ୍ୟବସ୍ଥା ପ୍ରତି ଆକାଙ୍କ୍ଷା ପୋଷଣ କରେ ଏବଂ ତତ୍ ସମ୍ପର୍କିତ ଓ ତଦନୁରୂପ ବିଚାରଗୁଡ଼ିକୁ ଗ୍ରହଣ କରେ, ତେବେ ଅଦୂର ଭବିଷ୍ୟତରେ ଏ ଦିଗରେ ନିଶ୍ଚୟ କିଛି ଅଗ୍ରଗତି ସାଧିତ ହୋଇ ପାରିବ ।

ଏ କ୍ଷେତ୍ରରେ ପ୍ରଥମ ସଙ୍କେତ ଓ ପ୍ରଥମ ଆବଶ୍ୟକତା ହେଲା ଜୀବନର ଆଶୟଗତ ଧାରଣାଟିକୁ ବିକଶିତ କରିବା । ସାଧାରଣ ମନୁଷ୍ୟର ମନରେ ଆତ୍ମା ସମ୍ବନ୍ଧରେ ଏକ ଧାରଣା ସୃଷ୍ଟି କରିବାକୁ ହେବ । ଆତ୍ମାର ସାମର୍ଥ୍ୟ, ସମ୍ଭାବନା, ବିକାଶ ଓ ଅଭିବ୍ୟକ୍ତି ବିଷୟରେ ତାହାକୁ ସଚେତନ କରିବାକୁ ପଡ଼ିବ । ପୁଣି ଆତ୍ମା ଯେପରି ଯଥାର୍ଥ ଭାବରେ ବିକାଶ ଲାଭ କରିପାରିବ ସେଥିଲାଗି ଏକ ସୁନ୍ଦର ଓ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେବ । ଏହାହିଁ ବର୍ତ୍ତମାନ ପାଇଁ ଏକମାତ୍ର ମହତ୍ତ୍ୱପୂର୍ଣ୍ଣ ବିଷୟ । ଏତକ କରିପାରିଲେ ଏକ ଆଶୟଧର୍ମୀ ଯୁଗ (subjective age) ଆସୁଛି ବୋଲି ଆମେ ଜାଣି ପାରିବା ।

ଆଶୟଧର୍ମୀ ବିଚାରଗୁଡ଼ିକ ପ୍ରଥମେ ଦର୍ଶନ ଓ ମନସ୍ତାତ୍ତ୍ୱିକ ଭାବନା ଭିତରେ, କଳା, କାବ୍ୟ, ଚିତ୍ରବିଦ୍ୟା, ସ୍ଥାପତ୍ୟ ଓ ସଙ୍ଗୀତ ଭିତରେ ତଥା ନୀତିଶାସ୍ତ୍ରର ସିଦ୍ଧାନ୍ତ ଭିତରେ ପ୍ରକଟିତ ହେବ । ଚିନ୍ତାଶୀଳ ବ୍ୟକ୍ତିମାନେ ସାମାଜିକ ସମସ୍ୟା ସମାଧାନ କରିବାକୁ ଆଶୟଧର୍ମୀ ସିଦ୍ଧାନ୍ତଗୁଡ଼ିକର ସାହାଯ୍ୟ ନେବେ । ଏପରିକି ରାଜନୀତି ଓ ଅର୍ଥନୀତି ଭଳି ଦୁଃସାଧ୍ୟ କ୍ଷେତ୍ରରେ ମଧ୍ୟ ସେହି ବିଚାରଗୁଡ଼ିକର ପ୍ରୟୋଗ କରାହେବ । ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଅନେକ ଅପ୍ରତ୍ୟାଶିତ ଦିଗନ୍ତ ଖୋଲିଯିବ । ଏପରି ନାନା ଉଦ୍ଭାବନସବୁ ସମ୍ଭବ ହେବ ଯାହାକି ଆତ୍ମା ଓ ଜଡ଼ ମଧ୍ୟରେ ରହିଥିବା ବ୍ୟବଧାନକୁ କ୍ରମଶଃ ହ୍ରାସ କରିଦେବ । ମନୋଗତ ଓ ଚୈତ୍ୟକ୍ଷେତ୍ରଗୁଡ଼ିକରେ ଉପଲବ୍ଧ ହେଉଥିବା ଜ୍ଞାନକୁ ମଧ୍ୟ ଯଥାର୍ଥ ଜ୍ଞାନ ବୋଲି ଗ୍ରହଣ କରାଯିବ । କାରଣ ଏସବୁ କ୍ଷେତ୍ରର ନିଜସ୍ୱ ବିଧାନଗୁଡ଼ିକ ରହିଛି ଯାହାକି ଅନନ୍ତ ଗୁଣରେ ସୂକ୍ଷ୍ମ ହୋଇଥିବା ଯୋଗୁଁ ଇନ୍ଦ୍ରିୟଗୋଚର ନୁହନ୍ତି । ଧର୍ମକୁ ମଧ୍ୟ ପୁନର୍ଜୀବିତ କରାଯିବ । ଧର୍ମରେ କେଉଁ ଅତୀତ କାଳରୁ ଯେଉଁ ଅନାବଶ୍ୟକ ପ୍ରାଣହୀନ ଜିନିଷସବୁ ଆସି ମିଶି ଯାଇଛି ସେସବୁକୁ ଫିଙ୍ଗି ବାହାର କରି ଦିଆଯିବ । ଅଧ୍ୟାତ୍ମର ମୂଳ ପ୍ରେରଣା ଓ ବଳ ଦ୍ୱାରା ଧର୍ମ ବଳୀୟାନ୍ ହେବ । ଭବିଷ୍ୟତରେ ଆଧ୍ୟାତ୍ମିକ ସତ୍ୟ ପ୍ରତିଷ୍ଠିତ ହେବାର ଯେଉଁ ସମ୍ଭାବନା ରହିଛି ଏଗୁଡ଼ିକ ତା'ର ଏକ ଏକ ସଙ୍କେତ ମାତ୍ର । ଏପରି ଏକ ପ୍ରୟାସର ଆରମ୍ଭ ହେବ ଯାହାକି ଏକ ପ୍ରଖର ବୁଦ୍ଧିମତ୍ତା ଦ୍ୱାରା ଗତିଶୀଳ ହୋଇଥିବ ଏବଂ ପରମ ସତ୍ୟକୁ ଯଥାର୍ଥ ଭାବରେ ହୃଦୟଙ୍ଗମ କରି ପାରୁଥିବ ।

ଏହି ପ୍ରାଥମିକ ପ୍ରୟାସସବୁ ଯେତେବେଳେ ନିଜର ଅଭିପ୍ରେତ ସମ୍ପଦଟିକୁ ଲାଭ କରିବେ ସେତିକି ବେଳେ ଯାଇ ମନୁଷ୍ୟ ଜୀବନକୁ ପରମ ସତ୍ୟର ଉପାଦାନରେ ନୂଆ କରି ଗଢ଼ିବା ସମ୍ଭବ ହେବ । ସେଇ ନିଶ୍ଚିତ ପରିବର୍ତ୍ତନର ପର୍ଯ୍ୟାୟରେ ପହଞ୍ଚିବା ପର୍ଯ୍ୟନ୍ତ କେବଳ ଅନ୍ତଃପ୍ରସ୍ତୁତିହିଁ ଚାଲିଥିବ, ତା'ଠାରୁ ଆଉ ଅଧିକ କିଛି ହୋଇପାରିବ ନାହିଁ ।

ଆଶୟପ୍ରଧାନତା ସର୍ବଶେଷ ଲକ୍ଷ୍ୟ ନୁହେଁ । ଆଧାତ୍ମିକ ଯୁଗ ଆସିବା ପୂର୍ବରୁ ଏକ ଆଶୟ ପ୍ରଧାନ ଯୁଗ ସେଥିଲାଗି କେବଳ ପ୍ରାଥମିକ ପରିବେଶ ବା କ୍ଷେତ୍ର ମାତ୍ର ସୃଷ୍ଟି କରିଥାଏ । ଜଣେ ଐକାନ୍ତିକ ଅଭୀପ୍ସୁ ମଣିଷ ଏକ ପ୍ରାକୃତିକ କ୍ରମବ୍ୟବସ୍ଥାକୁ ଅନୁସରଣ କରି ପରମସତ୍ୟର ଅନୁସନ୍ଧାନ କରିପାରେ । ଯେମିତି ଉପନିଷଦ୍‌ରେ ବର୍ଣ୍ଣିତ ଉପାଖ୍ୟାନରେ ବରୁଣପୁତ୍ର ଭୃଗୁ ତାଙ୍କର ଅନୁସନ୍ଧାନରେ ପ୍ରଥମେ ଅନ୍ନ ବା ଜଡ଼କୁ ବ୍ରହ୍ମ ବୋଲି ଜାଣିଲେ ଏବଂ ତା'ପରେ କ୍ରମାନ୍ୱୟରେ ପ୍ରାଣ ଓ ମନକୁ ମଧ ବ୍ରହ୍ମ ବୋଲି ଜାଣିଲେ । ପରବର୍ତ୍ତୀ ସମୟରେ ସେ ବହିର୍ଭାଗୀୟ ଆଶୟଗତତାକୁ ଅତିକ୍ରମ କଲେ ଏବଂ ଅତିମାନସ ସତ୍ୟ-ଚେତନା ମଧ ଦେଇ ଚିରନ୍ତନ ଆନନ୍ଦମୟ ପରମସତ୍ୟରେ ଯାଇ ପହଞ୍ଚିଲେ । ପ୍ରକୃତରେ ଅନ୍ନ, ପ୍ରାଣ, ମନ ଓ ଅତିମାନସ ସେଇ ପରମସତ୍ୟରହିଁ ଏକ ଏକ କୋଷ ମାତ୍ର । କିନ୍ତୁ ସାଧାରଣ ମନୁଷ୍ୟଜାତି ହୁଏତ ବରୁଣପୁତ୍ରଙ୍କ ପରି ଏତେ ଅପ୍ରତିହତ ଭାବରେ ସତ୍ୟର ଆବିଷ୍କାର ପାଇଁ ପ୍ରୟାସ କରି ନପାରେ । ହୁଏତ ତାହାର ସେହି ଅନ୍ୱେଷଣ ଅଧା ବାଟରେ କୌଣସି ଏକ ସୋପାନରେ ଅଟକି ଯାଇପାରେ । ମାତ୍ର ଯଦି ମନୁଷ୍ୟ ସମାଜ ପାଇଁ ବର୍ତ୍ତମାନ ଏପରି ଏକ ସମୟ ଆସିଛି ଯେତେବେଳେ କି ସେ ପରମସତ୍ୟକୁ ଆବିଷ୍କାର କରିପାରିବ, ତେବେ ପ୍ରତ୍ୟେକଟି କୋଷ ପୂର୍ଣ୍ଣ ବିକଶିତ ହେଲା ପରେ ପରମ ଚିନ୍ମୟତା ସେହି ଅଯଥେଷ୍ଟ କୋଷଗୁଡ଼ିକୁ ଅତିକ୍ରମ କରିଯିବ ଏବଂ ବୃହତ୍ତର ଆବିଷ୍କାର ଆଡ଼କୁ ଅଗ୍ରସର ହେବା ପାଇଁ ମନୁଷ୍ୟକୁ ତାହା ପ୍ରଚୋଦିତ କରିବ । ଏହି ରୂପେ ପରିଶେଷରେ ଦିନେ ସାଧାରଣ ମନୁଷ୍ୟ ବୃହତ୍ତମ ଆବିଷ୍କାରରେ ପହଞ୍ଚିବା ପାଇଁ ସମର୍ଥ ହୋଇଯିବ ।

ବର୍ତ୍ତମାନ ଏଭଳି କିଛି ଘଟୁଥିବାର ସୂଚନା ମିଳୁଛି । ମାତ୍ର ଏହି ପରିବର୍ତ୍ତନଟି ବାହ୍ୟ ଓ ଉପର ସ୍ତରରେ ହେଉଛି ବୋଲି ମନେ ହେଉଛି । ଊନବିଂଶ ଶତାବ୍ଦୀର ଅଧିକ ଭାଗରେ ମନୁଷ୍ୟ ଜଡ଼ର ବିଧାନ ଦ୍ୱାରା ପରିଚାଳିତ ହେଉଥିଲା । ବାହ୍ୟ ଭୌତିକ ଜୀବନର ଯାନ୍ତ୍ରିକତା ପ୍ରତି ସିଏ ଆସକ୍ତ ହୋଇ ରହିଥିଲା । ତା'ପରେ ସେହି ଯାନ୍ତ୍ରିକତାରୁ ବାହାରି ଆସି ବସ୍ତୁଗୁଡ଼ିକର ଅନ୍ତର୍ନିହିତ ପ୍ରାଣମୟ ସତ୍ୟଟିକୁ ପାଇବା ପାଇଁ ଚେଷ୍ଟା କରାଗଲା । ଫଳରେ ମନୁଷ୍ୟଜାତି ଏକ ଉପରସ୍ତରୀୟ ପ୍ରାଣବାଦ (surface vitalism)ର ଆଶ୍ରୟ ନେଲା । ଏହି ପ୍ରାଣବାଦ ପୂର୍ବର ଯାନ୍ତ୍ରିକ ବ୍ୟବସ୍ଥାକୁ ଅଧିକ ଉତ୍ସାହର ସହିତ କାମରେ ଲଗାଇଲା । ଜୀବନରେ ଅଧିକ ବେଗ ଓ ଗତି ଆସିଲା । କର୍ମ କରିବା ଓ ସଫଳ ହେବା ଲାଗି ପ୍ରବଳ ଇଚ୍ଛା ସୃଷ୍ଟି ହେଲା । ଜୀବନ ଧାରଣର ଶକ୍ତି ବୃଦ୍ଧିପ୍ରାପ୍ତ ହେଲା । ସାମୂହିକ ଜୀବନକୁ ଅଧିକ ଦକ୍ଷ କରିବାର ପ୍ରୟାସ ହେଲା । ଜଡ଼ ଓ ପ୍ରାଣ ପରସ୍ପର ଜଡ଼ିତ ହୋଇ ବିଶ୍ୱ ଯୁଦ୍ଧକୁ ଜନ୍ମ ଦେଲେ । ପ୍ରକୃତରେ ଏହି ପ୍ରାଣଧର୍ମୀ ପ୍ରେରକ ଶକ୍ତି (vital élan) ମଧ ଆମକୁ ଅସଲ ମୁକ୍ତି ଦେଇ ପାରିଲା ନାହିଁ ।

ଜୀବନକୁ ବଞ୍ଚିବା, କର୍ମ କରିବା, ବିକାଶ ପ୍ରାପ୍ତ ହେବା, ଜୀବନୀଶକ୍ତିରେ ଅଭିବୃଦ୍ଧି ଘଟାଇବା ତଥା ଜୀବନର ସଂବୁଦ୍ଧ ଆବେଗ (intuitive impulse)କୁ ବୁଝିବା କାମରେ ଲଗାଇବା ଓ ପରିପୂର୍ଣ୍ଣ କରିବା ଏସବୁ ଆଦୌ ଖରାପ କଥା ନୁହେଁ । ମାତ୍ର ପ୍ରାଣିକ ଆବେଗର ସୀମାକୁ ଅତିକ୍ରମ କରିବା ଆବଶ୍ୟକ । ଅନ୍ତର ଭିତରେ ପ୍ରାଣଠାରୁ ଉଚ୍ଚତର ପରମ ସତ୍ୟ ନିହିତ ରହିଛି । ତା' ଦ୍ୱାରା ଜଡ଼ ଓ ପ୍ରାଣକୁ ନିୟନ୍ତ୍ରିତ କରିପାରିଲେ ସେଗୁଡ଼ିକ ଖୁବ୍ ଉପକାରୀ ହୋଇ ପାରିବ ।

ପ୍ରାଣଶକ୍ତି ହେଉଛି ଏକ ସାଧନ ବା ଯନ୍ତ୍ର; ଏହା ଏକ ଲକ୍ଷ୍ୟ ନୁହେଁ । ଊର୍ଦ୍ଧ୍ୱମୁଖୀ ଆରୋହଣର ମାର୍ଗରେ ପ୍ରାଣ ହେଉଛି ପରମ ଚେତନାର ପ୍ରଥମ ଆଶୟଗତ ଅତିଭୌତିକ ସାଧନ । ଏହା ଜୀବନର ସକଳ କ୍ରିୟା ଓ ଉଦ୍ୟମର ମୂଳଭିତ୍ତି । ମାତ୍ର ଯେଉଁ ପ୍ରାଣଶକ୍ତି କେବଳ ନିଜର ଦାବି ଓ ଆବେଗଗୁଡ଼ିକ ଭିତରେ ସୀମିତ ହୋଇ ରହିଯାଏ ତାହା ଚାଳକବିହୀନ ଇଞ୍ଜିନ୍ ଭଳି ଅନିୟନ୍ତ୍ରିତ ହୋଇ ବହୁ ବିପର୍ଯ୍ୟୟ ଓ ବିଶୃଙ୍ଖଳାର କାରଣ ହୁଏ । ସେହି ଅନିୟନ୍ତ୍ରିତ ପ୍ରାଣଶକ୍ତି ଭୌତିକ ଜଗତର ପ୍ରାକୃତ ଶକ୍ତିଗୁଡ଼ିକ ସହିତ ମିଶି ଏବଂ ବୁଦ୍ଧିକୁ ବଶୀଭୂତ କରି ପ୍ରଚୁର ବିନାଶ ଘଟାଇପାରେ । କାରଣ ପ୍ରାଣଶକ୍ତି ସହିତ ଯଦି ଆଲୋକ ଓ ଆତ୍ମାର ସତ୍ୟ ନାହିଁ ତାହା ମନୁଷ୍ୟଜାତିର ଆଦୌ କୌଣସି ଯଥାର୍ଥ ଉପକାର କରିପାରିବ ନାହିଁ ।

ପ୍ରାଣମୟ ସତ୍ତାର ଆଶୟଗତତାର ସେପାଖକୁ ଏକ ମନୋମୟ ଆଶୟଗତତାର ସମ୍ଭାବନା ମଧ ରହିଛି । ଏହି ମନୋମୟ ଆଶୟଗତତା ପ୍ରଥମେ ଏକ ମନୋଗତ ବ୍ୟାବହାରିକତା ପରି ମନେ ହୁଏ । ଏହା ପ୍ରାଣଗତତା ଭିତରୁ ବାହାରି ଆସି ସକ୍ରିୟ ପ୍ରାଣକୁହିଁ ଆତ୍ମା ରୂପେ ତଥାପି କଳ୍ପନା କରୁଥାଏ । ମାତ୍ର ପରେ ଏଥିରେ ସଂଶୋଧନ ଘଟି ମନୁଷ୍ୟକୁ ଏକ ଆତ୍ମା ରୂପେ କଳ୍ପନା କରି ପାରିବାର ସାମର୍ଥ୍ୟ ସୃଷ୍ଟି ହୁଏ । ମନୋମୟ ଆଶୟଗତତାର ପ୍ରଥମ ପର୍ଯ୍ୟାୟରେ ମନୁଷ୍ୟ ଓ

ତା'ର ଜୀବନକୁ ସମ୍ପୂର୍ଣ୍ଣ ରୂପେ ବୌଦ୍ଧିକ ଦୃଷ୍ଟିରୁ ବିଚାର କରିବାର ପ୍ରବୃତ୍ତି ଅଧିକ ପରିମାଣରେ ଦେଖାଯାଏ । ବ୍ୟକ୍ତିଗତ ଓ ସାମୂହିକ ଜୀବନକୁ ଏକ ଶୃଙ୍ଖଳିତ ବୈଜ୍ଞାନିକ ଯୋଜନା ଦ୍ୱାରା ପରିଚାଳନା କରାଯାଏ । ଏହି ଉଦ୍ୟମ କିନ୍ତୁ ବିଫଳ ହେବା ନିଶ୍ଚିତ, କାରଣ ତର୍କବୁଦ୍ଧି ଓ ବିଚାରଶୀଳତା ମନୁଷ୍ୟର ସମଗ୍ର ସତ୍ତା ନୁହେଁ । ତର୍କବୁଦ୍ଧି କେବଳ ଏକ ମଧ୍ୟବର୍ତ୍ତୀ ବ୍ୟାଖ୍ୟାକାରୀ ଅଟେ, ତାହା ଆମ ସତ୍ତା କିଂବା ବିଶ୍ୱ ଜୀବନର ଜ୍ଞାତା, ସୃଜନକର୍ତ୍ତା ଓ ମାଲିକ ହୋଇ ନପାରେ ।

ବିଚାରବୁଦ୍ଧି ଜୀବନକୁ ଅଧିକ ଯାନ୍ତ୍ରିକ କରି ଦେଇପାରେ । ଆଧୁନିକ ଯୁଗର ନେତୃସ୍ଥାନୀୟ ବୁଦ୍ଧିଜୀବୀଗଣ ଜୀବନର କଠିନ ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ସମର୍ଥ ହୋଇ ନାହାନ୍ତି । ବରଂ ସେମାନେ ଜୀବନରେ ଅଧିକ ପରିମାଣରେ ଯାନ୍ତ୍ରିକତା ଆଣି ଭରି ଦେଇଛନ୍ତି ।

ମନୋଗତ ଆଶୟବାଦର ପରବର୍ତ୍ତୀ ପର୍ଯ୍ୟାୟରେ ଏକ ଉଚ୍ଚତର କଳ୍ପନାର ଉଦୟ ହୋଇପାରେ । ତାହା ମନୁଷ୍ୟକୁ ଏକ ମାନସିକ ସତ୍ତା ବା ମନ ଭିତର ଆତ୍ମା ରୂପେ ବିଚାର କରେ । ଏହି ମନୋଗତ ଆତ୍ମାଟି ଆମର ଜଡ଼ ଓ ପ୍ରାଣର ସ୍ତରରେ ବ୍ୟକ୍ତିଗତ ଓ ସାମୂହିକ ଭାବରେ ଆପଣାକୁ ବିକଶିତ କରି ନେଉଥାଏ । ମନୋଗତ ଜୀବନର କ୍ଷେତ୍ରରେ ସତତ ପ୍ରସାରଣ ଘଟୁଥାଏ ।

ପ୍ରକୃତରେ କେବଳ ଭୌତିକ ଦକ୍ଷତା ଦ୍ୱାରା କିଂବା କେବଳ ପ୍ରାଣଗତ ଶକ୍ତି ସାମର୍ଥ୍ୟ ଦ୍ୱାରା ଅଥବା ପ୍ରାଣ ପ୍ରବୃତ୍ତିର ଚରିତାର୍ଥ ସକାଶେ ବୁଦ୍ଧି ସହାୟତାରେ ଭୌତିକ ପ୍ରକୃତିକୁ ଆୟତ୍ତ କରିବା ଦ୍ୱାରା ମନୁଷ୍ୟ ଜୀବନକୁ ଉତ୍ତୋଳିତ କରି ହେବ ନାହିଁ । ମାତ୍ର ମନୁଷ୍ୟର ମନୋଗତ ତଥା ଚୈତ୍ୟସତ୍ତାଗତ ସାମର୍ଥ୍ୟକୁ ବୃଦ୍ଧି କରିବା ଦ୍ୱାରା, ଆବିଷ୍କାର କରିବା ଦ୍ୱାରା ଏବଂ ଅଧିଚେତନ ପ୍ରକୃତି ତଥା ତାହାର ସାମର୍ଥ୍ୟଗୁଡ଼ିକୁ ସମ୍ମୁଖଭାଗକୁ ଆଣି ସଙ୍ଗଠିତ କରିବା ଦ୍ୱାରା ଏହି ଉତ୍ତୋଳନ ସମ୍ଭବ ହୋଇପାରେ । ଆମ ଭିତରେ ଆବିଷ୍କାର ଅପେକ୍ଷାରେ ରହିଥିବା ବୃହତ୍ତର ମନ ଓ ବୃହତ୍ତର ପ୍ରାଣର ଉପଯୋଗ ଦ୍ୱାରା ମଧ୍ୟ ଜୀବନରେ ଉତ୍ତୋଳନ ସମ୍ଭବ ।

ମନୁଷ୍ୟ ଜୀବନରେ ଜ୍ଞାନ ଓ ସୌନ୍ଦର୍ଯ୍ୟର ଉପଲବ୍ଧି ଲାଗି ନିଶ୍ଚୟ ଅନେକ ସୁଯୋଗ ରହିଛି । ଯେଉଁ ଶକ୍ତିଶାଳୀ ଇଚ୍ଛା ଶକ୍ତି ଦ୍ୱାରା ଜଡ଼ଗତ ପ୍ରକୃତି ଉପରେ ତଥା ପ୍ରାଣିକ ଓ ମନୋଗତ ପ୍ରକୃତି ଉପରେ ପ୍ରଭୁତ୍ୱ ହାସଲ କରାଯାଇ ପାରିବ ତାହାର ବି ସୁଯୋଗ ରହିଛି । ଏହି ସବୁଥିରୁ ଆନନ୍ଦ ଓ ଶକ୍ତି ମଧ୍ୟ ଲାଭ କରାଯାଇ ପାରିବ । ମନୁଷ୍ୟର ମନ ଓ ପ୍ରାଣ ଭିତରେ କଳ୍ପନାତୀତ ଭାବରେ ପ୍ରଚୁର ଶକ୍ତି ସାମର୍ଥ୍ୟ ସଂଗୁପ୍ତ ହୋଇ ରହିଛି । ତାକୁ ଉପଯୋଗ କରି ମନୁଷ୍ୟ ଜଡ଼ଗତ ଜୀବନର ସୀମିତତା ଭିତରୁ ମୁକ୍ତିଲାଭ କରିପାରିବ ।

ମନୁଷ୍ୟ ନୂତନ ଚୈତ୍ୟଗତ ସମ୍ବନ୍ଧଗୁଡ଼ିକର ସନ୍ଧାନ ପାଇ ପାରିବ । ତା'ର ଶକ୍ତିଶାଳୀ ବିଚାରଗୁଡ଼ିକ କାର୍ଯ୍ୟରେ ରୂପାୟିତ ହୋଇ ପାରିବ । ଦୂରତା ଓ ବିଭାଜନଗତ ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରିବା ଲାଗି ସେ ନାନା ଆଭ୍ୟନ୍ତରୀଣ ସାଧନର ସନ୍ଧାନ ପାଇବ । ଭୌତିକ ବିଜ୍ଞାନ କ୍ଷେତ୍ରରେ ଆଜି ଯାଏ ଯେଉଁସବୁ ଉପଲବ୍ଧି ହାସଲ ହୋଇଛି ତାହାଠାରୁ ବହୁ ଗୁଣରେ ଅଧିକ ଆଶ୍ଚର୍ଯ୍ୟଜନକ ଉଦ୍ଭାବନ ସବୁ ସମ୍ଭବ ହେବ । ଅନେକ ଅଦ୍ଭୁତ ସମ୍ଭାବନାର ପୂର୍ବାଭାସ ବର୍ତ୍ତମାନ ମଧ୍ୟ ଦେଖିବାକୁ ମିଳିଲାଣି ।

ମନୁଷ୍ୟର ବିଚାର, ଉଦ୍ୟମ ଓ ଜୀବନ ସମ୍ବନ୍ଧୀୟ ନାନା ଧାରଣା କ୍ଷେତ୍ରରେ ଯେଉଁ ପରିବର୍ତ୍ତନସବୁ ଦେଖା ଦେବାରେ ଲାଗିଛି ତାହା ଯଦି ସାମୂହିକ ଓ ଗୋଷ୍ଠୀଗତ ମନଟିକୁ ଆସି ଅଧିକାର କରେ ତେବେ ତାହା ମନୁଷ୍ୟର ସମଗ୍ର ଜୀବନରେ ଏକ ଗଭୀର ବିପ୍ଳବର ସୂତ୍ରପାତ କରିବ । ଏହା ପ୍ରଥମରୁହିଁ ମନୁଷ୍ୟ ସମାଜକୁ ବୃହତ୍ତର ଲକ୍ଷ୍ୟ ଓ ବିସ୍ତୃତତର ସମ୍ଭାବନା ଆଡ଼କୁ ଘେନିଯିବ । ଫଳତଃ ଏପରି ଏକ ବିଜ୍ଞାନର ବିକାଶ ଘଟିପାରେ ଯାହା ଭୌତିକ ଜଗତର ଶକ୍ତିଗୁଡ଼ିକ ଉପରେ ଯାନ୍ତ୍ରିକ ନିୟନ୍ତ୍ରଣ ପରିବର୍ତ୍ତେ ଏକ ଯଥାର୍ଥ ନିୟନ୍ତ୍ରଣ ହାସଲ କରିପାରିବ । ଏହା ଦ୍ୱାରା ଅନ୍ୟ ଜଗତଗୁଡ଼ିକ ଆଡ଼କୁ ମଧ୍ୟ ଦ୍ୱାର ଖୋଲିଯିବ । କଳା ଓ ସୌନ୍ଦର୍ଯ୍ୟ କ୍ଷେତ୍ରରେ ମଧ୍ୟ ପୂର୍ବାପେକ୍ଷା ବୃହତ୍ତର ସିଦ୍ଧି ପ୍ରାପ୍ତ ହେବ । ଏହି ପୃଥିବୀରୁ ପ୍ରୟୋଜନବାଦୀ ନାନା କୁତ୍ସିତତା ଲୋପ ପାଇଯିବ । ମନୁଷ୍ୟ ମନୁଷ୍ୟ ମଧ୍ୟରେ ପାରସ୍ପରିକ ଆଦାନପ୍ରଦାନ ଅଧିକ ମୁକ୍ତ, ଅନ୍ତରଙ୍ଗ ଓ କରୁଣାସିକ୍ତ ହେବ ।

ଏହି ମନୋଗତ ତଥା ଚୈତ୍ୟ ଆଶୟଗତତାର କ୍ଷେତ୍ରରେ ତାହାର ନିଜସ୍ୱ ବିପଦ ମଧ୍ୟ ରହିଥିବ । ଏପରିକି ପ୍ରାଣସ୍ତରୀୟ ଆଶୟଗତତାର କ୍ଷେତ୍ରରେ ରହିଥିବା ବିପଦଗୁଡ଼ିକ ଅପେକ୍ଷା ଏଗୁଡ଼ିକ ବୃହତ୍ତର ହୋଇଥିବ । କାରଣ ଏହାର କ୍ରିୟାତ୍ମକ ସାମର୍ଥ୍ୟ ଅପରଟି ଅପେକ୍ଷା ଅଧିକ ହେବ । ମାତ୍ର ଏହା ନିକଟରେ ଏକ ତୀକ୍ଷ୍ଣଦୃଷ୍ଟିସମ୍ପନ୍ନ ବିବେଚନା ଶକ୍ତି ତଥା ମୁକ୍ତିଦାୟୀ ଓ ନିରାପତ୍ତାଦାୟୀ ସାମର୍ଥ୍ୟ ରହିଥିବ ଯାହାକି

ପ୍ରାଣସ୍ତରୀୟ ଆଶୟଗତତା ମଧ୍ୟରେ କେବେହେଲେ ରହିପାରିବ ନାହିଁ ।

ଜଡ଼ରୁ ଚିଦ୍‌ଗତତା ପର୍ଯ୍ୟନ୍ତ ଆରୋହଣକ୍ରମରେ ଏହି ମନୋଗତ ଓ ଚୈତ୍ୟ ଆଶୟଗତତା ହେଉଛି ଏକ ଆବଶ୍ୟକ ପର୍ଯ୍ୟାୟ । ଏହି ମଧ୍ୟବର୍ତ୍ତୀ ସୋପାନକୁ ଆଡ଼େଇ ଦେଇ ସିଧାସଳଖ ଆଧ୍ୟାତ୍ମିକ ସ୍ତରକୁ ଉଠିଯିବା ପାଇଁ ଚେଷ୍ଟା କଲେ ତା'ର ଫଳାଫଳ ଭଲ ହେବ ନାହିଁ । ଅତୀତରେ ମନୁଷ୍ୟ ସମାଜକୁ ଆଧ୍ୟାତ୍ମିକ କରିବାର ଯେତେ ଚେଷ୍ଟା କରାଯାଇଛି ତାହା ବିଫଳ ହୋଇଥିବାର ଅନେକ କାରଣ ମଧ୍ୟରୁ ଏହା ଏକ ଅନ୍ୟତମ କାରଣ । ଜଡ଼ଗତ ସ୍ତରରେ ଜୀବନ ବଞ୍ଚୁଥିବା ମନୁଷ୍ୟମାନଙ୍କୁ କୌଣସି ପ୍ରକାରେ କିମିଆ କଲା ଭଳି ଏକାଥରକେ ଆଧ୍ୟାତ୍ମିକ କରିବାକୁ ଚେଷ୍ଟା କଲେ ତାହା ସଫଳ ହୋଇପାରେ ନାହିଁ । ବସ୍ତୁତଃ ସେ ରକମର ପରିବର୍ତ୍ତନ ଦୀର୍ଘସ୍ଥାୟୀ ହୋଇପାରେ ନାହିଁ । ହୁଏତ ପୂର୍ବ ଜନ୍ମରେ କିଛି ପ୍ରସ୍ତୁତି କରିଥିବା ମୁଷ୍ଟିମେୟ ଲୋକଙ୍କ କ୍ଷେତ୍ରରେ ଏପରି ପରିବର୍ତ୍ତନ ସମ୍ଭବ ହୋଇପାରେ । ମାତ୍ର ସାଧାରଣ ଜନସମୁଦାୟଙ୍କ କ୍ଷେତ୍ରରେ ସେଭଳି ଚେଷ୍ଟା ସଫଳ ହୁଏ ନାହିଁ । ସେଥିପାଇଁ ଚେତନାର ଆରୋହଣକ୍ରମରେ ମଧ୍ୟବର୍ତ୍ତୀ ସ୍ତରଗୁଡ଼ିକୁ ଜାଣିବା ଓ ଆୟତ୍ତ କରିବା ଏକାନ୍ତ ପ୍ରୟୋଜନ ।

(କ୍ରମଶଃ) ❑

# ପାଷାଣୀ ଦେବୀ

## ଶ୍ରୀଅରବିନ୍ଦ



ଦେବତା ନଗରେ, ଏକ କ୍ଷୁଦ୍ର ଦେବାଳୟେ,
ମୂର୍ତ୍ତିରୂପା ଦେବତାତ୍ମା ଦେଲେ ଦରଶନ,–
ଜାଗ୍ରତ ଉପସ୍ଥିତି, ଦେବୀ ଅନଶ୍ୱରୀ,
ପ୍ରତିମାରେ ଅସୀମତା କରନ୍ତି ଧାରଣ ।

ମାହେଶ୍ୱରୀ ଜଗନ୍ମାତା ମହତୀ ଏଷଣା
ଅବସ୍ଥିତ ମେଦିନୀର ସୁଷୁପ୍ତି ଅତଳେ,
ନିର୍ବଚନା, ଦୁରାଗମ୍ୟା, ସର୍ବଶକ୍ତିମୟୀ,
ନିର୍ବାକ୍ ମରୁ ବୁକେ, ଆକାଶେ ସାଗରେ ।

ବାଣୀହୀନା ମାନସାବଗୁଣ୍ଠନେ ଗୁଣ୍ଠିତା,
ନୀରବ, ଅବୋଧଗମ୍ୟା, ସର୍ବଜ୍ଞାନମୟୀ,
ଲୁକ୍କାୟିତା ଆତ୍ମା ଯେବେ ବୁଝିବ ତାଙ୍କର,
ଅଦ୍ଭୁତ ସେ ଅବତାର ଗୋପନ ରହସ୍ୟ,

ପୂଜାରୀ ଓ ନିଶ୍ଚଳ ମୂର୍ତ୍ତି ଏକୀଭୂତ,
ଶରୀରେ ପାଷାଣେ ଅବା ସେହି ରୂପରହସ୍ୟାବୃତ୍ତ ।

[ଶ୍ରୀଅରବିନ୍ଦଙ୍କ ରଚିତ **"The Stone Goddess"**
କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

# ଚାରି ଐତିହାସିକ ସଂଘଟନ

## ମନୋଜ ଦାସ

### ଜ୍ଞାନ ପର୍ଯ୍ୟାୟ

### କାରିକା - ୪୦

"There are four very great events in history, the siege of Troy, the life and crucifixion of Christ, the exile of Krishna in Brindavan and the colloquy with Arjuna on the field of Kurukshetra. The siege of Troy created Hellas, the exile in Brindavan created devotional religion (for before there was only meditation and worship), Christ from his cross humanised Europe, the colloquy at Kurukshetra will yet liberate humanity. Yet it is said that none of these four events ever happened."

(Thoughts and Aphorisms) – Sri Aurobindo

''ଇତିହାସରେ ଚାରିଗୋଟି ଅତ୍ୟନ୍ତ ମହତ୍ ଘଟଣା ହେଲେ, ଟ୍ରୟ ଅବରୋଧ, ଖ୍ରୀଷ୍ଟଙ୍କ ଜୀବନ ଏବଂ କ୍ରୁଶାରୋହଣ, ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ନିର୍ବାସନ ଏବଂ କୁରୁକ୍ଷେତ୍ର ରଣାଙ୍ଗନରେ ଶ୍ରୀକୃଷ୍ଣ-ଅର୍ଜୁନ ସଂଳାପ । ଟ୍ରୟ ଅବରୋଧ ଗ୍ରୀକ୍ ସଭ୍ୟତା ସୃଷ୍ଟି କଲା, ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ନିର୍ବାସନ ସୃଷ୍ଟି କଲା ଭକ୍ତିଧର୍ମ (କାରଣ ପୂର୍ବରୁ ଥିଲା କେବଳ ଧ୍ୟାନ ଓ ପୂଜାର୍ଚ୍ଚନା ବିଧି), କ୍ରୁଶାରୋହିତ ଖ୍ରୀଷ୍ଟ ୟୁରୋପକୁ ମାନବିକତାବୋଧ ପ୍ରଦାନ କଲେ, କୁରୁକ୍ଷେତ୍ର ସଂଳାପ ମଣିଷକୁ ଦିନେ ମୁକ୍ତି ଦେବ । ଅଥଚ କୁହାଯାଏ, ଏ ଚାରିଟି ଘଟଣାରୁ କୌଣସି ଗୋଟାଏ ମଧ୍ୟ ଘଟି ନାହିଁ ।''

### କାରିକା - ୪୧

"They say that the gospels are forgeries and Krishna a creation of the poets. Thank God then for the forgeries and bow down before the inventors."

(Thoughts and Aphorisms) – Sri Aurobindo

''କୁହାଯାଏ ଯିଶୁଙ୍କ ବାଣୀ କପୋଳକଳ୍ପିତ ଏବଂ କୃଷ୍ଣ କବି ମାନସର ସୃଷ୍ଟି ମାତ୍ର । ତା'ହେଲେ ଏ ମିଥ୍ୟା ନିମନ୍ତେ ଈଶ୍ୱରଙ୍କୁ ଧନ୍ୟବାଦ ଏବଂ ଏହାର ଉଦ୍ଭାବକମାନଙ୍କୁ ନମସ୍କାର ।''

*

ପୂର୍ବରୁ କୁହାଯାଇଛି, କିଂବଦନ୍ତି-ବର୍ଣ୍ଣିତ କୌଣସି କୌଣସି ଘଟଣା ସ୍ଥୂଳ ଜଗତରେ ଘଟି ନଥିଲେ ମଧ୍ୟ ସେସବୁର ପ୍ରଭାବ ସଭ୍ୟତା ଓ ସଂସ୍କୃତି ଉପରେ ବ୍ୟାପକ ଓ ପ୍ରଗାଢ଼ । କିନ୍ତୁ ଉପରୋକ୍ତ ଦୁଇ କାରିକାରେ ଯେଉଁସବୁ ଘଟଣା କଥା କୁହାଯାଇଛି ସେସବୁର ଐତିହାସିକତା ଅବିସମ୍ବାଦିତ । କିନ୍ତୁ କେହି କେହି ତଥାକଥିତ ଗବେଷକ ସତ୍ୟ ପାଇଁ ନୁହେଁ, କୌଣସି କୌଣସି ପ୍ରଚଳିତ ଧାରଣା ଉପରେ ଆଘାତ ଦେଇ ଚାଞ୍ଚଲ୍ୟ ସୃଷ୍ଟି କରିବାକୁ ଭଲ ପାଆନ୍ତି । ଗୋଟିଏ ନୂଆ କଥା ମୁଣ୍ଡକୁ ଆସିଗଲେ ତାକୁ ଯଥାର୍ଥ ବୋଲି ପ୍ରତିପାଦନ କରିବା ନିମନ୍ତେ ଯୁକ୍ତିର ଅବଶ୍ୟ ଅଭାବ ହୁଏ ନାହିଁ ।

କେହି କେହି ବ୍ୟକ୍ତି ଏକଦା କହୁଥିଲେ, ଯେଉଁ 'ଟ୍ରୟ ଅବରୋଧ' କାହାଣୀର ପ୍ରଭାବ ପାଶ୍ଚାତ୍ୟର ଜନମାନସ ଉପରେ ବିପୁଳ, ତାହା ମହାକବି ହୋମରଙ୍କ କଳ୍ପନା ମାତ୍ର । ଆଉ ଥୋକେ କହୁଥିଲେ, ଯିଶୁଖ୍ରୀଷ୍ଟ ବାସ୍ତବରେ ନଥିଲେ । ଦଳେ ବୁଦ୍ଧିମାନ୍ ବ୍ୟକ୍ତି ତାଙ୍କର ଚରିତ୍ର ଓ ଶିକ୍ଷା ନିଜ ନିଜ ମୁଣ୍ଡରୁ ବାହାର କରି ପୃଥିବୀ ଆଗରେ ପରିବେଷଣ କରିଛନ୍ତି । ସେମିତି ଶ୍ରୀକୃଷ୍ଣଙ୍କ କାହାଣୀ, କୁରୁକ୍ଷେତ୍ରରେ ଅର୍ଜୁନଙ୍କ ବିଷାଦଯୋଗ ଏବଂ ତାଙ୍କୁ ସେ ଅବସ୍ଥାରୁ ଊର୍ଦ୍ଧ୍ୱକୁ ନେଇଯିବା ନିମନ୍ତେ ଶ୍ରୀକୃଷ୍ଣଙ୍କର ଗୀତା ଉପସ୍ଥାପନ – ଏସବୁ ମଧ୍ୟ ଅତ୍ୟନ୍ତ କଳ୍ପନା-କୁଶଳୀ କବି ମାନସର ଅବଦାନ ।

ଧରି ନିଆଯାଉ ସେହି କଥା ଠିକ୍ । ଟ୍ରୟ ଯୁଦ୍ଧ ହୋଇ ନଥିଲା କି ଯିଶୁ ବା ଶ୍ରୀକୃଷ୍ଣ କେହି ସ୍ଥୂଳ ଜଗତରେ ସମ୍ଭବ

ହୋଇ ନଥିଲେ । କିନ୍ତୁ ମାନବ ସଭ୍ୟତାକୁ ସେଭଳି ଘଟଣା ଏବଂ ସେଭଳି ବ୍ୟକ୍ତିତ୍ୱମାନେ ଯେଉଁ ଅବଦାନ ଦେଇଛନ୍ତି, ତାହାର ମୂଲ୍ୟ ଆକଳନ ସହଜ ନୁହେଁ । ସେ ଦୃଷ୍ଟିରୁ, ସେସବୁ ଘଟଣା ବା ସେସବୁ ବ୍ୟକ୍ତିତ୍ୱ ଯେଉଁମାନଙ୍କ କଳ୍ପନା-ପ୍ରସୂତ, ସେମାନଙ୍କ ଆଗରେ ଆମେ ମଥା ନତ କରିବା ଉଚିତ ।

କହିବା ବାହୁଲ୍ୟ, ଶ୍ରୀଅରବିନ୍ଦ ଉପରୋକ୍ତ ଦୁଇ କାରିକା ମାଧ୍ୟମରେ ଯେଉଁ ଇଙ୍ଗିତ ଦେଉଛନ୍ତି, ସେଥିରେ ବିଦ୍ରୂପ ମିଶି ରହିଛି । ଏସବୁ ଘଟଣା ତଥା ବ୍ୟକ୍ତିତ୍ୱ ଅଳୀକ ବୋଲି କହିବା ଔଦ୍ଧତ୍ୟ ଛଡ଼ା ଆଉ କିଛି ନୁହେଁ । ଏସବୁ ଏକାନ୍ତ ବାସ୍ତବ ଏବଂ ଐତିହାସିକ ।

ଗ୍ରୀକ୍ ସଭ୍ୟତା, ସଂସ୍କୃତି ଓ ସାହିତ୍ୟହିଁ ପ୍ରାଚୀନ ପାଶ୍ଚାତ୍ୟ ଜଗତରେ ସର୍ବ-ବରିଷ୍ଠ । କିନ୍ତୁ ଏକଦା ଆଜିର ଗ୍ରୀସ୍ ଭୂଖଣ୍ଡ ଅନେକଗୁଡ଼ିଏ ରାଜ୍ୟରେ ବିଭକ୍ତ ଥିଲା । ପରସ୍ପର ଭାବଗତ ଐକ୍ୟ ନଥିଲା । ସ୍ପାର୍ଟାର ଅସାମାନ୍ୟ ସୁନ୍ଦରୀ ରାଜବଧୂ ହେଲେନ୍‌ଙ୍କୁ ଟ୍ରୟର ରାଜପୁତ୍ର ପାରିସ୍ ଦିନେ କୌଣସିମତେ ଭୁଲାଇ ସୁଲାଇ ନିଜ ରାଜ୍ୟର ଅଭେଦ୍ୟ ପ୍ରାୟ ଦୁର୍ଗ ଭିତରକୁ ନେଇ ପଳାଇଲେ । ପାରିସ୍‌ଙ୍କ ସହ ଯୁଦ୍ଧ କରି ହେଲେନ୍‌ଙ୍କୁ ନେଇ ଆସିବା ଉଦ୍ଦେଶ୍ୟରେ ପ୍ରଥମ କରି ଗ୍ରୀସ୍ ଭୂଖଣ୍ଡର ରାଜନବର୍ଗ ସମବେତ ଅଭିଯାନ କଲେ । ଟ୍ରୟ ନଗରୀକୁ ଦଶବର୍ଷ କାଳ ଘେରି ରହିବା ପରେ ଯାଇ ସେମାନେ ଛଳେ ବଳେ କୌଶଳେ ଦୁର୍ଗ ଭିତରେ ପ୍ରବେଶ କରି ହେଲେନ୍‌ଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ । ମହାକବି ହୋମର ଏହି ଟ୍ରୟ ଅବରୋଧ ଉପରେ ମହାକାବ୍ୟ 'ଇଲିଆଡ୍' ରଚନା କରିଥିଲେ, ସମ୍ଭବତଃ ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀରେ । ଟ୍ରୟ ଯୁଦ୍ଧର ଜଣେ ବୀର ୟୁଲିସେସ୍‌ଙ୍କ ବାହୁଡ଼ା ଯାତ୍ରାର ନାନାଦି ରୋମାଞ୍ଚକର ଅଭିଜ୍ଞତାର ବର୍ଣ୍ଣନା ହେଲା ହୋମରଙ୍କ ଦ୍ୱିତୀୟ ମହାକାବ୍ୟ 'ଓଡ଼େସି'ର କଥାବସ୍ତୁ । ଯେଉଁମାନେ ମନେ କରୁଥିଲେ ଟ୍ରୟ ବୋଲି କୌଣସି ନଗରୀ ନଥିଲା ଏବଂ ଟ୍ରୟ-ଅବରୋଧ ହୋମରଙ୍କ କଳ୍ପନା ମାତ୍ର, ଆଜିକାଲି ସେମାନେ ନୀରବ । ବର୍ତ୍ତମାନ ପ୍ରାୟ ସମସ୍ତ ନିର୍ଭରଯୋଗ୍ୟ ଗବେଷକ ହୋମର ବର୍ଣ୍ଣିତ ଯୁଦ୍ଧର ଐତିହାସିକତା ରହିଛି ବୋଲି ସ୍ୱୀକାର କରନ୍ତି । ଟ୍ରୟ ନଗରୀର ଯେ ବାସ୍ତବ ସ୍ଥିତି ଥିଲା, ତାହା ପ୍ରଖ୍ୟାତ ଜର୍ମାନ ପୁରାତତ୍ତ୍ୱବିତ୍ ସ୍ଲିମାନ୍ ପ୍ରମାଣ କରିଦେଲେ । ହୋମରଙ୍କ ବର୍ଣ୍ଣନା ଅନୁସରଣ କରି ସେ ୧୮୭୦ ମସିହାରେ ଏସିଆଟିକ୍ ତୁର୍କି ଭିତରେ ପ୍ରୋଥିତ ଟ୍ରୟ ନଗରୀ ଆବିଷ୍କାର କଲେ । ଖ୍ରୀଷ୍ଟପୂର୍ବ ତ୍ରୟୋଦଶ ଶତାବ୍ଦୀରେ ସେ ନଗରୀ ଆକ୍ରମଣ ଯୋଗେ ବିଧ୍ୱସ୍ତ ହେବାର ସମସ୍ତ ସାକ୍ଷ୍ୟ ମଧ୍ୟ ମିଳିଲା ।

ଟ୍ରୟ ଅବରୋଧ ପାଇଁ ପ୍ରସ୍ତୁତ ହେବା ଭିତରେ ଯେପରି ଗ୍ରୀକ୍ ଜାତୀୟତା ନିବିଡ଼ ହେଲା, ହୋମରଙ୍କ ଦ୍ୱାରା ସେ ଯୁଦ୍ଧ ଓ ସଂଶ୍ଳିଷ୍ଟ ଚରିତ୍ର ସମୂହର ବର୍ଣ୍ଣନା ସେମିତି ଗ୍ରୀକ୍ ଚିନ୍ତାଧାରା, ସାହିତ୍ୟ ଓ ଜୀବନ-ଦର୍ଶନକୁ ଅନୁପ୍ରାଣିତ କଲା । ତେଣୁ ମାନବ ସଭ୍ୟତାର ଗତିପଥରେ ଏକ ଅତୁଳନୀୟ ଘଟଣା ହେଲା ଟ୍ରୟ ଅବରୋଧ ।

ଯିଶୁଖ୍ରୀଷ୍ଟଙ୍କ ପୂର୍ବରୁ, ଆଜିର ଖ୍ରୀଷ୍ଟଧର୍ମ ସ୍ଥାନରେ ବିଦ୍ୟମାନ ଥିଲା ନାନାଦି ବିଶୃଙ୍ଖଳ ଗୋଷ୍ଠୀଗତ ମତ ଓ ଧାରଣା । ସେସବୁ ଭିତରେ ସଚ୍ଚା ସନ୍ଧାନୀ ବା ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଯେ ସମ୍ଭବ ହେଉ ନଥିଲେ ତାହା ନୁହେଁ କିଂବା ଖ୍ରୀଷ୍ଟ ଧର୍ମାବଲମ୍ବୀ ମାତ୍ରେ ଯେ ସଚ୍ଚା ସନ୍ଧାନୀ ବା ଆଧ୍ୟାତ୍ମିକ ଆଲୋକରେ ଆଲୋକିତ ବ୍ୟକ୍ତି ବନିଗଲେ, ତାହା ନୁହେଁ । କିନ୍ତୁ ସାମୂହିକ, ସାମାଜିକ ସ୍ତରରେ ଖ୍ରୀଷ୍ଟଙ୍କ ବାଣୀ ଯେଉଁ ମାନବିକତାର ଓ ନୈତିକତାର ଆଦର୍ଶ ସ୍ଥାପନ କଲା ତାହା ବିନା ଅନ୍ତତଃ ପାଶ୍ଚାତ୍ୟ ଜଗତ୍ ଅର୍ଦ୍ଧ-ବର୍ବର ଅବସ୍ଥାରେ ରହିଥା'ନ୍ତା । ଶ୍ରୀଅରବିନ୍ଦ ଖାଲି ଯିଶୁଙ୍କ ଜୀବନର ବା ଦର୍ଶନର ପ୍ରଭାବ କଥା କହୁ ନାହାନ୍ତି, ସେ ତାଙ୍କ କ୍ରୁଶାରୋହଣର ପ୍ରଭାବ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି । କ୍ରୁଶବିଦ୍ଧ ଅବସ୍ଥାରେ ମଧ୍ୟ ଯିଶୁ ଯେଉଁ ଉଦାର କ୍ଷମାର ଆଦର୍ଶ ଉପସ୍ଥାପନ କଲେ, ତା'ର ସ୍ମୃତି ଶହ ଶହ ବର୍ଷ ଧରି ମଣିଷକୁ ବିହ୍ୱଳ କରିଛି । ସଭିଙ୍କ ଚେତନାର ଆଲୋକାୟନ ନିମନ୍ତେ ଅସହିଷ୍ଣୁ ଅନ୍ଧଶକ୍ତି ହାତରେ ସେ ଯେପରି କଲବଲ ହୋଇଛନ୍ତି, ସେ ଦୃଷ୍ଟାନ୍ତ ମଣିଷକୁ ତା' ନିଜ ଚେତନାରେ ଥିବା ଅନ୍ଧକାର ବିଷୟରେ ସଜାଗ କରିଛି, ଅନୁତପ୍ତ କରିଛି ଏବଂ ଯିଶୁଙ୍କ ପ୍ରତି କୃତଜ୍ଞତାର ସଞ୍ଚାର କରିଛି । ଏହି ଆଦର୍ଶ ଓ ଦୃଷ୍ଟାନ୍ତ ବିନା ୟୁରୋପର ସାମାଜିକ ବିକାଶ ମାନବିକତାବୋଧ ଦ୍ୱାରା ସ୍ପନ୍ଦିତ ହୋଇ ନଥା'ନ୍ତା ।

ନିଜ ଅବତାର କାଳ ଭିତରେ ଶ୍ରୀକୃଷ୍ଣ ଆଧ୍ୟାତ୍ମିକ ପଥ ସମ୍ପର୍କରେ ପ୍ରଚଳିତ ଧାରଣା ବଦଳାଇ ଦେଲେ । ପୂର୍ବରୁ ଧ୍ୟାନଯୋଗ ବଳରେ ବ୍ୟକ୍ତିଗତ ଅଭୀପ୍ସୁମାନେ ଆଧ୍ୟାତ୍ମିକ ସତ୍ୟର ଏକ ଏକ ଦିଗ ଉପଲବ୍ଧି କରୁଥିଲେ । ସାଧାରଣ ସମାଜର ଲୋକେ ପୂଜା-ପାର୍ବଣ ଏବଂ ବିଧି-ବିଧାନ ମାଧ୍ୟମରେ ସାମାନ୍ୟ ମାତ୍ରାରେ ସୂକ୍ଷ୍ମଜଗତର ସ୍ପର୍ଶ ପାଉଥିଲେ ମାତ୍ର । କିନ୍ତୁ ଦିବ୍ୟ ଉପଲବ୍ଧିର ବହୁ ସମ୍ଭାବନାର ଦୃଷ୍ଟାନ୍ତ ସୃଷ୍ଟି ହେଲା ଶ୍ରୀକୃଷ୍ଣଙ୍କ

ବାଲ୍ୟଲୀଳା ତଥା ପରବର୍ତ୍ତୀ ଜୀବନରେ ମହାଭାରତ ଯୁଦ୍ଧକାଳୀନ ଭୂମିକା ମାଧ୍ୟମରେ । କଂସ ଦାଉରୁ ସୁରକ୍ଷିତ ରହିବା ସକାଶେ ତାଙ୍କୁ ବୃନ୍ଦାବନ ଅଣାଗଲା । ଜଣେ ଯଦି ମା ଯଶୋଦାଙ୍କ ସହ ନିଜକୁ ମିଶାଇ ଦେଇପାରିବେ, ତାଙ୍କ ପାଇଁ ବାସଲ୍ୟ ଭାବମାର୍ଗରେ ଦିବ୍ୟାନୁଭବ ସମ୍ଭବ ହେବ । ଜଣେ ଯଦି ବୃନ୍ଦାବନର ଗୋଚାରକ କିଶୋରଗଣଙ୍କ ସହ ଏକାତ୍ମ ହେବ, ସେ କୃଷ୍ଣଙ୍କୁ ଅନୁଭବ କରିବେ ସଖା ଭାବରେ । ଗୋପୀମାନଙ୍କ ସହ ଏକାତ୍ମ ସତ୍ତା ପାଇବେ ଦିବ୍ୟ ପ୍ରେମର ଅନୁଭୂତି । ଉଦ୍ଧବଙ୍କ ସହ ଏକାତ୍ମ ହୁଅନ୍ତୁ; ଶ୍ରୀକୃଷ୍ଣଙ୍କୁ ଜାଣିବେ ଶ୍ରଦ୍ଧା ଭକ୍ତି ମାର୍ଗରେ । ନିଜକୁ ରଖନ୍ତୁ ଅର୍ଜୁନଙ୍କ ସ୍ଥାନରେ; ଶ୍ରୀକୃଷ୍ଣ ହେବେ ଏକାଧାରେ ସଖା, ଦିଗ୍‌ଦର୍ଶକ ଏବଂ ଗୁରୁ ।

ଶ୍ରୀକୃଷ୍ଣଙ୍କର ବୃନ୍ଦାବନ ବାସ ନହୁଏ କି ଭକ୍ତି ଓ ପ୍ରେମ-ଭିତ୍ତିକ ଆଧ୍ୟାତ୍ମିକ ଧାରା ପ୍ରବର୍ତ୍ତିତ ନହୁଏ । ଏହି ଧାରା କେବଳ ଯେ ଅସଂଖ୍ୟ ସାଧକଙ୍କୁ ଅପୂର୍ବ ଦିବ୍ୟଭାବରେ ଉଦ୍‌ବୁଦ୍ଧ କରିଛି, ମୀରାବାଈ, ଶ୍ରୀଚୈତନ୍ୟ, ଜଗନ୍ନାଥ ଦାସଙ୍କ ଭଳି ଭକ୍ତ, କବି ଓ ଗୁରୁଙ୍କ ଆବିର୍ଭାବ ସମ୍ଭବପର କରିଛି, ସେତିକି ନୁହେଁ, ସାହିତ୍ୟ, ସଙ୍ଗୀତ ତଥା ସଂସ୍କୃତିର ସମସ୍ତ ଦିଗକୁ ଏହା ପ୍ରଭାବିତ କରିଛି; କଳା ଓ ଭାସ୍କର୍ଯ୍ୟକୁ ନବ ନବ ଭାବରେ ଉଜ୍ଜୀବିତ କରିଛି, ନବ ନବ ନୃତ୍ୟ, ନାଟ୍ୟ ଧାରାର ପ୍ରବର୍ତ୍ତନ କରିଛି ।

ସମଗ୍ର ଜୀବନକୁ ଯୋଗ ଭାବରେ ଗ୍ରହଣ କରିବା ଦିଗରେ ଶ୍ରୀଅରବିନ୍ଦ-ପ୍ରବର୍ତ୍ତିତ ଆଭିମୁଖ୍ୟର ଭୂମିକା ପ୍ରସ୍ତୁତ ହୋଇଥିଲା ଗୀତା ମାଧ୍ୟମରେ । କୁରୁକ୍ଷେତ୍ରରେ ସମ୍ଭବ ହୋଇଥିଲା ଯେଉଁ ଶ୍ରୀକୃଷ୍ଣ-ଅର୍ଜୁନ ସଂଳାପ, ତାହାରି ଭିତରେ ନିହିତ ମାନବତାର ମୁକ୍ତିର ଦର୍ଶନ । ଯେତେବେଳେ ମଣିଷ ନିଜ ଅହଂ କବଳରୁ ଖସି ଆସି, ବିଭିନ୍ନ ଆଦର୍ଶର ପରସ୍ପର ସଂଘାତର ଊର୍ଦ୍ଧ୍ୱକୁ ଯାଇ କେବଳ ମାତ୍ର ଭଗବତ୍ ପ୍ରେରଣା ଦ୍ୱାରା ପରିଚାଳିତ ହେବାକୁ ସକ୍ଷମ ହେବ, ସେତେବେଳେହିଁ ସେ ଅନୁଭବ କରିବ ଯଥାର୍ଥ ମୁକ୍ତିର ପୁଲକ ।

[‘ପ୍ରଜ୍ଞା-ପ୍ରଦୀପିକା’ପୁସ୍ତକରୁ ସଂଗୃହୀତ,
ପୃଷ୍ଠା : ୮୮ - ୯୧] ❑

---

*(ପୃଷ୍ଠା ୫ର ଅବଶିଷ୍ଟାଂଶ)*

ଅଜ୍ଞାନରେ ପୃଥିବୀ ଓ ସଜ୍ଞାନରେ ସ୍ୱର୍ଗ ମାନି ଚଳୁଥିଲେ; ସେମାନଙ୍କର ଚିନ୍ତାବଳି ଏହାର ବିରାଟ ନିୟନ୍ତ୍ରଣର ଅଂଶୀଦାର ।

A great all-ruling Consciousness is there
And Mind unwitting serves a higher Power;
It is a channel, not the source of all.

ସେଠାରେ ରହିଛି ଏକ ସର୍ବଶାସକ ଚେତନା ଏବଂ ମନ ଅନିଚ୍ଛାକୃତ ଭାବରେ ଏକ ଉଚ୍ଚତର ଶକ୍ତିର ସେବା କରେ; ଏହା ଏକ ବାହକ ମାତ୍ର, ସବୁକିଛିର ଉତ୍ସ ନୁହେଁ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

ସମଗ୍ର ଜୀବନର ଏକମାତ୍ର ଲକ୍ଷ୍ୟ ହେବା ଉଚିତ ଦିବ୍ୟ ଜୀବନକୁ ପ୍ରାପ୍ତ କରିବା; ଏବଂ ନିମ୍ନତର ପ୍ରକୃତିକୁ ଦିବ୍ୟ ପ୍ରକୃତିରେ ରୂପାନ୍ତରିତ କରିବା । ଜୀବନର ଏହି ଏକମାତ୍ର ଅଭୀପ୍ସା ଓ ଲକ୍ଷ୍ୟ ସହିତ ମନରେ, ହୃଦୟରେ, ପ୍ରାଣରେ ଓ ଶରୀରରେ ଥିବା ଆସକ୍ତି, କାମନାବାସନା ଓ ଅଭ୍ୟାସସବୁ ସହ କୌଣସିମତେ ଜଡ଼ିତ ହେବା ଉଚିତ ନୁହେଁ । ଊର୍ଦ୍ଧ୍ୱରୁ ଦିବ୍ୟଶକ୍ତି ଅବତରଣ କରିବା ଯୋଗୁଁ ତାହାର ଦାବି ଅନୁସାରେ ଏହିସବୁ ଗତିବୃତ୍ତିକୁ ସଂପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ପାଇଁ ପ୍ରସ୍ତୁତ ହୋଇ ରହିବା ନିତାନ୍ତ ଆବଶ୍ୟକ ।

— ଶ୍ରୀଅରବିନ୍ଦ

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୪୩)

### ଅନ୍ତରାଳରୁ 'ବିଶ୍ୱଯୁଦ୍ଧ'ର ପରିଚାଳନା (ଗ) :

ଏ ଅଧ୍ୟାୟରେ ଆମେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆସୁରିକ ଶକ୍ତିର ଦୁଇଟି ବଳିଷ୍ଠ ମାଧ୍ୟମ ହିଟ୍‌ଲର ଓ ଷ୍ଟାଲିନ୍‌ଙ୍କ ସମ୍ବନ୍ଧେ କିଛି ଅଧିକ ଆଲୋକପାତ କରିବୁ । ଜୋସେଫ୍ ଷ୍ଟାଲିନ୍ (୧୮୭୯-୧୯୫୩) ରୁଷିଆର ସୋଭିଏଟ୍ ଗଭର୍ଣ୍ଣମେଣ୍ଟର ଅଧିନାୟକତ୍ୱ କରିଥିଲା ।

ଶ୍ରୀଅରବିନ୍ଦଙ୍କ ସହିତ ନୀରଦବରଣଙ୍କର 'ପତ୍ର ବିନିମୟ' ଗ୍ରନ୍ଥରେ ତଦାନୀନ୍ତନ ରାଜନୈତିକ ପରିସ୍ଥିତି ସମ୍ପର୍କ (୧୯୩୬)ରେ ଲିଖିତ ଏକ ପତ୍ରରେ ଗୁରୁଦେବଙ୍କୁ ପ୍ରଶ୍ନ ପଚାରିଛନ୍ତି : 'ଆପଣ ବୋଧହୁଏ (ଆଜି) ସକାଳ ୯ଟାରୁ ଉପରଓଳି ୩ଟା ପର୍ଯ୍ୟନ୍ତ ଜର୍ମାନୀକୁ ଆପଣଙ୍କର ଐଶ୍ୱରିକ ଶକ୍ତି ପ୍ରେରଣ କରିଥିଲେ ?'

ଶ୍ରୀଅରବିନ୍ଦ : ''ଜଣେ ସଇତାନ ବ୍ୟତୀତ ଆଉ କିଏ ଜର୍ମାନୀକୁ ନିଜର ଶକ୍ତି ପ୍ରେରଣ କରିବ ? ତୁମେ କ'ଣ ଭାବୁଛ ମୁଁ ହିଟ୍‌ଲର ସହିତ ଏବଂ ଶ୍ୱାନ ସଦୃଶ ଆର୍ତ୍ତନାଦ କରୁଥିବା ତା'ର ଆଦିମ ନାଜୀ ସମ୍ପ୍ରଦାୟ ସହିତ ଏକ ଚୁକ୍ତିରେ ବନ୍ଧା ?''

('Correspondance with Sri Aurobindo' : Vol. 2, p. 623)

ଅକ୍‌ଟୋବର ୧୯୪୦ରେ ଶ୍ରୀଅରବିନ୍ଦ ତାଙ୍କର ଭକ୍ତବୃନ୍ଦଙ୍କ ସହିତ 'କଥୋପକଥନ'ରେ ଉଲ୍ଲେଖ କରିଥିଲେ : ''... ଏବେ କେବଳ ହିଟ୍‌ଲରର ମୃତ୍ୟୁହିଁ ପୃଥିବୀକୁ ତା'ର ସାମ୍ପ୍ରତିକ ପରିସ୍ଥିତିରୁ ପ୍ରକୃତରେ ରକ୍ଷା କରିପାରିବ । ... ମୁଁ ତା'ର ବିନାଶ ଚାହେଁ । ... କେଉଁ ମୁହୂର୍ତ୍ତରେ ତା'ର ବିନାଶ ଘଟିବ, ସେ ସମ୍ବନ୍ଧେ ମୁଁ ପରବାୟ କରେ ନାହିଁ । ଯଦି ତା'ର ମୃତ୍ୟୁ ଘଟେ ତେବେ ସେତିକି ଯଥେଷ୍ଟ ।''

(Georges Vrekhem : 'Beyond Man'; p. 240)

୨୭ ମେ, ୧୯୪୦ରେ ଶ୍ରୀମା ଜନୈକ ଶିଷ୍ୟଙ୍କୁ ଲେଖିଥିଲେ : ''ହିଟ୍‌ଲର ସମ୍ବନ୍ଧେ ଉଦ୍‌ବିଗ୍ନ ହୁଅ ନାହିଁ । ଭଗବତ୍ ଶକ୍ତିର ବିରୋଧରେ କୌଣସି ଆସୁରିକ ଶକ୍ତି ଚିରଦିନ ସକାଶେ ତିଷ୍ଠି ରହିପାରିବ ନାହିଁ । ତା'ର ପରାଜୟର ମୁହୂର୍ତ୍ତ ଆସିବାକୁ ବାଧ୍ୟ ।''

(MCW, Vol. 15, p. 47)

ସେହି ସମୟରେ ହିଟ୍‌ଲର ଉଲ୍‌କା ସଦୃଶ ୟୁରୋପ ଆଡ଼କୁ ଦ୍ରୁତ ଗତିରେ ମାଡ଼ି ଯାଉଥିଲା । ଏହି ଘଟଣାକୁ ଲକ୍ଷ୍ୟ କରି ଜନୈକ ଭକ୍ତ ଭଗ୍ନ ହୃଦୟରେ ସେଦିନ ଶ୍ରୀଅରବିନ୍ଦଙ୍କ ସହିତ 'କଥୋପକଥନ' ସମୟରେ ନୈରାଶ୍ୟ ଚିତ୍ତରେ ଗୁରୁଦେବଙ୍କୁ ଅନୁରୋଧପୂର୍ବକ ଅବିଳମ୍ବେ ଯୁଦ୍ଧ ସମ୍ବନ୍ଧେ ଧ୍ୟାନ ଦେବାକୁ ପ୍ରାର୍ଥନା ଜଣାଇ କହିଲେ, 'ଭଗବାନ୍ ଏବେ କାହାନ୍ତି ? କେଉଁଠି ଆପଣଙ୍କର ସେହି ଉତ୍ସାହ-ଉଦ୍ଦୀପକ ବାଣୀ ?' ଶ୍ରୀଅରବିନ୍ଦ ସୁସ୍ଥିର ସ୍ୱରରେ କହିଲେ : 'ହିଟ୍‌ଲର ଅମର ନୁହେଁ ।' ('Hitler is not immortal.')

(Nirodbaran : 'Twelve Years with Sri Aurobindo', Ed. 2016, p. 120)

ପୃଥିବୀ ଇତିହାସ ସମ୍ବନ୍ଧେ ବିଶ୍ୱବିଦ୍ୟାଳୟର ବିଦ୍ୱାନ୍ ଗବେଷକଙ୍କ ମତରେ ନିମ୍ନୋକ୍ତ ମନ୍ତବ୍ୟଟି ଅବାସ୍ତବ ମନେ ହେଉଥିଲେ ମଧ୍ୟ ଶ୍ରୀଅରବିନ୍ଦ ପରିଷ୍କାର ଭାବରେ ବ୍ୟକ୍ତ କରିଥିଲେ ଯେ ହିଟ୍‌ଲରର ଚୂଡ଼ାନ୍ତ ଲକ୍ଷ୍ୟ ହେଉଛି ଭାରତକୁ ଜୟ କରିବା । କାରଣ ସେ ଭଲ ଭାବରେ ଜାଣିଥିଲା ଯେ ପୃଥିବୀର ଆଧ୍ୟାତ୍ମିକ ନିୟତିର ରକ୍ଷକ ହେଉଛି ଭାରତ । (ଅର୍ଥାତ୍, ତା'ର ଲକ୍ଷ୍ୟକୁ ଭଣ୍ଡୁର କରି ଦେବାରେ ଏକମାତ୍ର ଭାରତହିଁ ଯଥେଷ୍ଟ ।) ସେତେବେଳେ ହିଟ୍‌ଲରର ଉଦ୍ଦେଶ୍ୟ ଥିଲା ସମଗ୍ର ପୃଥିବୀରେ ସାର୍ବଭୌମତ୍ୱ ଲାଭ କରିବା ଏବଂ ସେଇଥିପାଇଁ ଭାରତବର୍ଷ ଆଡ଼କୁ ମୁହାଁଇବା ହେଲା ତା'ର ପରବର୍ତ୍ତୀ ପଦକ୍ଷେପ । ତେଣୁ ଏହି ଘଟଣାଟି ବାସ୍ତବରେ ଘଟିବାକୁ ଯିବାର ବେଶ୍ କିଛି ଦିନ ପୂର୍ବରୁ ଦୃଢ଼ନିଶ୍ଚିତ ଭାବରେ ଶ୍ରୀଅରବିନ୍ଦ ତାଙ୍କର ୨୩ ମେ, ୧୯୪୦ର 'କଥୋପକଥନ'ରେ କହିଥିଲେ ଯେ ହିଟ୍‌ଲର ବଲ୍‌କାନ୍ ଆଡ଼କୁ ମୁହାଁଇବ ଏବଂ ପଥ ମଧ୍ୟରେ ଇଟାଲୀକୁ ସମ୍ପୂର୍ଣ୍ଣ ରୂପେ ବଶୀଭୂତ କରିବ; ଯାହାକି ତା' ପକ୍ଷରେ ତିନି ସପ୍ତାହର ବ୍ୟାପାର । ତା'ପରେ ସେ ତୁର୍କୀ ଆଡ଼କୁ ଅଗ୍ରସର ହେବ ଏବଂ ପରେ ଏସିଆ

ମାଇନର୍ । ଏସିଆ ମାଇନର୍‌ରେ ପଦାର୍ପଣ କରିବା ଅର୍ଥ ପରିଶେଷରେ ଭାରତ । ଯଦି ସେ ଏସିଆ ମାଇନର୍‌ରେ ଷ୍ଟାଲିନ୍‌କୁ ଭେଟେ, ଅର୍ଥାତ୍ ହିଟ୍‌ଲରର ଗତିପଥରେ ଷ୍ଟାଲିନ୍ ପ୍ରତିରୋଧ କରେ, ତେବେ ପ୍ରଶ୍ନ ଉଠିବ କିଏ ଏଥିରେ ଜିତିବ ଏବଂ ଭାରତକୁ ସର୍ବପ୍ରଥମେ ପ୍ରବେଶ କରିବ । ...

ତେଣୁ ହିଟ୍‌ଲରର ପ୍ରକୃତ ଉଦ୍ଦେଶ୍ୟ ଥିଲା 'ଅକ୍ଷଶକ୍ତିରାଜି' ଦ୍ୱାରା ସମକାଳୀନ ଭାବରେ ଦୁଇ ବିପରୀତ ପଟରୁ ଭାରତ ଉପମହାଦେଶ ଉପରେ ଆକ୍ରମଣ କରିବା – ଗୋଟିଏ ପଟରୁ ସେ ସ୍ୱୟଂ ତା'ର ସୈନ୍ୟସାମନ୍ତଙ୍କ ସହ ରୁଷିଆର ଦକ୍ଷିଣାଂଶ ମଧ୍ୟଦେଇ ଆଫ୍ରିକା ଏବଂ ମିଡ଼ିଲ୍ ଇଷ୍ଟ୍ ଦେଇ ଭାରତକୁ ପ୍ରବେଶ କରିବ ଏବଂ ଅନ୍ୟ ପଟରେ ଜାପାନ ବର୍ମା ଦେଇ ଭାରତ ଉପରେ ଅଚାନକ ଆକ୍ରମଣ କରିବ ।

(Georges Vrekhem : 'The Mother', p. 330 - 31 ଦ୍ରଷ୍ଟବ୍ୟ)

ଇତି ମଧ୍ୟରେ ପୃଥିବୀପୃଷ୍ଠରେ ଅନ୍ୟ ଏକ ଅମାନୁଷିକ ଆସୁରିକ ଶକ୍ତିର ଅଭ୍ୟୁଦୟ ଘଟିଥିଲା – ସମସ୍ତେ ଥିଲେ ଭୟଙ୍କର ଅସୁର ପ୍ରକୃତିର, ପ୍ରତ୍ୟେକେ ନିଜ ନିଜ ଅହଂକାରରେ ଦୃଢ଼ ପ୍ରତିଷ୍ଠିତ ରହି ନିଜକୁ ସର୍ବେସର୍ବା ବୋଲି ମନେ କରୁଥିଲେ ଏବଂ ବିରୋଧୀ ପକ୍ଷକୁ ଆକ୍ରମଣ କରିବା ସଙ୍ଗେ ସଙ୍ଗେ ଭିତରେ ଭିତରେ ସମଗୋତ୍ରୀୟଙ୍କୁ ମଧ୍ୟ ଆକ୍ରମଣ କରିବା ସକାଶେ ସଦାତତ୍ପର ଥିଲେ । ଏମାନଙ୍କ ମଧ୍ୟରେ ସବୁଠାରୁ ନିଷ୍ଠୁର ପ୍ରକୃତିର ଥିଲା ରୁଷିଆର ଷ୍ଟାଲିନ୍ – ଆକ୍ଷରିକ ଭାବରେ କହିଲେ ହିତାହିତ ଜ୍ଞାନ ବା ଆନ୍ତର ସତ୍ତା ନଥାଇ କ୍ଷମତା-ଲାଳାୟିତ ଏକ ପ୍ରକାଣ୍ଡ ଅସୁର । ଯାହାର ଜଘନ୍ୟ ନୃଶଂସତା ପୃଥିବୀ ଇତିହାସର ପୃଷ୍ଠାରେ ରକ୍ତାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ପ୍ରକୃତରେ କହିବାକୁ ଗଲେ ହିଟ୍‌ଲର ଠାରୁ ଷ୍ଟାଲିନ୍ ଥିଲା ଅଧିକ ବିଦ୍ୱେଷ ପରାୟଣ ।

(ତତ୍ରୈବ : ପୃ. ୨୪୨)

''୨୪ ନଭେମ୍ବର, ୧୯୫୩ରେ ଶ୍ରୀମା'ଙ୍କୁ ଜଣେ ପ୍ରଶ୍ନ ପଚାରିଥିଲେ : 'ମାଆ, ଷ୍ଟାଲିନ୍ ପ୍ରକୃତରେ ଯାହା ହୋଇ ଉଠିଥିଲା, ଏହା ବିଧିନିର୍ଦ୍ଦିଷ୍ଟ ଥିଲା କି ?'

''ଶ୍ରୀମା : ଷ୍ଟାଲିନ୍ ? ମୁଁ ଏକେବାରେ ନିଶ୍ଚିତ ନୁହେଁ ଯେ ସେ ଜଣେ ମଣିଷ ଥିଲା । ... ମୋର କହିବାର ଅର୍ଥ ଏହି ଯେ ତା'ର ଏକ ଚୈତ୍ୟସତ୍ତା ଥିଲା ବୋଲି ମୋର ମନେହୁଏ ନାହିଁ । କିଂବା ହୁଏତ ତା'ର ଏକ ଚୈତ୍ୟସତ୍ତା ଥିଲା – କାରଣ, କହିବାକୁ ଗଲେ ଭୌତିକ ଜଗତର ପ୍ରତ୍ୟେକଟି ବସ୍ତୁ, ପ୍ରତ୍ୟେକଟି ଅଣୁ-ପରମାଣୁର କେନ୍ଦ୍ରସ୍ଥଳରେ ଏକ ଦିବ୍ୟ ଉପସ୍ଥିତି ଅବଶ୍ୟ ରହିଥାଏ – କିନ୍ତୁ ଷ୍ଟାଲିନ୍‌ର କ୍ଷେତ୍ରରେ, ମୋର କହିବାର ଅର୍ଥ ଏଇ ଯେ ତା'ର କୌଣସି ଏକ ସଚେତନ ଚୈତ୍ୟସତ୍ତା ବା ଏକ ବ୍ୟକ୍ତିତ୍ୱ ରୂପେ ଆକୃତି ଥିଲା ବୋଲି ମୋର ମନେ ହୁଏ ନାହିଁ । ମୋର ବିଶ୍ୱାସ, ସେ ଥିଲା ପ୍ରାଣ ଜଗତର ଏକ ସତ୍ତାର ପ୍ରତ୍ୟକ୍ଷ ବିଭୂତି ଏବଂ ଷ୍ଟାଲିନ୍ ଓ ହିଟ୍‌ଲର ମଧ୍ୟରେ ଏହାହିଁ ଥିଲା ପ୍ରଧାନ ପାର୍ଥକ୍ୟ – ହିଟ୍‌ଲର ଥିଲା ନିଃସନ୍ଦେହରେ ଏକ ମଣିଷ । ...''

(MCW, Vol. 5, p. 378)

୧୯୩୯ରେ କିନ୍ତୁ ଷ୍ଟାଲିନ୍ ଓ ହିଟ୍‌ଲରଙ୍କ ମଧ୍ୟରେ ଏକ ଗୁପ୍ତ ଚୁକ୍ତି ହୋଇଥିଲା ଓ ସେଥିରେ ପରସ୍ପର ପରସ୍ପରକୁ ସାହାଯ୍ୟ କରିବେ ବୋଲି ଲେଖା ଯାଇଥିଲା । କିନ୍ତୁ କେହି ଜଣେ ହେଲେ ବି ଏକଥାରେ ସନ୍ଦେହ ପ୍ରକାଶ କରିବେ ନାହିଁ ଯେ ଉଭୟ ଏକଛତ୍ରବାଦୀ ନିଷ୍ଠୁର ଶାସକ ଭିତରେ ଭିତରେ ଚାହୁଁଥିଲେ ଯେ ବେଳ ଉଣ୍ଡି ଦୁହେଁ ଦୁହିଁଙ୍କ ଉପରକୁ ଝାମ୍ପ ଦେବେ । ତେଣୁ ମାର୍ଚ୍ଚ ୧୯୪୦ରେ ଶ୍ରୀଅରବିନ୍ଦ ପ୍ରକାଶ୍ୟ ଭାବରେ ଘୋଷଣା କରିଥିଲେ : ''ଯଦି ଜର୍ମାନୀରେ କିଛି ଅଘଟଣ ନଘଟେ କିଂବା ହିଟ୍‌ଲର ଓ ଷ୍ଟାଲିନ୍‌ଙ୍କ ମଧ୍ୟରେ ଝଗଡା ସୃଷ୍ଟି ନହୁଏ, ତେବେ ପୃଥିବୀର ମଙ୍ଗଳ ସକାଶେ କୌଣସି ସମ୍ଭାବନା ନାହିଁ ।'' ଏବଂ ଜୁନ୍ ୧୯୪୦ର ପ୍ରାରମ୍ଭରେ ଶ୍ରୀଅରବିନ୍ଦ କହିଥିଲେ : ''ମୋର ମନେହୁଏ ପରବର୍ତ୍ତୀ ଯୁଦ୍ଧଟି ରୁଷିଆ ଏବଂ ଜର୍ମାନୀ ମଧ୍ୟରେ ଘଟିବ ।'' (ପ୍ରକୃତରେ ଜୁନ୍, ୧୯୪୪ରେ ଏହା ଘଟିଥିଲା ।)

(Georges Vrekhem : (1) 'The Mother', p. 331 and (2) 'Beyond Man', p. 243 ଦ୍ରଷ୍ଟବ୍ୟ)

(ହିଟ୍‌ଲରର ମୃତ୍ୟୁ ଘଟିଥିଲା ୧୯୪୫ରେ ଏବଂ ଷ୍ଟାଲିନ୍‌ର ମୃତ୍ୟୁ ଘଟିଥିଲା ୧୯୫୩ରେ ।)

''୮ ମାର୍ଚ୍ଚ, ୧୯୫୧ରେ ଶ୍ରୀମା'ଙ୍କୁ ଜଣେ ପ୍ରଶ୍ନ ପଚାରିଥିଲେ : 'ମାଆ, ହିଟ୍‌ଲର ମରିଯିବା ପରେ 'ମିଥ୍ୟାଚାରର ପ୍ରଭୁ' ('Lord of Falsehood') କ'ଣ ଷ୍ଟାଲିନ୍ ମଧ୍ୟରେ ପ୍ରବେଶ କରିଥିଲା ?'

''ଶ୍ରୀମା : ଏସବୁ ଘଟଣା କେବେହେଲେ ଏପରି ଘଟେ ନାହିଁ, କିନ୍ତୁ କେତେକ ପରିମାଣରେ ସମାନ ଭାବରେ ଘଟିଥାଏ । ଏହି 'ସତ୍ତା' (ଅର୍ଥାତ୍ 'ମିଥ୍ୟାଚାରର ପ୍ରଭୁ')ଟି ହିଟ୍‌ଲରର

ମୃତ୍ୟୁ ପର୍ଯ୍ୟନ୍ତ ଅପେକ୍ଷା କରି ନଥିଲା । ଏପରି ଭାବି ତୁମେ ଭୁଲ୍ କରି ପକାଉଛ । ଏହି ଧରଣର ସତ୍ତାସବୁ କେବେ ବି ଗୋଟିଏ ଭୌତିକ ସତ୍ତା, ଅର୍ଥାତ୍ କେବଳ ଗୋଟିଏ ମଣିଷ ମଧ୍ୟରେ ଆବଦ୍ଧ ହୋଇ ନଥା'ନ୍ତି । ବିଶେଷ କରି ଉପରୋକ୍ତ ସତ୍ତାଟି ହିଟ୍‌ଲରକୁ ପରାଭୂତ କରିଥିବା ବେଳେ ସେହି ସମାନ ମୁହୂର୍ତ୍ତରେ ଅନ୍ୟମାନଙ୍କ ମଧ୍ୟରେ ବି ତା'ର ପ୍ରଭାବ ପକାଇ ପାରେ । ତା'ର ଏହି ସହଜାତ ପ୍ରବୃତ୍ତି ରହିଥିବା ସତ୍ତ୍ୱେ ହିଟ୍‌ଲରର କ୍ଷେତ୍ରରେ ସେ ସେପରି କରିବାରୁ ବଞ୍ଚିତ ରହିଥିଲା । କାରଣ ହିଟ୍‌ଲରର ପଶ୍ଚାତରେ ଥିଲା ତା'ର ସମଗ୍ର ରାଷ୍ଟ୍ର ଏବଂ ଏକ ପ୍ରବଳ ଭୌତିକ ଶକ୍ତି । ଏବଂ ଯଦି ଏଥିରେ ହିଟ୍‌ଲର ସଫଳତା ଲାଭ କରିଥା'ନ୍ତା, ତେବେ ସମଗ୍ର ମାନବଜାତିର ଘୋର ବିପତ୍ତି ଘଟିଥା'ନ୍ତା । କିନ୍ତୁ ଏ ସମ୍ବନ୍ଧରେ ଜଣେ ସମାଲୋଚକ ନିଜକୁ ଏପରି ଭାବି ପ୍ରତାରଣା କରିବାର ଆଦୌ ପ୍ରଶ୍ନ ଉଠେ ନାହିଁ ଯେ ହିଟ୍‌ଲରର ମୃତ୍ୟୁ ଘଟିଲେ ତାକୁ ମାଧ୍ୟମ ସ୍ୱରୂପ ପରିଚାଳିତ କରୁଥିବା ଆସୁରିକ ଶକ୍ତିଟିର ବି ବିନାଶ ଘଟିଲା । ଏହା ଏତେ ସହଜ ବ୍ୟାପାର ନୁହେଁ; ହିଟ୍‌ଲରର ମୃତ୍ୟୁ ଯଥେଷ୍ଟ ନୁହେଁ ।

''ମୋର ତୁମମାନଙ୍କୁ ଗୋଟିଏ କଥା ନିଶ୍ଚିତ ରୂପେ କହି ରଖିବା ଉଚିତ ଯେ ଉପରୋକ୍ତ ସତ୍ତାଗଣଙ୍କର ମୂଳଉତ୍ସ ଦେବଗଣଙ୍କର ମୂଳଉତ୍ସର ଉଦ୍ଭବ ହେବା ପୂର୍ବରୁହିଁ ଏମାନଙ୍କର ଉଦ୍ଭବ ଘଟିଥିଲା । ଏମାନେ ଥିଲେ ସର୍ବପ୍ରଥମ ବିଭୂତି; ସମଗ୍ର ବିଶ୍ୱରେ ଏମାନେ ଥିଲେ ସର୍ବପ୍ରଥମ ବ୍ୟଷ୍ଟି ରୂପ ନେଇଥିବା ସତ୍ତାଗଣ । ତେଣୁ ଗୋଟିଏ ଯୁଦ୍ଧରେ ଏମାନଙ୍କ କବଳରୁ ଜିତିଗଲେ ମଧ୍ୟ ଏମାନଙ୍କ ଉପଦ୍ରବରୁ ତ୍ରାହି ପାଇ ହୁଏ ନାହିଁ ।

''ବିଶ୍ୱଗତ ବିବର୍ତ୍ତନ ଧାରାରେ ଏମାନଙ୍କର ଭୂମିକାର ଆବଶ୍ୟକତା ଥିବା ପର୍ଯ୍ୟନ୍ତ ଏମାନେ ତିଷ୍ଠି ରହିଥିବେ । ଯେଉଁ ମୁହୂର୍ତ୍ତରେ ଏମାନଙ୍କର କୌଣସି ପ୍ରୟୋଜନ ହେବ ନାହିଁ, ଏମାନେ ହୁଏତ ନିଜର ମୂଳ ଉତ୍ସରେ ବଦଳିଯିବେ ବା ସମଗ୍ର ବିଶ୍ୱରୁ ନିଶ୍ଚିହ୍ନ ହୋଇଯିବେ ।

''ଅଧିକନ୍ତୁ ଏହି ସତ୍ତାଗଣ ଭଲ ଭାବରେ ଜାଣିଥା'ନ୍ତି ଯେ ସେମାନଙ୍କର ସାମ୍ପ୍ରତିକ ସ୍ଥିତିରେ ତିଷ୍ଠି ରହିବାର ଅନ୍ତିମ ମୁହୂର୍ତ୍ତ ଆସନ୍ନ । ଏବଂ ଏଥି ସକାଶେ ସେମାନେ ଯେତେ ଅଧିକ ସମ୍ଭବ ଅନିଷ୍ଟ ଘଟାଇବାରେ ସଦାତତ୍ପର । ...''

(MCW, Vol. 4, p.188)

ଆସୁରିକ ଶକ୍ତି ଯେମିତି ଏହି ବିଶ୍ୱଯୁଦ୍ଧର ଉଦ୍ୟୋକ୍ତା ହୋଇ ଭୌତିକ ଜଗତରେ ତା'ର ଗତିବିଧିରେ ହସ୍ତକ୍ଷେପ କରିବା ସକାଶେ ବଳିଷ୍ଠ ମାନୁଷୀ ମାଧ୍ୟମସବୁ ଲାଭ କରିଥିଲା, ଠିକ୍ ସେମିତି ଦିବ୍ୟଶକ୍ତି ମଧ୍ୟ ଏଥିରେ ହସ୍ତକ୍ଷେପ କରିବା ସକାଶେ ଉପଯୁକ୍ତ ମାଧ୍ୟମର ଅପେକ୍ଷାରେ ଥିଲା । ତେଣୁ ଶ୍ରୀମାଶ୍ରୀଅରବିନ୍ଦ ସେମାନଙ୍କର ଏକ ସମର୍ଥ ମାଧ୍ୟମର ଅପେକ୍ଷାରେ ଥିଲେ । କାରଣ ତଦାନୀନ୍ତନ 'ମିତ୍ରଶକ୍ତିରାଜି'ର ଅଧିନାୟକତ୍ୱ କରୁଥିବା ନେତାଗଣଙ୍କ ମଧ୍ୟରେ ବଳିଷ୍ଠ, ଦୃଢ଼ପ୍ରତିଜ୍ଞ ବ୍ୟକ୍ତିତ୍ୱ ଖୁବ୍ କ୍ୱଚିତ୍ ଥିଲେ । ଯୁଦ୍ଧକାଳୀନ ଅବସ୍ଥାରେ ବିଦ୍ରୋହ ଉଦ୍ରେକ ହେବା ମୁହୂର୍ତ୍ତରେ ସେମାନଙ୍କର କୂଟନୈତିକ ଚଞ୍ଚଳ ଓ କୁଶଳ ସଞ୍ଚଳନ ପ୍ରକ୍ରିୟାରେ ସଂଶୟାପନ୍ନ ଭାବ ସ୍ପଷ୍ଟ ପ୍ରତୀୟମାନ ହେଉଥିଲା । ପ୍ରତିପକ୍ଷରେ 'ଅକ୍ଷଶକ୍ତି'ରେ ଥିବା ଆସୁରିକ ଶକ୍ତି ଦ୍ୱାରା ତୀବ୍ର ଭାବରେ ଅନୁପ୍ରେରିତ, ଅବିବେକୀ ଓ ତୀକ୍ଷ୍ଣବୁଦ୍ଧି ସମ୍ପନ୍ନ ନିର୍ଭୀକ, ଧୂର୍ତ୍ତ ରାଷ୍ଟ୍ରନେତାଙ୍କ ବିରୋଧରେ 'ମିତ୍ରଶକ୍ତି'ର ନେତାଗଣଙ୍କର ସହଜରେ ପ୍ରତାରିତ, ମେରୁଦଣ୍ଡହୀନ, ଦୁର୍ବଳ ଓ ଶିଥିଳ ଗଣତାନ୍ତ୍ରିକ ଆଦର୍ଶବାଦ ଥରକୁ ଥର ଅକୃତକାର୍ଯ୍ୟ ହୋଇ ଉଠୁଥିଲା ।

(Georges : 'Beyond Man', p. 240 ଦ୍ରଷ୍ଟବ୍ୟ)

ନୀରଦବରଣଙ୍କର ଉକ୍ତିରେ : ''ଶ୍ରୀଅରବିନ୍ଦଙ୍କ ସହ ଆମର 'କଥୋପକଥନ'ରେ ଯୁଦ୍ଧ ବିଷୟହିଁ ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା । ପୃଥିବୀ ଇତିହାସ ସମ୍ବନ୍ଧରେ ତାଙ୍କର ଗଭୀର ଜ୍ଞାନ, ସାମରିକ ଚାତୁର୍ଯ୍ୟ ଓ ଯୁଦ୍ଧ-ପରିଚାଳନା ସମ୍ବନ୍ଧରେ ବିଚକ୍ଷଣ ଜ୍ଞାନ, ପ୍ରତିଟି ଘଟଣାରେ ତାଙ୍କର ପର୍ଯ୍ୟବେକ୍ଷଣସବୁର ପୂର୍ବଜ୍ଞାନ (prescience) ଇତ୍ୟାଦି ଲକ୍ଷ୍ୟ କରି ଆମେମାନେ ଥରକୁ ଥର ସ୍ତବ୍ଧ ହୋଇ ଯାଉଥିଲୁ । ...

''କ୍ଷମତା ନିମିତ୍ତ ହିଟ୍‌ଲରର ଉନ୍ମତ୍ତ ଲାଳସା, ଇଂଲଣ୍ଡର ରାଜନୈତିକ ଦେବାଳିଆ ଅବସ୍ଥା, ଆମେରିକାର ଆତ୍ମଘାତୀ ଅଣ-ହସ୍ତକ୍ଷେପ ନୀତି, ରୁଷିଆର କାଣ୍ଡଜ୍ଞାନରହିତ ବିଚାରଶକ୍ତି, ଫ୍ଲୋରେନ୍ସ୍‌ର ମାକିଆଭେଲିଙ୍କ ସଦୃଶ କୂଟନୀତି ଇତ୍ୟାଦି ବିଷୟରେ ଶ୍ରୀଅରବିନ୍ଦଙ୍କ କକ୍ଷରେ ମୌଖିକ ଭାବରେ ନାନା ଦିଗରୁ ଆଲୋଚନା ହେଉଥିଲା । ଚେମ୍ବର୍‌ଲେନ୍‌ଙ୍କର କୁଖ୍ୟାତ ଶାନ୍ତି ପ୍ରସ୍ତାବ, କର୍ଣ୍ଣେଲ୍ ବେକ୍‌ଙ୍କର ହିଟ୍‌ଲରଙ୍କ ସହିତ ନିଜର ଭିତିରି ଉଦ୍ଦେଶ୍ୟ ସାଧନରେ ଆକ୍ରମଣାତ୍ମକ ମନୋଭାବାପନ୍ନ ସାକ୍ଷାତ୍କାର, ଚେକୋସ୍ଲୋଭାକିଆକୁ ଫ୍ରାନ୍ସର ବିଶ୍ୱାସଘାତକତା ଇତ୍ୟାଦି ଘଟଣା ସମ୍ବନ୍ଧରେ ଆମମାନଙ୍କ ମଧ୍ୟରେ ଉତ୍ସାହ ଓ ପ୍ରତିବାଦ ଉଜ୍ଜୀବିତ କରାଉଥିଲା ।

‘‘ଶ୍ରୀଅରବିନ୍ଦ ଲକ୍ଷ୍ୟ କରି ଚାଲିଥିଲେ କିପରି ଗୋଟିକ ପରେ ଗୋଟିଏ ରାଷ୍ଟ୍ର ହିଟ୍ଲରର ଆସୁରିକ ମାୟା ଦ୍ୱାରା ସମ୍ମୋହିତ ହୋଇ ତା’ର ଦାନବୀୟ ପ୍ରଲୋଭକ ଶକ୍ତି ନିକଟରେ ନିଜକୁ ସମର୍ପି ଦେଉଥିଲେ; କିପରି ଜ୍ଞାନାଲୋକ ପ୍ରାପ୍ତ ବୁଦ୍ଧିଶାଳୀ ବ୍ୟକ୍ତିତ୍ୱଗଣ ହିଟ୍ଲରୀୟ ଭୀତି-ପ୍ରଦର୍ଶନ ବିରୋଧରେ ତୁଣ୍ଡରୁ ପଦଟିଏ ବି ଉଚ୍ଚାରଣ କଲେ ନାହିଁ । ୨୯ ସେପ୍ଟେମ୍ବର, ୧୯୩୮ରେ ‘ମ୍ୟୁନିକ୍ ଚୁକ୍ତି’ରେ ହିଟ୍ଲର ସହିତ ଚମ୍ବରଲେନ୍ଙ୍କର ନିଆଯାଇଥିବା ଫଟୋଗ୍ରାଫ୍ ଦେଖି ଶ୍ରୀଅରବିନ୍ଦ ମନ୍ତବ୍ୟ ଦେଇଥିଲେ ଯେ ଚମ୍ବରଲେନ୍ ବୁଢ଼ିଆଣୀ ପାଖରେ ପତଙ୍ଗଟିଏ ପରି ଦେଖା ଯାଉଛନ୍ତି — ବୁଢ଼ିଆଣୀ ଫାନ୍ଦରେ ଧରା ପଡ଼ିଯିବା ମୁହୂର୍ତ୍ତର ବିକଳ ଭାବ ଏବଂ ପ୍ରକୃତରେ ସେ ତା’ର ସେହି ଫାନ୍ଦରେ ଧରାପଡ଼ି ଯାଇଥିଲେ । ଶ୍ରୀଅରବିନ୍ଦଙ୍କର ଏହି ଧରଣର ଅନୁପମ ଆମୋଦପ୍ରିୟ କୌତୁକ ଦ୍ୱାରା ଆମର ବାକ୍ୟାଳାପ ବେଶ୍ ସତେଜ ହୋଇ ଉଠୁଥିଲା । ...’’

(‘Twelve Years with Sri Aurobindo’
Ed. 2016, pp. 117 - 119)

ନେଭିଲ୍ ଚମ୍ବରଲେନ୍ (Neville Chamberlain : 1869-1940) ଥିଲେ ବ୍ରିଟିଶ ପ୍ରଧାନମନ୍ତ୍ରୀ (୧୯୩୭-୧୯୪୦) ।

ଶ୍ରୀଅରବିନ୍ଦ ପ୍ରଥମେ ଭାବିଥିଲେ ଅଧୁନାତନ ପରିସ୍ଥିତିରେ ‘ମାନବଜାତିର ଅଦୃଶ୍ୟ ନିୟତିର ଭାଗ୍ୟନିୟନ୍ତା’ ସ୍ୱରୂପ ହୋର୍-ବେଲିଶା ହେଉଛନ୍ତି ଦିବ୍ୟଶକ୍ତିର ଉପଯୁକ୍ତ ମାଧ୍ୟମ, ଅର୍ଥାତ୍ ‘ମିତ୍ରଶକ୍ତି’ର ମାଧ୍ୟମ । ହୋର୍ ବେଲିଶା (Hore-Belisha) ଥିଲେ ୧୯୩୭ ରୁ ୧୯୪୦ ପର୍ଯ୍ୟନ୍ତ ବିଶ୍ୱଯୁଦ୍ଧର ବ୍ରିଟିଶ ସେକ୍ରେଟାରୀ । ୧୯୩୯ର ପ୍ରାରମ୍ଭରେ ସେ ଗ୍ରେଟ୍ ବ୍ରିଟେନ୍‌ରେ ସାର୍ବଜନୀନ ଭାବରେ ବାଧ୍ୟତାମୂଳକ ସୈନ୍ୟ ଶ୍ରେଣୀଭୁକ୍ତ ହୋଇ ଉଠିବାର ଅଧ୍ୟାଦେଶ ପ୍ରଣୟନ କଲେ । କିନ୍ତୁ ସେହି ମୁହୂର୍ତ୍ତରେ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ୍ (Winston Churchill : 1874 - 1965) ଥିଲେ ବ୍ରିଟିଶ ପ୍ରଧାନ ମନ୍ତ୍ରୀ (୧୯୪୦ରୁ ୧୯୪୫), ସେ ତାଙ୍କର ଯଥାର୍ଥ ମାନସିକ ଓ ନୈତିକ ଗୁଣ ସହିତ ଦଣ୍ଡାୟମାନ ହେଲେ । ଚମ୍ବରଲେନ୍ଙ୍କ ବଦଳରେ ସେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ପଦରେ ଅଭିଷିକ୍ତ ହେଲେ । ଏହି ପରିବର୍ତ୍ତନରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଦିବ୍ୟ ସମର୍ଥନ ରହିଥିଲା । ପରିଶେଷରେ ଦିବ୍ୟଶକ୍ତି ପ୍ରୟୋଗରେ ଶ୍ରୀମାଶ୍ରୀଅରବିନ୍ଦ ଏକ ବଳିଷ୍ଠ ମାଧ୍ୟମ ଲାଭ କଲେ । ଚର୍ଚ୍ଚିଲ୍ ଯେ ପ୍ରତ୍ୟକ୍ଷ ଭାବରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ରହିଥିଲେ, ଏହାର ବେଶ୍ ପ୍ରମାଣ ରହିଛି । ଶ୍ରୀଅରବିନ୍ଦଙ୍କ ସହିତ ‘କଥୋପକଥନ’ ସମୟରେ ଯେତେବେଳେ ସାଧକ ପୁରାଣୀ ତାଙ୍କୁ ଚର୍ଚ୍ଚିଲ୍‌ଙ୍କର ଦେଶବାସୀଙ୍କୁ ପ୍ରଦତ୍ତ ବିଖ୍ୟାତ ଭାଷଣର ଭୂରି ଭୂରି ପ୍ରଶଂସା କରି କହିଲେ, ଶ୍ରୀଅରବିନ୍ଦ ଅଳ୍ପ କଥାରେ କହିଥିଲେ, ‘ହଁ, ସେ ଅନୁପ୍ରେରିତ ଥିଲେ ।’ (Yes, he was inspired) ।

ମାଗ୍‌ଗି ଲିଡ୍‌ଚି ଗ୍ରାସ୍‌ସି, ଯିଏକି ଶ୍ରୀମା’ଙ୍କୁ ଅବାଧରେ ସାକ୍ଷାତ୍ କରି ପାରୁଥିଲେ, ଶ୍ରୀମା ତାଙ୍କୁ କହିଥିଲେ ଯେ ଚର୍ଚ୍ଚିଲ୍‌ଙ୍କ ବିଖ୍ୟାତ ଭାଷଣସବୁ ବେତାର ଯୋଗେ ପ୍ରସାରିତ ହେବା ପୂର୍ବରୁ ଶ୍ରୀଅରବିନ୍ଦ ଚର୍ଚ୍ଚିଲ୍‌ଙ୍କ ମୁହଁରେ କହିବାକୁ ଯାଉଥିବା ବାକ୍ୟସବୁକୁ ଶ୍ରୀମା’ଙ୍କୁ ଶୁଣାଉ ଥିଲେ ଏବଂ ଭାଷଣର କେତୋଟି ନିର୍ଦ୍ଦିଷ୍ଟ ଅଂଶକୁ ଚର୍ଚ୍ଚିଲ୍ ଅକ୍ଷରେ ଅକ୍ଷରେ ପ୍ରକାଶ କରୁଥିଲେ ।

(Maggi Lidchi-Grassi :
‘The Light that Shone in the Deep Abyss’;
p.77 ଦ୍ରଷ୍ଟବ୍ୟ)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ଆଜି ପର୍ଯ୍ୟନ୍ତ କୌଣସି ମୁକ୍ତ ପୁରୁଷ ଗୁରୁବାଦର ବିରୋଧ କରି ନାହାନ୍ତି । ସାଧାରଣତଃ ଯେଉଁମାନେ ମନସ୍ତରରେ ଅଥବା ପ୍ରାଣସ୍ତରରେ ସର୍ବଦା ବାସ କରିଥା’ନ୍ତି, ଯେଉଁମାନଙ୍କର ମନରେ ଅହଂକାର ଓ ପ୍ରାଣରେ ଔଦ୍ଧତ୍ୟ ଥାଏ, ସେମାନେ ଗୁରୁ ବୋଲି କାହାକୁ ସ୍ୱୀକୃତି ଦେବାକୁ ଅସମ୍ମାନଜନକ ମନେ କରିଥା’ନ୍ତି ।

— ଶ୍ରୀଅରବିନ୍ଦ

# ଦେଶର ଭବିଷ୍ୟତ୍ : ଛାତ୍ର

## ରାମକୃଷ୍ଣ ଦାସ

ଦେଶର ଭବିଷ୍ୟତ୍ ନିର୍ଭର କରେ ଛାତ୍ର ଏବଂ ଯୁବକମାନଙ୍କ ଉପରେ । ସେମାନେ ଯଦି ନିଜ ଦାୟିତ୍ୱ ହୃଦୟଙ୍ଗମ କରିପାରିବେ, ତେବେ ସଦ୍‌ଗୁଣ ପ୍ରାପ୍ତ ହେବା ପୂର୍ବରୁ ନେତା ହେବାର ସ୍ୱାର୍ଥ ତ୍ୟାଗ କରିବେ ଏବଂ ବର୍ତ୍ତମାନର ରାଜନୈତିକ ଆଦର୍ଶ ପ୍ରଭାବରୁ ମୁକ୍ତ ହୋଇ ନିଜ ଆନ୍ତର ଚେତନା ଅଥବା ସ୍ୱତନ୍ତ୍ର ବୁଦ୍ଧିରେ ନିରପେକ୍ଷଭାବେ ବର୍ତ୍ତମାନ ଜଗତର ପରିସ୍ଥିତିକୁ ବିଚାର କରିପାରିବେ ଏବଂ ଯଥାର୍ଥ ମାର୍ଗ ମଧ୍ୟ ପ୍ରାପ୍ତ ହୋଇପାରିବେ । ସେଥିରେ ହେବ ନିଜ ଜୀବନର, ପରିବାରର ଓ ଦେଶର ତଥା ଜଗତର ଉନ୍ନତି ଏବଂ ପ୍ରାପ୍ତ ହେବ ସୁଖ-ଶାନ୍ତି ।

ବର୍ତ୍ତମାନ ସମୟରେ ଯେଉଁସବୁ ଶାସନପଦ୍ଧତି ବା ରାଜନୈତିକ ସିଦ୍ଧାନ୍ତ ପ୍ରଚଳିତ ଅଛି ତାହା ଦ୍ୱାରା କୌଣସି ଗୋଟିଏ ଦେଶ ସୁଖ-ଶାନ୍ତିରେ ନାହିଁ । ଏହା ଦ୍ୱାରା ଯେକୌଣସି ଦେଶ ସୁଖ-ଶାନ୍ତି ଓ ଶୃଙ୍ଖଳାରେ ରହିବ ବୋଲି ଆଶା କରିବା ମୃଗତୃଷ୍ଣାରେ ତୃଷା ନିବାରଣ କରିବା ସଦୃଶ ଆଶାକୁ ନିରାଶାରେ ପରିଣତ କରିବା ।

ମନୁଷ୍ୟ ବାହ୍ୟ କର୍ମ କରେ ମନ, ବୁଦ୍ଧି ଓ ପ୍ରାଣର ନେତୃତ୍ୱରେ, ଶରୀର ଦ୍ୱାରା । ମନ, ବୁଦ୍ଧି ଦୁର୍ବଳ ଓ ପ୍ରାଣ ମହାନ୍ ଶକ୍ତିଶାଳୀ ହେଲେ ବ୍ୟକ୍ତି ବୁଦ୍ଧି, କୌଶଳ, କୂଟ, କପଟ ତଥା ପ୍ରାଣଶକ୍ତି ପ୍ରଭାବରେ ଦେଶରେ ନେତୃତ୍ୱ ଲାଭ କରିପାରେ; ପ୍ରାଣଶକ୍ତି ପ୍ରଭାବରେ ନିଜ ସିଦ୍ଧାନ୍ତ ଅନ୍ୟ ଉପରେ ଚାପି ଦେଇପାରେ; ଶକ୍ତି ତଥା ଅସ୍ତ୍ର ପ୍ରଭାବରେ ବହୁ ଦେଶ, ବହୁ ବ୍ୟକ୍ତିଙ୍କୁ ନିଜ ବଶରେ ରଖିପାରେ; କିନ୍ତୁ ତାହା ବହୁ ଦିନ ସ୍ଥାୟୀ ହୋଇ ରହେ ନାହିଁ । କିନ୍ତୁ ମନ-ବୁଦ୍ଧି ସବଳ ଓ ପ୍ରାଣ ଦୁର୍ବଳ ହେଲେ ବ୍ୟକ୍ତି ଉତ୍ତମ ପରାମର୍ଶ ଦେଇପାରେ, ମାତ୍ର ନେତା ହୋଇପାରେ ନାହିଁ ।

ଦେଶସେବା କରିବାକୁ ହେଲେ, ଦେଶରେ ସୁଖ-ଶାନ୍ତି ଓ ଐଶ୍ୱର୍ଯ୍ୟ ପ୍ରତିଷ୍ଠା କରିବାକୁ ହେଲେ ପ୍ରଥମରେ ସ୍ୱାର୍ଥ, ଛନ୍ଦ, କପଟ, ଅସତ୍ୟ, ଅନ୍ୟାୟ ଆଦି ଦୂର କରି ସଦ୍‌ଗୁଣ ଗ୍ରହଣ କରିବାକୁ ହେବ । ଯେପର୍ଯ୍ୟନ୍ତ ଆମେ ନିଜେ ଉତ୍ତମ ଗୁଣ ଗ୍ରହଣ ନକରିବା ସେପର୍ଯ୍ୟନ୍ତ ଜଗତରେ ଆଦର୍ଶବାଦୀ ହୋଇପାରିବା ନାହିଁ; ନିଜ ମଧ୍ୟରେ ସ୍ୱାର୍ଥ, ହିଂସା ବିଦ୍ୟମାନ ଥିବ; ଅନ୍ୟାୟ ଓ ମିଥ୍ୟା ଆଚରଣ କରୁଥିବା; ନିଜ ଅଧିକାର, ନିଜ ନେତୃତ୍ୱ ରକ୍ଷା କରିବା ଓ ନିଜ ସ୍ୱାର୍ଥକୁ ବଜାୟ ରଖିବା ସକାଶେ ସବୁପ୍ରକାର ଛଳ, ପ୍ରପଞ୍ଚ, ମିଥ୍ୟା, ଅସତ୍ୟ, କୂଟ ଓ କପଟ ଦ୍ୱାରା ଅନ୍ୟର ସ୍ୱାର୍ଥରେ ବାଧା ଦେଉଥିବା, ଅନ୍ୟର ଅନିଷ୍ଟ କରୁଥିବା; ଆମରି ଆଦର୍ଶରେ ଆମରି ଦ୍ୱାରା ଦେଶ ସୁଖ, ଶାନ୍ତିରେ ରହିବ ବୋଲି ଆଶା କରିବା ଏକେବାରେ ଭ୍ରମ, ଦୁରାଶା ଛଡ଼ା ଆଉ କିଛି ନୁହେଁ ।

ବର୍ତ୍ତମାନ ମନ-ନିର୍ଦ୍ଧାରିତ ନୈତିକ ଯୁଗ ଶେଷ ହୋଇଛି । ଜଗତରେ ନୂତନ ସତ୍ୟଯୁଗର ସତ୍ୟ, ନ୍ୟାୟ, ଶୃଙ୍ଖଳା ଓ ଐଶ୍ୱର୍ଯ୍ୟ ପ୍ରତିଷ୍ଠା ହେବାର ସମୟ ଆସିଛି । ଛାତ୍ର ଏବଂ ଯୁବକମାନେ ଏହି ସତ୍ୟକୁ ଗ୍ରହଣ କଲେ ସେମାନେ ଉତ୍ତମ ରୂପେ ପଢ଼ିପାରିବେ, କର୍ମ କରିପାରିବେ । ଜୀବନକୁ ନିୟମିତ, ସଂଯତ ଭାବେ ଗଢ଼ିପାରିବେ ଏବଂ ନିଜ ମଧ୍ୟରେ ପରମ ସୁଖ, ପରମ ଶାନ୍ତି, ପରମ ସତ୍ୟ, ନ୍ୟାୟ ଓ ସାମ୍ୟ ପ୍ରତିଷ୍ଠା କରିପାରିବେ । ଏହି ସଦ୍‌ଗୁଣବିଶିଷ୍ଟ ବ୍ୟକ୍ତି ହେବେ ନୂତନ ଯୁଗର ଅଗ୍ରଦୂତ ତଥା ସମାଜର ଆଦର୍ଶ ।

ପ୍ରଶ୍ନ : ଆପଣ ଯେଉଁସବୁ ବିଷୟ କହିଲେ ତା'ର ତାତ୍ପର୍ଯ୍ୟ ହେଲା : ''ସଂସାରର ସମସ୍ତ ବ୍ୟକ୍ତିଙ୍କର ଜୀବନର ଲକ୍ଷ୍ୟ ପରମାନନ୍ଦମୟ ଐଶ୍ୱର୍ଯ୍ୟପୂର୍ଣ୍ଣ ଜୀବନ । ଏହା ପ୍ରାପ୍ତ ହୁଏ ମନ-ପ୍ରାଣ-ଶରୀର ଏବଂ ଆତ୍ମାର ବିକାଶ ତଥା ଆତ୍ମ-ଧର୍ମରେ ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବାରେ । ଏହି ଲକ୍ଷ୍ୟ ସିଦ୍ଧି ଛଡ଼ା ବ୍ୟକ୍ତି ସ୍ୱୟଂ ସୁଖ-ଶାନ୍ତିରେ ରହିପାରେ ନାହିଁ କିଂବା ସଂସାରରେ ସୁଖ-ଶାନ୍ତି, ଐଶ୍ୱର୍ଯ୍ୟ, ସାମ୍ୟ, ମୈତ୍ରୀ ପ୍ରତିଷ୍ଠା ହୋଇପାରେ ନାହିଁ ।

ଆମର ପ୍ରଥମ ପ୍ରଶ୍ନ ହେଲା : ଆପଣଙ୍କ କହିବା ଅନୁସାରେ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଗୋଟିଏ ନୁହେଁ, ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଭିନ୍ନ । ଆମେ ଦେଖୁଛୁ କାହାର ଲକ୍ଷ୍ୟ ପଢ଼ିବା, କାହାର ଦେଶନେତା ହେବା, କାହାର ବିଜ୍ଞାନ ସାହାଯ୍ୟରେ ନୂତନ ବସ୍ତୁ ଆବିଷ୍କାର କରିବା ଇତ୍ୟାଦି ବହୁ ଲକ୍ଷ୍ୟ । ତେବେ ପ୍ରତ୍ୟେକ ବ୍ୟକ୍ତିର ଗୋଟିଏ ଲକ୍ଷ୍ୟ କିପରି ?

ଦ୍ୱିତୀୟ ପ୍ରଶ୍ନ ହେଲା : ଯଦି ମାନି ନେବାକୁ ହୁଏ ଯେ ପ୍ରତ୍ୟେକ ବ୍ୟକ୍ତିର ଗୋଟିଏ ଲକ୍ଷ୍ୟ, ତେବେ ଆଜି ପର୍ଯ୍ୟନ୍ତ ଯେଉଁ ଲକ୍ଷ୍ୟ-ସିଦ୍ଧି ହୋଇ ନାହିଁ, ଆଜି ତାହା ସିଦ୍ଧ ହେବ କିପରି ?

ତୃତୀୟ ପ୍ରଶ୍ନ ହେଲା : ମନ-ପ୍ରାଣ-ଶରୀର ତଥା ଆତ୍ମାର ଗୁଣ-ଧର୍ମ କ'ଣ ?

ଉତ୍ତର : ତୁମ ପ୍ରଶ୍ନ ଅନୁସାରେ ଉତ୍ତର ମଧ କ୍ରମାନ୍ୱୟ ଭାବରେ ଦିଆଯିବ ।

ତୁମ ପ୍ରଥମ ପ୍ରଶ୍ନର ଉତ୍ତର ହେଲା ପ୍ରତ୍ୟେକ ବ୍ୟକ୍ତି ଭିନ୍ନ ଭିନ୍ନ ଚାହିଁବା ବସ୍ତୁରେହିଁ ଦୁଃଖବିହୀନ ସୁଖ, ଐଶ୍ୱର୍ଯ୍ୟ ଚାହାନ୍ତି । ଅତଏବ ପ୍ରତ୍ୟେକ ବ୍ୟକ୍ତିର ଏହାହିଁ ଲକ୍ଷ୍ୟ ।

ସଂସାରର ପ୍ରତ୍ୟେକ ବ୍ୟକ୍ତି ଉପସ୍ଥିତ କର୍ମକୁ ଭ୍ରମବଶତଃ ଲକ୍ଷ୍ୟ ବୋଲି ମାନି ନେଇଛନ୍ତି । କିନ୍ତୁ ସେହି କର୍ମରେ ଅଜ୍ଞାତରୂପେ ଦୁଃଖବିହୀନ ପରମ ସୁଖ ତଥା ପରମ ଐଶ୍ୱର୍ଯ୍ୟ ଚାହୁଁଛନ୍ତି । କିନ୍ତୁ ତାହା ବ୍ୟକ୍ତିର ଚେତନାରେ ସ୍ପଷ୍ଟ ହୋଇ ନାହିଁ ।

ବ୍ୟକ୍ତି ପଢ଼େ, ବ୍ୟବସାୟ କରେ, ଦେଶସେବା କରେ, ବିଜ୍ଞାନ ଦ୍ୱାରା ନୂତନ ବସ୍ତୁ ଆବିଷ୍କାର କରେ, ଚୋରି କରେ, ଅନ୍ୟକୁ ଠକେ, ଅନ୍ୟ ଦେଶ ଅଧିକାର କରେ କେବଳ ସୁଖ-ଐଶ୍ୱର୍ଯ୍ୟ ଆଶାରେ । ସମସ୍ତ ବ୍ୟକ୍ତିଙ୍କର ଆନ୍ତରିକ ଭାବ ଥାଏ ଯେ ସେମାନେ ସମସ୍ତ କିଛି ଜାଣିବେ, ମାନ-ଯଶଃ-ପ୍ରତିଷ୍ଠା, ସମ୍ମାନ ପ୍ରାପ୍ତ ହେବେ ଏବଂ ସୁଖ-ଶାନ୍ତିରେ ବାସ କରିବେ । ଏହି କାରଣରୁ କୌଣସି ଗୋଟିଏ ବ୍ୟକ୍ତି ସ୍ୱଇଚ୍ଛା ବା ପ୍ରସନ୍ନତାରେ ଦରିଦ୍ର ହେବା, ଅନ୍ୟର ଅଧୀନ ହେବା, ଅନ୍ୟଠାରୁ ଛୋଟ ହେବା, ଅନ୍ୟଠାରୁ କମ୍ ଜାଣିବା ବା କମ୍ ଜ୍ଞାନ ପ୍ରାପ୍ତ ହେବା, ଅନ୍ୟଠାରୁ କମ୍ ଶକ୍ତିଶାଳୀ ହେବା, ଅନ୍ୟଠାରୁ କର୍ମରେ କମ୍ ଦକ୍ଷତା ଲାଭ କରିବା, ରୋଗୀ ହେବା, ବୃଦ୍ଧ ହେବା, ମୃତ୍ୟୁ ବରଣ କରିବା, ଅଶାନ୍ତି, ଦୁଃଖ, କଷ୍ଟ ଭୋଗିବାକୁ ଚାହାନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତିଙ୍କର ଏସବୁକୁ ନ ଚାହିଁବାର ସ୍ପଷ୍ଟ ପ୍ରମାଣ ହେଉଛି ଏହାର ବିପରୀତ ପରମ ଜ୍ଞାନ, ଶକ୍ତି, ଐଶ୍ୱର୍ଯ୍ୟ, ପରମାନନ୍ଦ ପ୍ରାପ୍ତିହିଁ ଏକମାତ୍ର ଲକ୍ଷ୍ୟ ।

ବ୍ୟକ୍ତି ଯେଉଁ ସକାଶେ କର୍ମ କରେ ତାହା ଗଭୀର ଭାବେ ବିଚାର କରେ ନାହିଁ । ସେଥିପାଇଁ ନିଜର ଯଥାର୍ଥ ଲକ୍ଷ୍ୟର ଜ୍ଞାନ ପ୍ରାପ୍ତି କରି ପାରେ ନାହିଁ । ଲକ୍ଷ୍ୟ ନଜାଣି, ତାହା ପ୍ରାପ୍ତିର ପ୍ରଯତ୍ନ କରିବା ଯୋଗୁଁ ବ୍ୟକ୍ତି ତାହାର ଯଥାର୍ଥ ସୁଖ ଓ ଆନନ୍ଦରୁ ବଞ୍ଚିତ ହୋଇଥାଏ ତଥା ଲକ୍ଷ୍ୟର ବିପରୀତ ଦୁଃଖ-କଷ୍ଟ ବରାବର ଭୋଗୁଥାଏ ।

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିର ଭିନ୍ନ ଭିନ୍ନ କର୍ମ ହେବା ସତ୍ତ୍ୱେ ସମସ୍ତ ବ୍ୟକ୍ତି ସେହି କର୍ମରେ ଅସ୍ପଷ୍ଟ ଅଜ୍ଞାନ ଭାବେ ଦୁଃଖ-କଷ୍ଟ-ଦାରିଦ୍ର୍ୟବିହୀନ ପରମାନନ୍ଦ, ପରମ ଐଶ୍ୱର୍ଯ୍ୟ ଚାହାନ୍ତି । ଏହି ଅସ୍ପଷ୍ଟ ଚାହିବାହିଁ ପ୍ରକୃତରେ ସମସ୍ତ ବ୍ୟକ୍ତିଙ୍କର ଜୀବନର ଲକ୍ଷ୍ୟ । ଏହା ବୁଝିପାରିଲି । କିନ୍ତୁ ଯେଉଁ ଲକ୍ଷ୍ୟ ଆଜି ପ୍ରାପ୍ତ ହୋଇ ନାହିଁ, ତାହା ଯେ ଭବିଷ୍ୟତରେ ପ୍ରାପ୍ତ ହେବ — ଏହାର ପ୍ରମାଣ କ'ଣ ? (ଏହାହିଁ ଥିଲା ଆମର ଦ୍ୱିତୀୟ ପ୍ରଶ୍ନ)

ଉତ୍ତର : ଆଜି ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି ଜୀବନର ଏହି ଲକ୍ଷ୍ୟକୁ ଚାହିଁ ନାହାନ୍ତି; ସେହି ସକାଶେ ତାହା ପ୍ରାପ୍ତ ହୋଇ ନାହାନ୍ତି । ଆଜି ଚାହିଁଲେ ତାହା ପ୍ରାପ୍ତ ହେବେ । ବ୍ୟକ୍ତିର ଚାହିଁବାହିଁ ଲକ୍ଷ୍ୟ ପ୍ରାପ୍ତିର ପ୍ରମାଣ ।

ଆଜି ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି ଜୀବନର ଏହି ଲକ୍ଷ୍ୟ ସମ୍ବନ୍ଧରେ ସଚେତନ ହୋଇ ନାହାନ୍ତି । ଲକ୍ଷ୍ୟ ସ୍ପଷ୍ଟ ନଥିବାରୁ ତାହାର ପ୍ରାପ୍ତି ନିମିତ୍ତ ଅନ୍ୟାନ୍ୟ ସମସ୍ତ ଚାହିଁବାକୁ ବିଲୀନ କରି ନାହାନ୍ତି । ଶ୍ରୀମାଶ୍ରୀଅରବିନ୍ଦ ବ୍ୟକ୍ତିର ଜୀବନରେ ଏହି ପରିପୂର୍ଣ୍ଣ ଲକ୍ଷ୍ୟର ସନ୍ଧାନ ଦେଇଛନ୍ତି । ଲକ୍ଷ୍ୟ-ପ୍ରାପ୍ତିର ସମସ୍ତ ଚାହିଁବାକୁ ଏକତ୍ରିକ କରିବା ସକାଶେ ଅତିମାନସ ଶକ୍ତି ଦ୍ୱାରା ଆତ୍ମ-ଧର୍ମରେ ମନ-ପ୍ରାଣ-ଶରୀରର ରୂପାନ୍ତର କରିବାର ଉପାୟ ମଧ ବତାଇ ଦେଇଛନ୍ତି । ଆମ୍ଭେମାନେ ସେହି ଉପାୟରେ ଭିନ୍ନ ଭିନ୍ନ ବସ୍ତୁର ଚାହିଁବାକୁ ଲକ୍ଷ୍ୟ-ପ୍ରାପ୍ତିର ଚାହିଁବାରେ ଏକ କରି ପାରିଲେ ଲକ୍ଷ୍ୟ-ସିଦ୍ଧି କରିପାରିବା ।

ବ୍ୟକ୍ତିର ଚାହିଁବା ବହୁମୁଖୀ ଥାଏ । ସେ ପ୍ରତି ମୁହୂର୍ତ୍ତରେ ଭିନ୍ନ ଭିନ୍ନ ବସ୍ତୁ ଚାହୁଁଥାଏ । ସେଥିପାଇଁ ତା'ର ଚାହିଁବା ସିଦ୍ଧ ହୁଏ ନାହିଁ ।

ଚାହିଁବା ବସ୍ତୁରେ ବ୍ୟକ୍ତି ଯେତେ ପରିମାଣରେ ଏକାଗ୍ର ହୁଏ ତାହା ସେତେ ପରିମାଣରେ ପୂର୍ଣ୍ଣ ହୁଏ । ଗୋଟିଏ ଚାହିଁବାରେ ସେ ଯଦି ସମସ୍ତ ସତ୍ତାକୁ ଏକାଗ୍ର କରେ ତେବେ ତାହା ପୂର୍ଣ୍ଣରୂପେ ପ୍ରାପ୍ତ ହୁଏ । ଭୌତିକ ବିଜ୍ଞାନବାଦୀମାନେ ନାନା ବସ୍ତୁର ବିଶ୍ଳେଷଣରେ ନିଜ ଚେତନାକୁ ଏକାଗ୍ର କରି ଅସାଧାରଣ ନୂତନ ବସ୍ତୁ ଆବିଷ୍କାର କରନ୍ତି । ଅଧ୍ୟାତ୍ମବାଦୀ ସାଧକ ବା ଯୋଗୀମାନେ ଅଧ୍ୟାତ୍ମ ସାଧନା ଦ୍ୱାରା ଲକ୍ଷ୍ୟରେ ଏକାଗ୍ର ହୋଇ ଭାଗବତ ସ୍ୱରୂପ ପରମାନନ୍ଦ ପରମ ଐଶ୍ୱର୍ଯ୍ୟ ପ୍ରାପ୍ତ ହୁଅନ୍ତି ।

ପ୍ରଶ୍ନ : ଦେଶନେତାମାନେ ନିଜ ସିଦ୍ଧାନ୍ତକୁ ଦେଶରେ ପ୍ରତିଷ୍ଠା କରିବାକୁ ଚାହାନ୍ତି । କେହି କେହି ଶତ୍ରୁ ଉପରେ ବିଜୟ ପ୍ରାପ୍ତି କରିବାକୁ ଚାହାନ୍ତି; ଲୋଭୀ ଧନ-ପ୍ରାପ୍ତି କରିବାକୁ ଚାହେଁ ।

ସମସ୍ତ ବ୍ୟକ୍ତି ରୋଗ, ବୃଦ୍ଧତ୍ୱ, ମୃତ୍ୟୁରୁ ମୁକ୍ତ ସୁଖ-ଶାନ୍ତି ଐଶ୍ୱର୍ଯ୍ୟ ଚାହାନ୍ତି; କିନ୍ତୁ ରୋଗ, ବୃଦ୍ଧତ୍ୱ, ମୃତ୍ୟୁର ଯନ୍ତ୍ରଣା, ଦୁଃଖ-କଷ୍ଟ, ଅଭାବ-ଅନଟନ, ଦାରିଦ୍ର୍ୟ ଭୋଗୁଥା'ନ୍ତି । ଏହା ଏକେବାରେ ପ୍ରତ୍ୟକ୍ଷ ଘଟଣା । ଆପଣଙ୍କର କହିବା ଅନୁସାରେ ବ୍ୟକ୍ତିର ଚାହିଁବା ସଫଳ ହୁଏ, ଏହା ବିଶ୍ୱାସ କରିବୁ କିପରି ?

ଉତ୍ତର : ଆପଣ ବିଷୟଟିକୁ ବୁଝି ନପାରିବା ଯୋଗୁଁ ବିଶ୍ୱାସ କରିବାରେ ଅସମର୍ଥ ହୋଇଛନ୍ତି । ପ୍ରଥମରୁ କୁହାଯାଇଛି ବ୍ୟକ୍ତିର ଲକ୍ଷ୍ୟ ବା ଚାହିଁବାରେ ସମସ୍ତ ବିପରୀତମୁଖୀ ଚାହିଁବା ଲୀନ ହୋଇଗଲେ ତାହା ସିଦ୍ଧ ହୁଏ ।

ଦେଶନେତାମାନେ ନିଜର ସିଦ୍ଧାନ୍ତ ଦେଶରେ ପ୍ରତିଷ୍ଠା କରିବାକୁ ଚାହାନ୍ତି । କିନ୍ତୁ ସେଥିରେ ସେମାନଙ୍କର ସନ୍ଦେହ ଥାଏ ଏବଂ ଚାହିଁବା ଏକମୁଖୀ ହୋଇ ନଥାଏ, ସେଥିପାଇଁ ସେମାନଙ୍କ ଚାହିଁବା ସିଦ୍ଧ ହୁଏ ନାହିଁ । ତାହାଛଡ଼ା ଜଣେ ନେତା ଯେଉଁ ମତବାଦ ପ୍ରତିଷ୍ଠା କରିବାକୁ ଚାହାନ୍ତି, ସେହିପରି ଅନ୍ୟ ନେତାମାନେ ତା'ର ବିପରୀତ ବା ବିରୋଧୀ ସିଦ୍ଧାନ୍ତ ପ୍ରତିଷ୍ଠା କରିବାକୁ ସଂକଳ୍ପ ଓ କ୍ରିୟା କରନ୍ତି । ଏହି ଦୁଇଟି ସଂକଳ୍ପର ବାତାବରଣରେ ସଂଘର୍ଷ ହେଉଥାଏ । ଯେଉଁ ସଂକଳ୍ପ ଦୃଢ଼ ହୋଇଥାଏ, ଯେଉଁ ଚାହିଁବାରେ ଅଧିକ ସତ୍ତା ଏକାଗ୍ର ହୁଏ, ସେହି ସିଦ୍ଧାନ୍ତ ଦେଶରେ ପ୍ରତିଷ୍ଠିତ ହୁଏ; କିନ୍ତୁ ଏହିସବୁ ସିଦ୍ଧାନ୍ତ ଲକ୍ଷ୍ୟ-ପ୍ରାପ୍ତିର ମାର୍ଗରୂପେ ଆସିଥିବାରୁ ସ୍ଥାୟୀ ହୋଇ ରହିପାରେ ନାହିଁ । ସାମୟିକରୂପେ ଆବଶ୍ୟକ ଅନୁସାରେ ଆସେ ଏବଂ ଯାଏ । ଏହା ସ୍ଥାୟୀ ହେବ ଆତ୍ମଧର୍ମରେ ବ୍ୟକ୍ତିର ରୂପାନ୍ତରିତ ମନ-ପ୍ରାଣ-ଶରୀର ଦ୍ୱାରା ପୃଥିବୀରେ ଦିବ୍ୟକର୍ମ ପ୍ରତିଷ୍ଠିତ ହେବାରେ । ଅନ୍ୟ ପକ୍ଷରେ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ସୁଖ-ଶାନ୍ତି-ଐଶ୍ୱର୍ଯ୍ୟକୁ ବ୍ୟକ୍ତି ନିଜ ସତ୍ତାର ଗୋଟିଏ ଭାଗରେ ଚାହେଁ; ଅନ୍ୟାନ୍ୟ ବହୁଭାଗରେ ସନ୍ଦେହ, ଅବିଶ୍ୱାସ କରେ ଏବଂ ଚାହିଁବା ବସ୍ତୁରେ ସମସ୍ତ ସତ୍ତା ଏକାଗ୍ର କରିବା ପରିବର୍ତ୍ତେ ପ୍ରତି ମୁହୂର୍ତ୍ତରେ ଭିନ୍ନ ଭିନ୍ନ ବସ୍ତୁ ଚାହେଁ । ତା'ର ଏହି ବହୁମୁଖୀ ଚାହିଁବା ଏପରି ଜଟିଳ ଏବଂ ଏପରି ଦୁର୍ବଳ ହୋଇପଡ଼େ ଯେ ତାକୁ ପ୍ରଶ୍ନ କରାହେଲେ ସେ କ'ଣ ଚାହେଁ ବୁଝିପାରେ ନାହିଁ କି ଉତ୍ତର ଦେଇପାରେ ନାହିଁ । ଚାହିଁବା ବସ୍ତୁରେ ସମଗ୍ର ସତ୍ତା ଏକାଗ୍ର ନ ହେବାରୁ ତାକୁ ତାହା ପ୍ରାପ୍ତ ହୁଏ ନାହିଁ ।

ବ୍ୟକ୍ତିର ଅନେକ ପ୍ରକାରର ଚାହିଁବା ମଧ୍ୟରେ ଯେଉଁ ଚାହିଁବାରେ ଚେତନାର ବା ମନର ଅଧିକ ଏକାଗ୍ରତା ଥାଏ ସେହି ବସ୍ତୁ ଅପୂର୍ଣ୍ଣ ରୂପେ ପ୍ରାପ୍ତ ହୁଏ ।

ପ୍ରଶ୍ନ : ଚାହିଁବା ବସ୍ତୁରେ କୌଣସି ବ୍ୟକ୍ତି ନିଜ ଚାହିଁବା ସିଦ୍ଧ କରିଛନ୍ତି କି ?

ଉତ୍ତର : ନିଜ ଚାହିଁବାରେ ଯେଉଁ ଭୌତିକ ବୈଜ୍ଞାନିକମାନେ ଚେତନାକୁ ଏକାଗ୍ର କରିଛନ୍ତି ସେମାନେ ନୂତନ ବସ୍ତୁ ଆବିଷ୍କାର କରିଛନ୍ତି । ଅଧ୍ୟାତ୍ମବାଦୀମାନେ ଅଧ୍ୟାତ୍ମ-ସାଧନା ଦ୍ୱାରା ନିର୍ବାଣ, ମୁକ୍ତି, ଭଗବତ୍ ପ୍ରାପ୍ତି, ପରମାନନ୍ଦ, ପରମ ସୁଖ, ପରମ ଜ୍ଞାନରେ ନିଜର ସମସ୍ତ ସତ୍ତା ଏକାଗ୍ର କରି ଲକ୍ଷ୍ୟ ସିଦ୍ଧ କରିଛନ୍ତି । ଏହାଛଡ଼ା ସାଧାରଣ ସାଂସାରିକ କର୍ମ – ବିଦ୍ୟାର୍ଜନ, ବ୍ୟବସାୟ, ଚାକିରି, ଦେଶସେବା ଇତ୍ୟାଦିରେ ଯେଉଁ ବ୍ୟକ୍ତି ନିଜ ଚେତନାକୁ ଯେତେ ଏକାଗ୍ର କରିପାରିଛନ୍ତି ସେମାନେ ସେହି ଏକାଗ୍ରତାର ଅନୁପାତରେ ବସ୍ତୁ ମଧ୍ୟ ପ୍ରାପ୍ତି କରିଛନ୍ତି ।

ପ୍ରଶ୍ନ : ବିଦ୍ୟାର୍ଜନ, ବ୍ୟବସାୟ, ଦେଶସେବା ଇତ୍ୟାଦି କୌଣସି ସାଂସାରିକ କାର୍ଯ୍ୟରେ ତଥା ଅଧ୍ୟାତ୍ମ ଲକ୍ଷ୍ୟସିଦ୍ଧିରେ ବହୁମୁଖୀ ଚେତନା ବା ଭିନ୍ନ ଭିନ୍ନ ଚାହିଁବାକୁ ଏକାଗ୍ର କରି, ସେହି ଚାହିଁବାବସ୍ତୁ ପ୍ରାପ୍ତ କରିବା ସକାଶେ ଯଥାର୍ଥ ପ୍ରଯତ୍ନ କରିବାରେ ତାହା ପ୍ରାପ୍ତ ହୁଏ, ଏହା ବୁଝି ପାରିଲୁ । କିନ୍ତୁ ବ୍ୟକ୍ତିର ଲକ୍ଷ୍ୟ ଯେଉଁ ପରମାନନ୍ଦ ପରମ ଐଶ୍ୱର୍ଯ୍ୟ, ତାହା ସିଦ୍ଧ ହୁଏ ଆତ୍ମବିକାଶ ତଥା ଆତ୍ମଧର୍ମରେ ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବାରେ । କିନ୍ତୁ ଆତ୍ମାକୁ ଆମ୍ଭେ ଦେଖୁ ନାହୁଁ । ଡାକ୍ତରମାନେ ବ୍ୟକ୍ତିର ସମସ୍ତ ଅଙ୍ଗ ଅପରେସନ କରି ଆତ୍ମାର ସନ୍ଧାନ ପାଇ ନାହାନ୍ତି । ନ ଦେଖିଥିବା, ସନ୍ଧାନ ନ ପାଇଥିବା ଆତ୍ମାକୁ ଆମ୍ଭେମାନେ ବିଶ୍ୱାସ କରିବୁ କିପରି ?

ଉତ୍ତର : ଡାକ୍ତରମାନେ ବ୍ୟକ୍ତିର ସମସ୍ତ ଶରୀର ଅପରେସନ କରି ମନ-ପ୍ରାଣକୁ ଦେଖି ନାହାନ୍ତି । ସେମାନେ ଦେଖି ନଥିବା ମନ-ପ୍ରାଣକୁ ତୁମେ ବିଶ୍ୱାସ କରୁଛ କିପରି ?

ପ୍ରଶ୍ନ : ମନ-ପ୍ରାଣକୁ ନ ଦେଖି ତା'ର ଗୁଣଧର୍ମରୁ ସେସବୁକୁ ସ୍ୱୀକାର କରୁଛୁ ଏବଂ ତା'ର ବିକାଶ ସକାଶେ ପ୍ରଯତ୍ନ କରୁଛୁ ।

ଉତ୍ତର : ଯେପରି ମନ-ପ୍ରାଣକୁ ନ ଦେଖି ସେସବୁର ଗୁଣଧର୍ମରୁ ସେସବୁକୁ ବିଶ୍ୱାସ କରୁଛନ୍ତି ସେହିପରି ଆତ୍ମାକୁ ନ ଦେଖି ତା'ର ଗୁଣଧର୍ମରୁ ବିଶ୍ୱାସ କରି ତା'ର ବିକାଶ ସକାଶେ ପ୍ରଯତ୍ନ କରିବାରେ କ୍ଷତି କ'ଣ ?

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*,
ପ୍ରଥମ ଖଣ୍ଡ, ପୃଷ୍ଠା : *୭୩୩ - ୭୩୬*) ❑

# ବିକ୍ଷୋଭ ଓ ବିଶୃଙ୍ଖଳା : ଭାରତୀୟମାନଙ୍କ ଭୂମିକା

## ପ୍ରପତ୍ତି

ବର୍ତ୍ତମାନ ଚତୁର୍ଦ୍ଦିଗରେ ଏକ ସର୍ବବ୍ୟାପୀ ଓ ସାମଗ୍ରିକ ବିଶୃଙ୍ଖଳା ଓ ବିକ୍ଷୋଭ ଦେଖା ଦେଇଛି । ଏହାର ପ୍ରଧାନ କାରଣ ହେଉଛି ଏକ ଆଧ୍ୟାତ୍ମିକ ଶକ୍ତିର ଚାପ (pressure) । ଏକ ଅତି ମହାନ୍ ଓ ବିଶାଳ ଆଧ୍ୟାତ୍ମିକ ଶକ୍ତି ପୃଥିବୀର ବାୟୁମଣ୍ଡଳ ମଧ୍ୟରେ ପ୍ରବେଶ କରିବା ଫଳରେ ପୁରାତନ ସକଳବସ୍ତୁ ଉପରେ ନାହିଁ ନଥିବା ଚାପ ପଡୁଛି । ଶ୍ରମିକମାନେ ଯେପରି ମାଲିକକୁ ଘେରାଉ କରନ୍ତି ବା ଛାତ୍ରମାନେ ଯେପରି ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ଘେରାଉ କରୁଛନ୍ତି, ସେହିପରି ଏକ ପ୍ରଜ୍ଜ୍ୱଳ ଓ ସର୍ବବିଜୟୀ ଆଧ୍ୟାତ୍ମିକ ଆଲୋକ ଏ ପୃଥିବୀକୁ – ଯାହା ଅନ୍ଧକାର ଓ ଦୁଃଖଦୁର୍ଦ୍ଦିନ ମଧ୍ୟରେ ରହି ଆସିଛି – ଘେରାଉ କରିଛି । ଏହି ମହାନ୍ ଅଧ୍ୟାତ୍ମ ଆଲୋକ ପୃଥିବୀରେ ସତ୍ୟ, ଶାନ୍ତି, ଆଲୋକ ଓ ସମତା ପ୍ରତିଷ୍ଠା କରିବାକୁ ଚାହେଁ, ମନୁଷ୍ୟକୁ ପଶୁ ସ୍ତରରୁ ଉନ୍ନତ ସ୍ତରକୁ ଉଠାଇ ନେବାକୁ ଚାହେଁ । ପ୍ରଥମତଃ, ମନୁଷ୍ୟ ଅନ୍ଧ ଓ ଅଜ୍ଞାନ ହୋଇଥିବାରୁ ଏହି ଶକ୍ତିର କ୍ରିୟା, ଚାପ, ମୁହୁର୍ମୁହୁଃ ଆଘାତ ଓ ଆହ୍ୱାନକୁ ବୁଝି ପାରୁନି । ସେ ପୁରାତନ କର୍ମ, ପୁରାତନ ଜୀବନଧାରା, ପୁରାତନ ନୀତି-ନିୟମ, ପୁରାତନ ପ୍ରଣାଳୀକୁ ଛାଡ଼ିବାକୁ ନାରାଜ । ସେ ଅନ୍ଧକାର, ଅଜ୍ଞାନତା ଭିତରେ ରହି ରହି ଆଉ ଆଲୋକ ଆଡ଼କୁ ଚାହିଁବାକୁ ଇଚ୍ଛା କରୁ ନାହିଁ । କ୍ରୀତଦାସମାନଙ୍କର ବ୍ୟବସାୟ ଲୋପ ପାଇଲା ବେଳେ ଅନେକ କ୍ରୀତଦାସ ଆପତ୍ତି କଲେ ଯେ ସେମାନେ ସ୍ୱାଧୀନ ହେବାକୁ ଚାହାଁନ୍ତି ନାହିଁ । ସେହିପରି ବର୍ତ୍ତମାନ ନୂତନ ଆଲୋକ, ନୂତନ ସତ୍ୟ, ନୂତନ ଜୀବନ ଓ ନୂତନ ସମାଜକୁ ଗ୍ରହଣ କରିବାକୁ ମନୁଷ୍ୟକୁ ଭୟ ଲାଗୁଛି, ସେ ଆଲୋକମୁଖୀ ଓ ସତ୍ୟମୁଖୀ ହେବାକୁ ମର୍ମେ ମର୍ମେ ଭୟ କରୁଛି; କାରଣ ତାକୁ ସବୁ କିଛି ପୁରାତନ ନୀତି-ନିୟମ ଓ ବ୍ୟବସ୍ଥାକୁ ଛାଡ଼ିବାକୁ ପଡ଼ିବ । ଦ୍ୱିତୀୟତଃ, ଆଲୋକ ଓ ଚାପ ଫଳରେ ଅନ୍ଧକାର ଓ ଅବିଦ୍ୟାର ରାଜତ୍ୱ ପୃଥିବୀରୁ ଚାଲିଯିବ । ସେଥିପାଇଁ ଅନ୍ଧକାର ଓ ଅବିଦ୍ୟାର ପ୍ରଭୁ ଆସୁରିକ ସତ୍ତାଗଣ ଘୋର ବିଦ୍ରୋହ କରୁଛନ୍ତି ଓ କରିବେ । ଏହି ଆସୁରିକ ଶକ୍ତିର ପ୍ରବଳ ପ୍ରତିରୋଧ ଦେଖାଦେବ ଓ ସଂଗ୍ରାମ ଅତି ଭୟଙ୍କର ହେବ । ଆସୁରିକ ଶକ୍ତିର ଯନ୍ତ୍ର ହୋଇ ମନୁଷ୍ୟ ଦିବ୍ୟ ରାଜ୍ୟ ପ୍ରତିଷ୍ଠା ବିରୋଧରେ ଦୁରନ୍ତ ସଂଗ୍ରାମ କରିବ ଏବଂ ଏହା ଫଳରେ ଘୋର ହିଂସାକାଣ୍ଡ ଓ ଉନ୍ମତ୍ତତା ଦେଖାଦେବ । ସୁତରାଂ ବର୍ତ୍ତମାନ ଯେଉଁ ବିକ୍ଷୋଭ ଓ ବିଶୃଙ୍ଖଳା ଦେଖା ଦେଇଛି ତାହା ଅଯଥାର୍ଥ ନୁହେଁ ବା ଆଶ୍ଚର୍ଯ୍ୟର ବିଷୟ ନୁହେଁ ।

ଏହି ବିକ୍ଷୋଭ ଓ ବିପର୍ଯ୍ୟୟର ପ୍ରଧାନ ଯନ୍ତ୍ର ହେଲେ ଛାତ୍ର ଓ ଯୁବକ ଗୋଷ୍ଠୀ, କାରଣ ସେମାନେହିଁ ନୂତନ ସଂସାର ଓ ନୂତନ ପୃଥିବୀର ଅଧିକାରୀ ହେବେ । ସେମାନଙ୍କ ମଧ୍ୟରେ ସ୍ୱାର୍ଥ ଓ ଅହଙ୍କାର କମ୍ ଥିବାରୁ ସେମାନେ ସହଜରେ ଅନ୍ୟ ଶକ୍ତି ହାତରେ ପଡୁଛନ୍ତି । ସେମାନଙ୍କ ମଧ୍ୟରେ ଯେଉଁ ବିଶୃଙ୍ଖଳା ଦେଖା ଦେଇଛି, ତାହା ପ୍ରକୃତରେ ବିଶୃଙ୍ଖଳା ନୁହେଁ । ଆମର ପୁରାଣପଣ୍ଡାମାନେ ଯାହାକୁ ବିଶୃଙ୍ଖଳା ବୋଲି କହି ଏହି ଆନ୍ଦୋଳନକୁ ଚାପି ଦେବାକୁ ଚାହାଁନ୍ତି ତାହା କେବେ ବି ସମ୍ଭବ ହେବ ନାହିଁ; ଆଉ ମଧ୍ୟ ଏହି ବିଶୃଙ୍ଖଳା ଓ ବିକ୍ଷୋଭ ଏହା ଦ୍ୱାରା ଦବି ଯିବ ନାହିଁ । ଏହି ଯୁଗ-ବିକ୍ଷୋଭର ଅର୍ଥ ନୂତନର ପୁରାତନ ସଙ୍ଗେ ଲଢ଼େଇ, ଏହି ବିକ୍ଷୋଭ ଓ ବିପର୍ଯ୍ୟୟ ମଧ୍ୟରୁ ନୂତନ ସୃଷ୍ଟିର ଉଦ୍ଭବ ହେବ । ସୁତରାଂ ଆମ ସମ୍ମୁଖରେ ସ୍ୱଷ୍ଟତଃ ଦୁଇଟି ପଥ ପରିଷ୍କାର ରହିଛି : ଏହା ନିଶ୍ଚିତ ଯେ ଏହି ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଓଲଟି ଯିବ, ଅର୍ଥାତ୍ ଭାଙ୍ଗିଯିବ । ପୁରୁଣା ବ୍ୟବସ୍ଥା ଧ୍ୱଂସ ହୋଇଯିବ । ଏହି କ୍ଷେତ୍ରରେ ଆମ୍ଭେମାନେ ଏହି ବ୍ୟବସ୍ଥାକୁ ଭାଙ୍ଗିବା ପାଇଁ ଭାଙ୍ଗିବା, ଧ୍ୱଂସ ପାଇଁ ଧ୍ୱଂସ କରିବା, ଅସନ୍ତୋଷ ଓ ନୈରାଶ୍ୟରୁ ସବୁକିଛିକୁ ପୋଡ଼ି ଜାଳି ଦେବା । ଏହା ହେଲା ମୂର୍ଖ ଭାବେ ଝଗଡ଼ା ଓ କଳି କରି ପୁରୁଣା ବ୍ୟବସ୍ଥାକୁ ଭାଙ୍ଗି ଦେବା । ଅନ୍ୟଟି ହେଲା ସଚେତନ ଭାବେ ଦିବ୍ୟସତ୍ୟକୁ ଗ୍ରହଣ କରି ସେହି ଜ୍ୟୋତିଃ ଓ ଶକ୍ତିକୁ ଆବାହନ କଲେ ତାହା ପରିବର୍ତ୍ତନର ଦ୍ୱାର ଖୋଲି ଦେବ । ସେତେବେଳେ ଜାଣିବୁଝି ପୁରୁଣା ବ୍ୟବସ୍ଥାକୁ ନିୟମ ଓ ବିଚାର ଦ୍ୱାରା ଭାଙ୍ଗି ଦେଇ ନୂତନ ବ୍ୟବସ୍ଥାକୁ ଗ୍ରହଣ କରିବାକୁ ହେବ । ଏଥିପାଇଁ ସର୍ବପ୍ରଥମ

କର୍ତ୍ତବ୍ୟ ହେଲା ସତ୍ୟ ନିକଟରେ ଆତ୍ମନିବେଦନ, ଗଭୀର ଆତ୍ମଦାନ, ପୂର୍ଣ୍ଣ ନିଃସ୍ୱାର୍ଥପରତା ଓ ଲୋଭଶୂନ୍ୟତା । ମନୁଷ୍ୟର ଏହି ଗୁଣଗୁଡ଼ିକ ଯାହା ସମାଜରେ ଆଜି ସବୁଠାରୁ ବେଶୀ ଆବଶ୍ୟକ, ତାହାକୁ ନିଜ ଭିତରେ ଯଥାର୍ଥରେ ସ୍ଥାନ ଦେଲେ ସମାଜରେ ଶାନ୍ତି, ସମତା ଓ ନିରାପତ୍ତା ସ୍ଥାପିତ ହେବ । କିନ୍ତୁ ଏଗୁଡ଼ିକ ହେଲା ଆଧ୍ୟାତ୍ମିକ ଗୁଣ । ଏକମାତ୍ର ଉପାୟ ହେଲା ସେହି ମହତ୍ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଜୀବନ ଓ କର୍ମକୁ ପୂର୍ଣ୍ଣ କଲେ ଆମର ବର୍ତ୍ତମାନ ସମସ୍ୟାର ସମାଧାନ ହେବ ।

ବର୍ତ୍ତମାନ ଆମେ ଛାତ୍ରମାନଙ୍କ ପରିସର ମଧ୍ୟକୁ ଆସିବା । ଅନ୍ୟକୁ ଦୁଷ୍ଟ, ଗୁଣ୍ଡା ଓ ଅଭଦ୍ର କହିବା ଏକଚ୍ଛତ୍ରବାଦୀ ମନୋଭାବ । ଆମ ପରିବେଶରେ ଯାହା ଘଟୁଛି ତାହା ପାଇଁ ଆମ୍ଭେମାନେ ବହୁ ଭାବରେ ଦାୟୀ । ହିଂସା, ଦ୍ୱେଷ, ଈର୍ଷାରେ ଆମେ ପୂରି ରହିଛୁ । ସୁତରାଂ ହିଂସାତ୍ମକ କାଣ୍ଡ ଓ ଗୁଣ୍ଡାମି ବାହ୍ୟ ପରିସ୍ଥିତିରେ ଘଟିବା ଅବଶ୍ୟମ୍ଭାବୀ । ଜଣେ ବି ବ୍ୟକ୍ତି ନାହିଁ ଯେ ଚିନ୍ତା ଓ ଭାବନାରେ ହିଂସାଶୂନ୍ୟ, କାରଣ ମନୁଷ୍ୟ ମଧ୍ୟରୁ ଅହଙ୍କାରର ବିଲୋପ ନଘଟିଲେ ସ୍ୱାର୍ଥ ଯାଏ ନାହିଁ । ସ୍ୱାର୍ଥ ଥିବା ଯାଏ ହିଂସା ରହିବହିଁ ରହିବ । ଏକମାତ୍ର ଦିବ୍ୟ ଚେତନାର ଉତ୍ଥାନ ଫଳରେ ବ୍ୟକ୍ତି ଅହଂଶୂନ୍ୟ ହୋଇଥାଏ । ସେ ଅବସ୍ଥାରେ ହିଂସା ଅହିଂସା ବୋଲି କିଛି ରହେ ନାହିଁ – ବ୍ୟକ୍ତି ସେତେବେଳେ ଭଗବତ୍ ଶକ୍ତି ଦ୍ୱାରା ଚାଳିତ ହୋଇ କର୍ମ କରେ ଏବଂ ସଂସାରରେ ଭଗବତ୍ ରାଜ୍ୟ ପ୍ରତିଷ୍ଠାର ଯନ୍ତ୍ର ହୋଇଉଠେ । ସମ୍ଭବ ହେଲେ ଏଥିପାଇଁ ହିଂସା ଓ ରକ୍ତପାତ ଘଟିପାରେ ଅଥବା ଯଥାର୍ଥ ବୁଝାମଣା ଫଳରେ ଶାନ୍ତିପୂର୍ଣ୍ଣ ଉପାୟରେ ଏହି ରାଜ୍ୟ ସ୍ଥାପିତ ହୋଇପାରେ । ହିଂସା ଓ ଅହିଂସା ଉପରେ ଜୋର୍ ନଦେଇ ଜୋର୍ ଦେବାକୁ ହେବ ଦିବ୍ୟ ଚେତନା ଓ ଶକ୍ତିର ଉତ୍ଥାନ ଉପରେ, ଅହଂଶୂନ୍ୟତା ଓ ନିଃସ୍ୱାର୍ଥପରତା ଉପରେ ।

ଯୁବକ ଓ ଛାତ୍ରମାନଙ୍କ ପରିସ୍ଥିତି ଅତି ଦୁର୍ଭାଗ୍ୟଜନକ । ସେମାନଙ୍କର ଅଜ୍ଞାତ ଅସନ୍ତୋଷ ଯଥାର୍ଥରେ ଏକ ଆଧ୍ୟାତ୍ମିକ ଚାପର ପରିଣାମ । ସେମାନଙ୍କୁ ଏହି ପୁରାତନ ବ୍ୟବସ୍ଥା ସମ୍ପୂର୍ଣ୍ଣ ନିରର୍ଥକ ଓ ନିର୍ଜୀବ ବୋଧ ହେଉଛି ।

ଯେଉଁ ପ୍ରଣାଳୀରେ ପରୀକ୍ଷା ହେଉଛି ତାହା ଏକେବାରେ ଉଠିଯିବା ଉଚିତ । ଏହା ଏକେବାରେ ଯାନ୍ତ୍ରିକ ଓ ଅର୍ଥଶୂନ୍ୟ । ଯେଉଁ ପ୍ରଣାଳୀରେ ବିଶ୍ୱବିଦ୍ୟାଳୟ ପରିଚାଳନା, ପାଠପଢ଼ା ଓ ପାଠ୍ୟ ନିୟନ୍ତ୍ରଣ ହେଉଛି ତାହା ଉଠିଯିବା ଉଚିତ । ଛାତ୍ରମାନେ ଏହାର ଘୋର ବିରୋଧୀ । ଶିକ୍ଷାୟତନ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ସଂକୀର୍ଣ୍ଣ ରାଜନୀତିର କୀର୍ତ୍ତିମଣ୍ଡପ ହୋଇ ଉଠିଲାଣି । ଛାତ୍ରମାନଙ୍କୁ ଏହି ସ୍ତରରେ ଗ୍ରହଣ କରାଯାଇ ବିଶ୍ୱବିଦ୍ୟାଳୟ ବ୍ୟବସ୍ଥାରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯାଉ । ଯେଉଁମାନେ ପ୍ରଭୂତ ଅର୍ଥର ଅଧିକାରୀ ହୋଇ ଗଣତନ୍ତ୍ରର ନାମ କହି ସମାଜର ଶୋଷକ ହୋଇଛନ୍ତି ସେମାନେ ଜାଣିଶୁଣି ତଳସ୍ତରକୁ ଓହ୍ଲାଇ ଆସନ୍ତୁ । ରାଜନୀତି କ୍ଷେତ୍ରରେ ଯେଉଁ ସ୍ୱାର୍ଥପରତା, ଅନ୍ୟାୟ ଓ ମିଥ୍ୟାଚାର ଚାଲିଛି ତାହାର ପରିବର୍ତ୍ତନ ହେବା ଏକାନ୍ତ ଆବଶ୍ୟକ । ଜନସମାଜର ଆତ୍ମା ଏହା ବିରୋଧରେ ବିପ୍ଲବୀ ହୋଇ ଉଠୁଛି ।

କିନ୍ତୁ ଏସବୁର ଏକମାତ୍ର ଭିତ୍ତି ଆଧ୍ୟାତ୍ମିକ ଶକ୍ତି ଓ ଚେତନାରେ ପ୍ରତିଷ୍ଠା ଲାଭ କରିବା । ଯଦି ଆମ୍ଭେମାନେ ଆଧ୍ୟାତ୍ମିକ ଶକ୍ତିର ଆଶ୍ରୟରେ ଜୀବନ, କର୍ମ ଓ ସ୍ୱଭାବର ପରିବର୍ତ୍ତନ ନକରି ଊର୍ଦ୍ଧ୍ୱକୁ ଉଠି ନଯାଉ, ତେବେ ଅନ୍ଧକାରରେ ଧ୍ୱଂସ ପାଇବୁ, ନଚେତ୍ ଆସୁରିକ ଶକ୍ତି ଦ୍ୱାରା କବଳିତ ହେବୁ, କମ୍ୟୁନିଜମ୍‌ର ଏକଚ୍ଛତ୍ରବାଦର ରାକ୍ଷସଲୀଳା ମଧ୍ୟରେ ପଡ଼ିବୁ । 'ଗଣତନ୍ତ୍ର' କହି ବୁଲିଲେ ଚଳିବ ନାହିଁ । ଗଣତନ୍ତ୍ର ଅର୍ଥ ସ୍ୱେଚ୍ଛାଚାର-ଭୋଗ ଓ ଅମାପ ବ୍ୟକ୍ତି-ସ୍ୱାଧୀନତା ନୁହେଁ । ଗଣତନ୍ତ୍ରର ଯଥାର୍ଥ ଭିତ୍ତି ଆଧ୍ୟାତ୍ମିକତା । ବ୍ୟକ୍ତିର ଯେଉଁ ସ୍ୱତନ୍ତ୍ରତା ବା ସ୍ୱରାଜ ଆମେ ଚାହୁଁ ତାହା ଏକ ଅଧ୍ୟାତ୍ମବୃତ୍ତି । ଗଣତନ୍ତ୍ରର ପ୍ରତିଷ୍ଠା ନହେଲେ ଆଧ୍ୟାତ୍ମିକ ବିକାଶ ସମ୍ଭବ ନୁହେଁ, ସେହିପରି ଅଧ୍ୟାତ୍ମଭାବ ପ୍ରଚାର ନହେଲେ ଗଣତନ୍ତ୍ର ତିଷ୍ଠି ପାରିବ ନାହିଁ । ଗଣହିଁ ଭଗବାନ୍, ଜନତାହିଁ ଜନାର୍ଦ୍ଦନ, ଜାତିହିଁ ସମଷ୍ଟିଗତ ଦିବ୍ୟଶକ୍ତି; ଏହି ଭାବ ଓ କଥାର ମୂଳଭିତ୍ତି ଆଧ୍ୟାତ୍ମିକ । ଅତଏବ କେତେକ ବ୍ୟକ୍ତି ଏହି ଆଧ୍ୟାତ୍ମିକ ପ୍ରତିଷ୍ଠା ଲାଭ କରିବା ଏକାନ୍ତ ଆବଶ୍ୟକ । ଭାରତରେ ଗଣତନ୍ତ୍ରର ସୁରକ୍ଷା ଏକ ପ୍ରବଳ ଆଧ୍ୟାତ୍ମିକ ଶକ୍ତି ପ୍ରୟୋଗ ଫଳରେ ହେଉଛି । ଫଳରେ ଆସୁରିକ ଶକ୍ତି ଭାରତକୁ କବ୍‌ଜା କରିପାରୁ ନାହିଁ, କିନ୍ତୁ ଘୋର ବିପର୍ଯ୍ୟୟ ଦେଖା ଦେଉଛି ।

ତେବେ ଏଠାରେ ଆମ୍ଭେମାନେ ଯେଉଁ ଅଧ୍ୟାତ୍ମଶକ୍ତିର ବିଷୟ ବାରଂବାର ଉଲ୍ଲେଖ କରୁଛୁ ତାହା ସେହି ପୁରାତନ ଧର୍ମ ଓ ରୀତିନୀତି ବା କ୍ରିୟାକର୍ମର ବିଷୟ ନୁହେଁ; ଅଥବା ମଠ, ମନ୍ଦିର, ଗିର୍ଜା ବା ମସଜିଦର କଥା ନୁହେଁ; ଅଥବା ସଂସାରବର୍ଜନ ବା ନିର୍ବାଣ ବା ମୁକ୍ତିର କଥା ନୁହେଁ । ସେପରି କୌଣସି ଆଧ୍ୟାତ୍ମିକତା ସଂସାର ନିମିତ୍ତ ଆଉ ପର୍ଯ୍ୟାପ୍ତ ନୁହେଁ । ଏହି

ଆଧ୍ୟାତ୍ମିକ ଶକ୍ତି ହେଲା ଅତିମାନସ ଦିବ୍ୟଶକ୍ତି । ଏହା ପୃଥିବୀ, ସଂସାର, ଜୀବନ ଓ କର୍ମକୁ ରୂପାନ୍ତରିତ କରିବ । ବୈଜ୍ଞାନିକ ଶକ୍ତି ବାହ୍ୟ ଜୀବନକୁ ରୂପାନ୍ତରିତ କରିଛି, ସେହିପରି ଅତିମାନସ ଶକ୍ତି ଆନ୍ତର ଜୀବନକୁ ରୂପାନ୍ତରିତ କରି ନୂତନ ମାନବର ଉଦ୍ଭବ ନିମିତ୍ତ ରାସ୍ତା ଖୋଲି ଦେବ ।

ଏହାହିଁ ବର୍ତ୍ତମାନ ପରିସ୍ଥିତି ଏବଂ ଏହି ଭିତ୍ତିରେ ଆମ୍ଭମାନଙ୍କୁ ଅଗ୍ରସର ହେବାକୁ ହେବ ।

(‘ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ’, ପ୍ରଥମ ଖଣ୍ଡ, ପୃ. ୩୨୬ - ୩୨୮)

❑❑❑

# ଅଲିଭା ସଳିତା

## ଦୀପ୍ତି ମିଶ୍ର

ଅୟୁତ ଯୁଗର ଅଲିଭା ସଳିତା
ହେବାକୁ ଚାହୁଁଛି ବୋଲି
ତୁମ ପାଦ ତଳେ ଜନନୀ ଗୋ !
ମୋର ପ୍ରାର୍ଥନା କହୁଛି ଖୋଲି । (ଘୋଷା)

ତୁମ ହାତେ ଗଢ଼ା ଏଇ ଯେ ଦୁନିଆଁ
ଗାଢ଼ ତା’ର ଅନୁଭବ ...
ଯେଉଁଠି ଦେଖୁଛି ମିଛ ମାୟାଭରା
ସମ୍ପର୍କର ପରାଭବ ...
ଦୃଢ଼ କର ତୁମ ସମ୍ପର୍କର ଡୋର
କେବେ ବି ନଯାଉ ଖୋଲି । (୧)

କେତେ ଯେ ସପନ ସାଇତା ଏଇଠି
ଆଖିରେ ଭରିଛ ଆଶା
ପ୍ରେମର ଇନ୍ଧନ ଢାଳୁ ଅଛ ବୋଲି
ଆଲୋକ ମୋର ଭରସା
ସଦା ପ୍ରଦୀପ୍ତ ହେଉ ଏ ଜୀବନ
ଅବସାଦ ଯାଉ ଚାଲି । (୨)



ବଗିଚା ହସୁଛି ଫୁଲ ହସେ ବୋଲି
ମୁଁ ହସିଲେ ତୁମେ ହସ
ଏଇ ଦେହ ମନେ ତୁମରି ଶକତି
ସୃଷ୍ଟିରେ ତୁମ ପ୍ରକାଶ
କର ମୋତେ ତୁମ ଦିବ୍ୟ ଯନ୍ତ୍ରଟିଏ
ଯାହା ତୁମ ବିନା ଖାଲି । (୩)

ଅୟୁତ ଯୁଗର ଅଲିଭା ସଳିତା
ହେବାକୁ ଚାହୁଁଛି ବୋଲି
ତୁମ ପାଦ ତଳେ ଜନନୀ ଗୋ !
ମୋର ପ୍ରାର୍ଥନା କହୁଛି ଖୋଲି । ❑

ତୁମେ ଯଦି ଏକ ଅଧିକ ତ୍ୱରାନ୍ୱିତ ଓ ଉଲ୍ଲେଖଯୋଗ୍ୟ ପ୍ରଗତି ଚାହଁ, ତେବେ ଏକ ନିରବଚ୍ଛିନ୍ନ ଆତ୍ମନିବେଦନ ମଧ୍ୟଦେଇ ତୁମେ ତୁମ ଚୈତ୍ୟସତ୍ତାକୁ ବାହାରକୁ ଆଣିପାରିଲେ ଯାଇ ତାହା ସମ୍ଭବ ହେବ । ଗଭୀର ଭାବରେ ଅଭୀପ୍ସା କର, କିନ୍ତୁ ଅଧୈର୍ଯ୍ୟ ହୋଇ ନୁହେଁ ।

- ଶ୍ରୀଅରବିନ୍ଦ

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୯୮)

**ମହେନ୍ଦ୍ରନାଥ ସ୍ୱାଇଁ**

**ଉପଶମକାରୀ ଶକ୍ତି**

''ଜେନେଭା''ରେ ମାର୍ଚ୍ଚ ୬, ୧୯୧୪ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖନ୍ତି –

''AFTER having suffered acutely from their suffering, I turned towards Thee, trying to heal it by infusing into it a little of that divine Love which is the source of all peace and all happiness. We must not run away from suffering, we must not love and cultivate it either, we must learn how to go deep down into it sufficiently to turn it into a lever powerful enough for us to force open the doors of the eternal consciousness and enter the serenity of Thy unchanging Oneness.

"Surely this sentimental and physical attachment which causes an agonizing wrench when bodies are separated, is childish from a certain point of view, when we contemplate the impermanence of outer forms and the reality of Thy essential Oneness; but, on the other hand, is not this attachment, this personal affection, an unconscious effort in men to realise outwardly, as far as possible, that fundamental oneness towards which they always move without even being aware of it? And precisely because of that, is not the suffering that separation brings one of the most effective means of transcending this outer consciousness, of replacing this superficial attachment by the integral realisation of Thy eternal Oneness?

"This is what I wished for them all; this is what I ardently willed for them, and that is why, assured of Thy victory, certain of Thy triumph, I confided their grief to Thee that by illuminating it Thou mayst heal it.

"O Lord, grant that all this beauty of affection and tenderness may be transformed into glorious knowledge.

"Grant that the best may emerge from everything and Thy happy Peace reign over the earth."

(Prayers and Meditations, p. 89-90)

''ସେମାନଙ୍କ ଦୁଃଖରେ ଯେତେବେଳେ ମୁଁ ପ୍ରକୃତରେ ଦୁଃଖ ପାଇଲି, ସେତେବେଳେ ସେଇ ଦୁଃଖ ନିରାକରଣର ଚେଷ୍ଟାରେ ତୁମ ଅଭିମୁଖୀ ହେଲି, ତୁମର ସମସ୍ତ ଶାନ୍ତି ଓ ଆନନ୍ଦର ଉତ୍ସ ଦିବ୍ୟ ପ୍ରେମରୁ ସାମାନ୍ୟ କିଛି ତନ୍ମଧ୍ୟରେ ଢାଳି ଦେବାକୁ । ଆମେ ଦୁଃଖ-ଯନ୍ତ୍ରଣା ଭିତରୁ ଛାଟିପିଟି ହୋଇ ପଳାଇଯିବା ଉଚିତ ନୁହେଁ, ଅନ୍ୟପକ୍ଷରେ ଏହାକୁ ଭଲ ପାଇବା ଅଥବା ଆମ ଭିତରେ ଏହାକୁ ପୋଷଣ କରିବା ମଧ୍ୟ ଉଚିତ ନୁହେଁ, ଆମେ ଶିକ୍ଷା କରିବା ଆବଶ୍ୟକ ଯେ କିପରି ଏହାର ଗଭୀରକୁ ଯାଇପାରିବା ଏବଂ ଏହି ଯନ୍ତ୍ରଣାକୁ ଏକ ଶକ୍ତିଶାଳୀ ଭାରଦଣ୍ଡ ବା leverରେ ପରିଣତ କରିଦେବା ଯାହା ଶାଶ୍ୱତ ଚେତନାର ଦ୍ୱାରମାନଙ୍କୁ ଜୋର୍ କରି ଖୋଲି ଦେବାରେ ସହାୟକ ହେବ ଏବଂ ତୁମର ଅପରିବର୍ତ୍ତନୀୟ ଅଦ୍ୱିତୀୟ ଐକ୍ୟ (Oneness)ର ବଳୟ ଭିତରକୁ ପ୍ରବେଶ କରିବାରେ ମଧ୍ୟ ସାହାଯ୍ୟ କରିବ ।

''ନିଶ୍ଚିତ ଭାବରେ ଏହି ସମ୍ବେଦନଶୀଳ ଏବଂ ଶାରୀରିକ ଆସକ୍ତି ଯାହା ଶରୀରର ବିଚ୍ଛେଦରେ ଯନ୍ତ୍ରଣାଦାୟକ

ବେଦନା ସୃଷ୍ଟି କରେ ତାହା କେତେକ ନିର୍ଦ୍ଦିଷ୍ଟ ଦୃଷ୍ଟିରୁ ପିଲାଳିଆମୀ ପରି ମନେ ହୁଏ । ଆମେ ଯେତେବେଳେ ବାହ୍ୟ ରୂପମାନଙ୍କର ଅବାସ୍ତବ ସ୍ୱରୂପକୁ ଧରି ବିଚାର କରୁ, ସେତେବେଳେ ତୁମ ସହିତ ଅତି ଆବଶ୍ୟକ ହେଉଥିବା ଐକାନ୍ତିକ ଭାବର ବାସ୍ତବତାକୁ ବି ଅନୁଭବ କରିଥାଉ । କିନ୍ତୁ ଅନ୍ୟପକ୍ଷରେ ଏହି ଆସକ୍ତି, ବ୍ୟକ୍ତିଗତ ଶ୍ରଦ୍ଧା ଏବଂ ମନୁଷ୍ୟମାନଙ୍କ ଭିତରେ ବାହ୍ୟ ସ୍ତରରେ ଅନୁଭବ କରିବାର ଅଚେତନ ପ୍ରଚେଷ୍ଟା, ଯେତେଦୂର ସମ୍ଭବ ସେହି ମୌଳିକ ଏକତ୍ୱ ଆଡ଼କୁ ସେମାନେ ସର୍ବଦା ଗତି କରି ଚାଲିଛନ୍ତି ସମ୍ପୂର୍ଣ୍ଣ ଅଜ୍ଞାତରେ ? ମୋଟାମୋଟି ଭାବରେ ଏହି ବାହ୍ୟ ଚେତନାକୁ ଉପରକୁ ଉଠାଇ ନେବା ପାଇଁ ବିଚ୍ଛେଦଜନିତ ଦୁଃଖ-ଯନ୍ତ୍ରଣା କ'ଣ ଏକ ଫଳପ୍ରଦ ମାଧ୍ୟମ ନୁହେଁ କି ? ଲୋକ ଦେଖାଣିଆ ଅନ୍ତରଙ୍ଗତା ଏବଂ ସଂଯୁକ୍ତ ଆତ୍ମୀୟତା ଭାବର ସ୍ଥାନରେ ତୁମର ଚିରନ୍ତନ ଏକତ୍ୱର ପୂର୍ଣ୍ଣାଙ୍ଗ ଅନୁଭବ ସ୍ଥାପନ କରିବା କ'ଣ ସମ୍ଭବପର ନୁହେଁ ?

''ଏହିସବୁ କଥା ମୁଁ ସେ ସମସ୍ତଙ୍କ ପାଇଁ ଆଶା କରୁଛି; ଏସବୁକୁ ମୁଁ ଏକାନ୍ତ ଭାବରେ ସେମାନଙ୍କ ନିମନ୍ତେ ଇଚ୍ଛା କରୁଛି, ସେହି କାରଣରୁ ତୁମର ବିଜୟରେ ସ୍ଥିର ନିଶ୍ଚିତ ହୋଇ ସେମାନଙ୍କର ଦୁଃଖ ଅବସାଦକୁ ବିଶ୍ୱାସପୂର୍ବକ ତୁମକୁ କହୁଛି, କାରଣ ତୁମେ ତୁମର ଦିବ୍ୟାଲୋକ ଦ୍ୱାରା ଏଗୁଡ଼ିକୁ ଉପଶମ କରିଦେଇ ପାରିବ ।

''ହେ ପ୍ରଭୁ, ଏହାହିଁ କର ଏହି ସୌନ୍ଦର୍ଯ୍ୟର ଅନ୍ତରଙ୍ଗତା ଏବଂ କୋମଳ ଶ୍ରଦ୍ଧାଭାବ ଯେପରି ରୂପାନ୍ତରିତ ହୋଇପାରିବ ତୁମର ମହିମମୟ ଜ୍ଞାନରେ ।

''ହେ ପ୍ରଭୁ, କୃପାକର ଯାହା ଫଳରେ ପ୍ରତ୍ୟେକ ଜିନିଷ ଭିତରୁ ଯାହାକିଛି ସର୍ବୋତ୍ତମ ତାହା ବାହାରକୁ ବାହାରି ଆସୁ ଏବଂ ତୁମର ଆନନ୍ଦମୟ ପ୍ରଶାନ୍ତି ସମଗ୍ର ପୃଥିବୀକୁ ଶାସନ କରୁ ।''

ମାର୍ଚ୍ଚ ୧୯୧୪ର ପ୍ରଥମ ସପ୍ତାହରେ ମା' ତାଙ୍କ ଜନ୍ମଭୂମି ଫ୍ରାନ୍ସ ଦେଶର ରାଜଧାନୀ ପ୍ୟାରିସ ନଗରୀ ଛାଡ଼ି ଭାରତବର୍ଷକୁ ଜଳପଥରେ ଯାତ୍ରା କରିବାକୁ 'ଜେନେଭା' ନଗରୀରେ ଆସି ପହଞ୍ଚିଲେ । ସେ ଜାଣିଥିଲେ ଯେ ସମ୍ଭବତଃ ଆଉ ପ୍ୟାରିସକୁ ସେ ପ୍ରତ୍ୟାବର୍ତ୍ତନ କରିବେ ନାହିଁ । ପରିବାରର ସମସ୍ତ ସଦସ୍ୟ, ବନ୍ଧୁବାନ୍ଧବ, ଆତ୍ମୀୟ-ସ୍ୱଜନଙ୍କଠାରୁ ବିଦାୟ ନେଇ ଯାତ୍ରା ଆରମ୍ଭ କଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ତାଙ୍କର ୧୬ ବର୍ଷର ପୁଅ ''ଆନ୍ଦ୍ରେ''ଙ୍କୁ ମଧ୍ୟ ପରିବାରର ଆତ୍ମୀୟସ୍ୱଜନଙ୍କର ଦାୟିତ୍ୱରେ ଛାଡ଼ିଦେଇ ଆସିଲେ । ଅବଶ୍ୟ ମା' ୧୯୧୫ ମସିହା ମାର୍ଚ୍ଚ ମାସରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେବା କାରଣରୁ ଭାରତରେ ୧୫ ମାସ ଅବସ୍ଥାନ କଲାପରେ ଫ୍ରାନ୍ସ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ୍ୟ ହୋଇଥିଲେ ।

ଆଲୋଚ୍ୟ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖିଛନ୍ତି ଯେ ଭାରତକୁ ଆସିବା ସମୟରେ ଏବଂ ତାହାପରେ ମଧ୍ୟ ତାଙ୍କର ଦେହ ବହୁତ ଖରାପ ହେଉଥିଲା । ସେ ସେହି ଯନ୍ତ୍ରଣାରେ ଜର୍ଜରିତ ହେଉଥିଲେ ଏବଂ ସେସବୁର କାରଣ ତାଙ୍କ ନିଜ ଭିତରେ ନଥିଲା, ବାହାରୁ ଆସୁଥିଲା । ସେ ଯେଉଁ ଆତ୍ମୀୟ-ସ୍ୱଜନ ଓ ନିଜର ଲୋକମାନଙ୍କୁ ପଛରେ ଛାଡ଼ି ଆସିଥିଲେ ସେମାନଙ୍କର ମନ ଦୁଃଖ, ସମବେଦନା ଏବଂ ବିଚ୍ଛେଦଜନିତ ଯନ୍ତ୍ରଣା ଦ୍ୱାରା ସେ ଜର୍ଜରିତ ହେଉଥିଲେ, କାରଣ ସେହି ସମସ୍ତ ଭାବ ସୂକ୍ଷ୍ମଭାବରେ ତାଙ୍କ ଶରୀରକୁ ସଂକ୍ରମିତ ହୋଇ ଆସୁଥିଲା । ଏହି ପ୍ରକାରର ସଂବେଦନଶୀଳ ଯନ୍ତ୍ରଣା ଯାହା ପ୍ରତି ପ୍ରଦର୍ଶିତ କରାଯାଏ ତାହାର ପ୍ରଭାବ ଦ୍ୱାରା ବ୍ୟକ୍ତିଟି ଆକ୍ରମିତ ହୋଇ ଶରୀରରେ ଅସୁଖ, ଯନ୍ତ୍ରଣା ଭୋଗ କରେ । କିନ୍ତୁ ମା'ଙ୍କର ଅଧିଷ୍ଠାନ ସାଧାରଣ ଚେତନାର ବହୁ ଉର୍ଦ୍ଧ୍ୱରେ – ଅସୀମର ଆୟତନେ, ଚେତନାର ଉର୍ଦ୍ଧ୍ୱାୟନରେ ଅବସ୍ଥିତ । ସୁତରାଂ ସେ ସର୍ବଦା ଦୁଃଖ-ଅବସାଦ ଓ ଯନ୍ତ୍ରଣାର ଉର୍ଦ୍ଧ୍ୱରେ । କିନ୍ତୁ ତାଙ୍କ ପ୍ରତି ଆତ୍ମୀୟ-ସ୍ୱଜନମାନଙ୍କର ଏତାଦୃଶ "beauty of affection and tenderness", ଆତ୍ମୀୟତା ଭାବ ଭିତରେ ସ୍ଥିତ ସୌନ୍ଦର୍ଯ୍ୟ ଏବଂ କୋମଳତାକୁ ଅନୁଭବ କରି ଅତ୍ୟନ୍ତ ପ୍ରୀତ ହୋଇଛନ୍ତି । ସୁତରାଂ ଦିବ୍ୟଜନନୀଙ୍କର ଦିବ୍ୟ ମୁଖମଣ୍ଡଳରେ ତିନିଗୋଟି ଦିବ୍ୟ ବୈଭବର ପ୍ରକାଶ ଘଟିଛି – ସେଗୁଡ଼ିକ ହେଲା, 'sweet compassion, total detachment and integral calm' – ମଧୁର କରୁଣା, ସମ୍ପୂର୍ଣ୍ଣ ବିକର୍ଷଣ ଏବଂ ପୂର୍ଣ୍ଣାଙ୍ଗ ନିଶ୍ଚଳତା । ସୁତରାଂ ମାର୍ଚ୍ଚ ୧୯୧୪ର ସେହି ଐତିହାସିକ ଦିବସରେ ମା' ଯେଉଁମାନଙ୍କୁ ତାଙ୍କର କୋମଳ ମାନବୀୟ ହୃଦୟର ଆତ୍ମୀୟତାର ବଳୟ ଭିତରୁ ବାହାର କରି ସେମାନଙ୍କର ସମସ୍ତ ଦାୟିତ୍ୱ ପ୍ରଭୁଙ୍କ ହାତରେ ଛାଡ଼ି ଦେଇ ସେ ପ୍ରାର୍ଥନା କରିଛନ୍ତି – ହେ ପ୍ରଭୁ, "I confided their grief to Thee that by illuminating it Thou mayst heal it."

''ମୁଁ ପୂର୍ଣ୍ଣ ନିର୍ଭରତାର ସହ ତୁମ ପାଖରେ

ସେମାନଙ୍କର ଅବସାଦ, ଦୁଃଖ ନିବେଦନ କରୁଛି, ଯାହାକୁ ତୁମେ ତୁମର ଦିବ୍ୟ ଆଲୋକ ଦ୍ୱାରା ଉପଶମ କରି ଦେବ।'' ସୁତରାଂ ସେହି ଦିନ ଠାରୁ ବିଚ୍ଛେଦଜନିତ ମାନବିକ ଦୁଃଖ-ଯନ୍ତ୍ରଣାର ନାଟକୀୟ ପରିଣତିର ଅନ୍ତ ଘଟିଲା, ରୂପାନ୍ତରିତ ହୋଇଗଲା, ତା' ଉପରେ ଦିବ୍ୟଜନନୀଙ୍କର ବିଜୟ ଘଟିଲା। ଯେଉଁମାନେ ଏହା ବୁଝିପାରି ମା'ଙ୍କର ଶରଣ ଗଲେ, ସେମାନେ ଏହି ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ସ୍ୱଚେତନାର ଉର୍ଦ୍ଧ୍ୱକୁ ଚାଲିଯାଇ ସେଠାରେ ଅବସ୍ଥାନ କଲେ ଆଉ ଯେଉଁମାନେ ଆଲୋଚ୍ୟ ପ୍ରାର୍ଥନାର ଏହି ଅନ୍ତଃସ୍ରୋତକୁ ବୁଝି ପାରିଲେ ନାହିଁ ଅଥବା କମ୍ ବୁଝିଲେ ସେମାନଙ୍କ ଭିତରେ ମଧ୍ୟ ଏହି ପ୍ରକାର ଯନ୍ତ୍ରଣାର ତୀବ୍ରତା ଲାଘବ ହେଲା ଏବଂ କେତେକ ପରିମାଣରେ ଉପଶମ ହେଲା। ଏହି ବିଷୟଟିକୁ ଅଧିକ ଭଲ ଭାବରେ ହୃଦୟଙ୍ଗମ କରିବା ନିମନ୍ତେ ଆସନ୍ତୁ ନିମ୍ନ ବିଷୟଟିକୁ ଅନୁଧ୍ୟାନ କରିବା, ତାହାହେଲା –

'ଏକ୍ସ' ନାମକ ଜନୈକ ଭଦ୍ରମହିଳା ୧୯୮୦ ମସିହାରେ ପ୍ରଥମଥର ପଣ୍ଡିଚେରୀ ଆସିଥିଲେ। ତାଙ୍କୁ ସେତେବେଳେ ୬୪ବର୍ଷ। ତାଙ୍କ ଦୁଇ ଝିଅ ପୂର୍ବରୁ ପଣ୍ଡିଚେରୀ ଆଶ୍ରମକୁ ଯିବା ଆସିବା କରୁଥିଲେ। ସେ ଯେତେବେଳେ ଆସି ପଣ୍ଡିଚେରୀରେ ସନ୍ଧ୍ୟା ସମୟରେ ପହଞ୍ଚିଲେ, ତାଙ୍କ ଝିଅମାନେ ତାଙ୍କୁ କହିଲେ ଯେ ଆଶ୍ରମକୁ ଯାଇ ସମାଧିରେ ପ୍ରଣାମ କରି ଆସିବାକୁ। କିନ୍ତୁ ସେ କହିଲେ, 'ମୁଁ ଆସନ୍ତାକାଲି ସ୍ନାନ କରି ସାରିଲା ପରେ ସମାଧି ସ୍ପର୍ଶ କରିବାକୁ ଯିବି।' ସେଦିନ ରାତିରେ ସେ ଶୋଇ ପାରିଲେ ନାହିଁ। ରାତିସାରା ତାଙ୍କୁ ଅସ୍ତବ୍ୟସ୍ତ ଲାଗିଲା। ପ୍ରାୟ ରାତି ୨.୩୦ ମିନିଟରେ ତାଙ୍କୁ ଟିକିଏ ନିଦ ହୋଇଗଲା କିନ୍ତୁ ୩ଟା ବେଳକୁ ନିଦ ଭାଙ୍ଗିଗଲା। ତାଙ୍କ ହୃଦୟରେ ଏକ ଦିବ୍ୟ ଆଲୋକର ଦୀପ୍ତିକୁ ସେ ଅନୁଭବ କଲେ ଏବଂ ଏକ ଜ୍ୟୋତିଶିଖା ହୃଦୟ ଭିତରୁ ନିର୍ଗତ ହୋଇ ଉପରକୁ ଉଠି ଦୁଇ ଭ୍ରୂଲତା ମଧ୍ୟକୁ ଯାଇ ସେଠାରେ ଏକ ବିନ୍ଦୁ ଉପରେ ସ୍ଥିର ହୋଇ ରହିଲା। ସେ ଗୋଟିଏ ଛୋଟ ଶିଶୁ ପରି ଏକ କପୋତ ସଦୃଶ ଘୁମୁରିବାକୁ ଆରମ୍ଭ କରିଦେଲେ। ଆଶ୍ରମ ପରିସରକୁ ପ୍ରବେଶ କରିବା ମାତ୍ରେ ତାଙ୍କୁ ସେହି ଏକା ପ୍ରକାରର ଅନୁଭୂତି ହେବାକୁ ଲାଗିଲା ଏବଂ ବହୁ କଷ୍ଟରେ ସେ ଆଖି ଖୋଲୁଥିଲେ; କାରଣ ତାଙ୍କୁ ଗଭୀର ଧ୍ୟାନ ଅବସ୍ଥାରେ ରହିଲା ପରି ଲାଗୁଥିଲା, ଚକ୍ଷୁ ମୁଦ୍ରିତ ହୋଇ ଯାଉଥିଲା।

ସନ୍ଧ୍ୟା ବେଳେ 'ଏକ୍ସ' ପ୍ଲେ-ଗ୍ରାଉଣ୍ଡକୁ ଗଲେ ମା'ଙ୍କୁ ଦର୍ଶନ କରିବା ନିମନ୍ତେ। ସେ ଜୋର୍ କରି ଆଖି ଖୋଲିବାକୁ ଚେଷ୍ଟା କରୁଥା'ନ୍ତି, କିନ୍ତୁ ଆଖି ଅବଲୀଳାକ୍ରମେ ବନ୍ଦ ହୋଇ ଯାଉଥାଏ। ତତ୍ପରେ ତାଙ୍କ ହୃଦୟ ଭିତରୁ ସେ ଏକ ସ୍ୱର ଶ୍ରବଣ କଲେ। ତାହାହେଲା, "Let the Force come down and purify the system." ''ଦିବ୍ୟଶକ୍ତି ଅବତରଣ କରି ଅନ୍ତରସ୍ଥ ସମସ୍ତ ବ୍ୟବସ୍ଥାକୁ ପବିତ୍ର କରିଦେଉ।'' ଦିନେ ସେ ଅନୁଭବ କଲେ ଯେ ଶାନ୍ତି ଓ ଆନନ୍ଦ ତାଙ୍କ ଭିତରକୁ ଅବତରଣ କରୁଛି। ତତ୍ପରେ ଦିବ୍ୟଜନନୀଙ୍କର ଦିବ୍ୟହସ୍ତ ତାଙ୍କ ମୁଣ୍ଡ ଉପରକୁ ଲମ୍ବି ଆସୁଥିବାର ଅନୁଭବ କଲେ। ସେ ବଡ଼ ପାଟିରେ ଚିତ୍କାର କରି କହି ଉଠିଲେ, 'This is light.' ଏହାହିଁ ଜ୍ୟୋତିଃ, ଆଲୋକ। ତତ୍ପରେ ସେହି ଦିବ୍ୟାଲୋକ ତାଙ୍କ ଭିତରକୁ ଅବତରଣ କରିବାକୁ ଆରମ୍ଭ କରିଦେଲା।

ଏକଦା 'ଏକ୍ସ' ଙ୍କର ଝିଅ ତାଙ୍କୁ କହିଲେ, 'ମା, ତୁମେ ପ୍ରଭୁ ଶ୍ରୀଅରବିନ୍ଦଙ୍କ ରଚିତ ମହାକାବ୍ୟ 'ସାବିତ୍ରୀ' ପୁସ୍ତକ ଖଣ୍ଡିଏ କ୍ରୟକର।' ସେ ଏହା ଶୁଣି ଟିକିଏ ଇତସ୍ତତଃ ହେଲେ, କାରଣ ତାଙ୍କୁ ଇଂରାଜୀ ଭାଷା ଭଲଭାବରେ ଜଣା ନଥିଲା। କିଛି ଦିନ ବିତିଗଲା, ଦିନେ ଆଶ୍ରମର ଅଭ୍ୟର୍ଥନା ହଲ୍ ନିକଟସ୍ଥ ପୁସ୍ତକାଳୟରେ ଥିବା 'ସାବିତ୍ରୀ' ପୁସ୍ତକ ଖଣ୍ଡେ ହସ୍ତରେ ଧରି ଚାରିପଟକୁ ଦୃଷ୍ଟିପାତ କଲେ, ତାଙ୍କୁ କେହି ଦେଖୁଛନ୍ତି କି ନାହିଁ ଜାଣିବା ପାଇଁ। ମନେ ମନେ ସଂକଳ୍ପ କଲେ, 'ଯଦି ମୁଁ ଏହି ବହିର ପ୍ରଥମ ପୃଷ୍ଠାଟିକୁ ବୁଝିପାରିବି ତାହାହେଲେ ବହିଟିକୁ କ୍ରୟକରିବି।' ତତ୍କ୍ଷଣାତ୍ ସେ ଅନୁଭବ କଲେ ଯେପରି ପ୍ରଭୁ ଶ୍ରୀଅରବିନ୍ଦଙ୍କ ଚକ୍ଷୁଦ୍ୱୟ ତାଙ୍କ ଚକ୍ଷୁରେ ମିଶି ଯାଇଛି ଏବଂ 'ସାବିତ୍ରୀ'ର ସେହି ପୃଷ୍ଠାଟିକୁ ପାଠ କରୁଛି; ତାଙ୍କର ସମଗ୍ର ସତ୍ତା ପ୍ରକମ୍ପିତ ହେବାକୁ ଲାଗିଲା। ସେ ଅନାୟାସରେ ପୃଷ୍ଠା ପରେ ପୃଷ୍ଠା ପଢ଼ି ଚାଲିଲେ ଏବଂ ଶେଷରେ ସେହି ପୁସ୍ତକ ଖଣ୍ଡିକ କ୍ରୟ କଲେ। ସେ ତାଙ୍କ ନାତି, ନାତୁଣୀମାନଙ୍କୁ ଇଂରାଜୀ ପଢ଼ାଇ ଦେବାକୁ କହିଲେ ଏବଂ ଶବ୍ଦଗୁଡ଼ିକର ଠିକ୍ ଉଚ୍ଚାରଣ ମଧ୍ୟ ଶିଖାଇ ଦେବାକୁ କହିଲେ। ପ୍ରଭୁ ଶ୍ରୀଅରବିନ୍ଦଙ୍କ ରଚିତ 'The Mother' ପୁସ୍ତକଟିକୁ ସେ ନିୟମିତ ପାଠ କରୁଥିଲେ, ଅର୍ଥ ଜାଣି ନଥିବା ଶବ୍ଦମାନଙ୍କ ତଳେ ଗାର ପକାଇ ସେମାନଙ୍କର ଅର୍ଥ ପଚାରି ଲେଖୁଥିଲେ, ତାହାହିଁ ଥିଲା ତାଙ୍କର ପୂର୍ଣ୍ଣଯୋଗର ସାଧନା।

ପ୍ରତିଦିନ ସକାଳ ୩ଟା ସମୟରେ 'ଏକ୍ସ' ତାଙ୍କ ଆନ୍ତର ଜଗତକୁ ଚାଲି ଯାଉଥିଲେ। ଥରେ ତାଙ୍କ ପାଟିରୁ ସ୍ୱତଃ ବାହାରି

ପଢ଼ିଲା, 'Is this concentration or meditation ?' 'ଏହା କ'ଣ ଏକାଗ୍ରତା ଅଥବା ଧ୍ୟାନ ?' ତତ୍‌କ୍ଷଣାତ୍ ସେ ଶୁଣିବାକୁ ପାଇଲେ ଯେ ମା' ତାଙ୍କ ଅନ୍ତର ପ୍ରଦେଶରେ ଥାଇ କହୁଛନ୍ତି, 'You do nothing. The one to whom you have surrendered 'wholly-solely' is doing every thing.' 'ତୁମର କିଛି କରିବାର ନାହିଁ । ଯାହାଙ୍କ ପାଖରେ ତୁମେ ସମ୍ପୂର୍ଣ୍ଣ ରୂପେ ନିଜକୁ ସମର୍ପିତ କରି ଦେଇଛ, ଏକାନ୍ତ ଭାବରେ ଶରଣ ପଶିଛ, ସିଏ ତ ସବୁକାମ କରି ଦେଉଛନ୍ତି ।'

ଥରେ ରାତି ୩ଟା ବେଳେ ତାଙ୍କ ଭିତରେ ଅବଲୀଳା କ୍ରମେ 'କୁମ୍ଭକ-ପ୍ରାଣାୟାମ' ଆରମ୍ଭ ହୋଇଗଲା । ଯେହେତୁ ଏହି ପ୍ରକାର ଅନୁଭୂତି ପ୍ରଥମଥର ପାଇଁ ତାଙ୍କ ଭିତରକୁ ଆସିଥିଲା, ସେଥିପାଇଁ ସେ ଖୁବ୍ ଡରି ଯାଇଥିଲେ । ସେ ଭାବିଲେ କୌଣସି ଏକ ଅଜଣା ସତ୍ତା ତାଙ୍କ ଭିତରେ ପ୍ରବେଶ କରି ଯାଇଛି ଏବଂ ଏହି ସକଳ ଅଦ୍ଭୁତ ପ୍ରକାରର କାର୍ଯ୍ୟ କରୁଛି । ତେଣୁ ସେ ମା'ଙ୍କୁ ପ୍ରାର୍ଥନା କରି କହିଲେ, 'ମୁଁ କେବଳ ମାତ୍ର ତୁମକୁହିଁ ଚାହୁଁଛି, ଆଉ କାହାରିକୁ ନୁହେଁ ।' ମା' 'ଏକ୍ସ'ଙ୍କ ସମ୍ମୁଖରେ ଉଭାହେଲେ ଏବଂ ତାଙ୍କ ମୁଣ୍ଡ ଉପରେ ହାତ ରଖି ଅତ୍ୟନ୍ତ ମଧୁର ଓ କୋମଳ ସ୍ୱରରେ ଆସ୍ତେ ଆସ୍ତେ କହିଲେ, ''ତୁମ ଅନ୍ତରର ଅଭ୍ୟନ୍ତରରେ ସ୍ଥିତ ସତ୍ତା ସମ୍ପର୍କରେ ମୁଁ ତୁମକୁ ଅନୁଭୂତିମାନ ପ୍ରଦାନ କରୁଛି ଏବଂ ତୁମେ ସେସବୁକୁ ଦେଖି ଭୟ କରି ଯାଉଛ ।''

'ଏକ୍ସ'ଙ୍କ ପକ୍ଷରେ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଯୋଗ ବୁଝିବା କଷ୍ଟସାଧ୍ୟ ଥିଲା । ଥରେ ସେ ଖଣ୍ଡେ ପୁସ୍ତକ ହାତରେ ଧରି ପାଠ କରିବାକୁ ଆରମ୍ଭ କରୁଛନ୍ତି, ତାଙ୍କ ଭିତରୁ ଯେପରି ପ୍ରଭୁ ଶ୍ରୀଅରବିନ୍ଦ କହୁଥିବାର ସେ ଶୁଣି ପାରିଲେ, "Why do you need to read books ? Things are descending in you; let them work ?" ଅର୍ଥାତ୍, ''ତୁମେ ପୁସ୍ତକ ପାଠ କରିବାର ଆବଶ୍ୟକତା କାହିଁକି ଅନୁଭବ କରୁଛ ? ଅନେକ ଜିନିଷ ତୁମ ଭିତରକୁ ଅବତରଣ କରୁଛନ୍ତି, ସେମାନଙ୍କୁ କାମ କରିବାକୁ ବାଟ ଛାଡ଼ିଦିଅ ।''

'ଏକ୍ସ' ସବୁ ସମୟରେ 'Peace, Light and Joy' – 'ଦିବ୍ୟ ଶାନ୍ତି, ଦିବ୍ୟ ଆଲୋକ ଏବଂ ଦିବ୍ୟ ଆନନ୍ଦ'କୁ ଅନୁଭବ କରୁଥିଲେ । ତାଙ୍କର ମନେ ହେଉଥିଲା ଯେ ସେ ଏହି ପ୍ରଶାନ୍ତି, ଜ୍ୟୋତିଃ ଏବଂ ଆନନ୍ଦକୁ ଗୋଟିଏ କଳସୀରୁ ଗ୍ଲାସରେ ପାଣି ଢାଳି ପିଇଲା ପରି ପିଇ ଯାଉଛନ୍ତି । 'It is difficult for her not to have experiences.' ଅର୍ଥାତ୍, 'ତାଙ୍କ ପକ୍ଷରେ ଅନୁଭୂତିମାନ ଗ୍ରହଣ କରିବା ଅସମ୍ଭବ ହୋଇ ପଡ଼ିଥିଲା ।''

('How they came to Sri Aurobindo and The Mother', Vol. II, p. 103-104)

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother
(୨) Musing on the Mother's Prayers and Meditations, Vol. 1, Shyam Kumari

ରାଜନୀତି କ୍ଷେତ୍ରରେ ମୁଁ ଅଧିକ କିଛି କରିପାରିବି ନାହିଁ ବୋଲି ଅନୁଭବ କରିବାରୁ ମୁଁ ଯେ ରାଜନୀତି ଛାଡ଼ିଲି ତାହା ନୁହେଁ । ସେପରି ଏକ ଧାରଣା ମୋ'ଠାରୁ ବହୁ ଦୂରରେ ଥିଲା । ପ୍ରକୃତରେ ଏକ ସ୍ପଷ୍ଟ (ଆଧ୍ୟାତ୍ମିକ) ''ଆଦେଶ'' ପାଇ ମୁଁ ସେଠାରୁ ଚାଲି ଆସିଲି । ...

ଅନ୍ୟସବୁ ବିଷୟରେ ମୁଁ କେବେ ଜାଣିନି ଯେ ପୃଥିବୀର କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣା କ୍ଷେତ୍ରରେ ମୋର କୌଣସି ସଂକଳ୍ପ କେବେହେଲେ ପରିଶେଷରେ ବିଫଳ ହୋଇଛି, ଯଦିଓ ତାହାର ପରିପୂରଣ ସକାଶେ ବିଶ୍ୱଶକ୍ତିଗୁଡ଼ିକୁ ଦୀର୍ଘ ସମୟ ଲାଗିଥାଇପାରେ ।

– ଶ୍ରୀଅରବିନ୍ଦ

# ଅତିମାନବ ଶିକ୍ଷାନବିସ

## ଆର୍ତ୍ତତ୍ରାଣ ମିଶ୍ର

'ଅତିମାନବ ଶିକ୍ଷାନବିସ' (Apprentice superman) – ଏହି ଶବ୍ଦଟି ଶ୍ରୀମା ବ୍ୟବହାର କରିଥିଲେ ୮ ଅକ୍ଟୋବର ୧୯୫୮ ଦିନ – ଜଣେ ସାଧକଙ୍କର ପ୍ରଶ୍ନର ଉତ୍ତରରେ । 'ଆପ୍ରେଣ୍ଟିସ୍' ଶବ୍ଦଟି ସହିତ ଆମେମାନେ ପ୍ରାୟ ପରିଚିତ – କୌଣସି ଏକ ଜଟିଳ କ୍ଷେତ୍ରରେ ଜ୍ଞାନାର୍ଜନ ପାଇଁ ଜଣକୁ ଶିକ୍ଷାନବିସ ବା ଶିକ୍ଷାର୍ଥୀ ହେବାକୁ ପଡ଼େ – ସେ ବିଦ୍ୟାରେ ସମ୍ପୂର୍ଣ୍ଣ କ୍ଷମ ହେବା ପାଇଁ ।

ତେବେ ଏହା ଉପରେ ଆଲୋଚନା କରିବା ପୂର୍ବରୁ ଆମକୁ ଟିକିଏ ଅଧିକ ଭଲ ଭାବରେ ବୁଝିବାକୁ ପଡ଼ିବ – ଅତିମାନବ (superman) କହିଲେ କ'ଣ ବୁଝାଏ ।

ଶ୍ରୀଅରବିନ୍ଦଙ୍କ ରଚିତ ମହାକାବ୍ୟ 'ସାବିତ୍ରୀ'ର ଗୋଟିଏ ଧାଡ଼ି –

"The superman shall reign as king of life,
Make earth almost the mate
and peer of heaven,"
(Savitri, p. 706)

ଶ୍ରୀଅରବିନ୍ଦ ତାଙ୍କର ରଚନା, "The Supramental Manifestation upon Earth"ରେ superman ଉପରେ ବିସ୍ତୃତ ବର୍ଣ୍ଣନା କରିଛନ୍ତି । ସେଥିରେ ସେ ଲେଖିଛନ୍ତି ଅତିମାନସ ସତ୍ୟ-ଶକ୍ତି ପୃଥିବୀ ଉପରେ ଅଭିବ୍ୟକ୍ତ ହେଲେ ତାକୁ ଧାରଣ କରିବାକୁ ଏପରି ଏକ ଶରୀରର ପ୍ରୟୋଜନ ହେବ ଯିଏକି ଏହି ସତ୍ୟକୁ ବହନ କରିବାକୁ ସକ୍ଷମ । ଏଥିପାଇଁ ପ୍ରୟୋଜନ ଏକ ନୂତନ ପ୍ରଜାତି(type)ର ଆବିର୍ଭାବ – ଏକ ଉନ୍ନତ ପ୍ରଜାତି ମନୁଷ୍ୟ । ସେଥିପାଇଁ ସେ ଲେଖିଛନ୍ତି – "... it (supermind) would inevitably will not only create superman, but – change and uplift man. A total change of the mental principle, such as has been suggested, can not heraled out as impossible." (p. 104)

ଏହି ନୂତନ ମାନବ ପ୍ରଜାତିକୁ ବୁଝାଇବାକୁ ଯାଇ ସେ ଲେଖିଛନ୍ତି, ଏପରି ଏକ ମାନସିକ ସତ୍ତାର ଆବିର୍ଭାବ ହେବ ଯାହାର ମନ ହୋଇଥିବ ଆଲୋକମୟ ମନ (a mind of light), ଯିଏ ସତ୍ୟ ମଧ୍ୟରେ ବାସ କରି ପାରୁଥିବ ଏବଂ ସେହି ସତ୍ୟକୁ ଜୀବନରେ ସିଧାସଳଖ ପ୍ରକାଶ କରିବାରେ ସକ୍ଷମ ହେଉଥିବ । ଏହି ମାନସିକତା ହେବ ଆଲୋକର ଯନ୍ତ୍ର – ଅଜ୍ଞାନର ନୁହେଁ । ଏହା ଆହୁରି ଉନ୍ନତ ହୋଇ ଅତିମାନସ ମଧ୍ୟକୁ ପ୍ରବେଶ କରିବାକୁ ସକ୍ଷମ ହେଉଥିବ । ସେ ଆହୁରି ମଧ୍ୟ ଲେଖିଛନ୍ତି ଯେ ଏହା ହଠାତ୍ ଘଟିବ ନାହିଁ । ଏହା ବିବର୍ତ୍ତନ ମଧ୍ୟଦେଇ ଗତି କରିବ । ଏହି ପ୍ରଗତିର ଦୁଇଟି ଦିଗ – ଗୋଟିଏ ଊର୍ଦ୍ଧ୍ୱରୁ ଅବତରଣ, ଅନ୍ୟଟି ନିମ୍ନରୁ ଆରୋହଣ । ଗୋଟିଏ ହେଉଛି ଆତ୍ମାର (spirit)ର ସ୍ୱୟଂ ପ୍ରକାଶ, ଅନ୍ୟଟି ପ୍ରକୃତି ମଧ୍ୟରେ ବିବର୍ତ୍ତନ ।

୧୯୫୬ ମସିହା ମେ ମାସ ୨ ତାରିଖ ଦିନ ଜଣେ ସାଧକ ଶ୍ରୀମା'ଙ୍କୁ ପ୍ରଶ୍ନ କରିଥିଲେ ଯେ ଆପଣ ଅତିମାନସ ସତ୍ୟ ଶକ୍ତିର ଅଭିବ୍ୟକ୍ତି ପରେ ଘୋଷଣା କରିଛନ୍ତି – " 'The things that were promised are fulfilld.' Where is the new race ?" – ସେହି ନୂତନ ଜାତି କାହାନ୍ତି ? ଶ୍ରୀମା ତା'ର ଉତ୍ତରରେ ବୁଝାଇ କହିଥିଲେ, ଯେତେବେଳେ ମନ ଚେତନା (mind consciousness) ପୃଥିବୀ ଉପରେ ପ୍ରଥମେ ଅବତରଣ କଲା, ତା'ର ପ୍ରାୟ ଦଶଲକ୍ଷ ବର୍ଷ ପରେ ବର୍ତ୍ତମାନ ଆକୃତିର ମନୁଷ୍ୟଟିଏ ପୃଥିବୀପୃଷ୍ଠରେ ଆବିର୍ଭାବ ହେଲା । ତା' ପୂର୍ବରୁ ପ୍ରକୃତି କେତେ ପ୍ରକାରର ମନୁଷ୍ୟ ଆକୃତି ସୃଷ୍ଟି କରି ଚାଲିଥିଲା, ଯାହାର ଅବଶେଷ ଏବେ ଆବିଷ୍କାର ହେଉଛି । କିନ୍ତୁ ବର୍ତ୍ତମାନ ଯେତେବେଳେ ନିଜେ ମନୁଷ୍ୟ ଏହି ନୂତନ ପ୍ରଜାତିର ମନୁଷ୍ୟର ଆବିର୍ଭାବ କଥା ଚିନ୍ତା କରୁଛି ଏବଂ ତାକୁ ଅପେକ୍ଷା କରୁଛି, ତେଣୁ ଏହି ନୂତନ ପ୍ରଜାତିର ମନୁଷ୍ୟ ଆବିର୍ଭାବର ପ୍ରଜାତି ନିଶ୍ଚୟ ଅଧିକ ପ୍ରଗତିଶୀଳ ହେବ – କିନ୍ତୁ ତେବେ ମଧ୍ୟ ଅଧିକ ପ୍ରଗତି କହିଲେ କେତେ ହଜାର ବର୍ଷ ହେବ ।

ସେହି ୮ ଅକ୍ଟୋବର, ୧୯୫୮ ଦିନ ଆଉ ଜଣେ ସାଧକ ଶ୍ରୀମା'ଙ୍କୁ ପ୍ରଶ୍ନ କରିଥିଲେ ଯେ ବର୍ତ୍ତମାନର ମନୁଷ୍ୟ ଏବଂ ଅତିମାନବ (superman) ଆବିର୍ଭାବର ମଧ୍ୟବର୍ତ୍ତୀ

ସମୟରେ ଅନ୍ୟ ପ୍ରକାରର ଜୀବଜାତିମାନଙ୍କର ଆବିର୍ଭାବ ହେବ ନା ନାହିଁ ? ଶ୍ରୀମା ତା'ର ଉତ୍ତରରେ କହିଥିଲେ ଯେ ବର୍ତ୍ତମାନ ଯେଉଁ ମନୁଷ୍ୟ ତା'ର ଶାରୀରିକ ସତ୍ତାକୁ ରୂପାନ୍ତର ପାଇଁ ଚେଷ୍ଟା କରୁଥିବ, ପ୍ରତ୍ୟେକଙ୍କର ଶକ୍ତି, ସାମର୍ଥ୍ୟ ଅନୁସାରେ ଅନେକ ପ୍ରକାରର ଆଂଶିକ ସଫଳତା ଲାଭ କରିବ । ଯେଉଁମାନେ ସେମାନଙ୍କର ସାଧାରଣ ପ୍ରକୃତି ଉପରେ ବିଜୟ ଲାଭ କରିବାକୁ ଚେଷ୍ଟା କରୁଛନ୍ତି, ଯେଉଁମାନେ ଦିବ୍ୟସତ୍ୟର ଅନୁଭୂତିକୁ ସ୍ଥୂଳ ଭାବରେ ଅନୁଭବ କରିବାକୁ ଚେଷ୍ଟା ଚଳାଉଛନ୍ତି, ଯେଉଁମାନେ ଚେତନାକୁ କେବଳ ସୁଉଚ୍ଚ ଊର୍ଦ୍ଧ୍ୱଗାମୀ କରିବା ବ୍ୟତିରେକେ ବାହ୍ୟ ଶାରୀରିକ ଚେତନାର ପରିବର୍ତ୍ତନ ପାଇଁ ଚେଷ୍ଟା ଚଳାଇଛନ୍ତି, ଏମାନେ ସମସ୍ତେ ଶିକ୍ଷାନବିସ ଅତିମାନବ (Apprentice superman) । ସେମାନଙ୍କର ଚେଷ୍ଟାର ସଫଳତାରେ ଅନେକ ପ୍ରକାରର ତାରତମ୍ୟ ରହିବ । ପ୍ରତ୍ୟେକ ଥର ଆମେ ଯେତେବେଳେ କେବଳ ସାଧାରଣ ମନୁଷ୍ୟଟିଏ ନହୋଇ, ସାଧାରଣ ଜୀବନ ଯାପନ ନକରି, ଆମର ଗତିବୃତ୍ତି, କ୍ରିୟା ପ୍ରତିକ୍ରିୟାରେ ଦିବ୍ୟସତ୍ୟକୁ ପ୍ରକାଶ କରିବାକୁ ଚେଷ୍ଟା କରୁ, ଆମେ ଯେତେବେଳେ ସାଧାରଣ ଅଜ୍ଞାନତା ଦ୍ୱାରା ଚାଳିତ ନହୋଇ ଦିବ୍ୟସତ୍ୟ ଦ୍ୱାରା ଚାଳିତ ହେବାର ଚେଷ୍ଟା କରୁ – ଆମେ ସେତେବେଳେ ଅତିମାନବ ପାଇଁ ଶିକ୍ଷାନବିସ । ଆମର ସଫଳତାର ମାତ୍ରା ଅନୁସାରେ ଆମେ ସବୁ ଊଣାଅଧିକେ ଶିକ୍ଷାନବିସ । ଏସବୁ ହେଉଛି ପ୍ରଗତି ପଥରେ ଗୋଟିଏ ଗୋଟିଏ ଅବସ୍ଥା । ରୂପାନ୍ତରର ଦୌଡ଼ ପାଇଁ ଦୁଇଟି ଅବସ୍ଥାନ – କିଏ ଆଗ ପହଞ୍ଚିବ – ଶରୀର ରୂପାନ୍ତରିତ ଲକ୍ଷ୍ୟସ୍ଥଳରେ ପହଞ୍ଚିବୁ କିଂବା ମୃତ୍ୟୁ । ସେପର୍ଯ୍ୟନ୍ତ ଆମେମାନେ ବାଟରେ ଅଛୁ (on the way) । ଏହିପରି ଆମେ ଚାଲିଥିବା କେତେ ଶହ ବା କେତେ ହଜାର ବର୍ଷ । ଶେଷରେ ଆମେ ପଛକୁ ଫେରି ଚାହିଁ କହିପାରିବା ଆମେ କେଉଁ ଅବସ୍ଥାରେ ଥିଲୁ । ସେସବୁ ହେଉଛି ଇତିହାସ – ଐତିହାସିକମାନେ ଆମର ପ୍ରଚେଷ୍ଟାର କଥା କହିବେ । ଆମେମାନେ ବୋଧହୁଏ ସେତେବେଳେ ସେଠାରେ ଥିବୁ ।

ଶ୍ରୀମା ଏହି ଯେଉଁ ରୂପାନ୍ତରର କଥା କହିଛନ୍ତି, ଆମେମାନେ ଯେଉଁମାନଙ୍କର କିଛି ବି ସୁସ୍ପଷ୍ଟ ଅନୁଭୂତି ଆସି ନାହିଁ, ସେଥିରେ ଆମେ କିପରି ଭାଗ ନେଇ ପାରିବୁ ?

ଶ୍ରୀମା ପୁନଶ୍ଚ ୨୪ ଜୁଲାଇ, ୧୯୫୭ରେ କହିଛନ୍ତି, ଲୋକମାନେ ସୁଖ ନିଦ୍ରାରେ ଶାୟିତ, ଏକ ଆରାମଦାୟକ ଜୀବନ ଭିତରେ ଭୁଲି ଯାଇଛନ୍ତି । ... କିନ୍ତୁ ଆମେ ଯଦି ମନେରଖି ପାରନ୍ତୁ ଯେ ଆମେମାନେ ଏକ ଅସାଧାରଣ ଅଦ୍ୱିତୀୟ କାଳ ମଧ୍ୟରେ ଗତି କରୁଛୁ, ଆମର ଏତେ ସୌଭାଗ୍ୟ ଯେ ଏକ ନୂତନ ଜଗତର ଜନ୍ମ ନେବା କାଳରେ ଆମେ ଅଛୁ । ତେଣୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯଦିବା ତୁମର ସୁସ୍ପଷ୍ଟ ଅନୁଭୂତି ଆସି ନାହିଁ ତେବେ ମଧ୍ୟ ତୁମେ ଏହା ଉପରେ ଏକ ନିଶ୍ଚୟବୋଧ (certainty) ଓ ବିଶ୍ୱାସ ରଖିବ, ସବୁବେଳେ ଏହାକୁ ମନେ ପକାଉଥିବ, ସ୍ମରଣ କରୁଥିବ । ଏହି ଭାବନାକୁ ନେଇ ତୁମେ ନିଦ୍ରା ଯାଅ, ଏହି ଅନୁଭୂତି ନେଇ ଜାଗ୍ରତ୍ ହୁଅ, ଯାହା ତୁମେ କରୁଥିବ ଏହି ମହାନ୍ ସତ୍ୟଟି ତୁମର ପୃଷ୍ଠଭୂମିରେ ଥିବ, ନିତ୍ୟ ସମର୍ଥନ ଲାଭ କରୁଥିବ ଯେ ତୁମେ ଏକ ନୂତନ ଜଗତ୍ ଜନ୍ମ ନେବାର ସାକ୍ଷୀ ହୋଇ ରହୁଛ ।

❑❑❑

ଅସ୍ତିତ୍ୱର ଏହି କ୍ରମବିନ୍ୟାସରେ ଏବଂ ସତ୍ତାର ଅପରାର୍ଦ୍ଧର ଶେଷ ଶବ୍ଦ ରୂପେ ଓ ପରାର୍ଦ୍ଧର ପ୍ରଥମ ଶବ୍ଦ ରୂପେ ଆମେ ଏହି ଆଲୋକମୟ ମନକୁ ଦେଖିବା ଉଚିତ ଏବଂ ଦେଖିବା ଉଚିତ ଏହାର ସ୍ୱଭାବ ଓ ଶକ୍ତିସବୁ କ'ଣ ଯାହା ଏହାକୁ ଏହାର ବୈଶିଷ୍ଟ୍ୟ ଆଣିଦିଏ ଏବଂ ଯେଉଁଗୁଡ଼ିକ ଏହା ନିଜର ଆତ୍ମ-ଅଭିବ୍ୟକ୍ତି ଓ କ୍ରିୟା ନିମନ୍ତେ ବ୍ୟବହାର କରେ ଏବଂ ଦେଖିବା ଉଚିତ ଅତିମାନସ ସହିତ ଏହାର ସମ୍ବନ୍ଧ କ'ଣ ଏବଂ ଏକ ନୂତନ ମାନବଜାତିର ଜୀବନ ପାଇଁ ଏହା କେଉଁ ସମ୍ଭାବନା ଓ ପରିଣତିସବୁ ଆଣିଦିଏ ।

(ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, ପୃଷ୍ଠା : ୧୧୯) – ଶ୍ରୀଅରବିନ୍ଦ

# କାରା-ଜୀବନୀ

## (୩)

## ଉଲ୍ଲାସକର ଦତ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ସେଠାରେ ମୋତେ ଇଟା ତିଆରି (Brick field) କାମରେ ଭର୍ତ୍ତି କରା ହେଲା । ଇଟା ତିଆରି କାର୍ଯ୍ୟ ପ୍ରାୟ ତିନି ମାସ କରିବା ପରେ ସେ ବର୍ଷ ପାଇଁ ସେଠାକାର କାର୍ଯ୍ୟ ଶେଷ ହେଲା । କହି ରଖିବା ଆବଶ୍ୟକ, ଏଠାରେ ବି ଦିନେ ଆମର ପୂର୍ବକଥିତ ଡାକ୍ତରବାବୁ, ଆସିଷ୍ଟାଣ୍ଟ୍ ସର୍ଜନ୍ ଆମର ଫାଇଲ ପରିଦର୍ଶନ କରିବାକୁ ଆସିଲେ ଏବଂ ମୋ ସହ ଆଳାପ କରୁ କରୁ କିଛି ଦୂର ଅଗ୍ରସର ହେବା ପରେ ହଠାତ୍ ଆମ ସାମନାରେ ଜଣେ ହିନ୍ଦୁସ୍ଥାନୀ ଟିଣ୍ଡଲକୁ ପଚାରିଲେ, ''ତୋମ୍‌ରା ପାସ୍ ବିଦ୍ୟା ହୈ ?'' ସେ ''ହଁ'' କହିବାରୁ ମୋତେ ଟିକିଏ ଅପେକ୍ଷା କରିବାକୁ କହି ନିଜେ କିଛିଦୂର ଅଗ୍ରସର ହୋଇଗଲେ । ଇତି ମଧ୍ୟରେ ମୁଁ ଦେଖିଲି ହଠାତ୍ ସେ ଝଡ଼ ପରି କେଉଁଠାରୁ ଯେମିତି ମୋ ଆଡ଼କୁ ଫେରି ଆସିଲେ ଓ ମୋର ହାତ ଧରି ଅନ୍ୟ ଗୋଟିଏ ଦିଗରେ ରୋଷେଇ ଘରର ପାଖ ଦେଇ ନେଇ ଚାଲିଲେ ଏବଂ ସେ ଯେ ଡାକ୍ତରବାବୁ ନୁହନ୍ତି, କେବଳ ତାଙ୍କର ରୂପ ଧରି ଆସିଛନ୍ତି ମାତ୍ର – ଏଇ କଥା ମୋତେ ବୁଝାଇବା ପାଇଁ କହିଲେ, ''ଆପଣ ଭୂତକୁ ବିଶ୍ୱାସ କରନ୍ତି ? ମୋତେ ଦେଖି ଆପଣଙ୍କର ଭୟ ହେଉ ନାହିଁ ?'' ଇତ୍ୟାଦି । ମୁଁ ଏଇସବୁ କଥା କିଛି ବୁଝି ପାରିଲିନି, କେବଳ ସେ ଯେ ମୋ ସହ ଟିକିଏ ରହସ୍ୟ କରିବାର ଚେଷ୍ଟା କରୁଛନ୍ତି, ଏପରି ମନରେ ଭାବି ନିଶ୍ଚିନ୍ତ ହେଲି ଓ ଈଷତ୍ ହସିଲି ମାତ୍ର ।

ଏହିପରି ଆଳାପ କରୁ କରୁ ଆମେ ବାରାକ୍ ନିକଟସ୍ଥ ପ୍ରାଙ୍ଗଣରେ ଆସି ପହଞ୍ଚିଲୁ ଯେପରି କି କୌଣସି ଏକ ଅଫିସରେ କାମ କରିବାକୁ ହେବ । ତେଣୁ ତାଙ୍କ ଅନୁଚର ସେଇ ଟିଣ୍ଡଲକୁ ଗୋଟିଏ ବେତର ମୋଡ଼ା ଆଣିବାକୁ କହିଲେ । ସେ ମଧ୍ୟ ଯେପରି ନିମିଷକ ମଧ୍ୟରେ କେଉଁଠାରୁ ଗୋଟାଏ ବେତର ମୋଡ଼ା ଆଣି ହାଜର ହେଲା ଏବଂ ତା' ସଙ୍ଗରେ ଦୁଆତ କଲମ ଓ ଲାଲଫିତା ବନ୍ଧା କ'ଣ ଗୋଟାଏ ଅଫିସର କାଗଜ ବି ଦେଖିବାକୁ ପାଇଲି । ସେ ଯେପରି ସେଇ କାଗଜ ଦେଖିବାକୁ ଲାଗିଲେ; ଏବଂ ତାକୁହିଁ ଆଢୁଆଳ କରି ମୋ ସହ ଆଳାପ କରିବାକୁ ଲାଗିଲେ । ସେ କହିଲେ, ମୋ କପାଳରେ ବଡ଼ ଦୁଃଖ ଅଛି ଏବଂ ଏପରି ଅସହ୍ୟ ଦୁଃଖରୁ ପରିତ୍ରାଣ ପାଇବା ନିମନ୍ତେ, ଏପରିକି ନିକଟସ୍ଥ ଗୋଟିଏ ବୃକ୍ଷରେ ଫାଶୀ ଦେଇ ପ୍ରାଣ ତ୍ୟାଗ କରିବା ପର୍ଯ୍ୟନ୍ତ ଉପଦେଶ ଦେଇ ଦେଲେ । ପରେ କହିଲେ ତାହା ହେବାର ନୁହେଁ, 'ନିୟତି କେନ ବାଧତେ' । ଏହି ପ୍ରକାରର କଥାବାର୍ତ୍ତା ହେଉଥିବା ସମୟରେ ଦେଖିବାକୁ ପାଇଲି ଯେପରି ପଛ ପଟରୁ ତାଙ୍କର ସେହି ସହକାରୀ ସବ୍ ଆସିଷ୍ଟାଣ୍ଟ୍ ସର୍ଜନ ଆସି ପହଞ୍ଚିଲେ ଓ ତାଙ୍କର ଆସିବାର ଖୁବ୍ ଡେରି ହୋଇଗଲା ବୋଲି ଆଳ ଦେଖାଇ ଉପସ୍ଥିତ ହେଲେ । ତା'ପରେ ମୋତେ ଟିକିଏ ଅନ୍ୟ ଆଡ଼କୁ ଚାହିଁବାକୁ କହି ସମସ୍ତେହିଁ ଝଡ଼ ପରି ଗୋଟିଏ ସମୟରେ ଅଦୃଶ୍ୟ ହୋଇଗଲେ ।

ଏଇ ଘଟଣା ପରେ ମୁଁ କିଛି ସମୟ ହତବୁଦ୍ଧି ହୋଇ ରହିଗଲି । ଇତି ମଧ୍ୟରେ ଡାକ୍ତର ବାବୁ ମୋତେ ଡାକିବା ପାଇଁ ଲୋକ ପଠାଇଲେ । ସେଠାକୁ ଯାଇ ଦେଖିଲି, ସେ ସେଠାକାର Brick-furnace ଦେଖୁଛନ୍ତି । ମୋତେ ଦେଖି ଯେପରି କିଛି ପଚାରିବାକୁ ଚାହୁଁଛନ୍ତି, କିନ୍ତୁ ପାରୁ ନାହାନ୍ତି । ସେ କହିଲେ, ମୁଁ ଅନେକ ସମୟ ଧରି ଆପଣଙ୍କ ପାଇଁ ଏଠାରେ ଅପେକ୍ଷା କରିଛି । ଏତେ ସମୟ ହେବ ବୋଲି ମୁଁ ଭାବି ନଥିଲି, ତାଙ୍କ କଥାର ଭାବରୁ ମନେ ହେଲା ଯେପରି ସେ ଅତ୍ୟନ୍ତ କ୍ଳାନ୍ତ ବୋଧ କରୁଛନ୍ତି । ମୁଁ କ'ଣ ଦେଖିଲି ସେ ସମ୍ବନ୍ଧରେ କିଛି ଜାଣିବାର କୌତୂହଳ ତାଙ୍କର ବି ଜନ୍ମିଛି, ତାହା ବେଶ୍ ବୁଝି ପାରିଲି । କିନ୍ତୁ କ'ଣ କରିବି, ଯାହା କିଛି ଦେଖିଲି ସବୁହିଁ ମୂକ ଆସ୍ୱାଦନବତ୍ । କିଛି ବି କହିବାର ଉପାୟ ନାହିଁ । ଅନ୍ତତଃ ପକ୍ଷେ ସେଇ ସମୟ ପାଇଁ ତ ନୁହେଁ ।

ତୁଣ୍ଡାସ୍ ପଏଣ୍ଟରେ ଇଟା କଟା ଶେଷ ହେବା ପରେ କଏଦୀମାନଙ୍କୁ ଅଳ୍ପ ଅଳ୍ପ କରି ସ୍ଥାନାନ୍ତରିତ କରାହେଲା ଏବଂ ମୋତେ ବି ହୁଏତ ଅନ୍ୟ କେଉଁଠିକି ଯିବାର ହୁକୁମ ହୋଇ ଥାଆନ୍ତା, କିନ୍ତୁ ତା' ପୂର୍ବରୁ ମୁଁ କାର୍ଯ୍ୟ କରିବାକୁ ଅସ୍ୱୀକାର

କଲି । ଇଟା କଟା ପରେ ଦିନେ ଦୁଇଦିନ ମୋତେ ରାସ୍ତା ଧୁରମୁସ୍ କରିବା ଏବଂ ଜଳର ଭାର କାନ୍ଧରେ ଧରି ତିଖ ପାହାଡ଼ ଉପରକୁ ଉଠିବାକୁ ଦିଆଗଲା, ତାହା ବି ବିନା ଆପତ୍ତିରେ ଦିନେ ଦୁଇଦିନ କଲି । କିନ୍ତୁ ଶରୀର ଆଉ ସହ୍ୟ କଲା ନାହିଁ, ସୁତରାଂ ଯେଉଁ କର୍ମଚାରୀ ଉପରେ ମୋର କାର୍ଯ୍ୟକ୍ରମସବୁକୁ ଦେଖିବାର ଭାର ଥିଲା ତାକୁ କହିଲି, ମୁଁ ଆଉ କାମ କରିବି ନାହିଁ, ମୋର ଆପତ୍ତି ଅଛି । ସେ ମୋତେ ସେଠାକାର ଓଭରସିୟର ପାଖକୁ ନେଇଗଲା ଏବଂ ଓଭରସିୟର ମୋତେ ଜିଲ୍ଲା ଅଫିସର୍ ଲିଉଇସ୍ ସାହେବଙ୍କ ନିକଟକୁ ପଠାଇ ଦେଲା । ଲିଉଇସ୍ ସାହେବ ବେଶ୍ ଭଦ୍ରଲୋକ । ତାଙ୍କ ନିକଟରେ ହାଜିର ହୋଇ ଯେତେବେଳେ କହିଲି, ମୁଁ ଆଉ କାମ କରିବି ନାହିଁ, ସେତେବେଳେ ସେ ମୋତେ ଅନେକ ବୁଝାଇବାକୁ ଚେଷ୍ଟା କଲେ ଏବଂ କହିଲେ, ବେଶ୍ ତୁମେ ଯଦି ବର୍ତ୍ତମାନ କାମ କରି ପାରୁ ନାହଁ, ଡାକ୍ତରଙ୍କ ମତ ଅନୁସାରେ କିଛି ଦିନ ବିଶ୍ରାମ ନିଅ ଅଥବା ହାସପାତାଳରେ ଭର୍ତ୍ତି ହୋଇ ରୁହ । ମୁଁ କହିଲି, ''ଡାକ୍ତର ମୋତେ ହାସପାତାଳରେ ଭର୍ତ୍ତି କରିବେ କାହିଁକି ? ମୋର ତ ସେମିତି କିଛି ରୋଗ ହୋଇ ନାହିଁ ଯେ ଜ୍ୱର କିଂବା ପେଟବ୍ୟାଥା ଏମିତି କିଛି ଲେଖି ଭର୍ତ୍ତି କରି ଦେବେ ?'' ତା' ଛଡ଼ା ଏତେ ଦିନର ହାଡ଼ଭଙ୍ଗା ପରିଶ୍ରମ ପରେ ଯେତେବେଳେ ଦେଖିଲି ଯେତେ ଖଟିଲେ ବି ଏଇ ଖଟଣିରୁ ଆଉ ଉଦ୍ଧାର ନାହିଁ ସେତେବେଳେ ଏକେବାରେ ମ୍ରିୟମାଣ ହୋଇ କହିଲି, ଆଉ କାମ କରିବି ନାହିଁ । ହୁକୁମ ମାନି ଯେତେବେଳେ ଦେଖିଲି ଯେ ହୁକୁମ ମାନିବାର ଅନ୍ତ ନାହିଁ, ଆଉ ଯେତେ ଖଟିଲେ ବି ଆହୁରି ସେତେ ଖଟଣି ରହିଛି, ସେତେବେଳେ ଥରେ ନିଜ ମୂର୍ତ୍ତି ଧରି ଦେଖିଲି – କାହିଁକି ଆଉ ସ୍ୱେଚ୍ଛାରେ ଭୂତର ବେଠି ଖଟି ପୈତୃକ ପ୍ରାଣଟି ହରାଇବି ? ଶରୀର ଉପରେହିଁ କର୍ତ୍ତୃପକ୍ଷଙ୍କର କିଛିଟା ଆଧିପତ୍ୟ ତ ରହିଥାଇ ପାରେ, କିନ୍ତୁ ସେଇ ସଙ୍ଗେ ସଙ୍ଗେ ମନ ଉପରେ ବି ସେମାନଙ୍କର ଆଧିପତ୍ୟ ସ୍ୱୀକାର କରି ଏକେବାରେହିଁ ନିଜର ଅସ୍ତିତ୍ୱଟିକୁ ହରାଇବାକୁ ପଡ଼ିବ, ଏ ପୁଣି କେମିତିକା କଥା ?

ଲିଉଇସ୍ ସାହେବ ଯେତେବେଳେ ଦେଖିଲେ ଯେ ମୁଁ କୌଣସିମତେ ତାଙ୍କ କଥାରେ ଡାକ୍ତରଙ୍କର ସାହାଯ୍ୟ ନେବାକୁ ରାଜି ନୁହେଁ, ସେତେବେଳେ ମୋର ବିଚାର ହେବା ଅନିବାର୍ଯ୍ୟ ବୋଲି ଧରି ନେଇ ତାଙ୍କର ନିମ୍ନ ଅଦାଲତର ଛୋଟ ସାହେବକୁ ଡାକି କହିଲେ, ''ଏହାର ବିରୋଧରେ ମୁଁ ନିଜେ କୌଣସି ଅଭିଯୋଗ କରିବାକୁ ଚାହେଁନା, ତୁମେ ତୁମ କୋର୍ଟରେ ଏହାର ବିଚାର କର ।'' ଏମିତି କହିବାରୁ ସେ ମୋତେ ତାଙ୍କ କୋର୍ଟକୁ ନେଇଗଲେ । ସେଠାରେ ମୋର ଯାହାସବୁ ବକ୍ତବ୍ୟ ଥିଲା ତାକୁ ଶୁଣି ସବୁ କଥା ଲେଖିଲେ ଓ ତିନି ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରି ସେଲ୍ୟୁଲାର୍ ଜେଲକୁ ପଠାଇ ଦେଲେ । ଜେଲରେ ପହଞ୍ଚିବା ପରେ ଜେଲର୍ ପୁନରାୟ ମୋତେ କହିଲେ, ''ଏଠାରେ କାମ ନକରି ନିସ୍ତାର ନାହିଁ । ଏଇଟା ଜେଲର ବାହାରେ ନୁହେଁ ଯେ ନିଜର ଇଚ୍ଛାରେ କାମ କରିବ । ଏଠାକାର ନିୟମ ଅତ୍ୟନ୍ତ କଡ଼ା, ଯଦି କାମ ନକର ପ୍ରଥମେ ଛିଡ଼ା କରାଇ ହାତକଡ଼ି ଦେବି, ତଥାପି ଯଦି କାମ ନକର ଗୋଡ଼ରେ ବେଡ଼ି ଦେବି, ତଥାପି ବି ଯଦି କାମ କରିବାକୁ ରାଜି ନହୁଅ, ତେବେ ମନେରଖ, ସାଧାରଣ ବଦମାସ କଏଦୀମାନଙ୍କ ପରି ତିରିଶ ଥର ବେତ୍ରାଘାତ କରିବି, ଏବଂ ଏପରି ବେତ୍ରାଘାତ କରିବି ଯେ ଗୋଟିଏ ଗୋଟିଏ ପ୍ରହାର ଏକ ଇଞ୍ଚ ମାଂସ ଫଟାଇ ଶରୀରରେ ପ୍ରବେଶ କରିବ, ଶିକ୍ଷିତ ଭଦ୍ରଲୋକଙ୍କ ସନ୍ତାନ ବୋଲି ଟିକିଏ ବି ରିହାତି କରିବି ନାହିଁ ।''

ଆମର ଏଇ ଜେଲର୍‌ଟିର ପରିଚୟ, ଯେଉଁମାନେ ବାରୀନ୍ ବାବୁଙ୍କର 'ଦ୍ୱୀପାନ୍ତରର କଥା' ପଢ଼ିଛନ୍ତି, ସେମାନେ ଅବଶ୍ୟ କିଞ୍ଚିତ୍ ଜାଣିଥିବେ । ଇଏ ସେଇ ସୁଦୂର ଦ୍ୱୀପାନ୍ତର ପ୍ରବାସରେ କଏଦୀମାନଙ୍କ ମଧ୍ୟରେ ପ୍ରାୟ ସିଂହ, ଶାର୍ଦ୍ଦୂଳ ନ୍ୟାୟ ପରି ସମସ୍ତ ଜେଲ-ଭୂମି କମ୍ପିତ କରି ସଗର୍ବେ ବିଚରଣ କରନ୍ତି । ଏବଂ କଏଦୀମାନେ ବି ଜେଲରେ ତାଙ୍କୁ ପ୍ରାୟ ବାଘ ପରି ଭୟ କରନ୍ତି । ବର୍ତ୍ତମାନ କ୍ଷେତ୍ରରେ ମୋତେ ବି ଭୟ ଦେଖାଇ କାମ ଆଦାୟ କରିବାର ମତଲବ, ମୁଁ ତ ପୂର୍ବରୁ ବି ଭବିଷ୍ୟତର ଆଶା ଭରସା ଛାଡ଼ି ଏକେବାରେ ମରି ସାରିଛି । ସୁତରାଂ ତାଙ୍କର ଗର୍ଜନ-ତର୍ଜନର କୌଣସି ଫଳ ହେଲା ନାହିଁ; ବରଂ କହିଲି, ତୁମେ ଭୟ ଦେଖାଇ ମୋ ପାଖରୁ କାମ ଆଦାୟ କରିପାରିବ ନାହିଁ । ତୁମେ ତିରିଶ ବେତର କଥା କହିଛ, ମୋତେ କାଟି ଟିକି ଟିକି କରି ପକାଇଲେ ବି ଯେତେଦିନ ପର୍ଯ୍ୟନ୍ତ କାମ କରିବା ଉଚିତ ବୋଲି ମନେ ନକରିବି, ସେତେଦିନ ମୋ ପାଖରୁ ଏକ ପଇସାର କାମ ବି ତୁମେ ପାଇବ ନାହିଁ ।

ଏଠାରେ ବି କିଛି ଅତିଲୌକିକ ଭେଲିକି ଦେଖା ଗଲା । ଜେଲରେ ଜେଲର୍ ଯେ ସର୍ବମୟ କର୍ତ୍ତା, ଏକଥା ସପ୍ରମାଣ କରାଇବା ପାଇଁ ଯେପରି ସେ ମୋତେ ସିଧା ଭାବେ ଠିଆ ହେବାକୁ କହିଲେ, ଯେପରି କାଠଗଡ଼ାରେ ଜଣେ ଆସାମୀର

ଠିଆ ହେଲା ପରି ଏବଂ ମୁଁ ତାଙ୍କୁ ଅପମାନ କରିଛି ଏଇ ବିଦ୍ରୂପ ସହ୍ୟ କରି ନପାରି ସେ ଯେମିତି ମୋ ସହ ମୁଷ୍ଟିଯୁଦ୍ଧ କରିବାକୁ ପ୍ରସ୍ତୁତ । ନିମିଷକ ମଧ୍ୟରେ ଦେଖିଲି ସେଠାରେ ଟେବୁଲ ଉପରେ କେତେ କ'ଣ ଯନ୍ତ୍ରପାତି ସୃଷ୍ଟି ହେଲା ଏବଂ ତା' ସାହାଯ୍ୟରେ ଯେପରି ଚାରି ଦିଗକୁ ବାର୍ତ୍ତା ପ୍ରେରିତ ହେବାକୁ ଲାଗିଲା । ପରିଶେଷରେ ସେ ପଚାରିଲା, ମୋର ପକ୍ଷ ସମର୍ଥନ କରିବାର କେହି ଦ୍ୱିତୀୟ ବ୍ୟକ୍ତି ଅଛି କି ନାହିଁ । ମୁଁ ସେତେବେଳେ ବି ଘଟଣାଟିକୁ ଠିକ୍ ଭାବେ ବୁଝି ପାରି ନାହିଁ, ଟିକିଏ ସ୍ତମ୍ଭିତ ହୋଇ ରହିଛି; ତେଣୁ ସେ ନିଜେ କହିଲା, ସାଭାରକର୍‌ଙ୍କୁ ଡାକିଲେ ହୁଅନ୍ତା ନାହିଁ ? ସେ ଅବଶ୍ୟହିଁ ତୁମର ଦ୍ୱିତୀୟ ହେବେ ? ଏଇ କଥା କହି ବିନାୟକ ବୋଲି ଡାକିବାରୁ ଯେପରି କେଉଁଠାରୁ ତାହାରି ଆକୃତି ପରି କିନ୍ତୁ ଅପେକ୍ଷାକୃତ ଖର୍ବ ଓ କ୍ଷୀଣକାୟ ଏକ ବ୍ୟକ୍ତି ଆସି ଉପସ୍ଥିତ ହେଲା । ତା'ରି ସଙ୍ଗରେ ଯେପରି ସେ ମୁଷ୍ଟିଯୁଦ୍ଧ କରିବେ, ଏଇ ଅଭିପ୍ରାୟ ଜ୍ଞାପନ କରିବାରୁ ଉକ୍ତ ସାଭାରକର କହିଲା, ''ମୁଁ ତୁମ ପ୍ରସ୍ତାବ ଅନୁମୋଦନ କରୁଛି, କିନ୍ତୁ ମୁଷ୍ଟିଯୁଦ୍ଧର ନିୟମ ଅନୁଯାୟୀ ମୋତେ ଦସ୍ତାନା ନିକ୍ଷେପ କରିବାକୁ ହେବ । ମୋ ପାଖରେ ତ କୌଣସି ଦସ୍ତାନା ନାହିଁ; ଯଦି ତୁମେ ତୁମର ଖଣ୍ଡେ ଦସ୍ତାନା ଧାର ସ୍ୱରୂପ ଦେବ ତେବେ ହୋଇପାରେ ।'' ଏପରି କହିବାରେ ଜେଲର୍ ତା'ର କଳ୍ପିତ ହାତରୁ ଖଣ୍ଡିଏ ରବରର ଦସ୍ତାନା ଖୋଲି ଦେଲା ଏବଂ ଉକ୍ତ ସାଭାରକର ତାକୁ ପାଇ ଇଙ୍ଗିତ ମାତ୍ରେ ଏକେବାରେ ଜେଲର୍‌ର ମୁହଁ ଉପରକୁ ଫୋପାଡ଼ି ମାରିଲା । ସାଭାରକରର ଏପରି ହାତର କୌଶଳ ଦେଖି ମୁଁ ବି ଖୁବ୍ ଖୁସି ହେଲି ସନ୍ଦେହ ନାହିଁ । କିନ୍ତୁ ପରକ୍ଷଣରେ ଏଇ ଭେଳିକି ରାଜ୍ୟର ଖେଳ ଭାଙ୍ଗିଗଲା ଏବଂ ମୋ ପ୍ରତି ଏକ ସପ୍ତାହ ପାଇଁ ଠିଆ ହାତକଡ଼ିର ହୁକୁମ ହେବାରୁ ମୋତେ ହାତକଡ଼ି ପକାଇ ଦିଆଗଲା ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free

No side effects

*Exported to over 16 countries*

Available in Bhubaneswar *(wholesale/retail)*:

**Adarsh Food Processing Industry**

Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ନୂତନ ଶିକ୍ଷାର ଆହ୍ବାନ

## (୨୧)

## ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### ଉଚ୍ଚଶିକ୍ଷାର ରୂପରେଖ

ଜାତୀୟ ଶିକ୍ଷାନୀତି – ୨୦୨୦ ପ୍ରଚଳିତ ଉଚ୍ଚ ଶିକ୍ଷା ବ୍ୟବସ୍ଥାରେ ଥିବା ତ୍ରୁଟିଗୁଡ଼ିକୁ ଉପସ୍ଥାପନ କରିଛି ଏବଂ ତ୍ରୁଟିଗୁଡ଼ିକୁ ସୁଧାରିବା ପାଇଁ ବିହିତ ପଦକ୍ଷେପ ନେବାକୁ ଯୋଜନା କରିଛି । ବିଶେଷତଃ ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ବିକାଶ ଆଣିବା ତଥା ଉଚ୍ଚକୋଟିର ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ଭାରତର ଜ୍ଞାନ ସମ୍ପଦ ଜରିଆରେ ଉଚ୍ଚଶିକ୍ଷାକୁ ରାଷ୍ଟ୍ରଗଠନର ଭିତ୍ତି ରୂପେ ଗଢ଼ିବାର ଉଦ୍ଦେଶ୍ୟ ରଖି ଜାତୀୟ ଶିକ୍ଷାନୀତି କେତେକ ସୂତ୍ର ନିର୍ଦ୍ଧାରଣ କରିଛି । ଏହି ଶିକ୍ଷାନୀତିର ପ୍ରମୁଖ ସୂତ୍ରଗୁଡ଼ିକ ହେଉଛି –

୧. ବ୍ୟାପକ ଓ ବହୁ-ବିଷୟକ ଉଚ୍ଚଶିକ୍ଷାର ବ୍ୟବସ୍ଥା ଯେଉଁଥିରେ ପ୍ରତ୍ୟେକ ଜିଲ୍ଲା ବା ଜିଲ୍ଲା ପାଖରେ ଗୋଟିଏ ଲେଖାଏଁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏବଂ ବହୁ ସଂଖ୍ୟାରେ ଭାରତରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ।

୨. ସ୍ନାତକ-ଶିକ୍ଷା ମଧ୍ୟ ବହୁ-ବିଷୟକ ହେବା ସହିତ ବହୁ ଶିକ୍ଷାନୁଷ୍ଠାନକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ ।

୩. ଶିକ୍ଷାର୍ଥୀମାନଙ୍କର ଅଭିଜ୍ଞତାକୁ ବଢ଼ାଇବା ପାଇଁ ପାଠ୍ୟକ୍ରମର ଶୈକ୍ଷିକ ରୂପରେଖ, ମୂଲ୍ୟାୟନ ଓ ଶିକ୍ଷାର୍ଥୀମାନଙ୍କର ସହାୟତା ବ୍ୟବସ୍ଥାକୁ ନୂତନ ରୂପ ଦେବା ।

୪. ଶିକ୍ଷାଦାନ, ଗବେଷଣା ଓ ସେବା ଆଧାରିତ ଯୋଗ୍ୟତାଭିତ୍ତିକ ନିଯୁକ୍ତି ଓ ବୃତ୍ତିଗତ ପ୍ରଗତି ମାଧ୍ୟମରେ ଶିକ୍ଷକ ଓ ଅନୁଷ୍ଠାନର ନେତୃତ୍ୱ ଏବଂ କର୍ମନିଷ୍ଠତା ପ୍ରତି ବିଶ୍ୱାସ ସ୍ଥାପନ କରିବା ।

୫. ଉତ୍କୃଷ୍ଟମାନର ସହଯୋଗୀ-ସମୀକ୍ଷାମୂଳକ ଗବେଷଣା ନିମିତ୍ତ ପାଣ୍ଠିର ବ୍ୟବସ୍ଥା କରିବା ଏବଂ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଗବେଷଣାତ୍ମକ କାର୍ଯ୍ୟରେ ସକ୍ରିୟ କରିବା ନିମନ୍ତେ ରାଷ୍ଟ୍ରୀୟ ଗବେଷଣା ସଂସ୍ଥା (National Research Foundation – NRF) ପ୍ରତିଷ୍ଠା କରିବା ।

୬. ଶୈକ୍ଷିକ ଓ ପ୍ରଶାସନିକ ସ୍ୱତନ୍ତ୍ରତା ଥିବା ଯୋଗ୍ୟତା ପ୍ରାପ୍ତ ସ୍ୱାଧୀନ ବୋର୍ଡ଼ ଦ୍ୱାରା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଶାସନଗତ ପରିଚାଳନା କରିବା ।

୭. ଏକ ଏକକ ନିୟାମକ ଦ୍ୱାରା ଉଚ୍ଚଶିକ୍ଷା ପାଇଁ 'କଠିନ କିନ୍ତୁ ନମନୀୟ' ('Light but Tight') ନିୟମ ପ୍ରଣୟନ କରିବା ।

୮. ସମତା ଓ ଅନ୍ତର୍ଭୁକ୍ତିକରଣର ବୃଦ୍ଧି ନିମନ୍ତେ ଉତ୍କୃଷ୍ଟମାନର ଜନଶିକ୍ଷା ପାଇଁ ସୁଯୋଗ ସୃଷ୍ଟି, ଅବହେଳିତ ଓ ପଛୁଆ ବର୍ଗର ଶିକ୍ଷାର୍ଥୀଙ୍କ ନିମନ୍ତେ ବେସରକାରୀ/ଜନ ସେବାକାରୀ ବିଶ୍ୱବିଦ୍ୟାଳୟଙ୍କ ଦ୍ୱାରା ଛାତ୍ରବୃତ୍ତି ବ୍ୟବସ୍ଥା, ଅନ୍‌ଲାଇନ୍ ଶିକ୍ଷା ଓ ମୁକ୍ତ ଦୂରଶିକ୍ଷା (Open Distance Learning – ODL) ଏବଂ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ପାଇଁ ସମସ୍ତ ଭିତ୍ତିଭୂମି ଓ ଶିକ୍ଷଣ ସାମଗ୍ରୀ ଉପଲବ୍ଧ କରିବା ପାଇଁ ସୁଯୋଗ ସୃଷ୍ଟି କରିବା ।

ଉଚ୍ଚଶିକ୍ଷାରେ ଏପରି ପରିବର୍ତ୍ତନ ଆଣିବା ଯେପରି ଭାରତର ତକ୍ଷଶିଳା, ନାଳନ୍ଦା, ବିକ୍ରମଶିଳା ବିଶ୍ୱବିଦ୍ୟାଳୟ ପରି ଅନୁଷ୍ଠାନ ଗଢ଼ିଉଠିବ ଏବଂ ଭାରତୀୟ ପରମ୍ପରାକୁ ଅକ୍ଷୁଣ୍ଣ ରଖିବ । ସେଥିପାଇଁ ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଜାତୀୟ ମୂଲ୍ୟାୟନ ଓ ପ୍ରତ୍ୟାୟନ ପରିଷଦ (National Assessment and Accreditation Council – NAAC) ଦ୍ୱାରା ସର୍ବନିମ୍ନ ମାନଦଣ୍ଡ ହାସଲ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବେ ।

ଉଚ୍ଚଶିକ୍ଷାରେ ମୋଟ ନାମଲେଖା ଅନୁପାତ (Gross Enrolment Ratio – GER) ୨୦୩୫ ମସିହା ସୁଦ୍ଧା ୫୦% ପର୍ଯ୍ୟନ୍ତ ବୃଦ୍ଧି କରିବା ଲକ୍ଷ୍ୟ ରହିଛି ।

ଉଚ୍ଚଶିକ୍ଷାନୁଷ୍ଠାନରେ ମୁକ୍ତ ଦୂର ଶିକ୍ଷା ଓ Online କାର୍ଯ୍ୟକ୍ରମ ଚଳାଇବା ପାଇଁ ବିକଳ୍ପ ବ୍ୟବସ୍ଥା ରହିବ । ଏକକ ବିଷୟ ପ୍ରଚଳନ କରୁଥିବା ଉଚ୍ଚଶିକ୍ଷାନୁଷ୍ଠାନ (Higher

Education Institute – HEI)ଗୁଡ଼ିକୁ ବନ୍ଦ କରିବାର ଯୋଜନା ଜାତୀୟ ଶିକ୍ଷାନୀତିରେ ରହିଛି । ସାମଗ୍ରିକ ଉଚ୍ଚଶିକ୍ଷା ହେଉଛି ଏକ ସମନ୍ୱିତ ଉଚ୍ଚଶିକ୍ଷା ବ୍ୟବସ୍ଥା । ଏଥିରେ ବୃତ୍ତିଗତ ଓ ଧନ୍ଦାମୂଳକ ଶିକ୍ଷା ଅନ୍ତର୍ଭୁକ୍ତ ହେବାର ଯୋଜନା କରାଯାଇଛି । ବିଶ୍ୱବିଦ୍ୟାଳୟର ବିଭିନ୍ନ ନାମଗୁଡ଼ିକୁ ପ୍ରତ୍ୟାହାର କରି ନେବାର ବ୍ୟବସ୍ଥା ରହିଛି । ପ୍ରଚଳିତ 'ଏକକ ବିଶ୍ୱବିଦ୍ୟାଳୟ' (Unitary University), ବିବେଚିତ ବିଶ୍ୱବିଦ୍ୟାଳୟ (Deemed to be University), ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ (Affiliating University) ଆଦି ନାମ ଉଠିଯାଇ କେବଳ ବିଶ୍ୱବିଦ୍ୟାଳୟ ନାମ ରହିବାର ବ୍ୟବସ୍ଥା ରହିଛି ।

ବାଣଭଟ୍ଟଙ୍କ କାଦମ୍ବରୀରେ ଏହା କୁହାଯାଇଛି ଯେ ଯେଉଁ ଶିକ୍ଷାରେ ୬୪ ପ୍ରକାର କଳା ରହିଛି ତାହାକୁ ଉତ୍ତମ ଶିକ୍ଷା କୁହାଯାଏ । ତେଣୁ ଉଚ୍ଚଶିକ୍ଷାନୁଷ୍ଠାନରେ 'ଅନେକ କଳାର ଜ୍ଞାନ' (Knowledge of many arts) ବା ଉଦାର କଳା (Liberal arts)କୁ ଅନ୍ତର୍ଭୁକ୍ତ କରାଯିବ । ଏହି ୬୪ କଳା କେବଳ ଗୀତ, ନାଚ, ଚିତ୍ରକଳା ଆଦିକୁ ବୁଝାଏ ନାହିଁ । ଏହା ରସାୟନ ଶାସ୍ତ୍ର ଓ ଗଣିତ ପରି 'ବୈଜ୍ଞାନିକ କ୍ଷେତ୍ର', ବଢ଼େଇ କାମ ଓ ସିଲେଇ ଶିକ୍ଷା ଭଳି 'ଧନ୍ଦାମୂଳକ କ୍ଷେତ୍ର', ଭେଷଜ ଓ ଯାନ୍ତ୍ରିକ ଶିକ୍ଷା ଭଳି 'ବୃତ୍ତିଗତ କ୍ଷେତ୍ର', ଯୋଗାଯୋଗ, ତର୍କ ବିତର୍କ ଓ ଆଲୋଚନା ପରି ବ୍ୟାବହାରିକ କୌଶଳ ମଧ୍ୟ ଅନ୍ତର୍ଭୁକ୍ତ ଅଟେ । ଏସବୁ ଜ୍ଞାନ ଉଚ୍ଚ ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମରେ ରହିବ । ସାମଗ୍ରିକ ଓ ବହୁ ବିଷୟକ ଶିକ୍ଷା ହେଉଛି ମନୁଷ୍ୟର ସମସ୍ତ ପ୍ରକାର ଦକ୍ଷତା ବୃଦ୍ଧି କରିବା । ବୌଦ୍ଧିକ, ସୌନ୍ଦର୍ଯ୍ୟବୋଧ, ସାମାଜିକ, ଶାରୀରିକ, ଭାବାତ୍ମକ ଓ ନୈତିକ ଶିକ୍ଷାର ସମନ୍ୱିତ ରୂପକୁ ସାମଗ୍ରିକ ଶିକ୍ଷା ବୋଲି ଯଦି କୁହାଯାଏ ତେବେ ଏହିସବୁ ଶିକ୍ଷା କ୍ଷେତ୍ରରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ଦକ୍ଷତା ବୃଦ୍ଧି କରିବାର ଯୋଜନା ଜାତୀୟ ଶିକ୍ଷାନୀତିରେ ରହିଛି । ଏପରିକି IIT ଭଳି ବୈଷୟିକ ଅନୁଷ୍ଠାନଗୁଡ଼ିକରେ ମଧ୍ୟ ସାମଗ୍ରିକ ଶିକ୍ଷାର ବ୍ୟବସ୍ଥା ରହିବ ।

ଉଚ୍ଚଶିକ୍ଷାନୁଷ୍ଠାନରେ ଏକାଧିକ ପ୍ରବେଶ ଓ ପ୍ରସ୍ଥାନର ସୁବିଧା ରହିବ । କ୍ରେଡ଼ିଟ୍ ଆଧାରିତ ପାଠ୍ୟକ୍ରମ ଓ ପ୍ରକଳ୍ପ ରହିବ । ମୂଲ୍ୟ ଆଧାରିତ ଶିକ୍ଷା (Value-based Education)ରେ ମାନବିକତା, ନୈତିକ, ସାମ୍ବିଧାନିକ, ସତ୍ୟ, ଧର୍ମ, ଶାନ୍ତି, ପ୍ରେମ, ଅହିଂସା, ବୈଜ୍ଞାନିକ ସ୍ୱଭାବ, ନାଗରିକତା ମୂଲ୍ୟବୋଧ, ସାର୍ବଜନୀନ ମାନବୀୟ ମୂଲ୍ୟବୋଧ ଏବଂ ଜୀବନ କୌଶଳର ବିକାଶ ଅନ୍ତର୍ଭୁକ୍ତ ହେବ । ସେବା ସମ୍ବନ୍ଧିତ ପାଠ ଓ ଗୋଷ୍ଠୀ ସେବା କାର୍ଯ୍ୟକ୍ରମ ସାମଗ୍ରିକ ଶିକ୍ଷାର ଏକ ଅଭିନ୍ନ ଅଙ୍ଗ ହୋଇ ରହିବ ।

ନୂତନ ଜାତୀୟ ଶିକ୍ଷାନୀତିରେ ସ୍ନାତକ ଶିକ୍ଷାର ଅବଧିକୁ ୩ କିଂବା ୪ ବର୍ଷ ରଖାଯାଇଛି । ଏହି ଅବଧି ମଧ୍ୟରେ ଏକାଧିକ ପ୍ରସ୍ଥାନ ସହିତ ଉପଯୁକ୍ତ ପ୍ରମାଣ ପତ୍ର ମିଳିବାର ସୁବିଧା ରହିଛି । ପ୍ରତ୍ୟେକ ବର୍ଷରେ ଧନ୍ଦାମୂଳକ ଓ ବୃତ୍ତିଗତ ବିଷୟମାନ ରହିଛି । ପ୍ରଥମ ବର୍ଷ ସମାପ୍ତ ପରେ ସାର୍ଟିଫିକେଟ୍ ପ୍ରମାଣ ପତ୍ର, ଦୁଇବର୍ଷ ସମାପ୍ତ ପରେ ଡିପ୍ଲୋମା ପ୍ରମାଣପତ୍ର ଓ ତୃତୀୟ ବର୍ଷ ସମାପ୍ତ ପରେ ସ୍ନାତକ ଡିଗ୍ରୀ ପ୍ରମାଣ ପତ୍ର ଏବଂ ଚାରିବର୍ଷ ସମାପ୍ତ ପରେ ବହୁ ବିଷୟକ ସ୍ନାତକ ଡିଗ୍ରୀ ପ୍ରମାଣ ପତ୍ର ମିଳିପାରିବ । ଶିକ୍ଷାର୍ଥୀ ଚାହିଁଲେ ପ୍ରଥମ ବର୍ଷର ସାର୍ଟିଫିକେଟ୍ ହାସଲ କରି ପ୍ରସ୍ଥାନ କରିପାରେ ଏବଂ ପରେ ଦ୍ୱିତୀୟ, ତୃତୀୟ କିଂବା ଚତୁର୍ଥ ବର୍ଷ ସମାପ୍ତ କରି ଡିଗ୍ରୀ ହାସଲ କରିପାରେ । ତେଣୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଜଣେ ଶିକ୍ଷାର୍ଥୀ ପାଇଁ ବହୁ ପ୍ରବେଶ ଓ ପ୍ରସ୍ଥାନର ସୁଯୋଗ ରହିଛି । ଚତୁର୍ଥ ବର୍ଷ ସ୍ନାତକ ଶିକ୍ଷାଟି ଗବେଷଣାତ୍ମକ ହେବ ଏବଂ ଏହି ବର୍ଷରେ ଗବେଷଣାତ୍ମକ ପ୍ରକଳ୍ପ ପ୍ରସ୍ତୁତ କରିବାକୁ ପଡ଼ିବ ।

ସ୍ନାତକୋତ୍ତର ଶିକ୍ଷା ପାଇଁ ଜାତୀୟ ଶିକ୍ଷାନୀତିରେ ନମନୀୟତା ପ୍ରଦାନ କରାଯାଇଛି ।

(କ) ତିନି ବର୍ଷର ସ୍ନାତକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିଥିବା ଶିକ୍ଷାର୍ଥୀଙ୍କ ପାଇଁ ଦୁଇ ବର୍ଷର ସ୍ନାତକୋତ୍ତର କାର୍ଯ୍ୟକ୍ରମ ରହିବ ଯେଉଁଥିରେ ଦୁଇବର୍ଷ ସମ୍ପୂର୍ଣ୍ଣଭାବେ ଗବେଷଣା ପାଇଁ ଉଦ୍ଦିଷ୍ଟ ରହିବ ।

(ଖ) ଚାରି ବର୍ଷର ସ୍ନାତକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିଥିବା ଶିକ୍ଷାର୍ଥୀଙ୍କ ପାଇଁ ଏକ ବର୍ଷର ସ୍ନାତକୋତ୍ତର କାର୍ଯ୍ୟକ୍ରମ ରହିବ ।

(ଗ) ଏକ ପାଞ୍ଚ ବର୍ଷର ସ୍ନାତକ/ସ୍ନାତକୋତ୍ତର କାର୍ଯ୍ୟକ୍ରମ ରହିପାରେ । Ph.D. ପାଇଁ ସ୍ନାତକୋତ୍ତର ଡିଗ୍ରୀ ବା ୪ ବର୍ଷିଆ ସ୍ନାତକ ଡିଗ୍ରୀର ଯୋଗ୍ୟତା ରହିବା ଆବଶ୍ୟକ । M. Phil କାର୍ଯ୍ୟକ୍ରମ ବନ୍ଦ କରାଯିବାର ନିୟମ ରହିଛି ।

(ଘ) IIT ଓ IIM ଭଳି ସାମଗ୍ରିକ ଓ ବହୁ ବିଷୟକ ଶିକ୍ଷା ପାଇଁ ଆଦର୍ଶ ସାର୍ବଜନୀନ ବିଶ୍ୱବିଦ୍ୟାଳୟ (Multidisciplinary Education and Research University – MERU) ପ୍ରତିଷ୍ଠା କରାଯିବ ।

(ଙ) ଏକ ଶୈକ୍ଷିକ କୃତିତ୍ୱ ବ୍ୟାଙ୍କ (Academic Bank of Credit) ପ୍ରତିଷ୍ଠା କରାଯିବ ଯାହା ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକର ଅର୍ଜିତ କୃତିତ୍ୱ (Credit)କୁ ଡିଜିଟାଲ ମାଧ୍ୟମରେ ଗଚ୍ଛିତ ରଖିବ ଏବଂ ସେହି ଆଧାରରେ ଅନୁଷ୍ଠାନକୁ ପୁରସ୍କୃତ କରାଯାଇ ପାରିବ ।

(ଚ) ରାଷ୍ଟ୍ରୀୟ ଗବେଷଣା ସଂସ୍ଥା (NRF) ସମସ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନରେ ଗବେଷଣା ଓ ନବାଚାର ସଂସ୍କୃତିର ବିକାଶ, ଗବେଷଣା ପ୍ରୟୋଗଶାଳା ଓ ଅନ୍ୟ ଗବେଷଣା ସଂସ୍ଥାକୁ ସକ୍ଷମ ଓ ସମର୍ଥନ କରିବା ପାଇଁ କାର୍ଯ୍ୟ କରିବ ।

(ଛ) ପସନ୍ଦ ଆଧାରିତ କ୍ରେଡ଼ିଟ୍ ପ୍ରଣାଳୀ (Choice Based Credit System – CBCS)ରେ ନମନୀୟତା ପାଇଁ ସଂଶୋଧନ କରିବାର ବ୍ୟବସ୍ଥା ରହିଛି ।

(ଜ) ଉଚ୍ଚଶିକ୍ଷାକୁ ଆନ୍ତର୍ଜାତୀୟକରଣ କରିବାର ଲକ୍ଷ୍ୟକୁ ହାସଲ କରିବା ପାଇଁ ସୁଲଭମୂଲ୍ୟରେ ଉଚ୍ଚକୋଟିର ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ ଯଦ୍ଦ୍ୱାରା ଭାରତ ବିଶ୍ୱଗୁରୁ ରୂପେ ପରିଚିତ ହେବ ।

(ଝ) ଅଧ୍ୟାପକମାନେ ନିଜସ୍ୱ ଶିକ୍ଷାଦାନ କୌଶଳ ପ୍ରୟୋଗ କରିବା, ପାଠ୍ୟ ଉପକରଣ ଚୟନ, ଆନୁଷ୍ଠାନିକ ନେତୃତ୍ୱ, ନ୍ୟସ୍ତକାର୍ଯ୍ୟ, ମୂଲ୍ୟାୟନ ପଦ୍ଧତି ନିର୍ଦ୍ଧାରଣ କରିବାରେ ସ୍ୱାଧୀନତା ପାଇବେ ।

(ଞ) ସାମାଜିକ ଓ ଅର୍ଥନୈତିକ ଅନଗ୍ରସର ଶ୍ରେଣୀ ପାଇଁ ଉଚ୍ଚଶିକ୍ଷାରେ ବିଶେଷ ଦୃଷ୍ଟି ଦିଆଯିବ । ସ୍ୱତନ୍ତ୍ର ଆର୍ଥିକ ସହାୟତା, ଛାତ୍ରବୃତ୍ତି ପ୍ରଦାନ କରାଯିବ । ପ୍ରବେଶ କ୍ଷେତ୍ରରେ ଲିଙ୍ଗଗତ ବୈଷମ୍ୟକୁ ଦୂର କରିବା ସହ ଆଞ୍ଚଳିକ ଭାଷା ବା ଭାରତୀୟ ଭାଷା ବା ଦ୍ୱି-ଭାଷା ମାଧ୍ୟମରେ ଶିକ୍ଷା ଦିଆଯିବ ।

(ଟ) ଚାରି ବର୍ଷିଆ, ଦୁଇ ବର୍ଷିଆ ଓ ଏକ ବର୍ଷିଆ B.Ed ପାଠ୍ୟକ୍ରମ ପ୍ରଦାନ କରାଯିବ । ଚାରି ବର୍ଷିଆ ସମନ୍ୱିତ B.Ed ପାଠ୍ୟକ୍ରମ ରହିବ, ଯେଉଁମାନେ ଗୋଟିଏ ବିଷୟ ଉପରେ ସ୍ନାତକ ଡିଗ୍ରୀ ହାସଲ କରିଥିବେ ସେମାନଙ୍କ ପାଇଁ ଦୁଇ ବର୍ଷିଆ B.Ed ଏବଂ ଯେଉଁମାନେ ଏକ ବିଶେଷ ବିଷୟ ଉପରେ ଚାରି ବର୍ଷର ସ୍ନାତକ ଡିଗ୍ରୀ ହାସଲ କରିଥିବେ ସେମାନଙ୍କ ପାଇଁ ଏକ ବର୍ଷିଆ B.Ed ପାଠ୍ୟକ୍ରମ ପ୍ରଦାନ କରାଯିବାର ସୁବିଧା ପ୍ରଦାନ କରାଯାଇଛି ।

(ଠ) ଶିକ୍ଷକ ଶିକ୍ଷା (Teacher Education) କ୍ଷେତ୍ରରେ ନାମ ଲେଖା ପାଇଁ ଜାତୀୟ ପରୀକ୍ଷଣ ସଂସ୍ଥା (NTA) ଦ୍ୱାରା ପରୀକ୍ଷା କରାଯାଇ ଉତ୍ତୀର୍ଣ୍ଣ ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ଦିଆଯିବ ।

(ଡ) Ph.D. କାର୍ଯ୍ୟକ୍ରମକୁ ପୁନର୍ଗଠନ କରାଯିବାର ଲକ୍ଷ୍ୟ ରଖାଯାଇଛି ।

(ଢ) ଶିକ୍ଷକମାନଙ୍କର Online ପ୍ରଶିକ୍ଷଣ ପାଇଁ Study Webs of Active Learning for Young Aspiring Minds (SWAYAM) ଓ Digital Infrastructure for Knowledge Sharing (DIKSHA) ଭଳି ପ୍ରଯୁକ୍ତି ବିଦ୍ୟା ପ୍ଲାଟଫର୍ମର ବ୍ୟବହାରକୁ ଉତ୍ସାହିତ କରାଯିବ ।

(ଣ) ଅଧ୍ୟାପକମାନଙ୍କୁ ସ୍ୱଳ୍ପ ଓ ଦୀର୍ଘକାଳୀନ ପରାମର୍ଶ ବା ବୃତ୍ତିଗତ ସହାୟତା ପ୍ରଦାନ ପାଇଁ ଜାତୀୟ ପରାମର୍ଶଦାତା ମିଶନ (National Mission for Mentoring) ପ୍ରତିଷ୍ଠା କରାଯିବ ।

(ତ) ଧନ୍ଦାମୂଳକ ଶିକ୍ଷାକୁ ନିରନ୍ତର ବିକାଶର ଲକ୍ଷ୍ୟ (Sustainable Development Goal) ରୂପେ ସ୍ନାତକ ଶ୍ରେଣୀରେ ୫୦% ଶିକ୍ଷାର୍ଥୀମାନଙ୍କୁ ଏହି ଶିକ୍ଷା ସହ ପରିଚିତ କରାଇବା ଏବଂ ଏହି ଶିକ୍ଷାର ସମନ୍ୱୟ ଆଣିବା ସକାଶେ (National Committee for Integration of Vocational Education – NCIVE) ଗଠନ କରାଯିବାର ଲକ୍ଷ୍ୟ ରହିଛି । ଏତଦ୍ ବ୍ୟତୀତ ଜାତୀୟ କୌଶଳ ଯୋଗ୍ୟତା ଆଧାର (NSQF)କୁ ପ୍ରତ୍ୟେକ ଶୃଙ୍ଖଳା, ବୃତ୍ତି, ଧନ୍ଦା ନିମନ୍ତେ ଅଧିକ ବ୍ୟାପକ କରାଯିବାର ଯୋଜନା ମଧ୍ୟ ରହିଛି ।

(ଥ) ଏକ ନୂତନ ଜାତୀୟ ଗବେଷଣା ସଂସ୍ଥା (NRF) ମାଧ୍ୟମରେ ସମସ୍ତ କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷା ଗବେଷଣାକୁ ସକ୍ରିୟ କରାଯିବ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାବିଭାଗ (Department of Science and Technology – DST), ପରମାଣୁ ଶକ୍ତି ବିଭାଗ (Department of Atomic Energy – DAE), ଜୈବ ପ୍ରଯୁକ୍ତି ବିଭାଗ (Department of Bio-Technology – DBT), ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (Indian Council of Agricultural Research – ICAR),

ଭାରତୀୟ ଚିକିତ୍ସା ଅନୁଷ୍ଠାନ ପରିଷଦ (Indian Council of Medical Research – ICMR), ଭାରତୀୟ ଐତିହାସିକ ଅନୁସନ୍ଧାନ ପରିଷଦ (Indian Council of Historical Research), ଭାରତୀୟ ଦର୍ଶନ ଅନୁସନ୍ଧାନ ପରିଷଦ (Indian Council of Philosophical Research), ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (UGC) ଆଦି ବିଭିନ୍ନ ସଂସ୍ଥାଗୁଡ଼ିକ ଗବେଷଣା କାର୍ଯ୍ୟରେ ଅନୁଦାନ ପ୍ରଦାନ ସହ ଗବେଷଣା କାର୍ଯ୍ୟକୁ ସକ୍ରିୟ ଓ ସଂଗଠିତ କରିବେ । ଭାରତୀୟ ଉଚ୍ଚଶିକ୍ଷା ଆୟୋଗ (Higher Education Commission of India – HECI) ଅଧୀନରେ ଜାତୀୟ ଉଚ୍ଚଶିକ୍ଷା ନିୟାମକ ପରିଷଦ (National Higher Education Regulatory Council – NHERC), ଜାତୀୟ ମାନ୍ୟତା ପରିଷଦ (National Accrediation Council – NAC), ଉଚ୍ଚଶିକ୍ଷା ଅନୁଦାନ ପରିଷଦ (Higher Education Grants Council – HEGC), ସାଧାରଣ ଶିକ୍ଷା ପରିଷଦ (General Education Council – GEC) ଆଦି ଚାରୋଟି ବିଭାଗ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରି ଉଚ୍ଚଶିକ୍ଷାରେ ଗୁଣାତ୍ମକ ବିକାଶ ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି । ସେହିପରି Indian Council for Agricultural Research (ICAR), Veterinary Council of India (VCI), Council of Architecture (COA), National Council for Teacher Education (NCTE), National Council for Vocational Education and Training (NCVET) ଆଦି ବୃତ୍ତିଗତ ପରିଷଦମାନ ବୃତ୍ତିଗତ ଶିକ୍ଷାକୁ ନିୟନ୍ତ୍ରିତ କରିବେ । ଏହି ବୃତ୍ତିଗତ ଶିକ୍ଷାର ବିକାଶ ନିମିତ୍ତ ବହୁ ଶୃଙ୍ଖଳାଗତ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ, ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ, କୃଷି ବିଶ୍ୱବିଦ୍ୟାଳୟ, ଆଇନ ବିଶ୍ୱବିଦ୍ୟାଳୟ ତଥା ଅନ୍ୟ ବିଷୟଗତ ବିଶ୍ୱବିଦ୍ୟାଳୟମାନ ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ରଖା ଯାଇଛି ।

(ଦ) ଉଚ୍ଚତର ଶିକ୍ଷାକୁ ବ୍ୟବସାୟୀକରଣରୁ ମୁକ୍ତ ରଖିବାରେ କଟକଣାମାନ ରଖା ଯିବାର ବ୍ୟବସ୍ଥା ରହିବ ।

(ଧ) ଆଇନ ଶିକ୍ଷାକୁ ବିଶ୍ୱସ୍ତରୀୟ କରିବାର ଯୋଜନା ସହ ସ୍ୱାସ୍ଥ୍ୟ ସେବା ଶିକ୍ଷା, ଯାନ୍ତ୍ରିକ ବା ଶିଳ୍ପବିଦ୍ୟା, ପ୍ରଯୁକ୍ତି ବିଦ୍ୟା, ପରିଚାଳନା, ସ୍ଥାପତ୍ୟ, ସହରଯୋଜନା, ଫାର୍ମାସି, ହୋଟେଲ ପରିଚାଳନା, ନର୍ସିଂ ଆଦି ବିଭିନ୍ନ କ୍ଷେତ୍ରରେ ଗୁଣାତ୍ମକ ବିକାଶ ଆଣିବା ପାଇଁ ଯୋଜନା ରହିଛି ।

(ନ) ଜାତୀୟ ଶିକ୍ଷାନୀତି ଶତ ପ୍ରତିଶତ ଯୁବକ ଓ ପ୍ରୌଢ଼ ସାକ୍ଷରତା ଉପରେ ପ୍ରାଧାନ୍ୟ ଦେଇଛି ଏବଂ ଭାରତୀୟ ଭାଷା, କଳା ଓ ସଂସ୍କୃତି ଉପରେ ପ୍ରାଧାନ୍ୟ ଦେଇ ବିଭିନ୍ନ କ୍ଷେତ୍ରରେ ଏହାର ଅଭିବୃଦ୍ଧି ସକାଶେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ଲକ୍ଷ୍ୟ ରଖିଛି ।

(ପ) ବିଭିନ୍ନ ଭାରତୀୟ ଭାଷା ଓ ବିଦେଶୀ ଭାଷାର ଅନୁବାଦ ବ୍ୟାଖ୍ୟାକରଣ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ସହ ଭାରତୀୟ ଅନୁବାଦ ଓ ବ୍ୟାଖ୍ୟା ପ୍ରତିଷ୍ଠାନ (Indian Institute of Translation and Interpretation – IITI) ପ୍ରତିଷ୍ଠା କରାଯିବ ।

(ଫ) ସଂସ୍କୃତକୁ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ସୀମିତ ନରଖି ଶିକ୍ଷା ବ୍ୟବସ୍ଥାରେ ସବୁ ସ୍ତରରେ ଏହାକୁ ଅନ୍ତର୍ଭୁକ୍ତ କରିବା ସହ ଅନୁଷ୍ଠାନମାନଙ୍କରେ ସଂସ୍କୃତ ଜ୍ଞାନ ବିଭାଗ (Sanskrit Knowledge System) ପ୍ରତିଷ୍ଠା କରାଯିବ । ଏବଂ ପ୍ରାଚୀନ ଭାଷା, ସାହିତ୍ୟ, ପାଣ୍ଡୁଲିପି ଆଦିର ସଂଗ୍ରହ ଓ ସଂରକ୍ଷଣ କରି ତାହାର ଅନୁବାଦ, ବ୍ୟାଖ୍ୟା ଓ ପାଠ କରିବାର ସୁବିଧା ଓ ସୁଯୋଗ ପ୍ରଦାନ କରାଯିବା ଜାତୀୟ ଶିକ୍ଷାନୀତିର ଉଦ୍ଦେଶ୍ୟ ଅଟେ ।

(କ୍ରମଶଃ)

❑❑❑

ଉଦ୍ୟମକୁ ରୂପାନ୍ତରିତ କର ଆତ୍ମଶକ୍ତିର ଏକ ସୁଷମ ଓ ସାର୍ବଭୌମ ମହାପ୍ଲାବନରେ;
ସମଗ୍ର ଭାବରେ ତୁମେ ହୋଇଉଠ ଏକ ସଚେତ ଶକ୍ତି । ଏହାହିଁ ତୁମର ଲକ୍ଷ୍ୟ ।

— ଶ୍ରୀଅରବିନ୍ଦ

# ଦଶକର୍ମଧାରା

## (୬)

## ପ୍ରସାଦ ତ୍ରିପାଠୀ

[**ପୂର୍ବାଭାଷ :** ଦଶକର୍ମଧାରା ସମ୍ପର୍କରେ ଏହି ନିବନ୍ଧଗୁଡ଼ିକ ଲେଖିବାର ଅନେକ ଆଗରୁ ଓଡ଼ିଶାରେ ଦଶକର୍ମଧାରା ପ୍ରବର୍ତ୍ତିତ ହୋଇ ସାରିଥିଲା । ହଠାତ୍ ଦିନେ ମାମୁଁ (ଶ୍ରୀ ଗଦାଧର ମିଶ୍ର) ଡାକି କରି କହିଲେ, ''ଆମେ ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର କମିଟି ତରଫରୁ **ଦଶକର୍ମଧାରା** ପ୍ରଚଳନ କରିବା । ଆମ ସମାଜରେ ବିଭିନ୍ନ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସଙ୍ଗଠିତ କରି ବିଭିନ୍ନ କାର୍ଯ୍ୟଧାରା ମାଧ୍ୟମରେ ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବା । ସେଥିପାଇଁ ପାଠଚକ୍ର, ମହିଳା ପାଠଚକ୍ର, ଶିକ୍ଷାରେ ଗବେଷଣା, ଡାକ୍ତର, ଇଞ୍ଜିନିୟର, ସାହିତ୍ୟ, କଳା, ବ୍ୟବସାୟ, ଆଇନ, କୃଷି ଏବଂ ଆଲୋକସେନା – ଏହିପରି ଭାବରେ ଦଶଟି ବିଭାଗକୁ ନେଇ ସେମାନଙ୍କୁ ସଙ୍ଗଠିତ କରିବା । ମୁଁ ପଚାରିଲି ମାମୁଁ, ''ଏହି ଦଶଟିରୁ କ'ଣ ଆଉ ଅଧିକ ନାହାନ୍ତି ?'' ମାମୁଁ କହିଲେ, ''ଏବେ ଏତିକି କରିବା, ପରେ ପୁଣି ଦରକାର ପଡ଼ିଲେ ଅନ୍ୟ କର୍ମଧାରା ସବୁ ଆରମ୍ଭ କରିବା ।'' 'ତା'ପରେ ମୋତେ ୨୦୦୬ ମସିହାରେ କହିଲେ, ''ଏଇ ଦଶକର୍ମଧାରାଗୁଡ଼ିକ ସମ୍ପର୍କରେ ତୁ ଗୋଟିଏ ଗୋଟିଏ ନିବନ୍ଧ ଲେଖ ଏବଂ ସେଗୁଡ଼ିକ ସବୁ ମାତୃଭବନ ପତ୍ରରେ ନିୟମିତ ଭାବରେ ପ୍ରକାଶ ପାଇବ । ପ୍ରତ୍ୟେକ ମାସରେ ଗୋଟିଏ କର୍ମଧାରା ।'' ମୁଁ ୨୦୦୬ ଅଗଷ୍ଟ ମାସରୁ ଏହା ଲେଖିବାକୁ ଆରମ୍ଭ କଲି । ପ୍ରଥମ ଦୁଇଟି ନିବନ୍ଧ ଉପକ୍ରମ, ତା' ପରବର୍ତ୍ତୀ ପ୍ରତି ସଂଖ୍ୟାରେ ଗୋଟିଏ ଗୋଟିଏ କର୍ମଧାରା ସମ୍ପର୍କରେ ଆଲୋଚନା । ମାତ୍ର ଜାଣିବା କଥା ଯେ, ମୁଁ ଏସବୁ ଲେଖିଲା ବେଳେ ଯେଉଁଠାରେ ବି ମାମୁଁଙ୍କ ନାମ ଉଲ୍ଲେଖ କରିଥିଲି, ମାମୁଁ ସବୁ କାଟି ଦେଇଛନ୍ତି । ସବୁଗୁଡ଼ିକର ସୂତ୍ରଧର ସିଏ ଥିଲେ । ପରବର୍ତ୍ତୀ ସମୟରେ ସେ ଆମ ଭିତରୁ ଜଣକୁ କହିଲେ, ''ଦଶକର୍ମଧାରା ବିଷୟଟି ସିଧା ଉର୍ଦ୍ଧ୍ୱରୁ ଆସିଲା । ମୁଁ ଆଦୌ ଭାବି ନାହିଁ ।'' ବାସ୍ତବରେ ଏବେ ସବୁ ଅତି ପ୍ରାଞ୍ଜଳ ଭାବରେ ବୁଝି ହେଉଛି । ମାତ୍ର ସେତେବେଳେ ହୁଏତ ଏତେ ସହଜରେ ବୁଝି ହେଉ ନଥିଲା ।

ଏହି ନିବନ୍ଧଗୁଡ଼ିକ ୨୦୦୬ ମସିହାରେ ଲେଖା ହୋଇଛି । ଏହା ମଧ୍ୟରେ ପ୍ରତି କର୍ମଧାରାରେ କିଛି କିଛି ପୁରାତନ ଲେଖା ସହିତ କର୍ମଧାରାରେ କିଛି କିଛି ନୂଆ କାର୍ଯ୍ୟକ୍ରମ ମଧ୍ୟ ଆଗେଇ ଗଲାଣି । ପ୍ରତ୍ୟେକ ନିବନ୍ଧରେ ପୁରାତନ ଲେଖା ସହିତ ବର୍ତ୍ତମାନର ଅଗ୍ରଗତି ସମ୍ବନ୍ଧରେ କିଛି ସୂଚନା ଦେବା ପାଇଁ ଚେଷ୍ଟା କରିବି । – ଲେଖକ]

### ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦ

ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର ଭୂମିକା ହେଉଛି ଭାଷା ମାଧ୍ୟମରେ ଏକ ଆଧ୍ୟାତ୍ମିକ ଜାଗୃତି । ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ନିଜ ଭାଷା ମାଧ୍ୟମରେ ପ୍ରକାଶ କରିବା, ଅତିମାନସ ଜାଗରଣକୁ ପ୍ରକାଶ କରିବା, ନୂତନ ଜାତି, ନୂତନ ଚେତନାର ପ୍ରକାଶକୁ ବ୍ୟକ୍ତ କରିବାର ଦାୟିତ୍ୱହିଁ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦ ବହନ କରିବ । ଶ୍ରୀଅରବିନ୍ଦ ଦଶକର୍ମଧାରାର ଚତୁର୍ଥ କର୍ମଧାରା ଭାବରେ ଏହା ଅପେକ୍ଷାକୃତ ସ୍ୱଳ୍ପ ଭାବରେ କ୍ରିୟାଶୀଳ ହୋଇଥିଲେ ମଧ୍ୟ ନିଷ୍କ୍ରିୟ ନୁହେଁ । ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦ ମୁଖ୍ୟତଃ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କୁ କେନ୍ଦ୍ର କରି କାର୍ଯ୍ୟ କରିବ; ଯଦିଓ ସେପରି କିଛି ଦୃଢ଼ ନିୟମ ବା ପଦ୍ଧତି ନାହିଁ, ତଥାପି ଏହି ଅନୁଷ୍ଠାନମାନଙ୍କରେ ସାହିତ୍ୟ ପରିଷଦର କାର୍ଯ୍ୟ କରିବା ଅପେକ୍ଷାକୃତ ସହଜ ।

ମୁଖ୍ୟତଃ ଆମକୁ ଆମ ଅଞ୍ଚଳରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପ୍ରତି ଉନ୍ମୁଖ ବ୍ୟକ୍ତିମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବାକୁ ହେବ, ସେମାନଙ୍କୁ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର ସଭ୍ୟ ଭାବରେ ଗ୍ରହଣ କରିବାକୁ ହେବ ।

ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର ଏକ ବାର୍ଷିକ ବୈଠକ କରି ସେଠାରେ ସବୁ ସଭ୍ୟମାନଙ୍କୁ ଡକାଇ ବର୍ଷକ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ସିଦ୍ଧାନ୍ତ ନେବେ । ଏହି ବୈଠକରେ ଜିଲ୍ଲାର ସମସ୍ତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ପ୍ରତିନିଧିଙ୍କୁ ଡାକିବାକୁ ହେବ । ସମ୍ଭବତଃ

ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଏବଂ ଅପାଭାଇମାନଙ୍କ ମଧ୍ୟରୁ ଜଣେ ଜଣେ ଉପସ୍ଥିତ ରହିଲେ ଭଲ ହେବ । ଏହି ଆଲୋଚନାରେ ସମଗ୍ର ଜିଲ୍ଲା ପାଇଁ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦ ଗୋଟିଏ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଆଲୋଚନା କରିବେ । ପ୍ରତ୍ୟେକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିଜ ନିଜ ସ୍କୁଲ ପାଇଁ ମଧ୍ୟ ଗୋଟିଏ ବର୍ଷର କାର୍ଯ୍ୟକ୍ରମର ସୂଚନା ଦେବେ ।

ଏହା ବ୍ୟତୀତ ଅନ୍ୟାନ୍ୟ ଶିକ୍ଷାକେନ୍ଦ୍ରଗୁଡ଼ିକର ପ୍ରଧାନ ଶିକ୍ଷକମାନଙ୍କୁ ସାକ୍ଷାତ୍ କରି ସେ ସ୍କୁଲର ସାହିତ୍ୟ ଶିକ୍ଷକଙ୍କ ମାଧ୍ୟମରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ଏକ ସାହିତ୍ୟ ସଭା ଅନୁଷ୍ଠିତ କରାଇବା ପାଇଁ ଉଦ୍ୟମ କରାଯାଇ ପାରିବ ।

ପ୍ରତ୍ୟେକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଦର୍ଶନ ଦିବସ କିଂବା ଅନ୍ୟାନ୍ୟ ସ୍ୱତନ୍ତ୍ର ଦିବସମାନଙ୍କରେ ପିଲାମାନଙ୍କୁ ସ୍ୱରଚିତ ଗୀତ, କବିତା, ଗଳ୍ପ, ପ୍ରବନ୍ଧ ପ୍ରଭୃତି ଲେଖି ଆବୃତ୍ତି କରିବାକୁ ବ୍ୟବସ୍ଥା କରିବାକୁ ହେବ ।

ପୁନଶ୍ଚ ପ୍ରତ୍ୟେକ ଶ୍ରେଣୀରେ ମାସିକ ଏବଂ ଶ୍ରେଣୀ ଅନୁଯାୟୀ ପ୍ରାଚୀର ପତ୍ରିକା (Wall Magazine) କରିବା ପାଇଁ ଉତ୍ସାହିତ କରିବାକୁ ହେବ । ଯେପରି କି ଶ୍ରେଣୀର ପ୍ରତ୍ୟେକ ପିଲା କିଛି ଲେଖିବାକୁ ଆଗ୍ରହ ପ୍ରକାଶ କରିବ – ତାହା ଦେଖିବାକୁ ହେବ । ପ୍ରତ୍ୟେକ ମାସରେ ପ୍ରାଚୀର ପତ୍ରିକାର ବିଷୟବସ୍ତୁ ବଦଳାଇଲେ ପ୍ରତ୍ୟେକ ପିଲା କିଛି କିଛି ଲେଖିବା ପାଇଁ ନିଶ୍ଚୟ ସୁଯୋଗ ପାଇବେ ।

ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ଜିଲ୍ଲାସ୍ତରୀୟ Quiz କାର୍ଯ୍ୟକ୍ରମ କରି ବିଭିନ୍ନ ବିଷୟ ଜାଣିବାକୁ ଏବଂ ସେସବୁକୁ କହିବାକୁ ଚେଷ୍ଟା କରାଯିବ ।

ପ୍ରତ୍ୟେକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ପତ୍ରିକା କିଂବା ପ୍ରତ୍ୟେକ ଶିବିର ନିମନ୍ତେ ସ୍ମରଣିକା ପ୍ରକାଶ କରି ସେଥିରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଲେଖା କିଂବା ତାଙ୍କ ସମ୍ବନ୍ଧରେ ଲେଖା ପ୍ରକାଶ କରିବାକୁ ହେବ । ଯଦି ଛାପିବା ସମ୍ଭବ ହେଉ ନଥିବ ତେବେ ଅନ୍ତତଃ ଗୋଟିଏ ବା ଦୁଇଟି ହାତଲେଖା ପତ୍ରିକା ପ୍ରକାଶ କରି ହେବ ।

ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଶିବିର, ସମ୍ମିଳନୀମାନଙ୍କରେ ଶ୍ରୀମା ଶ୍ରୀଅରବିନ୍ଦଙ୍କର କୌଣସି ନା କୌଣସି ବିଷୟରେ ଆଲୋଚନା କରାଯିବ ଏବଂ ଅନେକ ବକ୍ତା ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ପ୍ରତ୍ୟେକଟି ବିଷୟ ଆଲୋଚନା କରିବେ । ପ୍ରତ୍ୟେକ ବକ୍ତାଙ୍କ ମତାମତକୁ ସଂକ୍ଷେପରେ ଏକତ୍ର କରି ପ୍ରକାଶ କରି ପାରିଲେ ତାହା ଭବିଷ୍ୟତରେ ଅନେକ ସମୟରେ ସାହାଯ୍ୟ କରିପାରିବ ।

ବାସ୍ତବରେ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର ଲକ୍ଷ୍ୟ ସାହିତ୍ୟ ମାଧ୍ୟମରେ ଅନ୍ତରାତ୍ମାଙ୍କ ସନ୍ଧାନ; କେବେହେଲେ ସାହିତ୍ୟରେ ଅଧିକ ପାଣ୍ଡିତ୍ୟ ପ୍ରକାଶ ନୁହେଁ । ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସାହିତ୍ୟହିଁ ସବୁଠାରୁ ଅଧିକ ଶକ୍ତିଶାଳୀ ମାଧ୍ୟମ । ଏହାକୁ ବାସ୍ତବରେ ରୂପାୟିତ କରିବାକୁ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦ ଉଦ୍ୟମ କରିବ ।

ଏହା ମଧ୍ୟରେ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର ଅନେକ କିଛି ଅଗ୍ରଗତି ହୋଇ ସାରିଛି । ରାଜ୍ୟର ବିଭିନ୍ନ ଜୋନ୍‌ରେ ଜୋନାଲ ସାହିତ୍ୟ ପରିଷଦର କାର୍ଯ୍ୟକ୍ରମ କରାଯାଉଅଛି । ଏହା ରାଜ୍ୟସ୍ତରୀୟ ମାତ୍ର ଦୁଇଟି ସ୍ଥାନରେ – ଗୋଟିଏ କାଳୁପଡ଼ାଘାଟ ଏବଂ ଆଉ ଗୋଟିଏ ସମ୍ବଲପୁରର ମାତୃକ୍ଷେତ୍ରଠାରେ ଅନୁଷ୍ଠିତ ହୋଇଅଛି । ସାଧାରଣ ଭାବରେ ଦେଖିବାକୁ ମିଳୁଛି ଯେ ଅଧିକାଂଶ ଜିଲ୍ଲାରେ ଶ୍ରୀଅରବିନ୍ଦଙ୍କ ସାହିତ୍ୟକୁ ଆଧାର କରି ବିଭିନ୍ନ ସମୟରେ ଆଲୋଚନା କରିବା ପାଇଁ ମାତୃକର୍ମୀମାନଙ୍କ ମଧ୍ୟରେ ଅନେକ ଉତ୍ସାହ ପରିଲକ୍ଷିତ ହେଉଅଛି । କେତେକ ସ୍ଥାନରେ ସାପ୍ତାହିକ ପାଠଚକ୍ର ମାଧ୍ୟମରେ, କେତେକ ସ୍ଥାନରେ ଆଲୋଚନାଚକ୍ର ମାଧ୍ୟମରେ ମଧ୍ୟ ଅନେକ କାର୍ଯ୍ୟକ୍ରମ କରାଯାଉଅଛି । ମାତ୍ର ଯାହା ଆଗରୁ ଲେଖା ଯାଇଛି, ଏଥି ନିମିତ୍ତ ପିଲାମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ପାଇଁ ନିୟମିତ ଲେଖା ପ୍ରକାଶ କରିବା, ପ୍ରାଚୀର ପତ୍ର ପ୍ରକାଶ କରିବା, ସ୍କୁଲର ମ୍ୟାଗାଜିନ୍ ପ୍ରକାଶ କରିବା ପ୍ରଭୃତି ଖୁବ୍ ବ୍ୟାପକ ଭାବରେ ହୋଇପାରି ନାହିଁ । ଅର୍ଥାତ୍, ଯଦିଓ ଭିନ୍ନ ଭିନ୍ନ ସ୍ଥାନରେ ଅନେକ କାର୍ଯ୍ୟକ୍ରମ କରାଯାଇଛି, ମାତ୍ର ସେସବୁକୁ ଶୃଙ୍ଖଳିତ ଭାବରେ ସଙ୍ଗଠିତ କରାଯାଇ ପାରି ନାହିଁ । ଜିଲ୍ଲାସ୍ତରୀୟ, ଜୋନ୍‌ସ୍ତରୀୟ ବିଭିନ୍ନ ପାଠଚକ୍ରରେ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦ ବେଶ୍ କ୍ରିୟାଶୀଳ ହେଲାଣି । ମାତ୍ର ରାଜ୍ୟସ୍ତରରେ ସେତିକି କ୍ରିୟାଶୀଳ କରାଯାଇ ପାରି ନାହିଁ । ଚଳିତ ବର୍ଷଠାରୁ ଏହାକୁ ଅଧିକ ସଙ୍ଗଠିତ କରିବା ପାଇଁ ଚେଷ୍ଟା କରାଯାଉଛି ।

ସବୁଠାରୁ ଖୁସୀର କଥା ଯେ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦ ମାଧ୍ୟମରେ ଶ୍ରୀଅରବିନ୍ଦଙ୍କର କିଛି ପୁସ୍ତକ ଯେପରିକି, 'ମାନବ ଯୁଗଚକ୍ର', 'ଯୋଗ ସମନ୍ୱୟ', 'ବେଦ ରହସ୍ୟ', 'ଗୀତା-ନିବନ୍ଧମାଳା' ପ୍ରଭୃତି ଏବଂ 'ସାବିତ୍ରୀ' ଗ୍ରନ୍ଥ ମଧ୍ୟ ନିୟମିତ ଭାବରେ ଆଲୋଚନା କରାଯାଉଅଛି ।

ଏତତ୍ ବ୍ୟତୀତ ବାବାଜି ମହାରାଜଙ୍କ ରଚନା ସଂଗ୍ରହ, ପ୍ରପତ୍ତିଙ୍କ ରଚନା ସଂଗ୍ରହ ପ୍ରଭୃତି ମଧ୍ୟ ନିୟମିତ ଅଧ୍ୟୟନ କରାଯାଉଅଛି ।

ଏହାକୁ ଆହୁରି ଅଧିକ ସକ୍ରିୟ ଏବଂ ସଙ୍ଗଠିତ କରିବା ପାଇଁ ଉଦ୍ୟମ କରାଯାଉଅଛି ।

(କ୍ରମଶଃ) ❑

ଏଠାରେ (ଆଶ୍ରମରେ) ହେଉଥିବା କର୍ମର ଉଦ୍ଦେଶ୍ୟ ନୁହେଁ, ସାଧକର କର୍ମରେ ଦକ୍ଷତା ଦେଖାଇବା ବା କୌଣସି ପଦମର୍ଯ୍ୟାଦା ଲାଭ କରିବା, କିଂବା ଶ୍ରୀମା'ଙ୍କର ଭୌତିକ ସାମୀପ୍ୟ ଲାଭ କରିବା ପାଇଁ ଏକ ମାଧ୍ୟମ ଭାବରେ କର୍ମ କରିବା; ଏଠାରେ କର୍ମ କରାଯାଏ, କର୍ମଯୋଗ ପାଇଁ ଏକ କ୍ଷେତ୍ର ଭାବରେ ଓ ସେଥିପାଇଁ ଏକ ସୁଯୋଗ ରୂପରେ, ଯାହା ହେଉଛି ପୂର୍ଣ୍ଣ ଯୋଗର ଏକ ଅଂଶବିଶେଷ । କାରଣ ଯଥାର୍ଥ ଯୋଗମାର୍ଗ ଦ୍ୱାରା କର୍ମ କରିବା ପାଇଁ ଶିଖିବା, ଭଗବାନଙ୍କର ପରିଚର୍ଯ୍ୟା ମଧ୍ୟରେ ନିଜକୁ ଉତ୍ସର୍ଗ କରିବା, ସବୁକ୍ଷେତ୍ରରେ ନିଃସ୍ୱାର୍ଥପର ରହିବା, ବିଶ୍ୱସ୍ତ ହେବା, ସତର୍କ ହେବା, ଶୃଙ୍ଖଳାରେ ଚଳିବା, ଭଗବାନଙ୍କର ଦିବ୍ୟକର୍ମକୁ ନିଜ କର୍ମଠାରୁ ଅଧିକ ମୂଲ୍ୟ ଦେବା, ସଂହତି, ଧୈର୍ଯ୍ୟ, ସହନଶୀଳତା ଇତ୍ୟାଦି । ଯେତେବେଳେ ସାଧକମାନେ କ୍ରମେ ତାହା ଶିଖିଯାଇଥା'ନ୍ତି ଏବଂ ଅହଂଭାବାପନ୍ନ ହୁଅନ୍ତି ନାହିଁ, ଯେପରି ତୁମମାନଙ୍କ ମଧ୍ୟରୁ ଅଧିକାଂଶ ହୋଇ ଥା'ନ୍ତି – ସେତେବେଳେ ଯାଇ ଯଥାର୍ଥ କର୍ମ ପାଇଁ ସମୟ ଆସିଥାଏ – ସେହି ଦିବ୍ୟକର୍ମରେ ତୁମର ପ୍ରକୃତ କ୍ଷମତା ବା ଦକ୍ଷତା ଜଣା ପଡ଼େ; ଅବଶ୍ୟ ସେତେବେଳେ ମଧ୍ୟ ଦକ୍ଷତା ପ୍ରଦର୍ଶନ କରିବା ହୋଇଥାଏ ଏକ ଘଟଣାମାତ୍ର ଏବଂ ତାହା କଦାପି ପ୍ରଧାନ ଉଦ୍ଦେଶ୍ୟ ହୋଇ ନଥାଏ ଅଥବା ଦିବ୍ୟକର୍ମର ଉଦ୍ଦେଶ୍ୟ ହୋଇ ନଥାଏ ।

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା ୧୬୪) – ଶ୍ରୀଅରବିନ୍ଦ

ଆମକୁ ସମଗ୍ରଭାବେ ଜୀବନର ସମ୍ମୁଖୀନ ହେବାକୁ ହେବ, ତାହା ଭିତରେ ତଥାପି ଯାହାକିଛି କୁତ୍ସିତତା, ମିଥ୍ୟାଚାର ଓ ନିଷ୍ଠୁରତା ରହିଛି ସେସବୁର ସମ୍ମୁଖୀନ ହେବାକୁ ହେବ, କିନ୍ତୁ ଆମ ନିଜ ଭିତରେ ସମସ୍ତ ମଙ୍ଗଳର, ସମସ୍ତ ସୁନ୍ଦରର, ସମସ୍ତ ଆଲୋକ ଓ ସତ୍ୟର ଯେଉଁ ଉତ୍ସ ରହିଛି ତାହାର ଆବିଷ୍କାର ପାଇଁ ଆମକୁ ଯତ୍ନ ନେବାକୁ ହେବ, ଯାହା ଫଳରେ ଆମେ ସଚେତ ଭାବରେ ଏହି ଉତ୍ସଟିକୁ ଜଗତ୍ ସହିତ ସମ୍ବନ୍ଧିତ କରି ରଖିପାରିବା ତା'ର ରୂପାନ୍ତର ନିମନ୍ତେ ।

ପଳାୟନ କରିବା ବା ଏଗୁଡ଼ିକୁ ନ ଦେଖିବା ପାଇଁ ଆଖି ବନ୍ଦ କରିଦେବା ଅପେକ୍ଷା ଏହା ଅନନ୍ତ ଗୁଣରେ ଅଧିକ କଷ୍ଟସାଧ୍ୟ, କିନ୍ତୁ ଏହା ହେଉଛି ଏକମାତ୍ର ଫଳପ୍ରଦ ଉପାୟ – ସେହିମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ଉପାୟ, ଯେଉଁମାନେ ଦୃଢ଼ ଓ ଶୁଦ୍ଧ ଏବଂ ଦିବ୍ୟ ସତ୍ୟକୁ ଅଭିବ୍ୟକ୍ତ କରିବା ପାଇଁ ସମର୍ଥ ।

– ଶ୍ରୀମା

# ଈଶ୍ୱର ବନାମ ଦ୍ୱିତୀୟ ଈଶ୍ୱର

## ସଂଯୁକ୍ତା ଦାସ

ସ୍ରଷ୍ଟା କିଏ ? ସାଧାରଣ ଅର୍ଥରେ – ଯିଏ ସୃଷ୍ଟି କରନ୍ତି, ସିଏ ସ୍ରଷ୍ଟା । ତେବେ ଯିଏ ଯନ୍ତ୍ର ପରି ସୃଷ୍ଟି କରନ୍ତି, ସିଏ କ'ଣ ସ୍ରଷ୍ଟା ? ନା, ତାହା ଠିକ୍ ନୁହେଁ । ଯିଏ ସୃଷ୍ଟି ସହ ନିଜ ଚିନ୍ତା-ଚେତନାରେ ଏକାକାର ହୋଇଯା'ନ୍ତି, ସେହିଁ ସ୍ରଷ୍ଟା । ଯିଏ ନିଜ ଭିତରେ ନିଜକୁ ହଜାଇ ଦେଇ ପୁଣି ଖୋଜି ଚାଲନ୍ତି, ସେହିଁ ସ୍ରଷ୍ଟା । ସୃଷ୍ଟିରେ ନିଜକୁ ତଥା ନିଜର ସମସ୍ତ ସ୍ୱନ୍ଦନକୁ ଅନୁଧ୍ୟାନ କରିବାହିଁ ଯଥାର୍ଥରେ ସ୍ରଷ୍ଟାପଣ । ଅନ୍ୟ ଅର୍ଥରେ ସୃଷ୍ଟି ଭିତରେ ସେହିଁ ରହିଛନ୍ତି ଏବଂ ତାଙ୍କ ଭିତରେ ସମସ୍ତ ସୃଷ୍ଟି ରହିଛି । ସେ ଯାନ୍ତ୍ରିକ ଧାରାରେ ସବୁକିଛି ଗଢ଼ି ନାହାନ୍ତି । ବରଂ ସେ ନିଜେ ସ୍ରଷ୍ଟା, ନିଜେ ମଧ୍ୟ ସୃଷ୍ଟିର ଉପାଦାନ ଓ ନିଜେହିଁ ସୃଷ୍ଟି ରୂପରେ ବିରାଜମାନ । ସେହିଁ ସ୍ରଷ୍ଟା, ସେହିଁ ଈଶ୍ୱର ।

ଶ୍ରୀଅରବିନ୍ଦଙ୍କ ଭାଷାରେ –

"He is the Maker and the world he made,
He is the vision and he is the Seer;
He is himself the actor and the act,
He is himself the knower and the known,
He is himself the dreamer and the dream."

(Savitri, p. 61)

ବିଶ୍ୱସ୍ରଷ୍ଟା ବା ଈଶ୍ୱରଙ୍କ ପାଇଁ ସୃଷ୍ଟି ମହତ୍ତ୍ୱପୂର୍ଣ୍ଣ । ସବୁ ଭିତରେ ସେହିଁ ଆତ୍ମ-ପ୍ରକଟିତ । ପଦ୍ମଫୁଲଠାରୁ ଘାସଫୁଲ ପର୍ଯ୍ୟନ୍ତ ସବୁଠି ଆନନ୍ଦର ଶୁଭ ସଙ୍କେତ ବିଦ୍ୟମାନ । ତାଙ୍କ ସୃଷ୍ଟିରେ କିଛି ଅପାଙ୍କ୍ତେୟ କିଂବା ଅବହେଳିତ ନୁହେଁ । ସବୁ ଭିତରେ ସେ ହସନ୍ତି, କାନ୍ଦନ୍ତି, ଅନୁଭବ କରନ୍ତି ଏବଂ ଉପଭୋଗ କରନ୍ତି । ଈଶ୍ୱରଙ୍କ ସୃଷ୍ଟି ଏକ ନିୟତିକୃତ ନିୟମ ଦ୍ୱାରା ପରିଚାଳିତ । ବିଶ୍ୱସ୍ରଷ୍ଟାଙ୍କ ଐଶୀ ଶକ୍ତି ଦ୍ୱାରା ସବୁକିଛି ନିୟନ୍ତ୍ରିତ ହୋଇଥାଏ ।

ସାହିତ୍ୟର ସ୍ରଷ୍ଟା ପାଇଁ ଏହା ମଧ୍ୟ ସତ୍ୟ । ତାଙ୍କର ଅପାଙ୍କ୍ତେୟ ଚରିତ୍ର ବା ପରିବେଶ ବୋଲି କିଛି ନାହିଁ । ରାଜା ଓ ରଙ୍କ ତାଙ୍କ ପାଖରେ ଉଭୟ ସମାନ । ଗୋଟିଏ ସୂକ୍ଷ୍ମ ଅନୁଭବର ଦୁଇଟି ଭିନ୍ନ ରୂପ ମାତ୍ର । ଜଙ୍ଗଲରେ ସେ ନିଜକୁ ବୋଲାଇ ହୁଅନ୍ତି ଜଙ୍ଗଲୀ ମଣିଷ, ସହରରେ ସହରୀ ଭଦ୍ରଲୋକ, ଗାଁ ଦାଣ୍ଡରେ ଅଧାପାଠୁଆ ଟାଉଟର ପୁଣି ସବୁଜ କେଦାରରେ ସେ ନିରୀହ କୃଷକ । ଯୋଗୀ ଓ ଭୋଗୀ ସମସ୍ତଙ୍କ ପାଇଁ ତାଙ୍କର ଶ୍ରଦ୍ଧା ଅପରିସୀମ । ସମସ୍ତଙ୍କ ଭିତରେ ସେ ଥାଆନ୍ତି ଏବଂ ତାଙ୍କ ଭିତରେ ସମସ୍ତେ ଥାଆନ୍ତି ।

''ସର୍ବ ଅନୁଭୂତି, ସର୍ବ ଭୂତେ ତା'ର –
ତା' ଦୃଷ୍ଟିରେ ବିଶ୍ୱ ଏକ ପରିବାର
ସେହି ନିଜେ ବିଶ୍ୱ, ବିଶ୍ୱ ମଧ୍ୟେ ସେଇ
ଅନ୍ୟ ହୋଇ ତା'ର ଆଉ କେହି ନାହିଁ ।''

– ଗୋପବନ୍ଧୁ

ବିଶ୍ୱସ୍ରଷ୍ଟାଙ୍କ ସୃଷ୍ଟିରେ ଜଡ଼ ପରି ଆମକୁ ଯାହାସବୁ ଦିଶେ ପ୍ରକୃତରେ ସେସବୁ ଜଡ଼ ନୁହଁନ୍ତି । ସେସବୁ ଭିତରେ ଚେତନ ଶକ୍ତି ବିଦ୍ୟମାନ । ଗଛ, ଲତା, ପଶୁ, ପକ୍ଷୀ – ସମସ୍ତଙ୍କର ଅନୁଭବର ଶକ୍ତି ଅଛି । ମାଟି, ଗୋଡ଼ି, ପଥର ହେଲେହେଁ ସମସ୍ତଙ୍କର ଚେତନା ଅଛି ।

କବି ବା ସାହିତ୍ୟ-ସ୍ରଷ୍ଟାଙ୍କ ଦୃଷ୍ଟିରେ ସମସ୍ତେ ଚେତନାର ଅଧିକାରୀ । ସାଧାରଣ ବ୍ୟକ୍ତିଙ୍କୁ ଯାହା ଜଡ଼ ପରି ପ୍ରତୀୟମାନ ହୁଏ, କବି ଦୃଷ୍ଟିରେ ତାହା ଚେତନଶୀଳ ହୋଇଥାଏ । ଜଡ଼ବସ୍ତୁ ଅନୁଭବ କରିପାରନ୍ତି ପରିବେଶର ମାର୍ମିକତାକୁ – ମଣିଷର ରୁକ୍ଷ ବ୍ୟବହାରରେ ମର୍ମାହତ ଓ ମଧୁର ବ୍ୟବହାରରେ ସେମାନେ ଆନନ୍ଦିତ ହୁଅନ୍ତି । ଏହା କେବଳ କବିଙ୍କ ତୃତୀୟ ନୟନକୁ ଦିଶେ । ଶକୁନ୍ତଳାଙ୍କ ବିଦାୟକାଳୀନ ମୁଖମାଳିନ୍ୟକୁ ଦେଖି ହରିଣୀ ବୁଝିପାରେ ପରିବେଶର ବିଷଣ୍ଣତାକୁ । ଶକୁନ୍ତଳାଙ୍କ ପଣତକାନି ଟାଣି ଟାଣି ସେ କେତେ କ'ଣ କହୁଥାଏ ନିଃଶବ୍ଦରେ । ଶକୁନ୍ତଳାହିଁ ବୁଝିପାରନ୍ତି ହରିଣୀର ନୀରବ ଭାଷାକୁ । 'ତମସା' ଅପେକ୍ଷା କରେ ମୀନନେତ୍ରରେ ସୀତାଙ୍କୁ । ସୀତାଙ୍କୁ ଦେଖି ଉଲ୍ଲସିତ ହୋଇଉଠେ । ଭାସି ଆସୁଥିବା ଝରାଫୁଲକୁ ପାଦରେ ଆଡ଼େଇ ନଦେବା ପାଇଁ ଅନୁରୋଧ କରେ ।

''ପତିବ୍ରତା-ଅଙ୍ଗେ ଲାଗି    ପବିତ୍ର ହେବାର ଲାଗି
ବ୍ରତତୀ-ବାସ-ବିରାଗୀ ପ୍ରସୂନମାନ
ଦୂରୁଁ ଦୂରୁଁ ଝାସି ଝାସି    ଧାଇଁଥିବେ ଭାସି ଭାସି
ଭ୍ରମୁଥିବେ ଆସି ଆସି ତୋ ସନ୍ନିଧାନ ।

ସ୍ନାନ ସମୟେ ତୋ ପୟରେ
ଦୟାମୟି ! ନ ପେଲିବୁ ତାଙ୍କୁ ପୟରେ ।''
(ତପସ୍ୱିନୀ : ଗଙ୍ଗାଧର ମେହେର)

ଏହାହିଁ ସାହିତ୍ୟ-ସ୍ରଷ୍ଟାର ଦୁର୍ଲଭ ଚେତନା, ଅନ୍ତଃଚକ୍ଷୁର ପରାକାଷ୍ଠା । ପ୍ରତିଭାର ମହତ୍ତ୍ୱ ଅବର୍ଣ୍ଣନୀୟ । ଏହା ଚେତନାର ଜ୍ୟୋତିଃ ଓ ଜନ୍ମଗତ ଏକ ଶକ୍ତି ।

ଶ୍ରୀଅରବିନ୍ଦଙ୍କ ମତରେ –

"I never heard of anyone getting genius by effort. One can increase one's talent by training and labour, but genius is a gift of Nature."

(CWSA 27, p. 104)

'ପ୍ରଥମ ଈଶ୍ୱର' ବା 'ବିଶ୍ୱସ୍ରଷ୍ଟା' ବିସ୍ତୃତ କଳ୍ପନାର ଅଧିକାରୀ । ତାଙ୍କ କଳ୍ପନାପ୍ରସୂତ ଏ ସୃଷ୍ଟି କେଡ଼େ ମନୋଜ୍ଞ ଓ ମଧୁମୟ ! ଆଗ କଳ୍ପନା ପରେ ବାସ୍ତବତାର ରଙ୍ଗକୁ ମିଶାଇ ସେ ଗଢ଼ିଛନ୍ତି ବନ-ଉପବନ, ଶୋଭନ-ସୁଷମା, କେଦାର-କାନନର ପ୍ରଶାନ୍ତ ସବୁଜିମା । ଇନ୍ଦ୍ରଧନୁର ରଙ୍ଗ-ଶୋଭା ତାଙ୍କ କଳ୍ପନାର ଅନୁପମ ଅଭିବ୍ୟକ୍ତି । ପତ୍ରକୁଞ୍ଜ ଭିତରେ ବିଭିନ୍ନ ରଙ୍ଗର ଫୁଲସଜ୍ଜା ତାଙ୍କ କଳାକୃତି । ଭିନ୍ନ ଭିନ୍ନ ସୁଗନ୍ଧର ପରିକଳ୍ପନା ତାଙ୍କରି କୃତିତ୍ୱ । ପହିଲି ବର୍ଷାର ଭିଜା ମାଟିର ଗନ୍ଧ ଠାରୁ ବଣମଲ୍ଲୀ ବାସ୍ନା ପର୍ଯ୍ୟନ୍ତ ତାଙ୍କର କଳ୍ପନା ଛନ୍ଦାୟିତ । ପ୍ରଥମେ କଳ୍ପନା ପରେ ରୂପାୟନ ।

ଈଶ୍ୱରଙ୍କ ପରି ସାହିତ୍ୟିକ ମଧ୍ୟ ପ୍ରଥମେ କଳ୍ପନା କରନ୍ତି । ଯୁଗୋପଯୋଗୀ ଅନୁଚିନ୍ତାକୁ ରୂପ ଦିଅନ୍ତି ନିଜସ୍ୱ ଲେଖନୀରେ । ବିଶ୍ୱସ୍ରଷ୍ଟାଙ୍କର କଳ୍ପନା ଯେପରି ହୃଦୟସ୍ପର୍ଶୀ, ସାହିତ୍ୟ-ସ୍ରଷ୍ଟାଙ୍କର କଳ୍ପନା ମଧ୍ୟ ସେହିପରି ମର୍ମସ୍ପର୍ଶୀ । ଉଭୟଙ୍କ କଳ୍ପନାରେ ଥାଏ ବିଶ୍ୱର କଲ୍ୟାଣ, ମାନବ ଜୀବନର ପୁଲକ, ଜୀବନକୁ ପରିମାର୍ଜିତ ଏବଂ ମନ, ପ୍ରାଣ, ଚେତନାକୁ ଊର୍ଦ୍ଧ୍ୱଗାମୀ କରିବାର ଦୁର୍ବାର ଅଭୀପ୍ସା ।

ଈଶ୍ୱର ସର୍ବଦା ମଙ୍ଗଳମୟ । ତାଙ୍କ ସୃଷ୍ଟିରେ ଅମଙ୍ଗଳ ବୋଲି କିଛି ନାହିଁ । ଅମଙ୍ଗଳ ପରି ଯାହାକିଛି ଜଣା ପଡ଼େ ତାହା ପଛରେ ଐକାନ୍ତିକ ମଙ୍ଗଳ ନିହିତ ଥାଏ । ସମୟକ୍ରମେ ତାହା ପରିଦୃଶ୍ୟ ହୁଏ । ମଣିଷ କିନ୍ତୁ ଅଜ୍ଞାତବଶତଃ କିଛି ଜାଣିପାରେ ନାହିଁ । କସ୍ତୁରୀ ମୃଗ ପରି ବାସ୍ନା ଖୋଜୁଥାଏ । ତା'ର ନାଭି କମଳରେ ଯେ କସ୍ତୁରୀ ଅଛି, ସେ ଖୋଜି ପାଇପାରେ ନାହିଁ । ମଣିଷ ନିଜର କର୍ମଫଳ ଭୋଗ କରେ । ବିରୋଧୀ ଶକ୍ତି ଦ୍ୱାରା ପରିଚାଳିତ ହୋଇ ବିପଥଗାମୀ ହୁଏ ।

ସାହିତ୍ୟ-ସ୍ରଷ୍ଟାଙ୍କ ଚିତ୍ତବୃତ୍ତି ବିଶ୍ୱକଲ୍ୟାଣ ପାଇଁ ଉଦ୍ଦିଷ୍ଟ । ''ସର୍ବେ ଭବନ୍ତୁ ସୁଖିନଃ'' ରୀତିର ସେ ବିଶ୍ୱାସୀ । ଅନ୍ଧକାର ଭିତରେ ଆଲୋକ, ଦୁଃଖ ଭିତରେ ସୁଖ ଏବଂ ଦାନବତ୍ୱ ଭିତରେ ମାନବତ୍ୱର ସଞ୍ଚାର ସାହିତ୍ୟକାରହିଁ କରିପାରେ ।

''ଦିବ୍ୟ ଆନନ୍ଦର ଗନ୍ତାଘରୁ ଯେଉଁ କିଞ୍ଚିତ୍ ସମ୍ପଦ ଆହରଣ କରିଛି କଳାକାର ବା ସାହିତ୍ୟିକ ଭାବେ, ତାକୁହିଁ ସେ ରୂପ ଦେଇଛି; ଅର୍ଥାତ୍ ସେ ହୋଇଛି ଏକ ମାଧ୍ୟମ, ସାଧାରଣ ଚେତନାକୁ ଉଚ୍ଚତର ଏକ ଚେତନାର ସ୍ୱାଦ ଦେବା ଲାଗି ।''

(ବିପୁଳାଚ ପୃଥ୍ୱୀ : ମନୋଜ ଦାସ)

ବିଶ୍ୱ-କଲ୍ୟାଣ ସହ ମାନବତ୍ୱର ପରିକଳ୍ପନା, ସମାଜର ମଙ୍ଗଳ କାମନା, ସାହିତ୍ୟ-ସ୍ରଷ୍ଟାଙ୍କ ଅମୂଲ୍ୟ ଦାନ । ବିଶ୍ୱସ୍ରଷ୍ଟା ଯେପରି ସଂହତିପୂର୍ଣ୍ଣ ସହାବସ୍ଥାନକୁ ଭଲ ପାଆନ୍ତି, ସାହିତ୍ୟ-ସ୍ରଷ୍ଟା ସେହିପରି ସଂହତିପୂର୍ଣ୍ଣ ଆନନ୍ଦମୟ ଜୀବନକୁ ଭଲ ପାଇଥା'ନ୍ତି । ଦୁଷ୍ଟର ବିନାଶ, ସାଧୁସନ୍ଥଙ୍କ ପାଳନ ଈଶ୍ୱର କରିଥା'ନ୍ତି । ସାହିତ୍ୟ-ସ୍ରଷ୍ଟା ସେହିପରି ନିଜ ସୃଷ୍ଟିରେ ଦୁଷ୍ଟକୁ କର୍ମଫଳ ଭୋଗିବାକୁ ବାଧ୍ୟ କରାନ୍ତି ଏବଂ ସରଳ, ଦୟାଳୁ, ସାଧୁ ପ୍ରଭୃତି ଚରିତ୍ରକୁ ଉଚ୍ଚାସନ ଦିଅନ୍ତି । ଈଶ୍ୱରଙ୍କୁ ପାଇବାର ମାର୍ଗ ମଧ୍ୟ ନିର୍ଦ୍ଧାରଣ କରି ଦିଅନ୍ତି ।

ବିଶ୍ୱସ୍ରଷ୍ଟା ମଣିଷ ମଣିଷ ଭିତରେ ବାଡ଼ ପକାନ୍ତି ନାହିଁ, ଭେଦ ସୃଷ୍ଟି କରନ୍ତି ନାହିଁ । ସାଧାରଣ ମଣିଷ ନିଜ ନିଜ ଭିତରେ ଭେଦ-ଭାବ ସୃଷ୍ଟି କରେ । ନିଜକୁ ସୀମିତ ଓ ସଙ୍କୁଚିତ କରେ । ସାହିତ୍ୟ-ସ୍ରଷ୍ଟା କେବେହେଲେ ନିଜକୁ ସଂକୀର୍ଣ୍ଣତା ଭିତରେ ଆବଦ୍ଧ ରହିବାକୁ ଚାହାନ୍ତି ନାହିଁ ବରଂ 'ବିଶ୍ୱ ନୀଡ଼ମ୍', 'ବିଶ୍ୱ ପରିବାର' ଇତ୍ୟାଦି ଶବ୍ଦର ପ୍ରକୃତ ଅର୍ଥ ବୁଝିବାକୁ ଓ ବୁଝାଇବାକୁ ପ୍ରଚେଷ୍ଟା କରିଥା'ନ୍ତି ।

ବିଶ୍ୱସ୍ରଷ୍ଟା ଚାହାନ୍ତି ବ୍ୟକ୍ତି ଅନ୍ନମୟ ଜୀବନକୁ ଅତିକ୍ରମ କରି ଆନନ୍ଦମୟ ଜୀବନରେ ପଦାର୍ପଣ କରୁ । ସାହିତ୍ୟ-ସ୍ରଷ୍ଟା ମଧ୍ୟ ସେହିପରି ଅନ୍ନମୟ ଜୀବନର କଥା କହିଲା ବେଳେ ଅତିମାନସର ସତ୍ତା ପାଇଁ ସୁଯୋଗଟିଏ ନିଜ ସୃଷ୍ଟି ଭିତରେ ସଜାଇ ରଖିଥା'ନ୍ତି; ଧରାଧାମକୁ ସ୍ୱର୍ଗରେ ପରିଣତ କରିବା ପାଇଁ ।

ସେହିପରି ଜଣେ ସାହିତ୍ୟ-ସ୍ରଷ୍ଟା ତଥା ଆଧ୍ୟାତ୍ମିକ

ଜଗତର ଦିବ୍ୟଦ୍ରଷ୍ଟା ହେଉଛନ୍ତି ଶ୍ରୀଅରବିନ୍ଦ । ତାଙ୍କ ପ୍ରମୁଖ ସାହିତ୍ୟିକ ରଚନା ମଧ୍ୟରେ ରହିଛି 'ପ୍ରେମ ଓ ମୃତ୍ୟୁ', 'ଉର୍ବଶୀ', 'ସାବିତ୍ରୀ', 'ବେଦରହସ୍ୟ', 'ଦିବ୍ୟ ଜୀବନ', 'ଗୀତା ନିବନ୍ଧମାଳା', 'ମାନବ ଯୁଗ-ଚକ୍ର'ଆଦି ବହୁ ଉଚ୍ଚକୋଟିର ଜୀବନଧର୍ମୀ ଗ୍ରନ୍ଥ ।

ଶ୍ରୀଅରବିନ୍ଦଙ୍କର ପ୍ରାଥମିକ କାବ୍ୟ-ଜୀବନରୁହିଁ ତାଙ୍କଠାରେ ରହିଥିବା ଐଶ୍ୱରିକ ଗୁଣ ଓ ଭାବସତ୍ତାର ପରିଚୟ ମିଳେ । 'ଉର୍ବଶୀ' ଓ 'ପ୍ରେମ ଓ ମୃତ୍ୟୁ' କାବ୍ୟରେ କବି 'ପ୍ରେମ'କୁ ଗୁରୁତ୍ୱ ଦେଇଛନ୍ତି । ଏହି ପ୍ରେମ ଭୋଗସର୍ବସ୍ୱ ନୁହେଁ, ତ୍ୟାଗପୂର୍ଣ୍ଣ । ସମର୍ପଣ-ଭାବ ଏହି ପ୍ରେମର ଶକ୍ତି ଓ ମହିମା । ଉର୍ବଶୀ କାବ୍ୟରେ ଉର୍ବଶୀଙ୍କ ଦେହତ୍ୟାଗ ପରେ ନାୟକ ପୁରୁରବା ସ୍ୱର୍ଗରେ ଉର୍ବଶୀଙ୍କ ସହିତ ମିଳିତ ହେବାକୁ ସ୍ଥିର କରିଛନ୍ତି । ସେଥିପାଇଁ ନିଜର ରାଜ୍ୟ ଓ ପ୍ରଜାସୁଖ ଆନନ୍ଦକୁ ତ୍ୟାଗ କରିଛନ୍ତି ବ୍ରହ୍ମାନନ୍ଦ ପାଇଁ । 'ପ୍ରେମ ଓ ମୃତ୍ୟୁ' କାବ୍ୟରେ ନାୟକ ରୁରୁ ନିଜର ପ୍ରିୟତମା ପ୍ରିୟମ୍ବଦାକୁ ଫେରି ପାଇବାକୁ ନିଜର ଆୟୁଷର ଅର୍ଦ୍ଧେକ ଦାନ କରି ଦେଇଛନ୍ତି । ପ୍ରାଣଭୂମିର ପ୍ରେମ ହେଲେ ମଧ୍ୟ ଏଥିରେ ରହିଛି ପରସ୍ପର ପ୍ରତି ଜୀବନ ଉତ୍ସର୍ଗର ଦୁର୍ବାର ଆସ୍ପୃହା । ମୃତ୍ୟୁ ଥାଏ ପ୍ରାଣଲୋକର ଅବଚେତନ ଓ ଅଚେତନ ଜଗତ୍ ଭିତରେ । ଏହା ସ୍ୱର୍ଗଲୋକ । ରୁରୁ ନିଜର ପ୍ରେମ, ତପସ୍ୟା ଓ ଆତ୍ମୋତ୍ସର୍ଗ ବଳରେ ତାକୁ ଜୟ କରିଛନ୍ତି ଏବଂ ନିଜର ପ୍ରିୟତମାଙ୍କୁ ତା' ଭିତରୁ ଉଦ୍ଧାର କରିଛନ୍ତି ।

ଶ୍ରୀଅରବିନ୍ଦଙ୍କର ସର୍ବଶ୍ରେଷ୍ଠ ମହାକାବ୍ୟ 'ସାବିତ୍ରୀ' । ଏହା ବିଶ୍ୱ ଜଗତ୍ ପାଇଁ ଏକ ଅମୂଲ୍ୟ ରତ୍ନ । ଏହାକୁ ସାହିତ୍ୟିକ ତଥା ଆଧ୍ୟାତ୍ମିକତାର ସର୍ବଶ୍ରେଷ୍ଠ କୃତି କହିଲେ ଭୁଲ୍ ହେବ ନାହିଁ । ଦିବ୍ୟପ୍ରେମର ସର୍ବୋତ୍ତମ ପ୍ରକାଶ ଓ ପ୍ରତିଷ୍ଠା ଘଟିଛି 'ସାବିତ୍ରୀ' ମହାକାବ୍ୟରେ । ସଂସ୍କୃତ ମହାଭାରତର ବନପର୍ବରେ ଥିବା ସାବିତ୍ରୀ ଓ ସତ୍ୟବାନଙ୍କର କ୍ଷୁଦ୍ର ଉପାଖ୍ୟାନକୁ ନେଇ ଶ୍ରୀଅରବିନ୍ଦ ରଚନା କରିଛନ୍ତି ପ୍ରେମ, ପ୍ରଣୟ ଓ ଆଧ୍ୟାତ୍ମିକତାର ମହାକାବ୍ୟ 'ସାବିତ୍ରୀ' । ପ୍ରମୁଖ ଚରିତ୍ର ଭାବରେ ରହିଛନ୍ତି ଅଶ୍ୱପତି, ରାଣୀ ମାଳବୀ, ସାବିତ୍ରୀ, ସତ୍ୟବାନ, ଦ୍ୟୁମତ୍‌ସେନ ଓ ମୃତ୍ୟୁର ଦେବତା ଯମ । ମାନୁଷୀ ପ୍ରେମରେ ଦୃଢ଼ ଇଚ୍ଛାଶକ୍ତି, ସଂକଳ୍ପ, ଶୁଦ୍ଧ ଓ ଶାଶ୍ୱତ ଆସ୍ପୃହା ଓ ଅଭୀପ୍ସା ଦ୍ୱାରା ମୃତ୍ୟୁକୁ ମଧ୍ୟ ବିଜୟ କରିହେବ । ଅଫେରା ମୃତ୍ୟୁ ରାଜ୍ୟରୁ ଜୀବନକୁ ଐକାନ୍ତିକ ଶୁଦ୍ଧପ୍ରେମ ଦ୍ୱାରା ଫେରେଇ ଆଣିହେବ । ଅନ୍ଧତା, ଅଜ୍ଞାନତା, ଦୁଃଖ-ବେଦନା ଦ୍ୱାରା ଶାସିତ ପୃଥିବୀ ଦିବ୍ୟତା ଆଡ଼କୁ ଅଗ୍ରସର ହୋଇ ପାରିବ – ଏହାହିଁ ମହାକାବ୍ୟର ଭାବବସ୍ତୁ । ଶ୍ରୀଅରବିନ୍ଦ ତାଙ୍କର ଅନ୍ୟାନ୍ୟ ରଚନାରେ ଅତିମାନସ ଚିନ୍ତାଧାରା, ପୂର୍ଣ୍ଣଯୋଗର ମହତ୍ତ୍ୱ, ଆନନ୍ଦମୟ ଜୀବନର ମାର୍ଗ ସମ୍ପର୍କରେ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଛନ୍ତି । ଭାରତୀୟ ମହାନୁଭବତାର ପ୍ରତୀକ ବେଦ, ଉପନିଷଦ୍, ଭଗବତ୍ ଗୀତା ଆଦିରୁ ବହୁ ମାନବୀୟ ଉଦାହରଣମାନ ସଂଗ୍ରହ କରି ସକଳ ମାନବଜାତି ଓ ଜରାକ୍ଳିଷ୍ଟ ପୃଥିବୀକୁ ନିଜସ୍ୱ ଯୋଗ, ତପସ୍ୟା ମାଧ୍ୟମରେ ସ୍ୱର୍ଗତୁଲ୍ୟ କରିବା ପାଇଁ ସେ ପ୍ରୟାସ ଓ ଅଭୟବାଣୀ ପ୍ରଦାନ କରିଛନ୍ତି । ତାଙ୍କ ମତରେ ମାନବର ଦୃଢ଼ସଂକଳ୍ପ ହେତୁ ପୂର୍ଣ୍ଣଯୋଗ ଦ୍ୱାରା ସେ ଦିବ୍ୟ ମାନବରେ ପରିଣତ ହୋଇପାରିବ ଏବଂ ଧରାଧାମ ମଧ୍ୟ ସ୍ୱର୍ଗଧାମରେ ପରିଣତ ହେବ ।

ବ୍ୟାସଦେବ ସଂସ୍କୃତ ସାହିତ୍ୟର ଥିଲେ ଜଣେ ମହାପଣ୍ଡିତ । ମହାଭାରତ, ଅଷ୍ଟାଦଶ ପୁରାଣ, ଗୀତା, ଭାଗବତ ଆଦି ଗ୍ରନ୍ଥ ରଚନା କରି ମାନବ ଜୀବନରେ ଆଧ୍ୟାତ୍ମିକତା ମାଧ୍ୟମରେ ମୋକ୍ଷ ପ୍ରାପ୍ତି ପାଇଁ ପ୍ରଚେଷ୍ଟା କରିଥିଲେ । ବ୍ୟାସଙ୍କୁ ଦ୍ୱାପର ଯୁଗରେ କୃଷ୍ଣରୂପୀ ଅବତାରୀ ପୁରୁଷ କୁହାଯାଏ । ଓଡ଼ିଆ ମହାଭାରତର ଆଦିପର୍ବରେ ଶୁଦ୍ରମୁନି ସାରଳା ଦାସ କହିଛନ୍ତି –

''ଦ୍ୱିତୀୟ ନାରାୟଣ ତୁ ବଦନ୍ତି ସକଳେ
ଅନାଦିର ଗର୍ଭେ ତୁହିଁ ପଶୁ କାଳେ କାଳେ ।''

ମହାଯୋଗୀ ମହର୍ଷି ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ବହୁ ପୁରାତନ ନୁହେଁ । ଏଇ କିଛି ବର୍ଷ ତଳେ, ୧୮୭୨ ମସିହା ଅଗଷ୍ଟ ୧୫ ତାରିଖରେ ତାଙ୍କର ଆବିର୍ଭାବ ଘଟିଥିଲା । ଜଣେ ସୁସାହିତ୍ୟିକ ସହ ଆଧ୍ୟାତ୍ମିକତାର ନିର୍ଯାସ ପାଇଁ ସେ ଦୀର୍ଘବର୍ଷ ଧରି ତପସ୍ୟା କରି ଅତିମାନସ ଶକ୍ତିକୁ ପୃଥିବୀପୃଷ୍ଠରେ ଅବତରଣ କରାଇଛନ୍ତି । ଯାହାର ଫଳସ୍ୱରୂପ ଏଇ ଧରାଧାମ କେବଳ ସ୍ୱର୍ଗରେ ପରିଣତ ହେବ ତାହା ନୁହେଁ, ମାନବ କ୍ରମେ ବିବର୍ତ୍ତିତ ହୋଇ ପଶୁତ୍ୱରୁ ଦିବ୍ୟ ମାନବରେ ପରିଣତ ହୋଇପାରିବ । ମୋକ୍ଷ ନୁହେଁ ବରଂ ଏହି ଜୀବନ ବ୍ରହ୍ମାନନ୍ଦ ପାଇବା ସହ ପୂର୍ଣ୍ଣତା ଲାଭ କରିବ । ବିଗତ ଇତିହାସରେ ଯେଉଁ ଚଳନ୍ତି ବ୍ୟକ୍ତିତ୍ୱ ଯିଏକି ଏଇ ଧରାଧାମକୁ ନିଜସ୍ୱ ଜ୍ଞାନ ଓ କର୍ମ ବଳରେ ଆଲୋକିତ କରି ଐଶ୍ୱରିକ ଅନୁଚିନ୍ତାକୁ ମାନବ ହୃଦୟରେ ପ୍ଲାବନ କରିଛନ୍ତି, ମାନବସୁଲଭ ଆଧ୍ୟାତ୍ମିକତା ଦ୍ୱାରା

ଜଗତ୍-ଜୀବନରେ ଗଭୀର ପ୍ରଭାବ ପକାଇଛନ୍ତି, ଜନମାନସରେ ଈଶ୍ୱର ଭାବରେ ପରିଗଣିତ ହୋଇଛନ୍ତି, ବୋଧହୁଏ ଗୌତମ ବୁଦ୍ଧଙ୍କ ପରେ ଶ୍ରୀଅରବିନ୍ଦ ହେଉଛନ୍ତି ଅନ୍ୟତମ ସଫଳ ଆଧାତ୍ମିକ ଗୁରୁ। ସୁତରାଂ ଈଶ୍ୱର ସ୍ୱୟଂ ସତ୍ୟ, ସାହିତ୍ୟ-ସ୍ରଷ୍ଟା, ସତ୍ୟର ଉପାସକ। ସାହିତ୍ୟିକ ଈଶ୍ୱରଙ୍କର ପ୍ରତିସ୍ପର୍ଦ୍ଧୀ ଯୋଦ୍ଧା ନୁହନ୍ତି। ବରଂ ଭକ୍ତ ଓ ଭଗବାନ୍ ଏକାତ୍ମ ହୋଇ ନିଜ ନିଜ ସୃଷ୍ଟିରେ ଆନନ୍ଦର ରଙ୍ଗ, ମଙ୍ଗଳର ଶୁଭବାର୍ତ୍ତା ପ୍ରଦାନ କରନ୍ତି – ଜଗତ୍ ଓ ଜୀବନର କଲ୍ୟାଣ ପାଇଁ। ବିଶ୍ୱସ୍ରଷ୍ଟା ଈଶ୍ୱର ହେଲେ ସାହିତ୍ୟିକ ହେବେ ଦ୍ୱିତୀୟ ଈଶ୍ୱର। ଐଶ୍ୱରିକ ଭାବ, ମାନବ କଲ୍ୟାଣ ମନୋଭାବ, ତପସ୍ୱୀ ଭାବରେ ବିଶ୍ୱଶାନ୍ତି ପାଇଁ ପ୍ରଚେଷ୍ଟା ଋଷିପ୍ରତିମ ଯୋଗୀ, ତ୍ୟାଗୀ ଦୃଷ୍ଟିରୁ ବିବେଚନା କଲେ ଶ୍ରୀଅରବିନ୍ଦ ଜନମାନସରେ ଈଶ୍ୱର ପଦବାଚ୍ୟ। ଏବଂ ଜଣେ ଉଚ୍ଚଚିନ୍ତାସମ୍ପନ୍ନ ସାହିତ୍ୟିକ ଭାବରେ ଜଗତ୍ ଓ ଜୀବନରେ ଆଧାତ୍ମିକତାର ବ୍ରହ୍ମାନନ୍ଦ ଓ ପ୍ରଶାନ୍ତି ସ୍ଥାପନା ପାଇଁ ତାଙ୍କୁ ଦ୍ୱିତୀୟ ଈଶ୍ୱର କହି ପାରିବା।

❑❑❑

# ଯାଚନା

## ନିମାଁଇ ପଟ୍ଟନାୟକ

ଅରୁଣ ବା ଗୋଧୂଳି ରଙ୍ଗରେ
ପେଣ୍ଟା ପେଣ୍ଟା ଫୁଲର ଝୁଲଣ,
ନୀଳ ହ୍ରଦ ମରୁଭୂମି ଅବା କଣ୍ଟାବନ
ସବୁଠିଁ ଶୁଭୁଛି ଶୁଣ
ମଧୁର ଏକ ଅପୂର୍ବ ଗୁଞ୍ଜନ।



ଭୀଷ୍ମ ଶରଶଯ୍ୟା, କୁବୁଜାର ହସ
ଚିତାଗ୍ନିର ବର୍ଣ୍ଣବିଭା, ତରୁଣୀର ଲାସ୍ୟ,
ଅନୁଭବ ଦର୍ପଣରେ ଏକା ପରି ଦିଶେ,
ମୁହୂର୍ତ୍ତ ଫାଙ୍କରେ ମନ ଯେବେ
ସ୍ୱର୍ଗ-ନର୍କ, ସତ୍ୟ-ମିଥ୍ୟା ଚିତ୍ର ଆଙ୍କି ବସେ।

ହେ ଈଶ୍ୱର !
ତୁମେ ଏମିତି ଅପହଞ୍ଚ, ଅଚିନ୍ତ୍ୟ
ଅଲଙ୍ଘ୍ୟ ହୋଇ ରହିଥାଅ
ମୋ ସାଧନାରେ ଚିରକାଳ,
ତୁମକୁ ଜାଣିବା ଲାଗି
ଅଭୀପ୍ସାରେ କଟିଯାଉ
ମୋ ଜନ୍ମ-ଜନ୍ମାନ୍ତର
ପ୍ରତି ସଞ୍ଜ, ପ୍ରତିଟି ସକାଳ।

❑❑❑

କାହାଣୀ :

# ଆଗକୁ ବଢୁଥାଅ

## ମନୋଜ ଦାସ

ହରିଦାସର ଏକମାତ୍ର ସମ୍ପଦ ତା' ବାହୁବଳ । ସେ ମୂଲ ଖଟେ । ଯାହା ଆୟ କରେ ସେଥିରେ ବଡ଼ କଷ୍ଟରେ ପରିବାର ଚଳାଏ ।

କିନ୍ତୁ ସବୁଦିନ ଯେ କାମ ମିଳିବ, ଏମିତି କଥା ନାହିଁ । ସେ ଅଞ୍ଚଳରେ ସେମିତି ବଡ଼ ଲୋକ କେହି ନଥିଲେ ।

ଥରେ ପରିସ୍ଥିତି ଏମିତି ହେଲା, ସାରା ଦିନ ସେ, ତା' ସ୍ତ୍ରୀ ଓ ପିଲାଟିକୁ ଆହାର ଜୁଟିଲା ନାହିଁ । କେଉଁଠି କିଛି ଆଶା ନଦେଖି ସେ ବଣରେ ପଶିଲା । ହୁଏତ କିଛି ଫଳମୂଳ ସଂଗ୍ରହ କରିପାରିବ ।

କିଛି ସମୟ ସନ୍ଧାନ ପରେ ତା' ଆଖିରେ ପଡ଼ିଲା ଗୋଟାଏ ଫଳବନ୍ତ ପିଜୁଳିଗଛ । ଅନେକ ପିଜୁଳି ସୁପକ୍ୱ ଅବସ୍ଥାରେ, ସତେଅବା ସେ ତାକୁ ତୋଳିବ ବୋଲି ଅପେକ୍ଷା କରିଛନ୍ତି ।

ସେ ତା' ଥଳିରେ ସେସବୁ ପୂରାଇ ଘରମୁହାଁ ଫେରୁଛି, ଗୋଟାଏ ଗଛ ମୂଳରେ ଜଣେ ସନ୍ନ୍ୟାସୀ ବସିଥିବାର ଦେଖିଲା । ମନେ ହେଉଥିଲା ସେ ଯେମିତି କେଇଦିନ ଧରି କିଛି ଖିଆପିଆ କରି ନାହାନ୍ତି । ହରିଦାସ ଠିକ୍ କଲା, ତା' ସ୍ତ୍ରୀ ଓ ପିଲା ପାଇଁ କିଛି ରଖି ତା' ନିଜ ଭାଗ ପିଜୁଳିତକ ସେ ସେହି ସନ୍ନ୍ୟାସୀଙ୍କୁ ଅର୍ପଣ କରିବ ।

ସେ ଯାଇ ସନ୍ନ୍ୟାସୀଙ୍କୁ ପ୍ରଣାମ କଲା ଓ ଥଳିରୁ ବାହାର କରି କେତୋଟି ପିଜୁଳି ତାଙ୍କ ଆଗରେ ଥୋଇ କହିଲା, ''ହେ ଋଷି ! ଆପଣଙ୍କୁ ଭେଟି ଦେବା ଭଳି ଆଉ କିଛି ଚିଜ ମୋଠିଁ ନାହିଁ । ମୁଁ ବଡ଼ ଗରିବ । ଏତକ ଗ୍ରହଣ କରନ୍ତୁ ।''

ସନ୍ନ୍ୟାସୀ ଥରେ ହସି ଦେଲେ, କିଛି କହିଲେ ନାହିଁ ।

''ଋଷି ! ମୋତେ ପଦୁଟିଏ କିଛି କୁହନ୍ତୁ । ଥରେ ଆପଣଙ୍କ ସ୍ୱର ଶୁଣିଲେ ଚାଲିଯିବି ।'' ଅଳି କଲା ହରିଦାସ ।

''ଆଗକୁ ବଢ଼, ପୁଅ ।'' କହି ସନ୍ନ୍ୟାସୀ ଆଖି ବନ୍ଦ କଲେ ।

ହରିଦାସ ଉଠି ଠିଆ ହେଲା । ସନ୍ନ୍ୟାସୀଙ୍କ ନିର୍ଦ୍ଦେଶ ପାଳନ କରିବା ଠିକ୍ ହେବ, ଏକଥା ସିଦ୍ଧାନ୍ତ କରି ସେ ଆଗମୁହାଁ ଚାଲିଲା । କିଛି ବାଟ ଯାଇଛି, ଦେଖିଲା ଆଗରେ ପଡ଼ିଛି ଚେକାଏ ରୁପା । ସେ ତାକୁ ଗୋଟାଇ ନେଲା । ସିଧା ବଜାରକୁ ଯାଇ ଚାଉଳ, ପନିପରିବା ଇତ୍ୟାଦି ଖରିଦ କରିବା ପରେ ମଧ୍ୟ ଯଥେଷ୍ଟ ଉଦ୍‌ବୃତ୍ତ ଟଙ୍କା ଧରି ଘରକୁ ଫେରିଲା ।

ପରଦିନ ସେ କିଛି ମିଷ୍ଟାନ୍ନ ଧରି ବଣକୁ ଯାଇ ସନ୍ନ୍ୟାସୀଙ୍କୁ ଖୋଜିଲା, କିନ୍ତୁ ପାଇଲା ନାହିଁ । ହଠାତ୍ ତା' ମନକୁ ଗୋଟାଏ ପ୍ରଶ୍ନ ଆସିଲା : ସନ୍ନ୍ୟାସୀ ଆଗକୁ ବଢ଼ିବାକୁ କହିଥିଲେ; କେତେ ଆଗକୁ, ସେକଥା ତ କହି ନଥିଲେ ! ଅତଏବ ସେ ଆହୁରି ଆଗକୁ ନଯିବ କାହିଁକି ?

ସେ ଆଗକୁ ଆଗକୁ ଚାଲିଲା । କିଛି ବାଟ ଯିବା ପରେ ତା' ଆଖିରେ ପଡ଼ିଲା ଚେକାଏ ସୁନା । ସେ ସେତକ ଉଠାଇ ନେଇ ଚାଲିଲା ବଜାର ମୁହାଁ । ତା' ଆନନ୍ଦ କହିଲେ ନସରେ । ସୁନା ଚେକା ବିକି ସେ ଅର୍ଥରେ ସେ ଭଲ ଘରଟିଏ ବନାଇଲା, ଜମିଜମା କିଣିଲା ଏବଂ ଦୋକାନଟିଏ ବସାଇଲା ।

କେତେ ବର୍ଷ ବିତିଗଲା । ଦିନେ ତା' ମନକୁ ଆନ୍ଦୋଳିତ କଲା ସେ ପୁରୁଣା ପ୍ରଶ୍ନ : ''ମୁଁ ଆହୁରି ଆଗକୁ ନଯିବି କିଆଁ ?''

ସେ ପଶିଲା ବଣ ଭିତରେ । ରୁପା ଓ ସୁନା ମିଳିଥିବା ସ୍ଥାନ ଅତିକ୍ରମ କରି ସେ ଚାଲିଲା ଆହୁରି ଆଗକୁ ।

ଇଏ କ'ଣ ? ତା' ଆଗରେ ପଡ଼ିଛି ଖଣ୍ଡିଏ ବୃହଦାକାର ହୀରା ! ସେ ତାକୁ ଧରି ଚାଲିଲା ରାଜନବରକୁ । ରାଜା ତାକୁ ଦେଖିଲେ; ଦେଖିଲେ ରାଣୀ ଏବଂ ଅମାତ୍ୟମାନେ । ରାଜାଙ୍କ ଜହୁରୀ କହିଲେ, ସେତେ ବଡ଼ ଓ ସେଭଳି ଦୁର୍ଲଭ ଜାତିର ହୀରା ସେ ରାଜ୍ୟରେ ନାହିଁ କି ଖଣ୍ଡମଣ୍ଡଳରେ ନାହିଁ । ରାଜା ହୀରାଖଣ୍ଡିକ କିଣିଲେ । ହରିଦାସର ସ୍ୱଭାବ ଓ ବିନୟବୋଧ ତାଙ୍କୁ ଭାରି ଭଲ ଲାଗିଲା । ସେ ତାକୁ ମଝେ ମଝେ ରାଜସଭାରେ ଆସି ବସିବାକୁ ନିର୍ଦ୍ଦେଶ ଦେଲେ ।

ରାଜାଙ୍କ ସହ ଘନିଷ୍ଠତା ଯୋଗୁଁ ସମାଜରେ ହରିଦାସର ମାନସମ୍ମାନ କେତେ କାହିଁ ବଢ଼ିଗଲା । କିଛିଦିନ ପରେ ସେ ଅମାତ୍ୟ ପର୍ଯ୍ୟାୟକୁ ଉନ୍ନୀତ ହେଲା । ସେତେବେଳକୁ ଜଣେ

ବିଶିଷ୍ଟ ଓ ସାଧୁ ବଣିକ ଭାବରେ ସେ ବିଖ୍ୟାତ । ତେବେ ତାକୁ ବିଶେଷ କିଛି ବୁଝିବାକୁ ପଡ଼େ ନାହିଁ । ପୁଅମାନେ ବୁଝନ୍ତି ।

ମଧ୍ୟେ ମଧ୍ୟେ ସେ ବଣକୁ ଯାଏ । ବ୍ୟାକୁଳ ଭାବରେ ସେ ସନ୍ନ୍ୟାସୀଙ୍କୁ ଖୋଜେ । ତାଙ୍କୁ ଥରେ କୃତଜ୍ଞତା ଜଣାଇ ପାରିଲେ ସେ ବଡ଼ ତୃପ୍ତି ଲାଭ କରନ୍ତା । କିନ୍ତୁ ତାଙ୍କର ଦେଖା ମିଳେ ନାହିଁ ।

ଦିନେ ରାତିରେ ତା' ମନକୁ ଆସିଲା ଏ ପ୍ରଶ୍ନ : ''ମୁଁ ଆହୁରି ଆଗକୁ ନଯିବି କାହିଁକି ?''

ଉଷାକାଳରେ ସେ ଘରୁ ବାହାରିଗଲା । ଚାଲିଲା ବଣ ଭିତରେ ଆଗକୁ ଆଗକୁ । ଯେଉଁ ସ୍ଥାନରେ ତାକୁ ମିଳିଥିଲା ହୀରା, ତାକୁ ସେ ଅତିକ୍ରମ କରିଗଲା ।

ସେ ଚାଲି ଥାଏ ଅନ୍ୟମନସ୍କ ଭାବରେ । କେତେବେଳେ ସୂର୍ଯ୍ୟାସ୍ତ ହେଲାଣି, ଅନ୍ଧାର ଘୋଟି ଆସିଲାଣି, ତା'ର ହେତୁ ନାହିଁ । ସେ ଖାଲି ଏତିକି ଜାଣେ – ସେ ଆଗକୁ ଚାଲିଛି ।

ଠାଏ ସେ ଝୁଣ୍ଟି ତଳେ ପଡ଼ିଗଲା । ସେତେବେଳକୁ ତା' ଚେତା ପଶିଲା । ଘୋର ବଣ ଭିତରେ ରାତି ହେଲାଣି । ତାକୁ କେଉଁଠି ହେଲେ ଆଶ୍ରୟ ନେବାକୁ ହେବ ।

ସେ ଚତୁର୍ଦ୍ଦିଗକୁ ଅନାଇଲା । କୌଣସି ଏକ ସ୍ଥାନରେ ଆଲୁଅ ମିଞ୍ଜି ମିଞ୍ଜି କରୁଛି । ସେ ସେହିଆଡ଼େ ଗଲା ।

କୁଟୀର ଭିତରେ ପ୍ରଦୀପଟିଏ ଜଳୁଛି । ବସିଛନ୍ତି ଜଣେ ସନ୍ନ୍ୟାସୀ । ହରିଦାସ ସତର୍କ ଭାବରେ ଭିତରେ ପଶିଲା । ଆଣ୍ଠୁମାଡ଼ି ବସି ଲକ୍ଷ୍ୟ କଲା : ହଁ, ଇଏ ସେଇ ସନ୍ନ୍ୟାସୀ ଯିଏ ତାକୁ ତିରିଶ ବର୍ଷ ତଳେ ଆଗକୁ ବଢ଼ିବାକୁ ନିର୍ଦ୍ଦେଶ ଦେଇଥିଲେ । ସନ୍ନ୍ୟାସୀଙ୍କର କିଛି ପରିବର୍ତ୍ତନ ହୋଇ ନଥିଲା ।

ହଠାତ୍ ତା' ମୁଣ୍ଡକୁ ତଡ଼ିତ୍ ବେଗରେ ଆସିଲା ଏ ପ୍ରଶ୍ନ : ସନ୍ନ୍ୟାସୀଙ୍କ ନିର୍ଦ୍ଦେଶ ମାନି ସିଏ ଆଜି ଏଡ଼େ ସମୃଦ୍ଧ । କିନ୍ତୁ ସନ୍ନ୍ୟାସୀ ଯେମିତି ନିଃସ୍ୱ ଥିଲେ ସେମିତି ଅଛନ୍ତି । ସେ ଯଦି ତାଙ୍କ ନିର୍ଦ୍ଦେଶ ବଳରେ ଅନ୍ୟକୁ ଏତେ ଧନମାନ ଦେଇ ପାରିଲେ, ସେ ନିଜେ ତ ସେସବୁ ନିଜ ପାଇଁ ଆୟତ୍ତ କରି ପାରିଥା'ନ୍ତେ ! ତାହା ସେ କଲେ ନାହିଁ କାହିଁକି ?

ହରିଦାସ ଚିନ୍ତା କଲା । ମନେ ହେଲା ଯେମିତି ଉତ୍ତର ତା' ଚେତନାରେ ଉଦ୍ଭାସିତ ହୋଇ ଆସୁଛି ।

ସନ୍ନ୍ୟାସୀ ଆଖି ଖୋଲିଲେ । ତାଙ୍କ ମୁହଁରେ ଖେଳିଗଲା ମୃଦୁ ହସ ।

''ଆଉ କ'ଣ ଚାହୁଁଛ ?'' ସନ୍ନ୍ୟାସୀ ପ୍ରଶ୍ନ କଲେ ।

''ଆପଣ ଯେଉଁ ସମୃଦ୍ଧିର ଅଧିକାରୀ, ମୋତେ ସେହିଥିରୁ କିଛି ମିଳୁ ।''

''ଅବଶ୍ୟ । ଆଗକୁ ବଢୁଥାଅ !'' କହିଲେ ସନ୍ନ୍ୟାସୀ ।

ତା'ପରେ ଆଉ କେହି ହରିଦାସକୁ ଦେଖିଲେ ନାହିଁ – ତା' ନିଜ କୋଠାରେ ନୁହେଁ କି ରାଜସଭାରେ ନୁହେଁ ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ
ସଂଗୃହୀତ, ପୃ. ୧୮୭-୧୯୦)

❑❑❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ କାହାଣୀ **'ଆଗକୁ ବଢୁଥାଅ'** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''ଅଧିକରୁ ଅଧିକ ବିତ୍ତ ଲାଭ ନିମନ୍ତେହିଁ ଯେ ସାଧୁ ମହାଶୟ ହରିଦାସକୁ ଆଗକୁ ବଢ଼ିବାକୁ ନିର୍ଦ୍ଦେଶ ଦେଇ ନଥିଲେ, ହରିଦାସ ଚେତନାରେ ସେ ସତ୍ୟ ବିକଶିତ ହେବାକୁ ବହୁତ ଦିନ ଲାଗିଗଲା । ତାହାହିଁ ହୋଇଥାଏ । କିନ୍ତୁ ହରିଦାସର ସୌଭାଗ୍ୟ ସେ ସାଧୁଙ୍କ ନିର୍ଦ୍ଦେଶର ତାତ୍ପର୍ଯ୍ୟ କାଳକ୍ରମେ ହୃଦୟଙ୍ଗମ କଲା ।

(ତତ୍ରୈବ : ପୃଷ୍ଠା : ୩୩୪-୩୩୫)

ଯେଉଁ ଏକମାତ୍ର ବସ୍ତୁ **ମହତ୍ତ୍ୱପୂର୍ଣ୍ଣ** ତାହା ହେଲା ଭଗବାନଙ୍କର ଅନୁସନ୍ଧାନ କରିବା ତଥା ତାଙ୍କୁ ପ୍ରାପ୍ତ ହେବା – ବାକି ସବୁକିଛି **ନିରର୍ଥକ** ।

(ଶ୍ୱେତ ଗୋଲାପ, ପୃ. ୧୭) – ଶ୍ରୀମା

# ଅରଣ୍ୟରେ ଜୀବନ

## ବନମାଳୀ ଆଚାର୍ଯ୍ୟ

''ବୃକ୍ଷଲତାରେ ପରିପୂର୍ଣ୍ଣ ଏ ଅରଣ୍ୟଟି କେଡ଼େ ସୁନ୍ଦର !'' – କାଠହଣା ପକ୍ଷୀଟି ଅନୁଚ୍ଚ ସ୍ୱରରେ କହିଲା, ''ଏଠାରେ ବସାଟିଏ ତିଆରି କଲେ ବହୁତ ଭଲ ହେବ । ପତ୍ରପୁଷ୍ପଭରା ଶାଖାପ୍ରଶାଖା ତଳେ ସବୁଜ ଘାସର ଗାଲିଚା । ସେହି ଡେଙ୍ଗା ଶାଳଗଛ ଆକାଶକୁ ଛୁଇଁବା ଭଳି ମନେ ହେଉଛି । ବସାଟିଏ ପାଇଁ ପ୍ରକୃତରେ ଉପଯୁକ୍ତ ହେବ ।'' ଗଛଟିର ଗୋଲାକାର ଗଣ୍ଡି ଦେହରେ ଥଣ୍ଟ ଲଗାଇ ସେ ଗାତଟିଏ ଖୋଳିଲା ଏବଂ ଭିତରକୁ ପ୍ରବେଶ କଲା । ମହାନଦୀର ତଟରେ ଅବସ୍ଥିତ ସେହି ସ୍ଥାନଟି ବେଶ୍ ଆକର୍ଷଣୀୟ ଥିଲା । ଭିନ୍ନ ଭିନ୍ନ ରଙ୍ଗର ଓ ଆକାରର ଅନେକ ପକ୍ଷୀ ସେଠାରେ ବାସ କରୁଥିଲେ । ଛୋଟ ନୀଡ଼ଟିରୁ ବାହାରକୁ ଥଣ୍ଟ ରଖି କାଠହଣା ଭାବିଲା – ''ଛାଇ-ଆଲୁଅର ଖେଳ ଭିତରେ ସ୍ଥାନଟି ବହୁତ ଚିତ୍ତାକର୍ଷକ ହୋଇଛି । ଏହାର ସୁଶୀତଳ ବାତାବରଣ ଭାରି ଆରାମଦାୟକ । ସାରାଦିନର ନୀରବତା ଭିତରେ ମୁଁ ପକ୍ଷୀମାନଙ୍କର ମଧୁର ସ୍ୱରକୁ ଉପଭୋଗ କରୁଛି । ଏପରି ଏକ ବିସ୍ମୟକର ନିରୋଳା ପରିବେଶ ପାଇଁ ମୁଁ କେତେ ଯେ ସ୍ୱପ୍ନ ନ ଦେଖିଛି ! ଏହାକୁ ଛାଡ଼ି ଅନ୍ୟ ଆଡ଼କୁ ଆଉ ଗୋଟିଏ ଇଞ୍ଚ ବି ଘୁଞ୍ଚିବି ନାହିଁ ।'' ଶାଳଗଛର ଅନତି ଦୂରରେ ଏକ ବୃହଦାକାର ବେଲ ବୃକ୍ଷ କାହିଁ କେଉଁ ସମୟରୁ ଦଣ୍ଡାୟମାନ ଥିଲା । ତାହାରି ଖୋଲରେ ଗୋଟିଏ ବୟସ୍କ ଦୂରଦୃଷ୍ଟିସମ୍ପନ୍ନ ପେଚା ପ୍ରାୟ ବର୍ଷେ ଧରି ରହି ଆସୁଥିଲା । ଦିନେ ସୂର୍ଯ୍ୟାସ୍ତ ପରେ କାଠହଣା ପଡ଼ୋଶୀ ପେଚା ଦୁଆରେ ପହଞ୍ଚି କହିଲା, ''ଶୁଭ ସନ୍ଧ୍ୟା, ଭାଇ । ମୁଁ ତୁମ ସହିତ କିଛି କଥାବାର୍ତ୍ତା କରିପାରିବି ?''

– ''ଶୁଭ ସନ୍ଧ୍ୟା । ଦୁଃଖର ସହ କହୁଛି, ମୁଁ ତୁମକୁ ଚିହ୍ନି ପାରୁ ନାହିଁ ।''

– ''ମୁଁ କାଠହଣା, କିଛିଦିନ ହେବ ସେହି ଶାଳଗଛରେ ବସାବାନ୍ଧି ରହୁଛି । ତୁମର ଜଣେ ନୂଆ ପଡ଼ୋଶୀ ।''

– ''ଭଲ କଥା, ତୁମ ସହ ସାକ୍ଷାତ୍ ହୋଇଥିବାରୁ ମୁଁ ବହୁତ ଖୁସି । ଯେତେବେଳେ ଇଚ୍ଛା ହେବ, ମୋ ପାଖକୁ ଉଡ଼ି ଆସିବ । ତୁମ ପାଇଁ ମୋ ଦ୍ୱାର ସବୁବେଳେ ଖୋଲା ରହିବ ।''

ପେଚା ସହ ସାକ୍ଷାତ୍କାର ସଫଳ ହୋଇଥିବାରୁ କାଠହଣା ଖୁସି ମନରେ ଲେଉଟି ଆସିଲା । ପେଚାର ହାବଭାବ ଓ ଆଚରଣ ତା' ପାଇଁ ନିଆରା ଥିଲା । ପଡ଼ୋଶୀ ଜଣକ ଯେ ବିଶ୍ୱାସ ଓ ଭରସାର ପାତ୍ର, ଏ ଧାରଣା ତା' ମଧ୍ୟରେ ଦୃଢ଼ତର ହେଲା ।

ଏ ଭିତରେ ମାସଟିଏ ବିତିଗଲା । କାଠହଣା ନିଜ ବସାରେ ଦୁଇଟି ଅଣ୍ଡା ଦେଲା । ଦିନେ ସକାଳେ ଖାଦ୍ୟ ଯୋଗାଡ଼ କରିବା ଉଦ୍ଦେଶ୍ୟରେ ସେ ବାହାରକୁ ଉଡ଼ିଗଲା । ମଧ୍ୟାହ୍ନ ବେଳକୁ ଫେରିଆସି ଅଣ୍ଡା ଦୁଇଟିକୁ ବସାରେ ପାଇଲା ନାହିଁ । ଗଭୀର ଦୁଃଖରେ ସେ ଭାଙ୍ଗି ପଡ଼ିଲା । ସେଗୁଡ଼ିକୁ ଖୋଜିବା ସକାଶେ ବାହାରକୁ ପୁନର୍ବାର ଉଡ଼ିଗଲା । କିଛି ଦୂରରେ ଥିବା ଗୋଟିଏ ବୁଦା ଭିତରେ କୃଷ୍ଣବର୍ଣ୍ଣର ସର୍ପଟିଏ ବାସ କରୁଥିଲା । ବୁଦା ନିକଟରେ କିଛି ଅଣ୍ଡା-ଖୋଳପା ବିକ୍ଷିପ୍ତ ଭାବରେ ପଡ଼ି ରହିଥିଲା । ସେଗୁଡ଼ିକୁ ଦେଖିବା ପରେ କାଠହଣା ସବୁକିଛି ବୁଝିପାରିଲା । ତା'ର ଅନୁପସ୍ଥିତିର ସୁଯୋଗ ନେଇ କୃଷ୍ଣସର୍ପ ଅଣ୍ଡା ଦୁଇଟିକୁ ଚୋରି କରି ଉଦରସ୍ଥ କରିଥିଲା । ସୂର୍ଯ୍ୟାସ୍ତ ସମୟରେ କାଠହଣା ପେଚା ନିକଟରେ ପହଞ୍ଚିଲା । ପେଚା ତାକୁ ସ୍ୱାଗତ କଲା ଏବଂ ତା'ର ବିଷଣ୍ଣତାର କାରଣ ବିଷୟରେ ଜାଣିବାକୁ ଚାହିଁଲା । ମନ ଦୁଃଖରେ କାଠହଣା କହିଲା, ''ସେହି ବୁଦାରେ ବାସ କରୁଥିବା କୃଷ୍ଣସର୍ପ ମୋର ଅଣ୍ଡା ଦୁଇଟିକୁ ଉଦରସ୍ଥ କରିଛି । ଖୋଳପାଗୁଡ଼ିକ ତା' ବିଲ ନିକଟରେ ପଡ଼ିଥିବାର ମୁଁ ଦେଖିଛି । ଏ ପରିସ୍ଥିତିରେ ମୁଁ ନିଜକୁ ବଡ଼ ଅସହାୟ ମନେ କରୁଛି । ତୁମେ ଜଣେ ମା'ର ବେଦନାକୁ ବୁଝି ପାରୁଥିବ ।'' ପେଚା କହିଲା, ''ଧୈର୍ଯ୍ୟ ଧର । ମୁଁ ହୃଦୟଙ୍ଗମ କରୁଛି ଯେ ତୁମ ପ୍ରତି ଅନ୍ୟାୟ କରାଯାଇଛି । ଆମେ କୃଷ୍ଣସର୍ପକୁ ଏ ବିଷୟରେ ପଚାରି ବୁଝିବା ।''

ପକ୍ଷୀ ଦୁଇଟି କୃଷ୍ଣସର୍ପ ନିକଟକୁ ଉଡ଼ିଗଲେ । ପେଚା ସର୍ପକୁ ପଚାରିଲା, ''ତୁମେ କିପରି କାଠହଣାର ଅଣ୍ଡାରେ ଉଦର ପୂରଣ କରିପାରିଲ ? ଏଭଳି କାର୍ଯ୍ୟ କରିବାରେ ତୁମ ବିବେକ ତୁମକୁ ବାଧା ଦେଲା ନାହିଁ ? ଯାହା ହେଲେ ବି ଆମେ ଗୋଟିଏ ଇଲାକାରେ ବସବାସ କରୁଛନ୍ତି ଏବଂ ପରସ୍ପରର ପଡ଼ୋଶୀ ଅଟନ୍ତି ।'' ସର୍ପଟି ଉଦ୍ଧତ ଓ ଗର୍ବୀ ସ୍ୱଭାବର ଥିଲା ।

ସେ ପେଚାକୁ ବେଖାତିର ଭଙ୍ଗିରେ ଜବାବ ଦେଲା, ''ତୁମେ ଏ ଘଟଣାରେ ମୁହଁ ନ ଖୋଲିଲେ ଭଲ ହେବ । ଏଥିରେ ତୁମର ନାକ ପୂରାଇବା ଠିକ୍ ହେଉ ନାହିଁ । ମୁଁ ମଧ୍ୟସ୍ଥତାକୁ ନାପସନ୍ଦ କରେ ।'' ପେଚା କୃଷ୍ଣସର୍ପ ନିକଟରୁ ଏଭଳି ଉତ୍ତର ଆଶା କରୁ ନଥିଲା । ସର୍ପର ବ୍ୟବହାରରେ ସେ ଅସ୍ଥିରତା ଅନୁଭବ କଲା । ଆତ୍ମଗୋପନ କରିବା ସକାଶେ ବିଳ ଭିତରକୁ ସର୍ପ ମୁଣ୍ଡ ପୂରାଇଲା । ତତ୍‌କ୍ଷଣାତ୍ ପେଚା ତା'ର ନଖଯୁକ୍ତ ପାଦରେ ସର୍ପକୁ ଚାପି ଧରିଲା । ସେ ଆଗକୁ ଯାଇ ପାରିଲା ନାହିଁ କିଂବା ପଛକୁ ଫେରି ପାରିଲା ନାହିଁ । କ୍ରୋଧରେ ଜଳୁଥିବା କାଠହଣା ନଖ ଓ ଥଣ୍ଟରେ ସର୍ପକୁ ଆଘାତ ଦେଇ ଚାଲିଲା । ତାକୁ ଅର୍ଦ୍ଧମୃତ ଅବସ୍ଥାରେ ଛାଡ଼ିଦେଇ ପକ୍ଷୀ ଦୁଇଟି ଉଡ଼ିଗଲେ । ଆହତ କୃଷ୍ଣସର୍ପ ସେ ସ୍ଥାନ ଛାଡ଼ି ଧୀରେ ଧୀରେ ପଳାୟନ କଲା । ସେ ମନେ ମନେ ଚିନ୍ତା କରୁଥିଲା – ଜଣେ ମା' ନିଜ ପ୍ରତି ହୋଇଥିବା କ୍ଷତିକୁ ସହ୍ୟ କରିପାରେ, ମାତ୍ର ତା'ର ସନ୍ତାନ ପ୍ରତି ହୋଇଥିବା ସାମାନ୍ୟତମ କ୍ଷତିକୁ ଆଦୌ ସହ୍ୟ କରିପାରେ ନାହିଁ ।

କିଛିଦିନ ପରେ ଶାଳଗଛ ସଂଲଗ୍ନ ଆମ୍ବଗଛରେ କୋଇଲିଟିଏ ବସା ବାନ୍ଧିଲା । କାଠହଣା କୋଇଲିକୁ ପଚାରିଲା, ''ତୁମେ କିପରି ଏତେ ମଧୁର ସ୍ୱରରେ ଗାଇପାର !'' ଅଳ୍ପ ହସି କୋଇଲି ମଧୁର ସ୍ୱରରେ କହିଲା, ''ତୁମେ ଯେପରି ଗଛ ଦେହରେ ସୁନ୍ଦର ଗର୍ତ୍ତଟିଏ ସୃଷ୍ଟି କରିପାର !'' ସେମାନେ ପରସ୍ପରର ଇଙ୍ଗିତ ଓ କଥାର ମର୍ମକୁ ବୁଝି ପାରିଲେ । ତା'ପରେ ସେମାନେ ହସିବାରେ ଲାଗିଲେ ଏବଂ ନିଜ ନିଜର ଆଲୋଚନାରେ ଆମୋଦିତ ହେଲେ ।

ଦିନେ ଅଚାନକ ଭାବରେ ମାଙ୍କଡ଼ଟିଏ ଆସି ସେ ସ୍ଥାନରେ ପହଞ୍ଚିଲା । ସେ ଦୁଷ୍ଟ ସ୍ୱଭାବର ଥିଲା । ଶାଖାରୁ ଶାଖାକୁ ଡେଇଁ ଖେଳକୁଦ ଦେଖାଇଲା । ପକ୍ଷୀମାନେ ଭୟଭୀତ ଓ ଦୁଃଖିତ ହେଲେ; ମାତ୍ର ତା' ଅନୁଚିତ ବ୍ୟବହାରର ପ୍ରତିବାଦ କରିପାରିଲେ ନାହିଁ । ମାଙ୍କଡ଼ର ଦୁଷ୍ଟାମି କାରଣରୁ କୋଇଲି ନିଜର ଅର୍ଦ୍ଧେକ ବସା ହରାଇଲା । ଘଟଣାଟି କୋଇଲି ଅପେକ୍ଷା କାଠହଣାକୁ ଅଧିକ କଷ୍ଟ ଦେଲା । ପେଚା ନିକଟରେ ପହଞ୍ଚି ସେ ମାଙ୍କଡ଼ର ଦୌରାତ୍ମ୍ୟ ବିଷୟରେ କହିଲା, ''ମାଙ୍କଡ଼ଟା ଦୁଷ୍ଟ ଓ ଅବାଧ୍ୟ । ସେ ଅନେକ ପକ୍ଷୀବସାକୁ ଭାଙ୍ଗି ଦେଇଛି । ବହୁ ସଂଖ୍ୟକ ଅଣ୍ଡା ଓ ଶିଶୁ ପକ୍ଷୀଙ୍କୁ ତଳେ ପକାଇ ନଷ୍ଟ କରି ଦେଇଛି । ଏ ପ୍ରକାର କାର୍ଯ୍ୟ ପାଇଁ ତା'ର ଟିକେ ହେଲେ ଅନୁଶୋଚନା ନାହିଁ । କୋଇଲି ମୋର ପଡ଼ୋଶୀ । ମାଙ୍କଡ଼ ତା'ର ଅନେକ କ୍ଷତି କରିଛି । ଏହି ସମସ୍ୟାର ସମାଧାନ ନହେଲେ ଆମେ ଏ ସ୍ଥାନ ଛାଡ଼ିବା କଥା ଚିନ୍ତା କରିବୁ ।''

ପେଚା କହିଲା, ''ବିବ୍ରତ ହୁଅ ନାହିଁ । ଦୁଷ୍ଟାମି ଦଣ୍ଡକୁ ଡାକି ଆଣେ । ବିପଦ ସମୟରେ ସ୍ଥିର ଓ ଶାନ୍ତ ରହିବା ଦରକାର । ସମୟ ସମସ୍ୟାର ସମାଧାନ କରେ । ମୁଁ କିଛି ଉପାୟ ସ୍ଥିର କରୁଛି ।'' କିଛି ଦୂରରେ ଗଛଲତା ପରିବେଷ୍ଟିତ ଗୋଟିଏ ପରିତ୍ୟକ୍ତ କୋଠାଘର ଦେଖା ଯାଉଥିଲା । ଏହାର ଭଙ୍ଗା କାନ୍ଥଗୁଡ଼ିକରେ ଅସଂଖ୍ୟ ମହୁମାଛି ବାସ କରୁଥିଲେ । ସେମାନେ ପେଚାର ପୁରୁଣା ବନ୍ଧୁ ଥିଲେ । ପେଚା ସେମାନଙ୍କ ନିକଟରେ ପହଞ୍ଚିଲା ଏବଂ ମାଙ୍କଡ଼ର ଉତ୍ପାତ ବିଷୟରେ କହିଲା । ପରଦିନ ଦଳେ ମହୁମାଛି ନିଜର ସ୍ୱାଭାବିକ ପୁଞ୍ଜ ସହ ପେଚା ରହୁଥିବା ସ୍ଥାନରେ ପହଞ୍ଚିଲେ ଏବଂ ମାଙ୍କଡ଼କୁ ଆକ୍ରମଣ କଲେ । ସେମାନଙ୍କର ଦଂଶନ ଜ୍ୱାଳାରେ ଅତିଷ୍ଠ ହୋଇ ମାଙ୍କଡ଼ ଦୂରକୁ ପଳାୟନ କଲା । ସେ ବୁଝିପାରୁ ନଥିଲା କାହିଁକି ମହୁମାଛିମାନେ ବିନା କାରଣରେ ତାକୁ ଆକ୍ରମଣ କଲେ ।

ଅରଣ୍ୟରେ ଜୀବନଯାତ୍ରା ପୁଣି ଥରେ ସ୍ୱାଭାବିକ ହୋଇ ଉଠିଲା । ଗୁଣ୍ଡୁଚିମାନେ ଧାଁଧପଡ଼ କଲେ । ଠେକୁଆ ଦାନ୍ତରେ ନରମ ଘାସ ଛିଡ଼ାଇ ପାଟି ଭିତରକୁ ନେବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଲା । ପକ୍ଷୀ ଓ ଅନ୍ୟ ଜୀବମାନେ ନିଜ ସୁବିଧା ଓ ଅସୁବିଧାକୁ ବିନା ପ୍ରତିବାଦ ବା ଅଭିଯୋଗରେ ନିଜ ଭିତରେ ବାଣ୍ଟି ନେଉଥିବାର ଜଣା ପଡୁଥିଲା ।

ଦିନେ ଏକ ଭଙ୍ଗା କାନ୍ଥର ପଛ ପାଖରେ ଆତ୍ମଗୋପନ କରିଥିବା ଦୁଇଜଣ ଶିକାରୀଙ୍କ ଗୁପ୍ତ କଥାବାର୍ତ୍ତାକୁ ଆଢୁଆଳରେ ଥାଇ ଗୁଣ୍ଡୁଚିଟିଏ ଶୁଣି ପାରିଲା ।

– ''ଗଛଲତାରେ ଏ ସ୍ଥାନଟି ଭାରି ଗହଳିଆ ଲାଗୁଛି ।''

– ''ଏହା ଭିତରେ ଠେକୁଆ, ଗୁଣ୍ଡୁଚି, ପକ୍ଷୀ ଓ ଅନ୍ୟ ଜୀବ ବହୁସଂଖ୍ୟାରେ ଅଛନ୍ତି ।''

– ''ମୁଁ ଭାବୁଛି, ଶିକାରଟିଏ ଲାଭଦାୟକ ହେବ ।''

– ''ଏହି ଇଲାକାରେ ଶିକାର କରିବା ମନା, ମାତ୍ର ଏ କାର୍ଯ୍ୟ ଗୁପ୍ତରେ କରାଯାଇପାରେ ।''

– ''ଏହା ଆମକୁ ପ୍ରଚୁର ଲାଭ ଦେବ ।''

– ''ସ୍ଥାନଟି ଆମକୁ ଧନୀ କରିଦେବ ।''

ଅବିଳମ୍ବେ ଗୁଣ୍ଡୁଚି ଶିକାରୀମାନଙ୍କ କଥା ସମସ୍ତଙ୍କୁ

ଜଣାଇ ଦେଲା । ଆସନ୍ନ ବିପଦରୁ ରକ୍ଷା ପାଇବା ସକାଶେ ସମସ୍ତେ କାଠହଣାକୁ ପେଚା ନିକଟକୁ ପଠାଇଲେ । ପେଚା ପରିସ୍ଥିତିର ଗାମ୍ଭୀର୍ଯ୍ୟକୁ ଅନୁଭବ କଲା । ସେମାନଙ୍କର ସରଳତା ସେମାନଙ୍କୁ ରକ୍ଷା କରିବ ଏବଂ ସେମାନେ ଭୟଶୂନ୍ୟ ରହିବା ଆବଶ୍ୟକ କହି ସେ ସମସ୍ତଙ୍କର ଆତ୍ମବିଶ୍ୱାସ ବଢ଼ାଇଲା । ପୁନର୍ବାର ସେ ସେହି ପୁରୁଣା ପରିତ୍ୟକ୍ତ କୋଠାଘରକୁ ଉଡ଼ିଗଲା । ଘରଟି ଅତୀତରେ ବନ ବିଭାଗର କାର୍ଯ୍ୟାଳୟ ଥିଲା । ପରେ ତାହା ପରିତ୍ୟକ୍ତ ଓ ବିପଦସଙ୍କୁଳ ହୋଇ ସରୀସୃପ, ମହୁମାଛି ଓ ବାଦୁଡ଼ିଙ୍କର ଆଡ୍ଡାସ୍ଥଳୀ ପାଲଟି ଯାଇଛି । ପେଚା ତା'ର ଶୁଭାକାଂକ୍ଷୀ ବାଦୁଡ଼ିମାନଙ୍କୁ ଶିକାରୀ ଦୁଇଜଣଙ୍କର ନିଷ୍ଠୁର ଯୋଜନା ବିଷୟରେ କହିଲା । ସେ କହିଲା, ''ଶିକାରୀମାନେ ନିଷ୍ଠୁର । ସେମାନଙ୍କର ଧନୁ, ତୀର ଅଛି । ସେମାନେ ଯାହା ଇଚ୍ଛା କରିବେ, ତାହା କରିପାରିବେ ।'' ବାଦୁଡ଼ିଟିଏ ଆଶ୍ୱାସନା ବାଣୀ ଶୁଣାଇ କହିଲା, ''ଅପେକ୍ଷା କର ଓ ଦେଖ । ସେମାନେ ଆଉ ଥରେ ଶିକାର କରିବା କଥା ଭାବିବା ପୂର୍ବରୁ ନିଜେ ଶିକାର ହୋଇ ଯାଇଥିବେ ।'' ଏହା ପରେ ଦଳବଦ୍ଧ ହୋଇ ବାଦୁଡ଼ିମାନେ ଶିକାରୀ ଦୁହିଁଙ୍କୁ ଆକ୍ରମଣ କଲେ । ଦାନ୍ତ ଓ ନଖରେ ସେମାନଙ୍କୁ ରକ୍ତାକ୍ତ କରିଦେଲେ । ଜୀବନ ବଞ୍ଚାଇବା ପାଇଁ ସେମାନେ ସବୁଦିନ ପାଇଁ ସେ ସ୍ଥାନ ଛାଡ଼ି ପଳାୟନ କଲେ । ଅରଣ୍ୟର ଅଧିବାସୀମାନେ କହିଲେ, ''ପେଚା ଆମର ପ୍ରକୃତ ପଡ଼ୋଶୀ । ସେ ଆମର ଶୁଭାକାଂକ୍ଷୀ ଓ ରକ୍ଷାକର୍ତ୍ତା ।''

କାଠହଣା ମନ୍ତବ୍ୟ ଦେଲା, ''ଜଣେ ପଡ଼ୋଶୀ ଅନ୍ୟ ଜଣଙ୍କର ଅସୁବିଧାଗୁଡ଼ିକୁ ଅନୁଭବ କରିଥାଏ । ମାତ୍ର ଯଥାର୍ଥ ପଡ଼ୋଶୀ ସେସବୁକୁ ନିଶ୍ଚିହ୍ନ କରିଦେବା ସକାଶେ କଷ୍ଟ ସ୍ୱୀକାର କରି ପ୍ରୟାସ ଜାରି ରଖିଥାଏ ।''

କାହାଣୀରେ ପକ୍ଷୀ ଓ ଜୀବମାନଙ୍କର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଜୀବନଧାରାର ଏକ ପ୍ରତୀକାତ୍ମକ ବର୍ଣ୍ଣନା ଯାହା ମାନବଜାତି ଠାରୁ ଆଶା କରାଯାଏ । ଅରଣ୍ୟର ବାସିନ୍ଦାଗଣ ମୁକ୍ତ ଜୀବନ ଚାହାଁନ୍ତି, ମାତ୍ର ଅସୁବିଧା ଓ ସମସ୍ୟାଗୁଡ଼ିକର ସମ୍ମୁଖୀନ ହୋଇଛନ୍ତି । ପ୍ରବୃତ୍ତିଗତ ଭାବରେ ସେମାନେ ଏହାକୁ ଅନୁଭବ କରିଛନ୍ତି, ସମାଧାନ ବି କରିଛନ୍ତି । ପ୍ରକୃତିଦତ୍ତ ସହଜାତ ପ୍ରବୃତ୍ତି ଏକ ପ୍ରାକୃତିକ ଶକ୍ତି ଯାହା ପଶୁପକ୍ଷୀଙ୍କର ସୁରକ୍ଷା ଦିଗରେ ସହାୟକ ହୋଇଥାଏ । ମନୁଷ୍ୟ କ୍ଷେତ୍ରରେ ବାହ୍ୟ ଜୀବନଟି ମୁଖ୍ୟତଃ ବସ୍ତୁ ଓ ଅହଂକୈନ୍ଦ୍ରିକ ହୋଇଥାଏ । ତେଣୁ ସେ ଦୁଃଖ, ଯନ୍ତ୍ରଣା ଓ ଅସୁବିଧାର ସମ୍ମୁଖୀନ ହୁଏ ।

ପୂର୍ଣ୍ଣଯୋଗରେ ପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ଶ୍ରୀମା 'ଚେତନାର ପରିବର୍ତ୍ତନ' ଉପରେ ଗୁରୁତ୍ୱ ଦେଇଛନ୍ତି । ଏହାର ସାଧାରଣ ଅର୍ଥ – ଉର୍ଦ୍ଧ୍ୱସ୍ଥିତ ଚେତନାର ଭୂମିକୁ ଉଠିଯିବା, ଅନ୍ତରସ୍ଥ ଚୈତ୍ୟସତ୍ତା ସହ ଯୁକ୍ତ ହେବା, ସର୍ବତ୍ର ଓ ସମସ୍ତ କିଛିରେ ଭଗବାନଙ୍କ ଉପସ୍ଥିତିକୁ ଉପଲବ୍ଧି କରିବା ଏବଂ ଉଚ୍ଚତର ଚେତନା ମଧ୍ୟକୁ ଆରୋହଣ କରିବା – ସେହି ଯୋଗପଥ ଯାହା ଦ୍ୱାରା ଏହି ପରିବର୍ତ୍ତନ ସମ୍ଭବ ହୁଏ । ଏଥିସକାଶେ ବ୍ୟକ୍ତିର ଅଭୀପ୍ସା ଏବଂ ଦିବ୍ୟଜନନୀ ଶ୍ରୀମା'ଙ୍କ ଚରଣରେ ସରଳ ଶିଶୁ ଭଳି ଆଶ୍ରିତ ଓ ସମର୍ପିତ ହୋଇ ରହିବାହିଁ ସାଧନା-ପଥ ହୋଇଥାଏ ।

ପରମ ପ୍ରଭୁ ଶ୍ରୀଅରବିନ୍ଦ ଯୋଗପତ୍ରାବଳି(୧)ରେ ଉଲ୍ଲେଖ କରିଛନ୍ତି –

"Yes – to watch the animals with the right perception of their consciousness helps to get out of the human mental limitations and see the Cosmic Consciousness on earth individualising itself in all forms – plant, animal, man and growing towards what is beyond man." (Letters on Yoga, Part - I, p. 407)

ଯାହାର ମର୍ମାର୍ଥ ଏହିପରି : ''ହଁ – ପ୍ରାଣୀମାନଙ୍କୁ ସେମାନଙ୍କର ଯଥାର୍ଥ ଚେତନା ସହ ଲକ୍ଷ୍ୟ କରିବା ଦ୍ୱାରା ମନୁଷ୍ୟ ନିଜର ମାନସିକ ସୀମାବଦ୍ଧତା ଭିତରୁ ବାହାରି ଆସିପାରେ ଏବଂ ପୃଥିବୀପୃଷ୍ଠରେ ବିଶ୍ୱଚୈତନ୍ୟଙ୍କୁ ତାଙ୍କର ବହୁବିଧ ରୂପରାଜି – ଉଦ୍ଭିଦ, ପ୍ରାଣୀ, ମନୁଷ୍ୟ, ଉଚ୍ଚତର ଚେତନାର ସତ୍ତାଙ୍କ ମଧ୍ୟରେ ଦର୍ଶନ କରିପାରେ ଏବଂ ମନୁଷ୍ୟୋତ୍ତର କିଛିକୁ ଉତ୍ତୋଳିତ ହୋଇ ଯାଇପାରେ ।''

❑❑❑

**ସତ୍ୟ** ଏବଂ **ପ୍ରେମ** ନିଶ୍ଚିତ ରୂପେ ବିଜୟପ୍ରାପ୍ତ ହେବେ !
(ଶ୍ୱେତ ଗୋଲାପ, ପୃ. ୧୧୧) – ଶ୍ରୀମା

# ବ୍ୟକ୍ତିକୈନ୍ଦ୍ରିକତା

## ବାସୁଦେବ

ଆଶ୍ରମର ବିଭାଗୀୟ କର୍ମାବଳି ସହିତ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସହ ସାକ୍ଷାତ୍କାର ଲାଗି ମା' ଯେଉଁ ନିର୍ଦ୍ଦିଷ୍ଟ କକ୍ଷଟି ବ୍ୟବହାର କରୁଥିଲେ ସେଠାରେ କାନ୍ଥ ଦେହରେ ଅଳ୍ପ ଉଚ୍ଚତାରେ ଗୋଟିଏ ଥାକ (shelf) ରହିଥିଲା । ଥାକର ଉଚ୍ଚତା କମ୍ ଥିବାରୁ ଅସାବଧାନ ଥିବାବେଳେ କାହାର ନା କାହାର ମୁଣ୍ଡ ସେଥିରେ ବାଜୁଥିଲା । କେହି ଜଣେ ବିଷୟଟି ପ୍ରତି ମା'ଙ୍କର ଦୃଷ୍ଟି ଆକର୍ଷଣ କରାଇଲେ । ଉଦାର ସେଠାରେ ଉପସ୍ଥିତ ଥିଲେ ଏବଂ ସଙ୍ଗେ ସଙ୍ଗେ ସେହି ଥାକଟିକୁ ଏକ ନିରାପଦ ଉଚ୍ଚତାକୁ ଟେକି ଦେବାକୁ ପ୍ରସ୍ତୁତ ହୋଇଗଲେ । କିନ୍ତୁ ମା' ଆଉ ତାହା କରିବାକୁ ଦେଲେ ନାହିଁ । ମା'ଙ୍କ ମତରେ ଯେଉଁମାନେ ପ୍ରତିଦିନ ତାଙ୍କୁ ସାକ୍ଷାତ୍ କରିବାକୁ ଆସନ୍ତି ସେମାନେ ନିଜ ଚେତନାର ବିକାଶ ଲାଗି ଚେଷ୍ଟିତ ହେବା ଦରକାର ଯେପରି ତାହା ସେମାନଙ୍କ ମୁଣ୍ଡରେ ନ ବାଜେ ।

ଆମର ବକ୍ତବ୍ୟ ବିଷୟଟି ଲାଗି କାହାଣୀର ଏତିକି ଅଂଶହିଁ ଯଥେଷ୍ଟ । କିନ୍ତୁ ପରେ ଯାହା ଘଟିଲା ତାହା ମଧ୍ୟ ଖୁବ୍ ଚିତ୍ତାକର୍ଷକ । ତେଣୁ ମୋର ଆଗ୍ରହ ରହିଛି କାହାଣୀଟିକୁ ପୂରା କରିବା ଲାଗି । କିଛିଦିନ ପରେ ସେହି କକ୍ଷରେ ମା'ଙ୍କ ସହ କିଛି ଆଲୋଚନାରେ ଉପସ୍ଥିତ ପ୍ରାୟ ସମସ୍ତେ ବ୍ୟସ୍ତ ଥିଲାବେଳେ ହଠାତ୍ ଶୁଣାଗଲା ଏକ ଶବ୍ଦ । ସମସ୍ତେ ମୁହଁ ଫେରାଇ ଦେଖିଲେ 'ଅମୃତ' ନିଜ ମୁଣ୍ଡ ଆଉଁଶୁଛନ୍ତି । ପ୍ରକୃତରେ କ'ଣ ଘଟିଥିଲା ତାହା ବୁଝିବାକୁ ଆଉ କାହାର ବାକି ରହିଲା ନାହିଁ । ମା' ଅମୃତଙ୍କୁ କ'ଣ ହୋଇଛି ବୋଲି ପଚାରିଲେ । ଉତ୍ତରରେ ଅମୃତ କହିଲେ, ''ଚେତନା ମୋ ମୁଣ୍ଡରେ ବାଜିଗଲା, ମୁଁ ତାକୁ ଭିତରେ ପ୍ରବେଶ କରାଉଛି ?'' (ଏହା ଅମୃତଙ୍କଠାରୁ ପ୍ରତ୍ୟାଶିତ ହାସ୍ୟରସାତ୍ମକ ଉତ୍ତର ଥିଲା ।)

ମା'ଙ୍କର ପୂର୍ବରୁ କହିଥିବା କଥାଟି ମୋତେ ଖୁବ୍ ଭଲ ଲାଗିଥିଲା – ''ଚେତନାର ବିକାଶ କର ।'' ଥାକଟିକୁ ଉଠାଇ ଦେଇଥିଲେ ସମସ୍ୟାର ସମାଧାନ ହୋଇ ଯାଇଥା'ନ୍ତା । ଅମୃତଙ୍କ ମୁଣ୍ଡରେ ଆଘାତ ଲାଗି ନଥା'ନ୍ତା । କିନ୍ତୁ ମା' ନାହିଁ କଲେ । ମୁଁ ଏହାକୁହିଁ କହେ 'ବ୍ୟକ୍ତିକୈନ୍ଦ୍ରିକତା' (Subjectivism) । ଗୋଟିଏ ସମସ୍ୟାର ସମାଧାନ ଲାଗି ପରିବେଶ ପରିବର୍ତ୍ତନର ଆବଶ୍ୟକତା ନାହିଁ । ଚେଷ୍ଟାକର ନିଜକୁ ପରିବର୍ତ୍ତନ କରିବାକୁ, ନିଜର ଚେତନାକୁ ପରିବର୍ତ୍ତନ କରିବାକୁ । ଏହା ବସ୍ତୁକୈନ୍ଦ୍ରିକତା ନୁହେଁ – 'ବ୍ୟକ୍ତିକୈନ୍ଦ୍ରିକତା' । ମୁଁ ଜାଣେନା ମୋ ମତରେ ମୁଁ କେତେ ଯୁକ୍ତିଯୁକ୍ତ । କିନ୍ତୁ ମୁଁ ନିଶ୍ଚିତ ଭାବରେ ଏହା କହିପାରେ ଯେ ମୋ ମନରେ ଏହା ମୋ ଲାଗି ଖୁବ୍ ସହାୟକ । ଏତତ୍ ଦ୍ୱାରା ମୁଁ ନିଜକୁ ଉତ୍କୃଷ୍ଟତର ବ୍ୟକ୍ତି ଭାବରେ ଗଢ଼ିପାରେ । ମୋ ମତରେ ଏହା ଏକ ଉତ୍ତମ ଲକ୍ଷ୍ୟ ।

ଆଉ ଏକ କାହାଣୀ । ଥରେ ସମ୍ରାଟ୍ ଆକବର ଦୁଇଟି ଗାର ଟାଣିଲେ, ଗୋଟିଏ ଛୋଟ, ଅନ୍ୟଟି ଲମ୍ବା । ତପରେ ସେ ବୀରବଲଙ୍କୁ କହିଲେ ଲମ୍ବା ଗାରଟିକୁ ଛୋଟ କରିବାକୁ, ରବରର ସାହାଯ୍ୟରେ ନୁହେଁ କି କାଟି କରି ନୁହେଁ । ବୀରବଲ ତତ୍‌କ୍ଷଣାତ୍ ଛୋଟ ଗାରଟିକୁ ଏତେ ଲମ୍ବା କରିଦେଲେ ଯେ ଲମ୍ବା ଗାରଟିହିଁ ତା' ତୁଳନାରେ ଛୋଟ ଲାଗିଲା । ବାସ୍ତବତଃ ଲମ୍ବା ଗାରଟିହିଁ ହୋଇଗଲା ଏବେ ଛୋଟ !

ଥରେ ଗୋଟିଏ ବାଳକକୁ ଏକ ସାଇକେଲ ଦିଆଯାଇ ଥିଲା । ତାହା ତା' ଲାଗି ଏତେ ଭାରି ଥିଲା ଯେ ସେ ତାକୁ ଉଠାଇବାକୁ କଷ୍ଟକର ମଣୁଥିଲା । ସେ ଗୋଟିଏ ହାଲୁକା ସାଇକେଲ ଚାହିଁଲା । କିନ୍ତୁ ତା'ର ବାପା ପିଲାଟିକୁ କିଛି ଦିନ ବ୍ୟାୟାମ କରାଇଲେ । କିଛିଦିନ ପରେ ପିଲାଟିକୁ ସେହି ସାଇକେଲ ହାଲୁକା ଲାଗିଲା । ତୁମେମାନେ ବି ସମସ୍ତେ ଜାଣିଥିବ ଯଦି ୧୮ ପାଉଣ୍ଡ ସଟ୍‌ପୁଟ୍ ଅଭ୍ୟାସ ସମୟରେ ବ୍ୟବହାର କରିଥାଅ ତେବେ ପ୍ରତିଯୋଗିତା ବେଳେ ୧୬ ପାଉଣ୍ଡ ସଟ୍‌ପୁଟ୍ ତୁମେ ବହୁତ ଅଧିକ ଦୂରତ୍ୱକୁ ଫିଙ୍ଗିପାର ।

ଏହି ବିଷୟମାନ ମନେରଖି ମୁଁ ଯେତେବେଳେ ବିରୋଧାତ୍ମକ ପରିବେଶର ସମ୍ମୁଖୀନ ହୁଏ, ନିର୍ବୋଧ ପରି ଅନ୍ୟକୁ ଦୋଷାରୋପ ନକରି ବା ସେପରି ନଭାବି ମୁଁ ନିଜେ ନିଜର ଭୁଲ୍ ଦେଖିବାକୁ ଚେଷ୍ଟାକରେ । ଫଳାଫଳ ? ମୋ ପାଇଁ ସେଇ ବିରୋଧାତ୍ମକ ପରିବେଶ ତୁଚ୍ଛ ହୋଇଯାଏ ଏବଂ ମୁଁ ହୋଇଯାଏ ପୂର୍ବାପେକ୍ଷା ଉନ୍ନତ । ଏହା ଏକ ଉତ୍ତମ ଉପହାର ନୁହେଁ କି ?

ଏହା ଚେଷ୍ଟାଯୋଗ୍ୟ ବିଷୟ ନୁହେଁ କି ?

('Sports Spirit', Jan. 1994ରୁ)

ଅନୁବାଦ : ପ୍ରତିଭା ଦାସ ❑

# ଆଶ୍ରମ ପ୍ଲେ-ଗ୍ରାଉଣ୍ଡରେ ଭାରତର ମାନଚିତ୍ର

## ଗଙ୍ଗାରାମ ମାଲୱାଡ଼େ

ଏହା ଥିଲା ପ୍ରଣବଦା'ଙ୍କ ଜନ୍ମଦିନ ୧୯୫୦ ମସିହା ଅକ୍ଟୋବର ମାସ ୧୮ ତାରିଖ । ପ୍ଲେ-ଗ୍ରାଉଣ୍ଡର କାନ୍ଥରେ ଆଶ୍ରମର ଅନେକେ, ବିଶେଷ କରି ପିଲାମାନେ ଫୁଲ ଓ ଫୁଲତୋଡ଼ା ସଜାଇବାରେ ରତ ଥିଲେ । ଆଉ କେତେକେ ସ୍ୟାଣ୍ଡ-ପିଟ୍‌ରେ ସୁନ୍ଦର ଆକୃତିସବୁ ତିଆରି କରୁଥିଲେ । ତେଜେନ୍‌ଦା', ଅଜିତ୍ ପ୍ରଭୃତି କେତେକ ପିଲାଙ୍କ ସହଯୋଗରେ ଫର୍ଣ୍ଣ ଗଛର ଛୋଟ ସବୁଜ ପତ୍ରସବୁ ନେଇ କାନ୍ଥରେ ଭାରତର ମାନଚିତ୍ର ତିଆରି କରିବାରେ ଖୁବ୍ ଆଗ୍ରହରେ ଲାଗି ପଡ଼ିଥିଲେ । ତା' ମଝିରେ ଶ୍ରୀମା'ଙ୍କ ପ୍ରତୀକ (ସିମ୍ବଲ)ଟିକୁ ହଳଦିଆ ସେବତୀ ଫୁଲ(ମା'ଙ୍କ ପ୍ରଦତ୍ତ ନାମ 'ଲାଇଫ୍ ଏନର୍ଜି' ବା ପ୍ରାଣଶକ୍ତି)ରେ ତିଆରି କରିବାରୁ ଏହା ଅତି ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଉ ଥିଲା ।

ସବୁଦିନ ପରି ଟେନିସ୍ ଗ୍ରାଉଣ୍ଡରେ ଟେନିସ୍ ଖେଳିସାରି ଶ୍ରୀମା ଓ ପ୍ରଣବଦା' ପ୍ଲେ-ଗ୍ରାଉଣ୍ଡକୁ ଆସିଲେ ଏବଂ ସେଦିନ ପ୍ଲେ-ଗ୍ରାଉଣ୍ଡର ସବୁ ଆଡ଼ ସୁସଜ୍ଜିତ ହୋଇଥିବାର ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲେ । ପ୍ରଣବଦା'ଙ୍କ ଜନ୍ମଦିନ ପାଳନ କରିବା ପାଇଁ ଏକ ଛୋଟ କାର୍ଯ୍ୟକ୍ରମ ମଧ୍ୟ ରଖାଯାଇଥିଲା । ଦାଦା ମା'ଙ୍କ ପାଖରେ ଖେଳ ପଡ଼ିଆର ମଝିରେ ବସିଥିଲେ । କାର୍ଯ୍ୟକ୍ରମ ଶେଷରେ ମା' ତାଙ୍କ କକ୍ଷକୁ ଯିବା ପରେ ମୁଁ ପ୍ରଣବଦା'ଙ୍କୁ କହିଲି, ''ଦାଦା ! ଏଇ ଭାରତ ମାନଚିତ୍ରଟିକୁ ଏଠାରେ ସ୍ଥାୟୀ କରି ରଖିଲେ କ'ଣ ଭଲ ହୁଅନ୍ତାନି ?'' ସେ ସେତେବେଳେ କିଛି ନକହି ନୀରବ ରହିଥିଲେ । ଅଳ୍ପ କିଛିଦିନ ପରେ ମୁଁ ପୁଣି ତାଙ୍କୁ 'କଙ୍କ୍ରିଟ୍'ରେ ଭାରତର ମାନଚିତ୍ରଟିକୁ ସ୍ଥାୟୀ ରଖିବା ପାଇଁ ମା'ଙ୍କୁ ପଚାରିବା ଲାଗି କହିଲି । ମୋ ଭଳି ଆଉ କେତେକେ ବି ସମାନ ଅନୁରୋଧ କରିଥିଲେ ।

ପାଖାପାଖି ମାସେ ପରେ, ସନ୍ଧ୍ୟା ସମୟରେ ଯେତେବେଳେ ମୁଁ ପ୍ଲେ-ଗ୍ରାଉଣ୍ଡକୁ ଗଲି, ଦେଖିଲି ମା' ତାଙ୍କ ହାତରେ ଚକ୍‌ଖଡ଼ି ଧରି କାନ୍ଥରେ ଯେଉଁଠି ଭାରତ ମାନଚିତ୍ର କରାହୋଇ ଥିଲା, ସେଠାରେ ଛିଡ଼ା ହୋଇଛନ୍ତି । ମୁଁ ପାଖକୁ ଯାଇ ଦେଖିଲି, ମା' ସ୍ୱୟଂ ଭାରତର ମାନଚିତ୍ର କାନ୍ଥରେ ଆଙ୍କିଛନ୍ତି । ଏହା ହେଲା ମା'ଙ୍କ ଅଙ୍କିତ ଭାରତର ପ୍ରଥମ ପୂର୍ଣ୍ଣାଙ୍ଗ ମାନଚିତ୍ର, ଯାହାକୁ ମା' ପରେ ଭାରତର ଆଧ୍ୟାତ୍ମିକ ମାନଚିତ୍ର ବୋଲି ନାମିତ କଲେ ।

ଯେହେତୁ ମୁଁ ମନୋରଞ୍ଜନଦା'ଙ୍କ Enterprise department ରେ କାମ କରୁଥିଲି, ମା' ମୋତେ ସେହି କାର୍ଯ୍ୟଟି ଦେଲେ । ମା'ଙ୍କ ଅନୁମତି କ୍ରମେ ମନୋରଞ୍ଜନଦା' କାଠପଟା ଯୋଡ଼ାଇ କରି ଭାରତ ମାନଚିତ୍ରଟି ମା' ଯେପରି ଆଙ୍କିଥିଲେ ସେହିପରି ବାହାର ରେଖାସହ ଏକ ଛାଞ୍ଚ ପ୍ରସ୍ତୁତ କରାଇଲେ । ସେଇଟିକୁ କାନ୍ଥସହ ଲଗା ହେଲା ଏବଂ ସେହି ମାପରେ କାନ୍ଥରେ ଥିବା ପୂର୍ବ ପଲସ୍ତରାକୁ ଖୋଳି ବାହାର କରାଯାଇ କାନ୍ଥରେ ଇଟା ଦିଶିବା ଭଳି କରାହେଲା । ତା'ପରେ ତନ୍ମଧ୍ୟରେ 'କଙ୍କ୍ରିଟ୍ ମିକ୍ସ୍‌ଚର' ଭର୍ତ୍ତି କରି ଭାରତ ମାନଚିତ୍ରର ଆକୃତି ଗଢ଼ା ହେଲା । କାର୍ଯ୍ୟଟି ଶେଷ ହେବାଯାଏଁ ମନୋରଞ୍ଜନଦା' ସେଠାରେ ଥିଲେ । କେବଳ ଉପରର ପ୍ଲାଷ୍ଟର୍ କାମଟି ବାକି ରହିଲା । ତା'ପରେ ମା'ଙ୍କୁ ମାନଚିତ୍ରର ଉପରଭାଗଟିକୁ ସେ କିପରି ରଖିବାକୁ ଚାହାନ୍ତି ପଚରାଗଲା । ସେ ଏହାକୁ ଟିକିଏ ଆବଡ଼ାଖାବଡ଼ା ରଖି ସବୁଜ ରଙ୍ଗ ଦେବାକୁ କହିଲେ । ତେଣୁ ସବୁଜ ରଙ୍ଗର ପ୍ଲାଷ୍ଟର୍ ତିଆରି କରାହୋଇ ଛାଞ୍ଚଟିର ମୋଟେଇ ମାପ ଅନୁସାରେ ଲଗାଇ ଦିଆହେଲା । କିନ୍ତୁ ପୂରା ମସୃଣ ନକରି ଖଦଡ଼ା ରଖା ହେଲା, ଯାହା ଏବେ ବି ଦେଖିବାକୁ ମିଳୁଛି ।

ମନୋରଞ୍ଜନଦା'ଙ୍କ 'ଏଣ୍ଟରପ୍ରାଇଜ୍ ଡିପାର୍ଟମେଣ୍ଟ୍' ପ୍ଲେ-ଗ୍ରାଉଣ୍ଡର ସମସ୍ତ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ତୁଲାଉଥିଲା ବୋଲି କହିବା ଏଠାରେ ଅପ୍ରାସଙ୍ଗିକ ହେବ ନାହିଁ । ସେ ଯେଉଁସବୁ କାର୍ଯ୍ୟ କରାଉଥିଲେ ସେସବୁ ହେଲା ମଝିରେ ମଝିରେ ବାଲି ପଡ଼ିଆକୁ ରୋଲର୍ ଦ୍ୱାରା ସମାନ କରିବା, କାନ୍ଥସବୁରେ ଚୂନ ଦେବା, ଡମ୍ବେଲ୍ ପ୍ରଭୃତି କସରତ ସାମଗ୍ରୀକୁ ରଙ୍ଗ ଦେବା, କୌଣସି ଗଠନାତ୍ମକ ବା ନିର୍ମାଣ କାର୍ଯ୍ୟ କରିବାକୁ ଥିଲେ ତାହା ତୁଲାଇବା ଇତ୍ୟାଦି ।

କିଛିଦିନ ପରେ କଙ୍କ୍ରିଟ୍ ପୂରା ଲାଖିଯିବା ପରେ କାନ୍ଥରୁ ମାନଚିତ୍ରର ଛାଞ୍ଚଟିକୁ ବାହାର କରିଦିଆ ହେଲା ଏବଂ ମା'ଙ୍କ ନିର୍ଦ୍ଦେଶ ଅନୁସାରେ କାନ୍ଥର ଅନ୍ୟ ଭାଗ ପଲସ୍ତରା କରି ଦିଆଗଲା ।

ତା'ପରେ ସେଇ କଂକ୍ରିଟ୍ ନିର୍ମିତ ଭାରତ ମାନଚିତ୍ରର ମଝିରେ ମା'ଙ୍କର ସିମ୍ବଲ ବା ପ୍ରତୀକ ଲଗାଇବା କଥା : ମୁଁ ଲାବରେଟୋରିର ଯୋଶୀଭାଇଙ୍କୁ ଗୋଟାଏ ବଡ଼ 'ବ୍ରାଉନ୍ ପେପର୍' ଦେଇ ମା'ଙ୍କ ସିମ୍ବଲ ଆଙ୍କି ଦେବାକୁ କହିଲି । କାରଣ ସେ ମା'ଙ୍କ ପ୍ରତୀକର ମଧ୍ୟବୃତ୍ତ, ତା' ପାଖକୁ ଲାଗି ଚାରିଟି ପାଖୁଡ଼ା ଓ ଶେଷ ବାରଟି ପାଖୁଡ଼ାର ମାପ ସହ ବାହାର ବୃତ୍ତର ମାପ ଠିକ୍ ଭାବେ ଜାଣିଥିଲେ । ସେ ଯେତେବେଳେ ଆଙ୍କିବା ଶେଷ କଲେ, ମୁଁ ସେଦିନ ସନ୍ଧ୍ୟାରେ ସେଇଟିକୁ ପ୍ଲେ-ଗ୍ରାଉଣ୍ଡକୁ ନେଇଗଲି ଏବଂ ମା'ଙ୍କର ଟିକିଏ ଫାଙ୍କା ସମୟ ଦେଖି ତାଙ୍କୁ ମାନଚିତ୍ରରେ କେଉଁଠି ସିମ୍ବଲଟିକୁ ଲଗାଇବାକୁ ହେବ ମୋତେ ସେଇ ନିର୍ଦ୍ଦିଷ୍ଟ ସ୍ଥାନ ଦେଖାଇ ଦେବାକୁ କହିଲି । ତା'ପରେ ମୁଁ ସିମ୍ବଲ-ଅଙ୍କା କାଗଜଟିକୁ ମାନଚିତ୍ର ଉପରେ ଥୋଇବାରୁ ମା' ଠିକ୍ ଯେପରି ଲାଗିବ ଦେଖାଇ ଦେଲେ । ମୁଁ ସଙ୍ଗେ ସଙ୍ଗେ ସିମ୍ବଲର ମଝି ଯେଉଁଠି ରହିବ ତାହା ଚିହ୍ନିତ କରିଦେଲି ।

ପରେ ସିମ୍ବଲଟି ଯେପରି ଅଙ୍କା ହୋଇଥିଲା, ସେହି ମାପ ଅନୁସାରେ ତା'ର ମଧ୍ୟବୃତ୍ତ, ତାକୁ ଘେରି ଚାରିଟି ପାଖୁଡ଼ା ଓ ଶେଷରେ ବାରଟି ପାଖୁଡ଼ା ଏବଂ ବାହ୍ୟ ବୃତ୍ତସବୁ ପିତଳରେ ତିଆରି କରା ହେଲା । ମନୋରଞ୍ଜନଦା' ଜଣେ ସ୍ଥାନୀୟ ପିତଳ କାରିଗରଙ୍କୁ କହି ସିମ୍ବଲଟି କରାଇ ଆଣିଥିଲେ । ଯୋଶୀଭାଇ ଓ ମୁଁ ଗୋଟିଏ ଡ୍ରିଲିଂ ମେସିନ୍ ନେଇ କଂକ୍ରିଟ୍‌ରେ ଗର୍ତ୍ତ କରି ସିମ୍ବଲଟିକୁ ଲଗାଇଲୁ ।

ତା'ପରେ ତାକୁ ପଲିସ୍ କରାହେଲା ଏବଂ ମା'ଙ୍କ ଜନ୍ମଦିନ, ଫେବ୍ରୁଆରୀ ୨୧, ୧୯୫୧ ବେଳକୁ ସମ୍ପୂର୍ଣ୍ଣ ମାନଚିତ୍ରଟି ପ୍ରସ୍ତୁତ ହୋଇଗଲା ।

ମା'ଙ୍କ ନିର୍ଦ୍ଦେଶମତେ ମାନଚିତ୍ରର ଚତୁଃପାର୍ଶ୍ୱର ଧାରସବୁକୁ ସୁନେଲି ଓ ରୁପେଲି ରଙ୍ଗରେ ରଙ୍ଗ କରାହେଲା । ଦୁଇଟି ଟିଉବ୍ ଲାଇଟ୍ ମଝିରେ ଗୋଟାଏ ବଲ୍‌ବ ମାନଚିତ୍ର ଉପରର 'ସେଡ୍' ବା ଉପରର ଆଚ୍ଛାଦନ ତଳେ ବୁଲାଦା'ଙ୍କ ଇଲେକ୍‌ଟ୍ରିକ୍ ଡିପାର୍ଟମେଣ୍ଟ୍ ଦ୍ୱାରା ଲଗାଇ ଦିଆଗଲା ।

ଯେତେବେଳେ ପିତଳ ସିମ୍ବଲଟି ଟିକିଏ ମ୍ଲାନ ପଡ଼ି ଯାଉଥିଲା, ମୁଁ ତାକୁ ସଫା କରୁଥିଲି । ମାସରେ ଥରେ ଲେଖାଏଁ ମୁଁ ଭାରତର ମାନଚିତ୍ରଟିକୁ ପାଣିରେ ଧୋଇ ଦେଉଥିଲି ।

ମା' ପ୍ଲେ-ଗ୍ରାଉଣ୍ଡକୁ ଆସିବା ବନ୍ଦ କରିବା ଦିନଠାରୁ ମୁଁ ପ୍ଲେ-ଗ୍ରାଉଣ୍ଡରେ ମା'ଙ୍କ କକ୍ଷର ଦରଜାସବୁ 'ମାର୍ଚ୍ଚ ପାଷ୍ଟ୍' ଓ 'ଜିମ୍ନାଷ୍ଟିକ୍ ମାର୍ଚ୍ଚିଂ' ଆରମ୍ଭ ହେବା ପୂର୍ବରୁ ଖୋଲି ଦେଉଥିଲି । 'ମାର୍ଚ୍ଚିଂ' ଶେଷ ହେବାଯାଏ ମୁଁ ସେଇ ଦରଜା ପଛ ଘରେ ବସି ରହୁଥିଲି ଏବଂ 'ମାର୍ଚ୍ଚିଂ' ସରିବା ପରେ ସବୁ ଝରକା, କବାଟ ବନ୍ଦ କରି ଆସୁଥିଲି ।

ସମବେତ ଧ୍ୟାନ ହେଉଥିବା ଦିନମାନଙ୍କ(ପ୍ରତି ରବିବାର ଓ ଗୁରୁବାର ସନ୍ଧ୍ୟା ୭:୪୫ ରୁ ୮:୧୫)ରେ ଏବଂ ଦର୍ଶନ ଦିବସରେ ସାନ୍ଧ୍ୟ ଧ୍ୟାନ ପୂର୍ବରୁ ମୁଁ ମା'ଙ୍କର ଚେୟାର ଓ ଫୁଟ୍‌ରେଷ୍ଟ୍ (ପା'ଦାନି) ଭାରତ ମାନଚିତ୍ର ସାମନାରେ ରଖୁଥିଲି ଏବଂ ଧ୍ୟାନ ଆରମ୍ଭ ହେବାବେଳକୁ ସବୁ ବିଜୁଳି ଆଲୁଅଗୁଡ଼ିକୁ ଲିଭାଇ ଦେଉଥିଲି । ପୁଣି ଧ୍ୟାନ ସରିବା ସମୟ ହେଲେ ସେଇ ବିଜୁଳି ଆଲୁଅଗୁଡ଼ିକୁ ଜଳାଇ ଦେଉଥିଲି । ୧୯୯୯ ଏପ୍ରିଲ ମାସରେ ମୋର ଏକ ସାମାନ୍ୟ ହୃତ୍‌ଘାତ (ମାଇଲଡ୍ ହାର୍ଟ ଆଟାକ୍) ହେବାଯାଏ ମୁଁ ନିରବଚ୍ଛିନ୍ନ ଭାବେ ଏ କାର୍ଯ୍ୟ କରି ଆସୁଥିଲି ।

('*Sports Spirit*' ପତ୍ରିକା
ଡିସେମ୍ବର ୨୦୧୩ ସଂଖ୍ୟାରୁ ଅନୂଦିତ)
ଅନୁବାଦ : ରାମଚନ୍ଦ୍ର ପାଣି

❑❑❑

ବିଭାଜନ ପରେହିଁ ଏହି ମାନଚିତ୍ରଟିକୁ ତିଆରି କରାଯାଇଥିଲା ।

ସାମୟିକ ସକଳ ପରିବର୍ତ୍ତନ ଓ ପ୍ରତୀତି ସତ୍ତ୍ୱେ ଏହାହିଁ ପ୍ରକୃତ ଭାରତବର୍ଷର ମାନଚିତ୍ର ଏବଂ ତାହା ଚିରକାଳ ଲାଗି ପ୍ରକୃତ ଭାରତବର୍ଷର ମାନଚିତ୍ର ହୋଇ ରହିବ । ଲୋକେ ତା' ବିଷୟରେ ଯାହା କିଛି ଭାବିଲେ ମଧ୍ୟ ତାହା ସେହିପରି ହୋଇ ରହିବ ।

*୨୯ ଜୁଲାଇ, ୧୯୬୪*

— ଶ୍ରୀମା

# ପୋଖରୀ ଆକାର ବଢ଼ିଲା

## ଧର୍ମକୁମାର ଶତପଥି

କାହାଣୀଟିଏ ଏହିପରି :

କୌଣସି ଏକ ରାଜ୍ୟରେ ଜଣେ ରାଜା ଥିଲେ । ପ୍ରଜାବତ୍ସଳ ଓ ନ୍ୟାୟପରାୟଣ ଭାବେ ତାଙ୍କର ଅଜସ୍ର ଖ୍ୟାତି ଥିଲା । ସେଥିପାଇଁ ସେ ପ୍ରଜାମାନଙ୍କର ପରମାରାଧ୍ୟ ଥିଲେ । କବିଙ୍କ ଭାଷାରେ : ''ସୁଖ ତେଜି ରାଜା ପାଳିଲେ ପରଜା ତେବେ ତ ପରମାରାଧ୍ୟ !'' ପ୍ରଜାମାନେ ରାଜାଙ୍କୁ ମଣିମା ତ ନୁହେଁ, ଭଗବାନ୍ ଭଳି ଭକ୍ତି କରୁଥିଲେ । ସୁଖରେ, ଦୁଃଖରେ ରାଜପ୍ରାସାଦରୁ ଧନଦୌଲତ ଅଥବା ସେବା ଇତ୍ୟାଦି ପାଇବାରେ କାହାରି ହେଳା ହେଉ ନଥିଲା । ମୋଟ ଉପରେ ରାଜ୍ୟରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାତାବରଣ ତିଷ୍ଠି ରହିଥିଲା ।

ଝିଅ ମୋର ପାଖରେ ବସିଥିଲା । ଅପରାହ୍ଣର ଅଳସ ସୂର୍ଯ୍ୟରୁ ତଥାପି ଅଗ୍ନି ବର୍ଷା ହେଉଥିଲା । ଏଇ କିଛିଦିନ ହେବ ଲାଗ ଲାଗ ପାଣିପାଗ ବିଭାଗ ଚେତାଇ ଦେଉଛନ୍ତି ଏ ବର୍ଷର ତାତିର ପ୍ରଭାବ ବିଷୟରେ । ହେବାର କଥା ମଧ୍ୟ । କାରଣ ଏଇ ମାର୍ଚ୍ଚ ମାସ ଆରମ୍ଭ ହୋଇଛି । ରାଜ୍ୟର ବଡ଼ ବଡ଼ ନଦୀଗୁଡ଼ିକର ଚେହେରା ମଲା ସାପ ପରି ହୋଇ ଗଲାଣି । ଗ୍ରୀଷ୍ମର ପ୍ରକୋପ ସହିତ ଜଳସଂକଟ ଅତ୍ୟନ୍ତ ଉଦ୍‌ବେଗଜନକ । ଜୀବନଧାରଣ ଦୁର୍ବିଷହ ହୋଇଯିବ ନାହିଁ ତ !

ପଙ୍ଖାର ଗତିକୁ ସାମାନ୍ୟ ଧିମା କରିଦେଲି । ଝିଅ କହିଲା – ''କାହାଣୀର ଆଗକୁ କ'ଣ ହେଲା, ବାପା !'' ମୁଁ ଆରମ୍ଭ କଲି – ''ହଁ, ଏମିତି ସେ ରାଜ୍ୟରେ ଅଚାନକ ସ୍ୱଳ୍ପ ବର୍ଷା ହେଲା, ପାଣିର ସଂକଟ କିନ୍ତୁ ଲାଗି ରହିଲା । ତେଣୁ ରାଜ୍ୟରେ ଚହଳ ପଡ଼ିଗଲା । ସମସ୍ତେ ପରସ୍ପରକୁ ଚାହାଁଚାହିଁ ହେଲେ । ଆଖିରେ ଆଖିରେ ପ୍ରଶ୍ନ ପଚରାପଚରି ହେଉଛନ୍ତି – 'ଏ ମରୁଡ଼ିର ଜଳସଙ୍କଟରୁ କିପରି ମୁକୁଳିବା ? କିପରି ମୁକାବିଲା କରିବା ?'


ରାଜ୍ୟରେ ମରୁଡ଼ି । ଜଳସଂକଟ । ପ୍ରଜାମାନେ ଉଦ୍‌ବିଗ୍ନ । ଏମିତି ଖବର ପହଞ୍ଚିଲା ଗୁପ୍ତଚର ମାଧ୍ୟମରେ ରାଜାଙ୍କ ନିକଟରେ । ରାଜା ଯତ୍‌ପରୋନାସ୍ତି ଆଶ୍ୱାସନା ଦେଲେ । ରାଜକୋଷରୁ ଧନରତ୍ନ ବିନିଯୋଗ କରି ଏଇ ଆତଙ୍କର ମୁକାବିଲା କରିବାକୁ ଅଣ୍ଟା ଭିଡ଼ିଲେ । ପ୍ରଥମ ପଦକ୍ଷେପ ଭାବରେ ରାଜ୍ୟର ଏକ ଘଞ୍ଚ ଜନବସତି ଅଞ୍ଚଳରେ ପୋଖରୀଟିଏ ଖୋଳାଇବେ । ତଦ୍ୱାରା ତହିଁରେ ଜଳ ସଂଗୃହୀତ ହୋଇ ରହିବ । ପୋଖରୀ ଖୋଳିବା କାମରେ ପ୍ରଜାମାନେ ନିୟୋଜିତ ହୋଇ ମୂଲ ମଜୁରି ପାଇବାର ସୁଯୋଗ ପାଇବେ । ଫଳରେ ଏକ ଦୀର୍ଘ ମିଆଦୀ ଯୋଜନା କାର୍ଯ୍ୟକାରୀ ହେବ । କ୍ରମେ କ୍ରମେ ଏଇପରି ପୋଖରୀ ଖୋଳାଇ ଲୋକଙ୍କ ଜୀବନ ଧାରଣର ପନ୍ଥା କାର୍ଯ୍ୟକାରୀ କରାଯିବ ।

ପୋଖରୀ ଖୋଳା ଚାଲିଲା । ରାଜ୍ୟବାସୀ, ପ୍ରଜାପାଟକ ସମସ୍ତେ ଆନନ୍ଦ, ଉତ୍ସାହରେ, କେହି କେହି ଜୀବନ ଧାରଣର ପନ୍ଥା ଭାବରେ ଲାଗିପଡ଼ି ପୋଖରୀଟି ଖୋଳି ଦେଲେ । ସେନାପତିଙ୍କ ପରାମର୍ଶ କ୍ରମେ ରାଜା ଅନୁମୋଦନ କଲେ, ପୋଖରୀର ଚାରି କୋଣରେ ଚାରୋଟି ଭବ୍ୟମନ୍ଦିର ମଧ୍ୟ ତିଆରି କରାଗଲା । ରାଜ୍ୟ ତଥା ରାଜ୍ୟ ବାହାରର ସ୍ଥପତିମାନେ ନିୟୋଜିତ ହୋଇ ସେମାନଙ୍କର ସ୍ଥାପତ୍ୟକଳାର ଉତ୍କର୍ଷ ପ୍ରତିପାଦନ କଲେ – ଚାରି-ଚାରୋଟି ମନ୍ଦିର ତିଆରି କରି । ତା' ମଧ୍ୟରେ ଶିବ, ରାମ, ବିଷ୍ଣୁ ଓ କୃଷ୍ଣଙ୍କ ପ୍ରତିମା ସ୍ଥାପନ କରି ଅଞ୍ଚଳର ଧାର୍ମିକ ବାତାବରଣର ମହମହରେ ସମସ୍ତେ ଗହଗହ ହୋଇ ଉଠିଲେ ।

ଝିଅ ମନରେ ଅନେକ ଉତ୍କଣ୍ଠା । ଆଖି ଦୁଇଟି ଢଳ ଢଳ ହେଉଛି । ଆଗକୁ ମୁଁ କ'ଣ କହିବି ତାକୁ ସେ ଅପେକ୍ଷା କରିଛି । ସଳଖି ବସିଛି । ପାଠପଢ଼ାର କିଛି ଗୃହକର୍ମ କରୁଥିଲା । ସାମନାରେ କେତେ ଖଣ୍ଡ ବହି, ଖାତା କଲମ ଥାକ କରି ରଖିଛି । ଏତିକି ଶୁଣିବା ପରେ ତା' ମୁଣ୍ଡକୁ ପ୍ରଶ୍ନଟିଏ ଉଙ୍କି ମାରିଲାଣି । ବାପା, ଆଜି କିପରି ଏମିତି ଏକ କାହାଣୀ କହିବାକୁ ଆଗ୍ରହୀ ! ଆଗରୁ ଅନେକ ଥର ମୁଁ ତାଙ୍କୁ ଅନୁନୟ ହୁଏ, ଗଣିତର ଏକ କୌତୁକ କହିବାକୁ । ତା'ପରେ ସିଏ ମୋ ନେହୁରା ହେଲା ପରେ ଆରମ୍ଭ କରନ୍ତି ଏକ ମନୋମୁଗ୍ଧକର ସଂଖ୍ୟାର କୌତୁକ ବିଷୟ । ଆଜି କିନ୍ତୁ ଏକ ଭିନ୍ନ ଉପକ୍ରମରୁ ବାପା କହି ଚାଲିଛନ୍ତି, ଗଳ୍ପ ମାଧ୍ୟମରେ କିଛି କୌତୁକ ଗଣିତ ପ୍ରସଙ୍ଗକୁ ଭୁଲୁ ନାହାନ୍ତି ତ ! ପଚାରିବି ? ନା' ଥାଉ । ଆଗକୁ ପ୍ରସଙ୍ଗର ଗତି କୁଆଡ଼େ ଯାଉଛି ଅପେକ୍ଷା କରେ । ମୁଁ ପୁଣି ମନଯୋଗ ଦେଇ ଶୁଣି ବସିଲି ।

କାମ ସମ୍ପୂର୍ଣ୍ଣ ହେଲା ପରେ ପରିଭ୍ରମଣରେ ଯାଇ ମନ୍ତ୍ରୀ ପୋଖରୀ ଆଡ଼କୁ ଗଲେ । ପୋଖରୀ ହୁଡ଼ା ଦେଇ ତାକୁ ପ୍ରଦକ୍ଷିଣ କଲେ । ମନ୍ଦିରମାନଙ୍କ କାରୁକାର୍ଯ୍ୟର ସୌନ୍ଦର୍ଯ୍ୟ ଓ ବର୍ଗାକାର ପୋଖରୀ ତାଙ୍କୁ ମୁଗ୍ଧ କଲା ସିନା, ଅଞ୍ଚଳର ଘନ ଜନବସତି ଅନୁସାରେ ପୋଖରୀଟି ଯେ ପର୍ଯ୍ୟାପ୍ତ ନୁହେଁ, – ତାଙ୍କର ଏଇ ଧାରଣା ହେଲା । ପୋଖରୀଟି ଆହୁରି ବୃହତ୍ ହେବାର ଥିଲା । ସେ ବିଜ୍ଞ, ବିଦ୍ୱାନ୍, ଦୂରଦର୍ଶୀ । ଯେମିତି କହନ୍ତି – ''ଷୋଳଗୁଣେ ରଜା ତ ବତିଶି ଗୁଣେ ମନ୍ତ୍ରୀ ।'' ପାରିଷଦଙ୍କୁ ସେ ପରାମର୍ଶ ଦେଲେ – ଏତେ ବୃହତ୍ ଜନବସତି ପାଇଁ ଏ ପୋଖରୀଟି ନିଶ୍ଚୟ ଛୋଟ ହୋଇଛି । ଏହା ଉପରେ ଏଠାକାର ତମାମ ଅଞ୍ଚଳ ନିର୍ଭର କରିବେ । ଏଣୁ ଏହାକୁ ଆହୁରି ପ୍ରଶସ୍ତ କରିବାର ଥିଲା । ପାରିଷଦ ନୀରବ, ନିରୁତ୍ତର । କେହି କେହି ଛେପ ଢୋକିଲେ । ଜଣେ ଦୁଇଜଣ ରାଜାଙ୍କ ଅଦୂରଦର୍ଶିତା ଆଡ଼କୁ କଟାକ୍ଷ ହାଣିଲେ । ମନ୍ତ୍ରୀ ତାଙ୍କର ମୁଣ୍ଡର ଚିକଚିକ ପଗଡ଼ିକୁ ସଳଖାଇ ଗାଲ ମୋଟା ନିଶ ଉପରେ ହାତ ବୁଲାଇ ଆଣିଲେ ।

ମାତ୍ର ମନ୍ତ୍ରୀଙ୍କ ଆଶଙ୍କାର ସମାଧାନ କିଂବା ରାଜାଙ୍କ ଚିନ୍ତାଧାରାକୁ ବୋକାମି ଭାବି କିଛି ମନ୍ତବ୍ୟ ଦେବାକୁ କାହାରି ସାହସ ହେଲା ନାହିଁ । ତହିଁରେ ବିବେକ ମଧ ବାଧକ ଅଟେ । ରାଜନଅରକୁ ଫେରିଯାଇ ରାଜାଙ୍କ ସହ ମନ୍ତ୍ରୀ ମହାଶୟ ପରାମର୍ଶ କଲେ । ପୋଖରୀକୁ ଆହୁରି ବଡ଼ କରିବାକୁ ହେବ । ଏତେ ଘଞ୍ଚ ଜନବସତି ପାଇଁ ଏ ପୋଖରୀ ପର୍ଯ୍ୟାପ୍ତ ନୁହେଁ । ନିତ୍ୟ ବ୍ୟବହାର, ଚାଷ ତଥା ଗାଧୁଆପାଧୁଆ ପାଇଁ ଅଞ୍ଚଳର ପଚିଶସରିକି ଜନବସତି ନିର୍ଭର କରିବେ । ରାଜା ସବୁ ଶୁଣି ଚିନ୍ତାରେ ପଡ଼ିଗଲେ । କ'ଣ ଅଛି ସମାଧାନ ! କିପରି ପୋଖରୀକୁ ବଡ଼ କରାଯାଇ ପାରିବ ! ପୋଖରୀ ହୁଡ଼ା ସବୁ ଦୂରକୁ ଖେଳାଇ ନେଲେ ହୁଏତ ପୋଖରୀଟି ବଡ଼ ହେବ, ମାତ୍ର ଗୋଟିଏ କି ଦୁଇଟା ନୁହେଁ, ଚାରି ଚାରିଟା ମନ୍ଦିର ପୋଖରୀ ମଝିରେ ରହିଯିବ । ଯେତେବେଳେ ପୋଖରୀ ଜଳପୂର୍ଣ୍ଣ ହେବ, ସର୍ବସାଧାରଣ ପୋଖରୀ ଭିତରର ମନ୍ଦିରକୁ ନା ଯାଇପାରିବେ ନା ପୂଜାପାଠ କରିବେ । ଯଦି ପୋଖରୀର କୌଣସି ପଟର ହୁଡ଼ାକୁ ଘୁଞ୍ଚାଇ ନୂଆ ହୁଡ଼ା ଦିଆଯାଏ, ତେବେ ତାହାରି କୋଣକୁ ମନ୍ଦିର ରହିବ ନାହିଁ । ଫଳରେ ଦୁଇଟା ମନ୍ଦିର ଅତି ଅବାଗିଆ, ଅସୁନ୍ଦର ଓ କିମ୍ଭୂତକିମାକାର ଦେଖାଯିବ । ଯାହା




ପରୋକ୍ଷରେ ପ୍ରଜାଙ୍କୁ ରାଜା ଓ ରାଜପରିଷଦର ମୂର୍ଖାମି ଓ ନିପାରିଲା ପଣକୁ ଅଙ୍ଗୁଳି ନିର୍ଦ୍ଦେଶ କରିବ । ଫଳରେ ସମାଧାନର ଉପାୟ ପାଇଁ ରାଜା ପରାମର୍ଶ ନେଲେ ମନ୍ତ୍ରୀଙ୍କର ।


ବିଜ୍ଞ ମନ୍ତ୍ରୀ ଥିଲେ ଗଣିତ ବିଦ୍ୟାରେ ସୁନିପୁଣ ! ସେ ସମାଧାନର ସୂତ୍ର ଜଣାଇବାକୁ ଯାଇ ରାଜାଙ୍କୁ ପରାମର୍ଶ ଦେଲେ, ''ମହାରାଜ ! ସବୁ ସମସ୍ୟାର ସମାଧାନ ରହିଛି । ଏ ସମସ୍ୟାର ମଧ ଏକ ସୁନ୍ଦର ସମାଧାନ ମୁଁ କରିଦେଇ ପାରିବି ।''

ଝିଅ ଏତେ ବେଳକୁ ଯାଇ ଜାଣିଲା, ବାପାଙ୍କର କାହାଣୀ ଅବତାରଣାର ଅସଲ ଉଦ୍ଦେଶ୍ୟ । କହିଲା, ''ବାପା, ଆଜି ତୁମେ ଏପରି ଏକ କଥା ଉପସ୍ଥାପନା କରି ମୋତେ ଆଶ୍ଚର୍ଯ୍ୟ କରି ଦେଇଛ । ତୁମେ ଏପର୍ଯ୍ୟନ୍ତ ଯେଉଁ କାହାଣୀ କହି ଚାଲିଛ, ମୁଁ ଭାବୁଥିଲି, ରାଜାରାଣୀ, ବୁଢ଼ୀ ଅସୁରୁଣୀ କିଂବା ଅନ୍ୟ କିଛି ବିଷୟରେ କହିବ । ସାମାନ୍ୟ ଅନୁମାନ କରୁଥିଲି – କାଳେ ଗଣିତଭିତ୍ତିକ କିଛି ବିଷୟ ପ୍ରସଙ୍ଗକୁ କହିବାକୁ ଯାଉ ନାହାନ୍ତି ତ ! ବେଶ୍ ସୁନ୍ଦର ଓ ମନମତାଣିଆ କାହାଣୀ ମାଧମରେ ଗଣିତ କଥା କହୁଛ, ବେଶ୍ ସୁନ୍ଦର ଢଙ୍ଗରେ !''

ମୁଁ କହିଲି – ''ତୁ ଏଥିରୁ କ'ଣ ଜାଣିଲୁ କହିବୁ ? ମୁଁ ତ ମୋ କାହାଣୀ ଶେଷ କରି ନାହିଁ, ତୁ କେମିତି ଗଣିତ ବିଷୟ ବୋଲି ବୁଝିନେଲୁ ?'' ଝିଅ ଟିକେ ଶଙ୍କିଗଲା । କିଛି ଉତ୍ତର ଦେଇ ପାରିଲା ନାହିଁ ।

ମୁଁ ଦେଖିଲି ତା'ର ମୁହଁ ସାମାନ୍ୟ ସାଙ୍କୁଡ଼ି ଯାଇଛି । ରଙ୍ଗ ବି ବଦଳିଯାଇଛି । ଝିଅ ଥତମତ ହେଉଛି । ଇତସ୍ତତଃ ହେଇ କ'ଣ କହିବ, କେମିତି କହିବ ବାଟ ପାଉ ନାହିଁ ଯେମିତି ।

– ରାଜା ପୁଣି ପରାମର୍ଶ କଲେ, ''କ'ଣ କରିବା ମନ୍ତ୍ରୀ ମହାଶୟ ?'' ବିଚକ୍ଷଣ ମନ୍ତ୍ରୀ ପରାମର୍ଶ ଦେଲେ, ''ଯେଉଁ ମନ୍ଦିରଗୁଡ଼ିକ ପୋଖରୀ ହୁଡ଼ାର କୋଣମାନଙ୍କରେ ଅଛି ତାକୁ ପରିବର୍ତ୍ତନ ନକରି, ହୁଡ଼ାକୁ ପରିବର୍ତ୍ତନ କରିବା, ଯେପରି ନୂତନ ପୋଖରୀର ଗୋଟିଏ ପାର୍ଶ୍ୱର ହୁଡ଼ାର ଠିକ୍ ମଝିରେ ମନ୍ଦିର ରହିବ । ଏହିପରି ଚାରିପାର୍ଶ୍ୱର ହୁଡ଼ାକୁ ପରିବର୍ତ୍ତନ କରିବା, ପ୍ରତିହୁଡ଼ାର ଠିକ୍ ମଝିକୁ ମନ୍ଦିରର ଅବସ୍ଥିତି ରହିବ । ଫଳରେ ଆମେ ଏବକାର ପୋଖରୀର ଏକ ବୃହତ୍ ପୋଖରୀ ପାଇବା, ଯାହା ଏଇ ପୋଖରୀର ଆକାରଠାରୁ ପୂରାପୂରି ଦୁଇଗୁଣ ହେବ । ମନ୍ଦିରମାନେ ସେଇ ପୋଖରୀର ହୁଡ଼ାରେହିଁ ପୂର୍ବବତ୍ ରହିବେ ।'' ରାଜାଙ୍କ ମନକୁ ଏ ପରାମର୍ଶଟି ଘେନିଲା । ସେମିତି




ଏକ ବୃହତ୍ ପୋଖରୀଟିଏ ଖୋଳା ହେଲା, ମନ୍ଦିରମାନେ ଅକ୍ଷତ ରହିଲେ ।

ଝିଅର ଆଖି ଦୁଇଟି ଯେମିତି ନୂଆ ଶକ୍ତି ପାଇ ଉଜ୍ଜ୍ୱଳି ଉଠିଲା । ନିଷ୍ପ୍ରଭ ବଲବ୍‌ଟି ଯେପରି ଉଚ୍ଚତର ଭୋଲ୍‌ଟେଜ୍ ପାଇ ଦପ୍ କରି ପରିଷ୍କାର ଆଲୋକ ଦିଏ, ସେପରି ହେଲା । ମୁଁ କହିଲି – ଏହା ଜ୍ୟାମିତିର ପାଠ । ଏଇ ଚିତ୍ରକୁ ଲକ୍ଷ୍ୟ କର । ABCD ହେଉଛି ମୂଳ ବର୍ଗକ୍ଷେତ୍ର ଯାହାର A, B, C, D ବିନ୍ଦୁରେ ଚାରୋଟି ମନ୍ଦିର ରହିଛି । ନୂତନ ବୃହତ୍ ବର୍ଗକ୍ଷେତ୍ର PQRSର ପ୍ରତ୍ୟେକ ବାହୁର ମଧ୍ୟବିନ୍ଦୁ ରେ A, B, C ଓ D କୁ ରଖାଗଲା । ଏଣୁ PQRS ବର୍ଗକ୍ଷେତ୍ରଟି ABCD ବର୍ଗକ୍ଷେତ୍ରର ଦୁଇଗୁଣ ହେବା ସଙ୍ଗେ ସଙ୍ଗେ 'A', 'B', 'C' ଓ 'D' ବିନ୍ଦୁ ସେଇ PQRS ବର୍ଗକ୍ଷେତ୍ରର ବାହୁ ଉପରେହିଁ ରହିଛନ୍ତି ।''

ଝିଅ ଆଖିରେ ଆଖିଏ ଆଶ୍ଚର୍ଯ୍ୟ । ବଡ଼ ବଡ଼ ଆଖିରେ ଚିତ୍ରକୁ ଚାହିଁ ରହିଛି ଏକ ଲୟରେ । କେତେବେଳ ପର୍ଯ୍ୟନ୍ତ ଉଭୟ ନୀରବ ରହିଛୁ । ନୀରବତା ଭାଙ୍ଗି ସେ ଆରମ୍ଭ କଲା – ''ବାପା ! ତୁମେ ଏମିତି ମନ ମଧ୍ୟରେ ଏକ suspence ରଖି ଗଳ୍ପ ମାଧ୍ୟମରେ ଏତେ ସୁନ୍ଦର କାହାଣୀ କହି ଚାଲିଛ, ମୁଁ ଜାଣିବି କେମିତି ? ପ୍ରତ୍ୟେକ ଥର ତୁମେ ଗଣିତର କଥା କହି ମୋତେ ଆନନ୍ଦିତ, ଉତ୍ସାହିତ କରି ଆସିଛ, ବେଶ୍ ମନମତାଣିଆ ଭଙ୍ଗିରେ । ଆଜି ପୁଣି ଏପରି ରସରସିଆ ଢଙ୍ଗରେ ଜ୍ୟାମିତିର ଏକ ସୁଚିନ୍ତିତ ତଥ୍ୟକୁ କାହାଣୀ ରୂପରେ ମୋ ଆଗରେ ଥୋଇବ, ଏହା ତ ମୋ କଳ୍ପନାର ବାହାରେ !''

ମୁଁ କହିଲି, ''ଜ୍ୟାମିତିର ଏକ ସୁନ୍ଦର ତଥ୍ୟ ରହିଛି – ବର୍ଗକ୍ଷେତ୍ରର ବାହୁମାନଙ୍କର ମଧ୍ୟବିନ୍ଦୁମାନଙ୍କୁ ପର୍ଯ୍ୟାୟ କ୍ରମରେ ଯୋଗ କଲେ, ଯେଉଁ ଚତୁର୍ଭୁଜଟି ଉତ୍ପନ୍ନ ହୁଏ, ତାହା ବି ଏକ ବର୍ଗକ୍ଷେତ୍ର ହୁଏ । ଏହା ମୂଳ ବର୍ଗକ୍ଷେତ୍ରର କ୍ଷେତ୍ରଫଳର ଅଧା ହୋଇଥାଏ । ବୁଝିଲୁ ?''

ଝିଅର ଆଖି ଚିତ୍ରରୁ ହଟୁ ନାହିଁ । ଏମିତି ସୁନ୍ଦର କଥା କେମିତି ମୋ ଭିତରେ ଲୁକ୍‌କାୟିତ ଥିଲା, ତାହା ସେ ନୀରବରେ ଭାବି ହେଉଛି । ଗୁଣୁ ଗୁଣୁ ହେଉଛି । ଜ୍ୟାମିତିର ଏକ ସୁନ୍ଦର ତଥ୍ୟର ଅବତାରଣାରେ ସେ ମୁଗ୍ଧ ହୋଇଛି ।

ଅନେକ ବେଳ ଚୁପ୍‌ଚାପ୍ ରହି ମୁଁ ପୁଣି ଆରମ୍ଭ କଲି – ''ଖାଲି ଏତିକି ନୁହେଁ, ଏହା ମଧ୍ୟରେ ତୁ ଆହୁରି ସୃଜନଶୀଳତା (creativity) ପ୍ରୟୋଗ କରି ନିଜକୁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ଓ ମେଧାବୀ ବୋଲି ପ୍ରତିପାଦିତ କରିପାରିବୁ ।

ଝିଅ ଉତ୍ସାହିତ ହୋଇ ପ୍ରଶ୍ନ କଲା – ''କିପରି ?''

ମୁଁ କହିଲି – ''ଏମିତି ବର୍ଗକ୍ଷେତ୍ର ଛୋଟ ଛୋଟ ଆକାରରୁ ଆରମ୍ଭ କରି କ୍ରମଶଃ ତା' ଉପରକୁ ଉପରକୁ ୫, ୬ଟା ବର୍ଗକ୍ଷେତ୍ର ଚଟାଣରେ ଅଙ୍କନ କରି ସେମାନଙ୍କୁ ଅଲଗା ଅଲଗା ରଙ୍ଗର ମୁରୁଜରେ ଚିତ୍ରିତ କରି ତୁ ସୁନ୍ଦର ଓ ମନମତାଣିଆ ରଙ୍ଗୋଲି ଚିତ୍ର କରି ପାରିବୁ । ଯାହା ତୋତେ ପ୍ରତିଯୋଗିତାରେ ଭାଗ ନେବାକୁ ସୁଯୋଗ ଦେବା ସଙ୍ଗେ ସଙ୍ଗେ ବିଜୟୀ ହେବାକୁ ସହାୟ ହେବ । ଦର୍ଶକମାନେ ନିଶ୍ଚୟ ଖୁସି ହେବେ ।''

ଝିଅ ଦୁଇହାତକୁ ମୁଠା କରି ଉପରୁ ତଳକୁ ଜୋର୍‌ରେ ଟାଣି ଆଣି ଆନନ୍ଦରେ ଚିତ୍କାର କଲା ପରି କହିଲା – ''ଆଓ ! ଠିକ୍ କଥା କହିଲ ବାପା ! ଏଥର ମୁଁ ବ୍ଲକ୍‌ସ୍ତରୀୟ ରଙ୍ଗୋଲି ପ୍ରତିଯୋଗିତାରେ ନିଶ୍ଚୟ ଭାଗ ନେବି ।''

ମୁଁ କହିଲି – ''ଆମ ଆଗରେ ବିଛାଇ ହୋଇ ପ୍ରକୃତିରାଣୀ ବିଞ୍ଚି ଦେଇଛି ଜ୍ଞାନ, ମେଧା ଓ ବୁଦ୍ଧି ପ୍ରାପ୍ତିର ଅନେକ ଉପାଦାନ ଓ ଅବସର । ଆମେ କିନ୍ତୁ ତାକୁ ଠିକ୍ ଚିନ୍ତନରେ, ଠିକ୍ ଉପାୟରେ ଆୟତ୍ତ କରି ସଦୁପଯୋଗ କଲେ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଓ ଅସାଧାରଣ ବୋଲି ପ୍ରତିପାଦିତ କରିପାରିବା ।''

''ତୁମେ ଠିକ୍ କହିଛ, ବାପା ।'' ଝିଅ ଯୋଡ଼ିଲା ।

ମୁଁ ଆଉ କିଛି କହିଲି ନାହିଁ ।

ଛାଇ ଲେଉଟା ବେଳ ଅନେକ ସମୟରୁ ହୋଇ ସାରିଥିଲା । ମୁଁ ଉଠିଲି । ମୋ ଉଠିବା ଦେଖି ଝିଅ ବି ଉଠିଲା । ଜାଣିଲା, ଆଜିର ଏ ଦୃଶ୍ୟ ଶେଷ ହୋଇଛି । ସେ ଚାଲିଗଲା ତା' ପଢ଼ା ଘରକୁ । ମୁଁ ବି ସେଠାରୁ ଚାଲି ଆସିଲି । ❑

ଦିବ୍ୟ କରୁଣା ଅପରିସୀମ ।
(ଶ୍ୱେତ ଗୋଲାପ, ପୃ. ୧୭) – ଶ୍ରୀମା

ଚେତନାର ଦିଗ୍‌ବଳୟ :

# ଅସହିଷ୍ଣୁତା ଓ ଅଳୀକ ଆତଙ୍କ

ବହୁଦିନ ତଳେ ଶୁଣିଥିଲି ଏ କୁନି କଥାଟି; ପାଠକମାନେ ବି ଶୁଣିଥାଇ ପାରନ୍ତି :

ନିର୍ଜନ ପାର୍ବତ୍ୟ ମୁଲକ । ଗୁମ୍ଫା ଭିତରେ ବସି ଅରଣ୍ୟ ଭିତରକୁ ଅନାଇ ଥିଲେ ଜଣେ ଯୋଗୀ । ହଠାତ୍ ସେ ତାଙ୍କ ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ମହାମାରୀର ଅପଦେବତାଟି ଖୁସ୍ ମିଜାଜରେ ଜନପଦ ଆଡ଼େ ଚାଲିଛି ।

''କିହୋ ମହାଶୟ, କୁଆଡ଼େ ଚାଲିଛ ? କେଉଁ ମୁଲକର ନରନାରୀଙ୍କ କପାଳ ଫାଟିବ ?'' — ଯୋଗିବର ପ୍ରଶ୍ନ କଲେ ।

ଅଟକିଗଲା ଅପଦେବତାଟି । ''ଜୁହାର ଆଜ୍ଞା, ଆପଣ ମୋତେ ଦେଖି ପକାଇଲେ ପରା ! ହଁ, ମୁଁ ଯାଉଛି ନଈ ଆରପାରି ରାଜ୍ୟକୁ । ତେବେ, ଆପଣ ବ୍ୟସ୍ତ ହେବେ ନାହିଁ । ମୁଁ ଖାଲି ଦଶଟି ମଣିଷଙ୍କ ଜୀବନ ନେଇ ଫେରି ଆସିବି ।'' ଏହା କହି ଅପଦେବତା ନିଜ ବାଟରେ ଚାଲିଗଲା ।

ଯୋଗିବରଙ୍କର କେତେକ ଭକ୍ତ ଦୂର ଦୂରାନ୍ତରରୁ ଆସି ତାଙ୍କୁ ସାକ୍ଷାତ୍ କରି ଯାଉଥା'ନ୍ତି । ପ୍ରାୟ ତିନିମାସ ପରେ ନଈ ସେପାରି ରାଜ୍ୟର ମନ୍ତ୍ରୀ ମହୋଦୟ ଆସି ଯୋଗୀଙ୍କୁ କହିଲେ, ''ମୁଁ ବହୁଦିନ ହେଲା ଆସି ପାରି ନାହିଁ । ଆମ ରାଜ୍ୟରେ ମହାମାରୀରେ ପ୍ରାୟ ଏକ ହଜାର ଲୋକ ପ୍ରାଣ ଦେଲେ ! ମାତ୍ର ସପ୍ତାହେ ହେବ ସେ ବ୍ୟାଧିର ଉପଦ୍ରବ ବନ୍ଦ ହୋଇଛି !''

ମନ୍ତ୍ରୀ ମହୋଦୟ ବିଦାୟ ନେବାର କିଛି ସମୟ ପରେ ମହାମାରୀର ଅପଦେବତା ଖୁସି ମନରେ ପ୍ରତ୍ୟାବର୍ତ୍ତନ କରୁଥିବାର ଦେଖି ପକାଇଲେ ଯୋଗିବର ।

''ଶୁଣ ମହାଶୟ, ଶୁଣ !'' ଯୋଗିବର ତାକୁ ଡାକିଲେ । ଅପଦେବତା ହସି ହସି ଆସି ଯୋଗୀଙ୍କୁ ଅଭିବାଦନ ଜଣାଇଲା ।

''ତୁମେ ପରା କହୁଥିଲ ମାତ୍ର ଦଶଜଣ ନରନାରୀଙ୍କ ଜୀବନ ନେବ ? କିନ୍ତୁ ବାସ୍ତବରେ ତ ତୁମେ ଏକ ହଜାର ଲୋକଙ୍କ ପ୍ରାଣ ନେଲ !'' — ଯୋଗିବର ରୁଷ୍ଟ ଭାବରେ କହିଲେ ।

ଜିଭ କାମୁଡ଼ି ପକାଇଲା ଅପଦେବତା । ''ଯୋଗିବର ! ମୁଁ ଆପଣଙ୍କୁ ମିଛ କହିପାରେ ? ପ୍ରକୃତରେ ମହାମାରୀ ଯୋଗୁଁ ମାତ୍ର ଦଶଟି ଲୋକ ମଲେ; ନଅ ଶହ ନବେ ଲୋକ ମଲେ ମହାମାରୀର ଆତଙ୍କରେ !'' — ଅପଦେବତା ବିଦାୟ ନେଲା ।

ଆଜି ଆମ ଦେଶରେ କେତେକ ବିଶିଷ୍ଟ ବ୍ୟକ୍ତି ଏକ ଧାରଣା ଚାଲୁ କରିବାକୁ ଉଦ୍ୟମ କରୁଛନ୍ତି ଯେ ଏ ଦେଶରେ ଅସହିଷ୍ଣୁତା ପ୍ରବଳ ହୋଇଛି । ଗୋଟାଏ ଧର୍ମର ଲୋକେ ଅନ୍ୟ ଧର୍ମର ଲୋକଙ୍କ ପ୍ରତି, ଆସ୍ତିକମାନେ ନାସ୍ତିକମାନଙ୍କ ପ୍ରତି ହିଂସାଚରଣ କରୁଛନ୍ତି ।

ଯିଏ ଯେଉଁଠାରେ ଅନ୍ୟ ପ୍ରତି ଧର୍ମ ନାମରେ ଅଥବା କୌଣସି ଆଦର୍ଶଗତ ଓ ନୀତିଗତ ବିଦ୍ୱେଷ ଯୋଗୁଁ ହିଂସାଚରଣ କରୁଛି, ତାହା ପ୍ରତି ଆଇନ ବେସାଲିସ ଭାବରେ ପ୍ରଯୁକ୍ତ ହେବା ଚାହି; ସେ ବ୍ୟକ୍ତି ବା ସେ ଗୋଷ୍ଠୀ ଦଣ୍ଡିତ ହେବା ଏକାନ୍ତ ଜରୁରୀ । କିନ୍ତୁ ତଥ୍ୟଗତ ବିଶ୍ଳେଷଣରୁ ଯାହା ଜଣାପଡୁଛି, ଅତୀତର ଅନ୍ୟ କୌଣସି ଦଶନ୍ଧି ତୁଳନାରେ ଚଳିତ ଦଶନ୍ଧିରେ ଭାରତବର୍ଷରେ ଅସହିଷ୍ଣୁତାର ଦୃଷ୍ଟାନ୍ତ ଅଧିକ ବୋଲି କଦାଚ କୁହାଯାଇ ନପାରେ । ବିଡ଼ମ୍ବନା ହେଲା, ଦେଶରେ ଯେତିକି ଅସହିଷ୍ଣୁତା ନାହିଁ, ତାହାଠୁଁ ବହୁତ ଅଧିକ ଅଛି ବୋଲି ପ୍ରଚାର କରି ଲୋକଙ୍କ ଭିତରେ ଅସହିଷ୍ଣୁତାକୁ ଉଦ୍ରେକ କରାଯାଉଛି; ଯେଉଁସବୁ ମୁଲକରେ ଅସହିଷ୍ଣୁତାଜନିତ ହିଂସାଚାରର କୌଣସି ସମ୍ଭାବନା ନାହିଁ, ସେ ମୁଲକର ଲୋକେ ମଧ୍ୟ ଆତଙ୍କିତ । ପ୍ରକୃତ ଅସହିଷ୍ଣୁତାର ଶରବ୍ୟ ଦଶଜଣ ହୋଇଥିବା ସ୍ଥଳେ ନଅଶହ ନବେଜଣ ଅସହିଷ୍ଣୁତାଭିତ୍ତିକ ଆତଙ୍କର ଶରବ୍ୟ ।

ଅସହିଷ୍ଣୁତାର ଭିତ୍ତି ହେଲା ଆମର ଅଜ୍ଞାନତା ଏବଂ ଅହଂ । ସମସ୍ତେ ଏକ ପରମ ଦିବ୍ୟସତ୍ତାର ଭିନ୍ନ ଭିନ୍ନ ପରିପ୍ରକାଶ, ଏହା ଜ୍ଞାନର ପ୍ରଥମ ସୋପାନ । କିନ୍ତୁ ଏକଥାଟିକୁ ଆମେ କହିବାହିଁ ଜ୍ଞାନର ପ୍ରଥମ ସୋପାନରେ ଉପନୀତ ହେବାର ପ୍ରମାଣ ନୁହେଁ । ଆମେ ଅନେକ ଜ୍ଞାନଗର୍ଭକ କଥା ଜାଣୁ ଏବଂ କହିପାରୁ, କିନ୍ତୁ ତାହା ଉପଲବ୍ଧି କଲେହିଁ ତାହା ଆମ ଭିତରେ ଜ୍ଞାନରେ ପରିଣତ ହେବ । ଧର୍ମ, ଦର୍ଶନ, ବିଶ୍ୱାସ ଓ ମତଭେଦ ଯୋଗୁଁ ଅନ୍ୟ ପ୍ରତି ଅସହିଷ୍ଣୁ ହେବା ଆମ ଅଜ୍ଞାନତାର ନିର୍ଭୁଲ ପରିଚୟ ।

ତା'ପରେ ଆସୁଛି ଅହଂର ବିଭୀଷିକା । ଯେତେବେଳେ

ମୁଁ କହେ ମୋ ଧର୍ମ ବା ମୋ ମତ ଅନ୍ୟସବୁ ଧର୍ମ ବା ମତଠାରୁ ବଡ଼, ସେତେବେଳେ ମୁଁ ପ୍ରକୃତରେ ଯେଉଁ ସନ୍ତୋଷ ଅନୁଭବ କରୁଥାଏ, ତାହା ହେଲା ମୁଁ ଅନ୍ୟ ସମସ୍ତଙ୍କଠାରୁ ବଡ଼ । ଆମେ ଏତକ ହୃଦୟଙ୍ଗମ କଲେ ବାତାବରଣରୁ ଅସହିଷ୍ଣୁତାର ତରଙ୍ଗ ବହୁ ମାତ୍ରାରେ ପ୍ରଶମିତ ହେବ ।

ଆମର ପ୍ରତ୍ୟେକ ଦୁର୍ବଳତା କୌଣସି ନା କୌଣସି ଏକ ସତ୍ୟରହିଁ ବିକୃତି । ଭଗବାନ୍ ଅନନ୍ୟ; ସେ ଏକମେବାଦ୍ୱିତୀୟମ୍ । ସେହି ସତ୍ୟ ମୋ ଅଜ୍ଞାନର ଅତଳରେ ଅହଂରେ ପରିଣତ । ଏଭଳି ଉପଲବ୍ଧିରେ ଉପନୀତ ହେବା ଆମ ସଭିଙ୍କ ସକାଶେ ସମୟ ସାପେକ୍ଷ । ଜନ୍ମଜନ୍ମାନ୍ତର ଲାଗିପାରେ । କିନ୍ତୁ ସମାଜ, ଶିକ୍ଷା ଓ ସଂସ୍କୃତି ଆମ ଚେତନାକୁ ସେ ଦିଗରେ ପ୍ରସ୍ତୁତ କରିପାରେ । ଭଗବାନ୍ ଏକ; କିନ୍ତୁ ତାଙ୍କ ଅଭିବ୍ୟକ୍ତି ବହୁ । ସେ ଭିନ୍ନ ଭିନ୍ନ ଅଭିବ୍ୟକ୍ତି ଭିତରେ ଅସଂହତି ବା ବିରୋଧର କାରଣ ନାହିଁ । ତାହା ସୃଷ୍ଟିର ବୈଚିତ୍ର୍ୟ ମାତ୍ର । ପ୍ରତିଟି ଫୁଲ ଅନନ୍ୟ; କିନ୍ତୁ ଦୁଇ ଧରଣର ଫୁଲ ଭିତରେ ବିରୋଧର ଅବକାଶ ନାହିଁ ।

ଏ ସତ୍ୟର ଆକଳନହିଁ ଆମକୁ ସାମାଜିକ ସଂହତି ଦିଗରେ ଆଗେଇ ନେବ । କୌଣସି କୌଣସି ବିଶିଷ୍ଟ ବ୍ୟକ୍ତି ଅସହିଷ୍ଣୁତାର ପ୍ରତିବାଦରେ ସେମାନଙ୍କୁ କୌଣସି ସାହିତ୍ୟ ପ୍ରତିଷ୍ଠାନ ବା ସରକାର ଦେଇଥିବା ପୁରସ୍କାର ବା ସମ୍ମାନ ବର୍ଜନ କରିଛନ୍ତି । ସେମାନେ ତାହା କରିବା ଦ୍ୱାରା ନିଜ ନିଜ ଅସହିଷ୍ଣୁତାର ପରିଚୟ ଦେଇଛନ୍ତି କି ନାହିଁ ସେକଥା ସେମାନେହିଁ କହିପାରିବେ । କିନ୍ତୁ ଏଭଳି ପ୍ରତିବାଦରେ ଦେଶର ମାନସିକତାରେ ବଦ୍ଧମୂଳ ଜାତିଗତ, ମତଗତ, ଧର୍ମଗତ ଅସହିଷ୍ଣୁତା ବିଦୂରିତ ହୋଇଯିବ ନାହିଁ । ଉପରୋକ୍ତ ବିଶିଷ୍ଟ ବ୍ୟକ୍ତିବର୍ଗ ଯଦି ଜନସାଧାରଣଙ୍କ ଭିତରେ ଶିବିର ପକାଇ ସେମାନଙ୍କୁ ସେମାନଙ୍କ ନାନାଦି କୁସଂସ୍କାର ଓ ବିଦ୍ୱେଷ ସମ୍ପର୍କରେ ସଜାଗ କରିବାରେ ଆତ୍ମନିୟୋଗ କରନ୍ତେ, ତେବେ ଯାଇ ପରିସ୍ଥିତିର ପରିବର୍ତ୍ତନ ଦିଗରେ ସେମାନେ ଅବଦାନ ଦେଇ ପାରନ୍ତେ । ଏହା କାହାରି ସମାଲୋଚନା ନୁହେଁ; ଆମ ସଭିଙ୍କର ଆତ୍ମସମୀକ୍ଷା ନିମନ୍ତେ ଏକ ଆହ୍ୱାନ । ଚେତନାର ରୂପାନ୍ତର ମାନବଜାତିର ମହତ୍ତମ ଭବିତବ୍ୟ; କିନ୍ତୁ ରୂପାନ୍ତର ପୂର୍ବରୁ କିଛି କିଛି ପରିବର୍ତ୍ତନ ଆଣିବା ନିମନ୍ତେ ଲୋଡ଼ା ବିପୁଳ ଧୈର୍ଯ୍ୟ ଏବଂ ପ୍ରଥମେ ଆମ ନିଜ ନିଜ ଚେତନାରେ ସେ ଦିଗରେ ଯତ୍‌କିଞ୍ଚିତ୍ ସାଫଲ୍ୟ ।

— ମନୋଜ ଦାସ ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury, muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646


Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LVI, No. 6**
Navaprakash (Monthly), June, 2025
**Date of Posting : 7th, 8th of every month**

**R.N.I. No. 18163/70.**
Registration No. PY/51/2024-26
**Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ(୧୯୨୪-୨୦୨୪)ର ଶୁଭ
ଅବସରରେ ପ୍ରକାଶିତ ହୋଇଛି



ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ, ଶିକ୍ଷା ତଥା ସମାଜରେ ପରିଦୃଷ୍ଟ ସମସ୍ୟାର ନିରାକରଣ ପାଇଁ ନୂତନ ଚେତନାରେ ସ୍ପନ୍ଦିତ ପ୍ରବନ୍ଧମାଳା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।

୬୩୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୭୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ០୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**